# ଧରିତ୍ରୀ
DHARITRI

ଶୁକ୍ରବାର, ଜୁନ୍ ୫/୨୦୨୦ (୨୦ ପୃଷ୍ଠା) | Friday, June 5/2020

୪୭ଶ ଭାଗ ୧୯୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**ଆତ୍ମହତ୍ୟା ଲାଗି ମନସ୍ଥ କରିଥିଲେ ଉଥାପ୍ପା**

କ୍ରିକେଟର ରବିନ୍ ଉଥାପ୍ପା ଏକଦା ମାନସିକ ଦୁଶ୍ଚିନ୍ତାର ଶିକାର ହୋଇ ଆତ୍ମହତ୍ୟା କରିବାକୁ ମନସ୍ଥ କରିଥିଲେ।

୧୧

୧୦

**ମାଆଙ୍କୁ ନୃତ୍ୟ ଶିଖାଉଛନ୍ତି କ୍ରିତି**

ବଲିଉଡ୍ ନାୟିକା କ୍ରିତି ସାନନଙ୍କ ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି, ଯେଉଁଥିରେ ସେ ତାଙ୍କ ମାଆଙ୍କୁ ନୃତ୍ୟ ଶିଖାଉଥିବା ଦେଖାଯାଇଛି।



# 'ଆତ୍ମସଂଯମ ହିଁ ଏକମାତ୍ର ବିକଳ୍ପ'

ଭୁବନେଶ୍ୱର,୪।୬(ବ୍ୟୁରୋ)

**ଭିଡିଓ ବାର୍ତ୍ତାରେ ରାଜ୍ୟବାସୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ**



- କୋଭିଡ୍-୧୯ ସଂକ୍ରମଣ ଆଶଙ୍କା
- ଲକ୍‌ଡାଉନ ବେକାର ହେବାକୁ ଦେବାନି

ଜୀବନ ଓ ଜୀବିକା ଦୁଇଟି ଯାକ ଗୁରୁତ୍ୱପୂର୍ଣ୍ଣ। ସୁସ୍ଥରେ ରହିଲେ ଜୀବିକା ଆଗକୁ ବଢ଼ିବ। ଜୀବିକା ଗୁରୁତ୍ୱପୂର୍ଣ୍ଣ ବୋଲି ଲକ୍‌ଡାଉନ କୋହଳ କରାଯାଇଛି। ଜୀବନ ପ୍ରତି ଯେପରି ବିପଦ ସୃଷ୍ଟି ନ ହେବ ସେଥିପ୍ରତି ସାବଧାନ ରହିବା ଜରୁରୀ। ଆତ୍ମସଂଯମ ହିଁ ଏକମାତ୍ର ବିକଳ୍ପ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ସରକାରଙ୍କ ଗାଇଡ୍‌ଲାଇନ ମାନି ୨ ମାସରୁ ଅଧିକ ସମୟ ଘରେ ରହି ଯେଉଁ ତ୍ୟାଗ କରାଯାଇଛି ତାହା ଯେପରି ବିଫଳ ନ ହେବ ସେଥିପ୍ରତି ସମସ୍ତେ ଧ୍ୟାନ ଦେବା ଜରୁରୀ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଗୁରୁବାର ସନ୍ଧ୍ୟାରେ ଭିଡିଓ ବାର୍ତ୍ତାରେ ରାଜ୍ୟବାସୀଙ୍କୁ ସମ୍ବୋଧନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଜୁନ ମାସ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଆଗକୁ ମୌସୁମୀ ଆସୁଛି। ଆମକୁ ଅଧିକ ସତର୍କ ରହିବାକୁ ପଡ଼ିବ। ଲକ୍‌ଡାଉନ କୋହଳ ହେଲା। କିନ୍ତୁ କରୋନା ଯାଇଛି ବୋଲି ଭାବିବା ଉଚିତ ନୁହେଁ। ନିଜ ପରିବାର କଥା ଚିନ୍ତା କରି ଲକ୍‌ଡାଉନରେ ରହିଲେ ଆମେ କରୋନାକୁ ଜିତିପାରିବା। ଗତ ଦୁଇ ମାସରୁ ଅଧିକ ସମୟ ହେବ ଆମେ ଲକ୍‌ଡାଉନରେ ରହିଆସିଛୁ। ଏହା ଏକ ଲମ୍ବା ଲଢ଼େଇ। କରୋନା ଟିକା ଏଯାଏ ଆସି ନାହିଁ। ବର୍ତ୍ତମାନ ୫ ଲକ୍ଷ ପ୍ରବାସୀ ରାଜ୍ୟକୁ ଫେରିଛନ୍ତି। ଦୁଇଟି କାରଣ ଯୋଗୁ ଆସନ୍ତା ୨୫ ଦିନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି ସମୟକୁ ଆମେ ଯେପରି ପରିଚାଳନା କରିବା ତାହା ଉପରେ କରୋନା ଲଢ଼େଇ ସଫଳତା ନିର୍ଭର କରୁଛି। ଜୁନ୍ ମାସ ନିର୍ଣ୍ଣାୟକ ହେବ। କରୋନା ସଂକ୍ରମଣ ଶୀର୍ଷରେ ରହିଛି। ୧୫ ଦିନ ତଳେ ଆମ ଦେଶରେ ଦିନକୁ ୩ ହଜାର ଲୋକ ସଂକ୍ରମିତ ହେଉଥିଲେ। ଏବେ ଏହି ସଂଖ୍ୟା ୧୦ ହଜାରରେ ପହଞ୍ଚିଲାଣି। ଏହା ସମସ୍ତଙ୍କ ପାଇଁ ଏକ ବଡ଼ ଆହ୍ୱାନ। ଜରୁରୀ କାମ ନ ଥିଲେ ଘରୁ ନ ବାହାରିବାକୁ ମୁଖ୍ୟମନ୍ତ୍ରୀ ଲୋକମାନଙ୍କୁ ନିବେଦନ ☞ପୃଷ୍ଠା-୪

# ପ୍ରଦୂଷଣ ରୋକିବ ଲକ୍‌ଡାଉନ୍ ମଡେଲ

ନୂଆଦିଲ୍ଲୀ,୪।୬

**ପରିବେଶ ସୁରକ୍ଷା ନେଇ ବୈଜ୍ଞାନିକଙ୍କ ମତ**

- ଶିଳ୍ପ, ଯାନବାହନ ବନ୍ଦ ହେବାରୁ ପ୍ରଦୂଷଣ ହ୍ରାସ ପାଇଛି
- ବାୟୁ, ଜଳ ଓ ଶବ୍ଦ ପ୍ରଦୂଷଣରୁ ମୁକ୍ତି ପାଇବାକୁ ହେଲେ ତାଲାବନ୍ଦ ଭଳି ପଦକ୍ଷେପ ଜରୁରୀ
- ଶୀତଋତୁରେ ଦିଲ୍ଲୀ-ଏନ୍‌ସିଆର୍‌ରେ ଲକ୍‌ଡାଉନ୍ ମଡେଲକୁ ବ୍ୟବହାର କରାଯାଇ ପାରିବ

ମହାମାରୀ କରୋନା ବିଶ୍ୱ ପାଇଁ ଏକ ଅଭିଶାପ ରୂପରେ ଆସିଛି। କିନ୍ତୁ ଏହି ଘାତକ ଭୂତାଣୁର ମୁକାବିଲା ଲାଗି ନିଆଯାଉଥିବା ପଦକ୍ଷେପ ଭାରତ ସମେତ ସାରା ବିଶ୍ୱକୁ ବାଟ ବତାଇଛି। ଲକ୍‌ଡାଉନ୍ ଘୋଷଣା ବେଳେ ସମସ୍ତେ ଏହାର ନକାରାତ୍ମକ ଦିଗକୁ ନେଇ ଚିନ୍ତିତ ହୋଇପଡ଼ିଥିଲେ। ତେବେ ଦୀର୍ଘଦିନ ଧରି ଲକ୍‌ଡାଉନ୍‌କୁ ମାନିବା ପରେ ଏହାର ସୁଫଳ ମିଳିବାରେ ଲାଗିଛି। ଭାରତରେ କଳକାରଖାନା, ଯାନବାହନ ଚଳାଚଳ ଏବଂ ମାନବିକ କାର୍ଯ୍ୟକଳାପ ହ୍ରାସ ପାଇବା ସହ ଆପେ ଆପେ ବାୟୁ, ଶବ୍ଦ ଓ ଜଳ ପ୍ରଦୂଷଣ କମିଯାଇଛି। ତେଣୁ ଦେଶରେ ଆଗକୁ ମଧ୍ୟ ପ୍ରଦୂଷଣ ସଙ୍କଟକୁ ରୋକିବା ପାଇଁ କୋଭିଡ୍-୧୯ ଲକ୍‌ଡାଉନ୍ ଭଳି ପଦକ୍ଷେପକୁ ଏକ ଉତ୍କୃଷ୍ଟ ମଡେଲ ଭାବେ ନିଆଯାଇପାରିବ ବୋଲି ବିଶ୍ୱ ପରିବେଶ ଦିବସ ଅବ୍ୟବହିତ ପୂର୍ବରୁ ବୈଜ୍ଞାନିକମାନେ ମତବ୍ୟକ୍ତ କରିଛନ୍ତି।

ଭାରତରେ ମହାମାରୀ କରୋନାର ମୁକାବିଲା ପାଇଁ ମାର୍ଚ୍ଚ ୨୫ରେ ଲକ୍‌ଡାଉନ୍ ଜାରି କରାଯାଇଥିଲା। ଏଥିଯୋଗୁ ଯାନବାହନ ଚଳାଚଳ ପ୍ରାୟତଃ ବନ୍ଦ ହୋଇଯାଇଥିବାରୁ ଦେଶର ବାୟୁ ଗୁଣବତ୍ତାରେ ଉନ୍ନତି ଆସିଥିବା ବୈଜ୍ଞାନିକମାନେ କହିଛନ୍ତି। ବୈଜ୍ଞାନିକଙ୍କ ମତରେ ଶୀତଋତୁରେ ଦିଲ୍ଲୀ-ଜାତୀୟ ରାଜଧାନୀ ଅଞ୍ଚଳ (ଏନ୍‌ସିଆର୍)ରେ ଏଭଳି ଜରୁରୀ ପଦକ୍ଷେପ ନିଆଗଲେ ବାୟୁପ୍ରଦୂଷଣରୁ ମୁକ୍ତି ମିଳିପାରିବ। ଜୁନ୍ ୫ ବିଶ୍ୱ ପରିବେଶ ଦିବସ ପାଳନର ଅବ୍ୟବହିତ ପୂର୍ବରୁ ବିଶେଷଜ୍ଞମାନେ ପରିବେଶ ସୁରକ୍ଷାର ବିଭିନ୍ନ ଉପାୟ ସମ୍ପର୍କରେ ବିବରଣୀ ପ୍ରଦାନ କରିଛନ୍ତି।



ଲକ୍‌ଡାଉନ୍ ପୂର୍ବରୁ ଏବଂ ପରେ ନୂଆଦିଲ୍ଲୀସ୍ଥିତ ଇଣ୍ଡିଆ ଗେଟ୍‌ର ଦୃଶ୍ୟ।

ଲକ୍‌ଡାଉନ୍ ଜାରି କରାଯିବା ପରେ ବାୟୁ ଓ ଜଳର ଗୁଣବତ୍ତା ବଢ଼ିବା ସହ ଜୈବ ବିବିଧତାର ସନ୍ତୁଳନ ରକ୍ଷା ହୋଇପାରିଛି। ସେହିପରି ଶବ୍ଦ ପ୍ରଦୂଷଣ ମଧ୍ୟ ବହୁମାତ୍ରାରେ କମିଯାଇଛି। ଦେଶବ୍ୟାପୀ କଟକଣା ଜାରି କରାଯାଇଥିବାରୁ କଳକାରଖାନା ଓ ମାନବିକ କାର୍ଯ୍ୟକଳାପ ହ୍ରାସ ପାଇବା ଯୋଗୁ ପ୍ରଦୂଷଣକୁ ରୋକାଯାଇ ପାରିଛି।

ମାର୍ଚ୍ଚ ୨୪ରେ କେନ୍ଦ୍ର ସରକାର ଦେଶବ୍ୟାପୀ ୨୧ ଦିନିଆ ଲକ୍‌ଡାଉନ୍ ଘୋଷଣା କରିଥିଲେ। କୋଭିଡ୍-୧୯ ଭୂତାଣୁ ସଂକ୍ରମଣର ମୁକାବିଲା ପାଇଁ ଏକ ପ୍ରତିଷେଧମୂଳକ ପଦକ୍ଷେପ ଭାବେ ଭାରତରେ ଜନସାଧାରଣଙ୍କ ଚଳପ୍ରଚଳକୁ ସୀମିତ କରିଦିଆଯାଇଥିଲା। ସେବେଠୁ ମୋଟ ୪ ଥର ଲକ୍‌ଡାଉନ୍ ଘୋଷଣା କରାଯାଇଥିବାବେଳେ ଏବେ କ୍ରମଶଃ କଟକଣାଗୁଡ଼ିକୁ ଉଠାଇଦିଆଯାଉଛି। ଏହି କଟକଣା ପରେ ବାୟୁର ଗୁଣବତ୍ତାରେ ବିଶେଷ ଉନ୍ନତି ଆସିଛି। ବିଶେଷକରି ସହରାଞ୍ଚଳରେ ପୂର୍ବରୁ ଏହା ଚିନ୍ତାଜନକ କିମ୍ବା ନିମ୍ନ ମାନର ଥିବାବେଳେ ଏବେ ସନ୍ତୋଷଜନକ ବା ଉତ୍ତମ ସ୍ତରକୁ ଆସିଛି। ଏହାର ମୁଖ୍ୟ କାରଣ ମାନବିକ କାର୍ଯ୍ୟକଳାପ ହ୍ରାସ ପାଇବା ବୋଲି ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ (ଆଇଆଇଏସ୍‌ସି), ବାଙ୍ଗାଲୋରର ସେଣ୍ଟର ଫର୍ ଆଟ୍‌ମୋସ୍ପିୟରିକ୍ ଆଣ୍ଡ ଓସେନିକ୍ ସାଇନ୍ସେସ୍ ପ୍ରଫେସର ଏସ୍.କେ. ସତୀଶ ମତ ଦେଇଛନ୍ତି। ଦକ୍ଷିଣ ଭାରତରେ କଣିକା ତତ୍ତ୍ୱ ବା ପର୍ଟିକୁଲେଟ୍ ମ୍ୟାଟର (ପିଏମ୍) ୫୦ରୁ ୬୦% ହ୍ରାସ ପାଇଛି। ସେହିପରି ଦିଲ୍ଲୀ, ଉତ୍ତରପ୍ରଦେଶ, ବିହାର ଓ ପଶ୍ଚିମବଙ୍ଗ ସମେତ ଭାରତୀୟ-ଗାଙ୍ଗେୟ ଅବବାହିକାରେ ଏହା ୭୫%କୁ ଖସିଛି। ଯାନବାହନ ଚଳାଚଳ, କଳକାରଖାନା ଏବଂ ନଡ଼ା ଜାଳିବା ତଥା ଆବର୍ଜନାରେ ନିଆଁ ଲଗାଇବା କାରଣରୁ ପରିବେଶ ପ୍ରଦୂଷଣ ବୃଦ୍ଧି ପାଇଥାଏ। ☞ପୃଷ୍ଠା-୪

## ବୁଡ଼ିଗଲେ ଯାଆଁଳା ଭାଇ

- ଏକାଠି ଜନ୍ମ, ଏକାଠି ମୃତ୍ୟୁ
- ଅଞ୍ଚଳରେ ଶୋକାକୁଳ ପରିବେଶ



ବାଦଲ ଓ ଆକାଶ(ଫାଇଲ୍ ଫଟୋ)।

**ପାଟଣା, ୪।୬(ସ୍ୱ.ପ୍ର.):** ବହୁ ଦେବାଦେବୀ ପୂଜା କରି ବିଳମ୍ବରେ ପାଇଥିଲେ ଯାଆଁଳା ପୁଅ। ହେଲେ ଏକାସଙ୍ଗେ ଦୁଇପୁଅଙ୍କୁ ହରାଇ ଦମ୍ପତି ଏବେ ଦୁଃଖରେ ମିୟମ୍ରାଣ ହୋଇପଡିଛନ୍ତି। ଘଟଣା ଘଟିଛି କେନ୍ଦୁଝର ଜିଲା ପାଟଣା ବ୍ଲକ ରାଜନଗର ପଞ୍ଚାୟତ ନୂଆଖମଣ ଗାଁ ବାଙ୍କୀ ସାହିରେ। ଗୁରୁବାର ୨ ଭାଇ ଖେଳୁ ଖେଳୁ ଗାଡ଼ିଆରେ ବୁଡିଯାଇ ପ୍ରାଣ ହରାଇବା ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଛି। ଉଭୟଙ୍କର ବୟସ ୭। ନାମ ବାଦଲ ନାଏକ ଓ ☞ପୃଷ୍ଠା-୪

## ଆସୁଛି ଲଘୁଚାପ

- ମୌସୁମୀକୁ ବାଟ କଢ଼େଇବ
- ୧୧/୧୨ ପ୍ରବଳ ବର୍ଷା ସମ୍ଭାବନା

**ଭୁବନେଶ୍ୱର,୪।୬(ବ୍ୟୁରୋ):** ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର ଓ ଏହାର ଆଖପାଖ ଅଞ୍ଚଳରେ ଆସନ୍ତା ୮ ତାରିଖରେ ଏକ ଲଘୁଚାପ ସୃଷ୍ଟି ହେବ। ଏହାର ପ୍ରଭାବରେ ରାଜ୍ୟରେ ଦୁଇ ତିନି ଦିନଧରି ପ୍ରବଳ ବର୍ଷା ହେବା ସମ୍ଭାବନା ରହିଛି। ୯ ତାରିଖ ସନ୍ଧ୍ୟାରୁ ଉପକୂଳ ଓଡ଼ିଶାରେ ବର୍ଷା ଆରମ୍ଭ ହୋଇଯିବ। ୧୦ ତାରିଖରେ କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଯାଜପୁର, ପୁରୀ, ଖୋର୍ଦ୍ଧା, କଟକ, ଭଦ୍ରକ, ବାଲେଶ୍ୱର, ନୟାଗଡ଼ ଆଦି ଜିଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ୧୧ ତାରିଖରେ ଆଭ୍ୟନ୍ତରୀଣ ଓଡ଼ିଶାର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବ। ୧୨ ତାରିଖରେ ଝାରସୁଗୁଡା, ସମ୍ବଲପୁର, ବରଗଡ଼, ସୁନ୍ଦରଗଡ଼, ସୁବର୍ଣ୍ଣପୁର ଆଦି ଜିଲାରେ ବର୍ଷା ହେବାର ସମ୍ଭାବନା ରହିଛି। କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ଚାହିଦା ନ ଥାଇ ଦରବୃଦ୍ଧି

# ୮ ବର୍ଷରେ ୭୫୦ ବାଘ ମୃତ

**ମଧ୍ୟପ୍ରଦେଶ, ମହାରାଷ୍ଟ୍ରରେ ସର୍ବାଧିକ**

ନୂଆଦିଲ୍ଲୀ,୪।୬(ପି.ଟି.)



ଶିକାର ଓ ଅନ୍ୟାନ୍ୟ କାରଣରୁ ଗତ ୮ ବର୍ଷ ମଧ୍ୟରେ ଭାରତରେ ୭୫୦ ବାଘ ମୃତ୍ୟୁମୁଖରେ ପଡ଼ିଥିବା ସରକାରୀ ତଥ୍ୟରୁ ଜଣାପଡିଛି। କେବଳ ମଧ୍ୟପ୍ରଦେଶରେ ସର୍ବାଧିକ ୧୭୩ଟି ବାଘ ପ୍ରାଣ ହରାଇଛନ୍ତି। ସ୍ୱାଭାବିକ୍ କାରଣରୁ ୩୬୯ଟି ବାଘ ମୃତ୍ୟୁମୁଖରେ ପଡ଼ିଥିବାବେଳେ ଶିକାରୀଙ୍କ ହାବୁଡ଼ରେ ପଡ଼ି ୧୬୮ ବାଘଙ୍କ ଜୀବନ ଯାଇଛି। ଅନ୍ୟ ୭୦ ବାଘଙ୍କ ମୃତ୍ୟୁର କାରଣ ସମ୍ପର୍କରେ ଯାଞ୍ଚ ଚାଲିଥିବାବେଳେ ଅସ୍ୱାଭାବିକ ଭାବେ ତଥା ଦୁର୍ଘଟଣା କିମ୍ବା ପରସ୍ପର ମଧ୍ୟରେ ସଂଘର୍ଷ ଯୋଗୁ ୪୨ଟିର ମୃତ୍ୟୁ ଘଟିଛି। ୨୦୧୨ରୁ ୨୦୧୯ ମଧ୍ୟରେ ବିଭିନ୍ନ କର୍ତ୍ତୃପକ୍ଷ ୧୦୧ଟି ବାଘଙ୍କୁ ଜବତ କରିଥିବା ଏକ ଆରଟିଆଇ ଆବେଦନ ☞ପୃଷ୍ଠା-୪

## ବିଳମ୍ବ ହେବ ମାଲ୍ୟାଙ୍କ ପ୍ରତ୍ୟର୍ପଣ



ବିଜୟ ମାଲ୍ୟା

**ନୂଆଦିଲ୍ଲୀ,୪।୬:** ବ୍ୟାଙ୍କଗୁଡ଼ିକରୁ ୯ ହଜାର କୋଟି ଟଙ୍କାର ଋଣ ଖିଲାପୀ ମାମଲାରେ ଜଡ଼ିତ ପଳାତକ ବ୍ୟବସାୟୀ ବିଜୟ ମାଲ୍ୟାଙ୍କୁ ଦେଶକୁ ଫେରାଇ ଆଣିବା ବିଳମ୍ବ ହେବ। ଏସ୍‌ବିଆଇ ଏବଂ ସରକାରଙ୍କ ପକ୍ଷରୁ ତାଙ୍କୁ ଫେରାଇ ଆଣିବାକୁ ପ୍ରୟାସ ହେଉଥିବା ବେଳେ ଏହି ପ୍ରକ୍ରିୟା ଶୀଘ୍ର ଶେଷ ହେବ ନାହିଁ ବୋଲି ଜଣାପଡ଼ିଛି। ଲଣ୍ଡନରେ ବିଭିନ୍ନ ଆଇନଗତ ମାମଲା ସମାଧାନ ହୋଇନାହିଁ। ଏହାର ସମାଧାନ ନ ହେଲା ଯାଏ ମାଲ୍ୟାଙ୍କୁ ସେଠାରୁ ଆଣିବା କଷ୍ଟକର ହେବ। ଏହି ମାମଲା ସହ ଜଡ଼ିତ ଜଣେ ବରିଷ୍ଠ ଅଧିକାରୀ ବିସ୍ତୃତ ଭାବେ କିଛି କହିନାହାନ୍ତି। ମାତ୍ର ମାମଲା କେବେ ଯାଏ ଚାଲିବ ସେ ନେଇ ମଧ୍ୟ କିଛି ସ୍ପଷ୍ଟ କରି ନାହାନ୍ତି। ମାମଲାଟି ଶୀଘ୍ର ଫଇସଲା ହୋଇଯାଉ ବୋଲି ସରକାର ଆଶାବାଦୀ ରହିଥିବା ଏହି ଅଧିକାରୀ ମତବ୍ୟକ୍ତ କରିଛନ୍ତି।



କେରଳରେ ବାଣଭର୍ତ୍ତି ସପୁରି ଖୁଆଇ ହତ୍ୟା କରାଯାଇଥିବା ଗର୍ଭିଣୀ ହାତୀକୁ ଗୁରୁବାର ରାଜସ୍ଥାନର ଜୟପୁରରେ ହାତୀ ଓ ମାହୁନ୍ତମାନେ ଶ୍ରଦ୍ଧାଞ୍ଜଳି ଦେଉଛନ୍ତି।




# ଆଜି ସ୍ନାନଯାତ୍ରା

ପୁରୀ ଅଫିସ, ୪।୬



- ପ୍ରତ୍ୟକ୍ଷ ସ୍ନାନ କରିବେ ଦାରୁଦିଅଁ
- ଭକ୍ତଙ୍କୁ ବଡ଼ଦାଣ୍ଡ ମନା, ୧୪୪ ଧାରା ଜାରି

ଶୁକ୍ରବାର ଦେବସ୍ନାନ ପୂର୍ଣ୍ଣିମା। ଏହି ପବିତ୍ର ତିଥିରେ ରତ୍ନବେଦିରୁ ସ୍ନାନମଣ୍ଡପକୁ ଓହ୍ଲାଇ ଆସିବେ ବିଶ୍ୱନିୟନ୍ତା। ପ୍ରତିଦିନ ବିମ୍ବ (ଦର୍ପଣ) ସ୍ନାନ କରୁଥିବା ମହାପ୍ରଭୁ କରିବେ ପ୍ରତ୍ୟକ୍ଷ ସ୍ନାନ, ପୁଣି ହାତୀବେଶରେ ସଜେଇ ହେବେ। ଏଥିପାଇଁ ଦାରୁଦିଅଁଙ୍କୁ ଅପେକ୍ଷା କରିରହିଛି ସ୍ନାନବେଦି। ଠାକୁରଙ୍କ ସମସ୍ତ ନୀତିକାନ୍ତି ସିନା ହେବ କିନ୍ତୁ ଏ ସବୁକୁ ଦେଖିବାକୁ ବଡ଼ଦାଣ୍ଡରେ ଭକ୍ତ ନ ଥିବେ କି ସିଂହଦ୍ୱାରରେ ଶୁଣିବାକୁ ମିଳିବନି ଜୟ ଜଗନ୍ନାଥ ଧ୍ୱନି। ଦେଖିବାକୁ ମିଳିବନି ଭକ୍ତର ଆତୁର ପ୍ରାର୍ଥନା ଓ ଭାବବିହ୍ୱଳତା। କାରଣ ଭକ୍ତ ଓ ଭଗବାନଙ୍କ ମଧ୍ୟରେ ଲକ୍ଷ୍ମଣରେଖା ଟାଣିଛି କରୋନା। ଏହି ମହାମାରୀ ପାଇଁ ଭକ୍ତଙ୍କୁ ଏଥର ବଡ଼ଦାଣ୍ଡ ମନା। ଶ୍ରୀମନ୍ଦିର ଇତିହାସରେ ପ୍ରଥମ ଥର ୧୪୪ ଧାରା ଭିତରେ ହେଉଛି ସ୍ନାନଯାତ୍ରା।

ଗୁରୁବାର ମହାପ୍ରଭୁଙ୍କ ଶ୍ରୀଅଙ୍ଗ ସୁରକ୍ଷା ପାଇଁ ସେନାପଟା ଲାଗି ଶେଷ ହୋଇଛି। ରତ୍ନସିଂହାସନରେ ଚାରବାଡ଼ ବନ୍ଧା ସରିଛି। ରାତି ୧ଟାରୁ ଶୁକ୍ରବାର ଭୋର ୪ଟା ମଧ୍ୟରେ ପହଣ୍ଡି ଲାଗି ନୀତି ନିର୍ଘଣ୍ଟ ହୋଇଛି। ପ୍ରଥମେ ଶ୍ରୀସୁଦର୍ଶନ, ପରେ ବଡଠାକୁର ବଳଭଦ୍ର, ମା' ସୁଭଦ୍ରା ଓ ଶେଷରେ ଜଗତର ନାଥ ଶ୍ରୀଜଗନ୍ନାଥ ସ୍ନାନବେଦିକୁ ଆସିବେ। ଦାରୁବିଗ୍ରହମାନେ ସ୍ନାନବେଦିରେ ପ୍ରତ୍ୟକ୍ଷ ସ୍ନାନ କରିବେ। ସୁନା ଗୋସେଇଁ ପରିବାରର ସଦସ୍ୟମାନେ ସୁନା କୁଅରୁ ୧୦୮ ଗଡ୍ଡୁ ଜଳ ଆଣି ଜଳଗୃହରେ ରଖିବେ। ଚୁଆ, ଚନ୍ଦନ, କର୍ପୂର ଆଦି ପକାଯାଇ ଜଳକୁ ଅଧିବାସ କରାଯିବ। ଅଧିବାସ ଗୃହରୁ ୧୦୮ ଗଡ୍ଡୁ ଜଳ ନେଇ ୪ଟି ପନ୍ତିରେ ସ୍ନାନବେଦିରେ ରଖାଯିବ। ଜଳ ପୂଜା ପରେ ଚତୁର୍ଦ୍ଧାବିଗ୍ରହଙ୍କ ସ୍ନାନନୀତି ସମ୍ପନ୍ନ ହେବ। ଶ୍ରୀବଳଭଦ୍ର ୩୩ ଗଡ୍ଡୁ, ସୁଭଦ୍ରା ୨୨ ଗଡ୍ଡୁ, ଶ୍ରୀଜଗନ୍ନାଥ ୩୫ ଗଡ୍ଡୁ ଏବଂ ସୁଦର୍ଶନ ୧୮ ଗଡ୍ଡୁ ଜଳରେ ସ୍ନାନ କରିବେ। ଗଜପତି ମହାରାଜା ଛେରାପହଁରା ନୀତି ସମ୍ପନ୍ନ କରିବା ପରେ ମହାପ୍ରଭୁଙ୍କ ଦୁର୍ଲ୍ଲଭ ହାତୀବେଶ ଅନୁଷ୍ଠିତ ☞ପୃଷ୍ଠା-୪

**ଜୈଶ୍ ରଚିଛି ସାଂଘାତିକ ଷଡ଼ଯନ୍ତ୍ର**

ପାକିସ୍ତାନର ଆତଙ୍କବାଦୀ ସଙ୍ଗଠନ ଜୈଶ୍-ଇ-ମହମ୍ମଦ କଶ୍ମୀରରେ ୩ଟି କାର୍ ବୋମା ବିସ୍ଫୋରଣ ଷଡ଼ଯନ୍ତ୍ର ରଚିଥିଲା। ମେ ୨୮ରେ ଗୋଟିଏ ଉଦ୍ୟମକୁ ସୁରକ୍ଷାବଳ ପଣ୍ଡ କରିଥିଲା। ଏବେ ଆତଙ୍କବାଦୀମାନେ ଏକ କାର୍‌ରେ ଆଇଇଡି ନେଇ ନଉଗାମ୍, ଶ୍ରୀନଗର ଓ କୁଲଗାମ୍‌ରେ ଥିବା ସେନା ଶିବିରକୁ ଟାର୍ଗେଟ କରିପାରନ୍ତି। ସେହିପରି ଶୋପିଆନ୍‌ରେ ଜମ୍ମୁ-କଶ୍ମୀର ପୋଲିସ କର୍ମଚାରୀମାନଙ୍କୁ ଅପହରଣ ପାଇଁ ମଧ ଯୋଜନା କରୁଛନ୍ତି। ଏନେଇ ସୁରକ୍ଷା ବଳକୁ ଭାରତୀୟ ଗୋଇନ୍ଦା ସଂସ୍ଥାଗୁଡ଼ିକ ସତର୍କ କରାଇଛନ୍ତି।

## ସଂକ୍ଷେପରେ

### ଫିଲ୍ମ ନିର୍ମାତା ବାସୁ ଚାଟାର୍ଜୀଙ୍କ ଦେହାନ୍ତ



ମୁମ୍ବାଇ, ୪।୬: ବିଶିଷ୍ଟ ଫିଲ୍ମନିର୍ମାତା ତଥା ଲେଖକ ବାସୁ ଚାଟାର୍ଜୀଙ୍କ ମୁମ୍ବାଇସ୍ଥିତ ନିଜ ବାସଭବନ ସାନ୍ତାକ୍ରୁଜ୍‌ଠାରେ ଗୁରୁବାର ଦେହାନ୍ତ ହୋଇଯାଇଛି। ତାଙ୍କୁ ୯୩ ବର୍ଷ ବୟସ ହୋଇଥିଲା। ଦୀର୍ଘଦିନ ଧରି ସେ ବାର୍ଦ୍ଧକ୍ୟଜନିତ କାରଣରୁ ଅସୁସ୍ଥ ଥିଲେ। ସେ 'ବାତୋଁ ବାତୋଁ ମେ', 'ସୌକିନ', 'ଛୋଟି ସି ବାତ୍', 'ରଜନୀଗନ୍ଧା' ଭଳି ଅନେକ ଫିଲ୍ମ ନିର୍ମାଣ କରିଥିଲେ। ଦୂରଦର୍ଶନରେ ମଧ ସେ ସିରିଜ୍ ନିର୍ଦ୍ଦେଶନା ଦେଇଆସିଥିଲେ। ହିନ୍ଦୀ ଓ ବେଙ୍ଗଲୀ ସିନେମାକୁ ତାଙ୍କର ବହୁତ ଅବଦାନ ରହିଛି। ତାଙ୍କ ପରଲୋକ ଫିଲ୍ମ ଜଗତ ପ୍ରତି ଏକ ବଡ଼ କ୍ଷତି ବୋଲି କୁହାଯାଉଛି। ଫିଲ୍ମମେକର ଆଣ୍ଡ୍ ଇଣ୍ଡିଆନ୍ ଫିଲ୍ମ, ଟିଭି ଡିରେକ୍ଟର ଆସୋସିଏଶନର ସଭାପତି ଅଶୋକ ପଣ୍ଡିତଙ୍କ ସମେତ ଅନେକ ବିଶିଷ୍ଟ ବ୍ୟକ୍ତି ଚାଟାର୍ଜୀଙ୍କ ଦେହାନ୍ତ ଏକ ଅପୂରଣୀୟ କ୍ଷତି ବୋଲି କହିଛନ୍ତି। ଅପରାହ୍ଣରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

### ୧୬ରେ ସିପିଏମ୍‌ର ଦେଶବ୍ୟାପୀ ବିକ୍ଷୋଭ



ନୂଆଦିଲ୍ଲୀ,୪।୬(ପି.ଟି.): ଗରିବଙ୍କ ବ୍ୟାଙ୍କ ଆକାଉଣ୍ଟକୁ ତୁରନ୍ତ ଟଙ୍କା ପଠାଇବା ସହ ମାଗଣାରେ ଖାଦ୍ୟଶସ୍ୟ ଯୋଗାଇଦେବା ଦାବିରେ ସିପିଆଇ(ଏମ୍) ଆସନ୍ତା ୧୬ ତାରିଖରେ ଦେଶବ୍ୟାପୀ ବିକ୍ଷୋଭ ପ୍ରଦର୍ଶନ କରିବ। ଦଳର ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀ ଏହା ଘୋଷଣା କରିଛନ୍ତି। ଦେଶରୁ ଧର୍ମନିରପେକ୍ଷ, ଗଣତାନ୍ତ୍ରିକ ସଂଘୀୟ ଢାଞ୍ଚାକୁ ଧର୍ମ ଶାସନର ଐକିକ ଢାଞ୍ଚାରେ ବଦଳାଇବାରେ ନରେନ୍ଦ୍ର ମୋଦି ସରକାର କୋଭିଡ୍-୧୯କୁ ଏକ ବାହାନା ଭାବେ ବ୍ୟବହାର କରୁଥିବା ସେ ଅଭିଯୋଗ କରିଛନ୍ତି। ସରକାର ମହାମାରୀ ବିରୋଧରେ ଲଢ଼େଇ ଏବେ ଲୋକମାନଙ୍କ ଉପରେ ଛାଡ଼ିଦେଇଥିବା ୟେଚୁରୀ କହିଛନ୍ତି। ଜୁନ୍ ୧ରେ ସିପିଏମ୍ ପଲିଟବ୍ୟୁରୋ ବୈଠକ ଭିଡିଓ ଲିଙ୍କ୍‌ରେ ଅନୁଷ୍ଠିତ ହୋଇ ଉପରୋକ୍ତ ନିଷ୍ପତ୍ତି ନିଆଯାଇଥିବା ସେ ଜଣାଇଛନ୍ତି।

## ବାଣଭର୍ତ୍ତି ସପୁରି ଖୁଆଇ ହାତୀକୁ ମାରିବା ଘଟଣା

# ଦେଶବ୍ୟାପୀ ତୀବ୍ର ପ୍ରତିକ୍ରିୟା

ନୂଆଦିଲ୍ଲୀ/ପାଲାକ୍କଡ,୪।୬

କେରଳର ମାଲାପୁରମ୍‌ରେ ଏକ ଗର୍ଭିଣୀ ହାତୀକୁ ବାଣଭର୍ତ୍ତି ସପୁରି ଖୁଆଇ ହତ୍ୟା କରିବା ଭଳି ଅମାନୁଷିକ ବର୍ବରତାକୁ ନେଇ ସାରା ଦେଶରେ ଉତ୍ତେଜନା ପ୍ରକାଶ ପାଇଛି। ଅପରାଧୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କେରଳ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ ପ୍ରତିଶ୍ରୁତି ଦେଇଛନ୍ତି। ବନ ବିଭାଗ ଘଟଣାର ତଦନ୍ତ କରୁଛି, ଅପରାଧୀଙ୍କୁ ଛଡ଼ାଯିବ ନାହିଁ ବୋଲି ସେ କହିଛନ୍ତି। ୧୫ ବର୍ଷୀୟା ମାଈ ହାତୀ ହତ୍ୟା ଘଟଣାରେ ମନ୍ନର୍କ୍କଡ ଜଙ୍ଗଲ




'ବନ୍ୟପ୍ରାଣୀ ବଞ୍ଚାଅ, ପରିବେଶ ବଞ୍ଚାଅ' ବାର୍ତ୍ତା ଦେବା ପାଇଁ ରାଜସ୍ଥାନର ପୁଷ୍କରରେ କେରଳର ମୃତ ହାତୀ ଆକୃତିର ବାଲୁକା କଳାକୁ ଶେଷ ସ୍ପର୍ଶ ଦେଉଛନ୍ତି ଶିଳ୍ପୀ ଅଜୟ ରାୱତ୍।

### ୩ ସନ୍ଦିଗ୍ଧଙ୍କ ଉପରେ ନଜର

ବିଭାଗ ତଦନ୍ତ ଆରମ୍ଭ କରିଥିବାବେଳେ ଅପରାଧୀଙ୍କ ସମ୍ପର୍କରେ ସୂଚନା ଦେଲେ ପୁରସ୍କାର ପ୍ରଦାନ କରାଯିବ ବୋଲି ଦୁଇଟି ସଂଗଠନ ପକ୍ଷରୁ ଘୋଷଣା କରାଯାଇଛି। ସପୁରିରେ କେହି ବାଣ ରଖିଥିବାବେଳେ ହାତୀଟି ଏହାକୁ ଖାଇଦେଇଥିଲା। ହାତୀ ପାଟିରେ ବାଣ ବିସ୍ଫୋରଣ ହେବାରୁ ଏହା ଗୁରୁତର ଆହତ ହୋଇଥିଲା। କୋଇପଦମ ପଞ୍ଚାୟତ ଅନ୍ତର୍ଗତ ଥିରୁଭିଜମକୁନ୍ନୁ ଜଙ୍ଗଲରେ ୨୭ ତାରିଖରେ ଉକ୍ତ ହାତୀର ମୃତ୍ୟୁ ଘଟିଥିଲା। ଏହି ହତ୍ୟା ଘଟଣାରେ ୩ ସନ୍ଦିଗ୍ଧଙ୍କ ଉପରେ ନଜର ରଖାଯାଇଛି। ଏହି ମାମଲାରେ ନିଶ୍ଚୟ ନ୍ୟାୟ ମିଳିବ ବୋଲି କେରଳ ମୁଖ୍ୟମନ୍ତ୍ରୀ କହିଛନ୍ତି। ଅନ୍ୟପକ୍ଷରେ କେନ୍ଦ୍ର ପରିବେଶ ମନ୍ତ୍ରୀ ପ୍ରକାଶ ଜାଭଡେକର ଏଭଳି ଦୁଃଖଦ ଘଟଣାରେ ପ୍ରତିକ୍ରିୟା ଦେଇ କହିଛନ୍ତି, ହାତୀକୁ ବାଣଭର୍ତ୍ତି ସପୁରି ଖୁଆଇ ମାରିବା ଅତ୍ୟନ୍ତ ବର୍ବରୋଚିତ କାର୍ଯ୍ୟ। ପ୍ରାଣୀଙ୍କୁ ବାଣ ଖୁଆଇ ମାରିବା ଭାରତୀୟ ସଂସ୍କୃତିରେ ନାହିଁ ବୋଲି ସେ କହିଛନ୍ତି। କେନ୍ଦ୍ର ସରକାର ଏହି ଘଟଣାକୁ ଅତି ଗୁରୁତର ସହ ନେଇଛନ୍ତି। ଅପରାଧୀଙ୍କୁ ଧରିବାରେ ସବୁ ପ୍ରକାର ଉଦ୍ୟମ କରାଯିବ ବୋଲି ଜାଭଡେକର ଟୁଇଟ୍ କରିଛନ୍ତି।

# ୱାଶିଂଟନରେ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ଭଙ୍ଗାରୁଜା

### ଦୁଃଖ ପ୍ରକାଶ କଲେ ଆମେରିକା ରାଷ୍ଟ୍ରଦୂତ



ୱାଶିଂଟନ/ନୂଆଦିଲ୍ଲୀ,୪।୬(ପି.ଟି.)

ଆମେରିକାର ୱାଶିଂଟନସ୍ଥିତ ଭାରତୀୟ ଦୂତାବାସ ବାହାରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିକୁ କେତେଜଣ ଅଜଣା ଦୁର୍ବୃତ୍ତ ଭଙ୍ଗାରୁଜା କରିବା ସହ ସେଥିରେ ରଙ୍ଗ ସ୍ପ୍ରେ କରିଛନ୍ତି। ଦୂତାବାସ ପକ୍ଷରୁ ଏନେଇ ସ୍ଥାନୀୟ ଆଇନ ପ୍ରବର୍ତ୍ତନକାରୀ ସଂସ୍ଥା ନିକଟରେ ଅଭିଯୋଗ କରାଯାଇଛି। କୃଷ୍ଣକାୟ ଜର୍ଜ ଫ୍ଲୋଏଡଙ୍କୁ ପୋଲିସ ହାଜତରେ ହତ୍ୟା ଘଟଣାକୁ ନେଇ ଆମେରିକାରେ ସପ୍ତାହେ ହେଲା ହିଂସାତ୍ମକ ପ୍ରତିବାଦ ଲାଗିରହିଥିବାବେଳେ ଶାନ୍ତିର ଦେବଦୂତ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିକୁ ୨ ତାରିଖ ରାତିରେ ଭଙ୍ଗାଯାଇଛି। ଏ ସମ୍ପର୍କରେ ଭାରତୀୟ ଦୂତାବାସ ଆମେରିକା ପରରାଷ୍ଟ୍ର ବିଭାଗକୁ ଜଣାଇଦେଇଛି। ମେଟ୍ରୋପଲିଟାନ ପୋଲିସ ଟିମ୍ ସହ କୂଟନୈତିକ ସୁରକ୍ଷା ସେବା ଏବଂ ନ୍ୟାଶନାଲ ପାର୍କ ପୋଲିସ ଘଟଣାସ୍ଥଳ ଅନୁଧ୍ୟାନ କରି ତଦନ୍ତ ଚଳାଇଛି। ଏହି ଘଟଣା ପାଇଁ ଭାରତରେ ଥିବା ଆମେରିକା ରାଷ୍ଟ୍ରଦୂତ କେନ୍ ଜଷ୍ଟର ଗୁରୁବାର କ୍ଷମା ମାଗିଛନ୍ତି।

# ଲକ୍ଷାଧିକ ସୁସ୍ଥ ହେଲେଣି

- ଭାରତରେ ମୃତ୍ୟୁସଂଖ୍ୟା ୬,୧୦୪
- ୨.୧୮ ଲକ୍ଷରୁ ଅଧିକ ଆକ୍ରାନ୍ତ

ନୂଆଦିଲ୍ଲୀ, ୪।୬

ମହାମାରୀ କରୋନା କାୟାବିସ୍ତାର କରିବାରେ ଲାଗିଛି। ଭାରତରେ ଏବେ କରୋନା ଭୂତାଣୁ ଆକ୍ରାନ୍ତଙ୍କ ସଂଖ୍ୟା ୨ଲକ୍ଷ ୧୮ ହଜାର ଟପିଲାଣି। ୬,୧୦୪ ଜଣଙ୍କ ଜୀବନ ମଧ ଗଲାଣି। କୌଣସି ସଫଳ ଔଷଧ ବାହାରି ନ ଥିବାବେଳେ ଦେଶରେ ଲକ୍ଷାଧିକ ରୋଗୀ ସୁସ୍ଥ ହେବା ନିଶ୍ଚିତ ଭାବେ ଖୁସି ଆଣିଦେଇଛି। ଦେଶରେ ଏବେ ଆକ୍ଟିଭ୍ ମାମଲା ୧,୦୭, ୭୦୪ ରହିଥିବା ବେଳେ ସୁସ୍ଥ ହେଲେଣି ୧,୦୪,୬୧୮ ବ୍ୟକ୍ତି। ମହାରାଷ୍ଟ୍ରରେ ୭୪, ୮୬୦ ସଂକ୍ରମିତ ହୋଇଥିବା ବେଳେ ୩୨, ୩୦୪ ଜଣ ସୁସ୍ଥ ହୋଇଛନ୍ତି। ଏଠାରେ ୨,୫୮୭ ଜଣ ପ୍ରାଣ ହରାଇଛନ୍ତି। ତାମିଲନାଡୁରେ ୨୭,୨୫୯ ଭୂତାଣୁ ଆକ୍ରାନ୍ତ ଥିବାବେଳେ ସୁସ୍ଥ ଲୋକଙ୍କ ସଂଖ୍ୟା ୧୫ ହଜାର ପାଖାପାଖି ପହଞ୍ଚିଲାଣି। ଏଠାରେ ମୃତ୍ୟୁସଂଖ୍ୟା ୨୩୧କୁ ବୃଦ୍ଧି ପାଇଛି। ରାଜଧାନୀ ଦିଲ୍ଲୀରେ ୨୩, ୬୪୫ ରୋଗୀଙ୍କ ମଧ୍ୟରୁ ୯,୫୦୦ରୁ ଅଧିକ ବ୍ୟକ୍ତି ସୁସ୍ଥହୋଇ ଘରକୁ ଫେରିଛନ୍ତି। ୬୧୫ ଜଣ କରୋନାରେ ମୃତ୍ୟୁବରଣ କରିଛନ୍ତି। ଗୁଜରାଟ, ମଧ୍ୟପ୍ରଦେଶ, ରାଜସ୍ଥାନ, ଉତ୍ତରପ୍ରଦେଶରେ ସଂକ୍ରମିତଙ୍କ ସଂଖ୍ୟା ଯଥାକ୍ରମେ ୧୮,୧୧୭; ୮,୫୮୮; ୯,୭୨୦ ଓ ୯,୨୩୭ ରହିଥିବା ବେଳେ ସୁସ୍ଥ ହୋଇଥିବା ବ୍ୟକ୍ତିଙ୍କ ସଂଖ୍ୟା ୧୨, ୨୧୨ ; ୫,୪୪୫ ; ୬,୮୧୯ ଓ ୫୪୪୦କୁ ବୃଦ୍ଧିପାଇଛି। ଅନ୍ୟ ରାଜ୍ୟଗୁଡ଼ିକରେ ମଧ ରୋଗୀମାନେ ସୁସ୍ଥ ହେବାରେ ଲାଗିଛନ୍ତି। ଦେଶରେ ପ୍ରବାସୀଙ୍କ ଆଗମନ ପରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ଦ୍ରୁତ ଗତିରେ ବଢ଼ିବାରେ ଲାଗିଛି। ଗତ ୨୦ ଦିନ ମଧ୍ୟରେ ଲକ୍ଷାଧିକ ସଂକ୍ରମିତ ହୋଇଛନ୍ତି। ଗତ ୨୪ ଘଣ୍ଟା ମଧ୍ୟରେ ୩, ୯୦୪ ନୂଆ ମାମଲା ସାମ୍ନାକୁ ଆସିଛି। ୬୪ ଜଣଙ୍କ ଜୀବନ ଯାଇଛି। ରୋଗୀସଂଖ୍ୟା ବୃଦ୍ଧି ସହ ସୁସ୍ଥବ୍ୟକ୍ତିଙ୍କ ସଂଖ୍ୟା ବୃଦ୍ଧିପାଇବା ସମସ୍ତଙ୍କୁ ଆଶ୍ୱସ୍ତି ଆଣିଦେଇଛି।

# ପ୍ରତିରକ୍ଷା ସଚିବଙ୍କୁ କରୋନା



ଅଜୟ କୁମାର

ନୂଆଦିଲ୍ଲୀ, ୪।୬

ଭାରତର ପ୍ରତିରକ୍ଷା ସଚିବ ଅଜୟ କୁମାର କୋଭିଡ୍-୧୯ରେ ସଂକ୍ରମିତ ଥିବା ବୁଧବାର ଜଣାପଡ଼ିଛି। ତାଙ୍କ ସଂସ୍ପର୍ଶରେ ଆସିଥିବା ଅନ୍ୟମାନଙ୍କୁ ଖୋଜି ବାହାର କରିବା ଲାଗି ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଜୋର୍‌ଦାର ଉଦ୍ୟମ ଆରମ୍ଭ ହୋଇଛି। ପ୍ରତିରକ୍ଷା ସଚିବଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବାବେଳେ ଏବେ ସେ ହୋମ୍ କ୍ୱାରାଣ୍ଟାଇନ୍‌ରେ ଅଛନ୍ତି। ସାଉଥ୍ ବ୍ଲକ୍‌ରେ ଥିବା ପ୍ରତିରକ୍ଷା ମନ୍ତ୍ରଣାଳୟ ହେଡକ୍ୱାର୍ଟର୍ସରେ କାର୍ଯ୍ୟରତ ୩୫ ଅଧିକାରୀଙ୍କୁ ହୋମ୍ କ୍ୱାରାଣ୍ଟାଇନରେ ପଠାଇ ଦିଆଯାଇଛି। ପ୍ରତିକାର ବ୍ୟବସ୍ଥା ସ୍ୱରୂପ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ କାର୍ଯ୍ୟାଳୟକୁ ଆସୁନାହାନ୍ତି।



ପୋଖରୀରୁ ପଦ୍ମଫୁଲ ତୋଳୁଛନ୍ତି ଗାଜିଆବାଦର ଜଣେ ଚାଷୀ।

# ଗୁଜରାଟ କଂଗ୍ରେସର ୨ ବିଧାୟକଙ୍କ ଇସ୍ତଫା

### ରାଜ୍ୟ ସଭା ଭୋଟ ପୂର୍ବରୁ ସଙ୍କଟ

ନୂଆଦିଲ୍ଲୀ, ୪।୬: ରାଜ୍ୟ ସଭା ନିର୍ବାଚନ ଜୁନ୍ ୧୯ରେ ହେବାକୁ ଥିବାବେଳେ ଏହା ପୂର୍ବରୁ ଗୁଜରାଟ କଂଗ୍ରେସକୁ ଝଟକା ଲାଗିଛି। ଦଳର ଦୁଇ ବିଧାୟକ ଜିତୁ ଚୌଧୁରୀ ଓ ଅକ୍ଷୟ ପଟେଲ ଗୁରୁବାର ଇସ୍ତଫା ଦେଇଛନ୍ତି। ଗତ ମାର୍ଚ୍ଚରେ ୪ ବିଧାୟକ ଦଳରୁ ଇସ୍ତଫା ଦେଇଥିଲେ। ବିଧାନସଭାର ୧୮୨ ଆସନ ମଧ୍ୟରୁ ଭାଜପାର ୧୦୩ ସଦସ୍ୟ ଅଛନ୍ତି। ଗୁଜରାଟରେ ୪ ରାଜ୍ୟ ସଭା ଆସନ ଲାଗି ଭୋଟଗ୍ରହଣ କରାଯାଉଥିବା ବେଳେ ଗୋଟିଏ ଆସନ ଜିତିବା ଲାଗି ୩୪ ବିଧାୟକଙ୍କ ଆବଶ୍ୟକତା ରହିଛି। ଭାଜପା ୨ ଆସନ ଜିତିବା ନିଶ୍ଚିତ ଥିବାବେଳେ ପୂର୍ବତନ କଂଗ୍ରେସ ନେତା ନରହର ଅମିନ୍‌ଙ୍କୁ ତୃତୀୟ ଆସନ ଲାଗି ଛିଡ଼ା କରିଛି। କଂଗ୍ରେସରୁ ବିଧାୟକଙ୍କ ଇସ୍ତଫା ଭାଜପା ଲାଗି ସୁଯୋଗ ସୃଷ୍ଟିକରିଛି। କଂଗ୍ରେସ ପାଖରେ ୬୬ ବିଧାୟକ ଏବେ ଅଛନ୍ତି। ଦଳ ଗୋଟିଏ ଆସନ ଜିତିବା ନିଶ୍ଚିତ ରହିଛି। ଦଳରେ ବିଭାଜନ ଲାଗି ଭାଜପା ପ୍ରୟାସ କରୁଥିବା କଂଗ୍ରେସ ଅଭିଯୋଗ କରିଥିବା ବେଳେ ଚତୁର୍ଥ ରାଜ୍ୟ ସଭା ଆସନ ଲାଗି ଦୁଇଦଳ ମୁହାଁମୁହିଁ ହେବେ ବୋଲି କୁହାଯାଉଛି।

# ୨,୫୫୦ ବିଦେଶୀ ଜମାତିଙ୍କୁ ୧୦ବର୍ଷ ଲାଗି ଭାରତ ମନା

ନୂଆଦିଲ୍ଲୀ, ୪।୬: ତବ୍‌ଲିଘି ଜମାତ୍‌ର ୨,୫୫୦ ବିଦେଶୀ ସଦସ୍ୟ ୧୦ ବର୍ଷ ଲାଗି ଭାରତରେ ପ୍ରବେଶ କରିପାରିବେ ନାହିଁ। ସେମାନଙ୍କୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ କଳା ତାଲିକାଭୁକ୍ତ କରାଯାଇଛି। ମହାମାରୀ କରୋନା ବିସ୍ତାରକୁ ରୋକିବା ଲାଗି କଟକଣା ଜାରି କରାଯାଇଥିବା ବେଳେ ଭିଜା ଆଇନକୁ ଉଲ୍ଲଂଘନ କରି ସେମାନେ ଭାରତରେ ରହୁଥିଲେ। ମାର୍ଚ୍ଚରେ ଦିଲ୍ଲୀର ନିଜାମୁଦ୍ଦିନ ମରକଜ୍‌ରେ ଅନୁଷ୍ଠିତ ତବ୍‌ଲିଘି ଜମାତ୍ ସମ୍ମିଳନୀ ପରେ ଦେଶରେ କରୋନା ସଂକ୍ରମଣ ବୃଦ୍ଧି ପାଇଥିଲା। ବହୁ ବିଦେଶୀ ତବ୍‌ଲିଘି ଜମାତ୍ ସଦସ୍ୟ ବେଆଇନ ଭାବେ ବିଭିନ୍ନ ମସ୍‌ଜିଦ ଓ ଧାର୍ମିକ ପୀଠରେ ରହିଆସୁଥିଲେ। ସେମାନଙ୍କୁ ଦେଶାନ୍ତର କରିବା ସହ ୧୦ ବର୍ଷ ପର୍ଯ୍ୟନ୍ତ ଭାରତରେ ପ୍ରବେଶ ନ କରିବା ଲାଗି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ କଟକଣା ଜାରି କରାଯାଇଛି।

# ୩୭ ସ୍କୁଲ ପିଲାଙ୍କୁ ଛୁରାମାଡ଼



ବେଜିଂ,୪।୬: ଦକ୍ଷିଣ ଚାଇନାର ଏକ ପ୍ରାଥମିକ ବିଦ୍ୟାଳୟ ମଧ୍ୟରେ ଜଣେ ସୁରକ୍ଷା କର୍ମୀ ପ୍ରବେଶ କରି ୩୭ ପିଲାଙ୍କୁ ଛୁରି ଭୁସି ଆହତ କରିବା ଘଟଣା ଉକ୍ତ ଅଞ୍ଚଳରେ ଆତଙ୍କ ଖେଳାଇଦେଇଛି। ଛୁରିମାଡ଼ରେ ୨ ଜଣ ଶିକ୍ଷକ ଗୁରୁତର ହୋଇଥିବା ଜଣାପଡ଼ିଛି। ସମସ୍ତଙ୍କୁ ଚିକିତ୍ସା ଲାଗି ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଗୁରୁବାର ସକାଳ ୮ଟା ୩୦ରେ ୱାଙ୍ଗଫୁ ସେଣ୍ଟ୍ରାଲ ପ୍ରାଇମେରୀ ସ୍କୁଲରେ ଏହି ଆକ୍ରମଣ ହୋଇଛି। ପିଲାମାନେ ସ୍କୁଲରେ ପହଞ୍ଚୁଥିବାବେଳେ ୫୦ ବର୍ଷୀୟ ସୁରକ୍ଷା କର୍ମୀ ଜଣଙ୍କ ସେମାନଙ୍କୁ ଗୋଡ଼ାଇ ଆକ୍ରମଣ କରିଥିଲେ। ଆକ୍ରମଣକାରୀକୁ ପୋଲିସ କାବୁ କରିନେଇଛି। କରୋନା ସଂକ୍ରମଣ ଯୋଗୁ ଦୀର୍ଘଦିନ ଧରି ଚାଇନାରେ ସ୍କୁଲ ବନ୍ଦ ରହିବା ପରେ ଗତ ମାସରେ ଖୋଲିଥିଲା।

# ଭାରତ-ଅଷ୍ଟ୍ରେଲିଆ ବଡ଼ ପ୍ରତିରକ୍ଷା ଚୁକ୍ତି

- ମୋଦି-ମୋରିସନ ଅନ୍‌ଲାଇନ ସମିଟ୍
- ପରସ୍ପର ସାମରିକ ଘାଟି ବ୍ୟବହାର କରିପାରିବେ
- ଚାଇନା ଉପରେ ନଜର



ନରେନ୍ଦ୍ର ମୋଦି | ସ୍କଟ ମୋରିସନ

ନୂଆଦିଲ୍ଲୀ,୪।୬(ପି.ଟି.)

ଭାରତ ମହାସାଗର ଅଞ୍ଚଳରେ ଚାଇନା ନିଜର ଶକ୍ତି ବୃଦ୍ଧି କରିଚାଲିଥିବାରୁ ଏହାକୁ ନଜରରେ ରଖି ଭାରତ ଓ ଅଷ୍ଟ୍ରେଲିଆ ପରସ୍ପର ମଧ୍ୟରେ ପ୍ରତିରକ୍ଷା ସହଯୋଗ ଲାଗି ହାତ ବଢ଼ାଇଛନ୍ତି। ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଅଷ୍ଟ୍ରେଲିଆ ପ୍ରତିପକ୍ଷ ସ୍କଟ ମୋରିସନଙ୍କ ମଧ୍ୟରେ ଗୁରୁବାର ଅନ୍‌ଲାଇନ୍ ସମିଟ୍ ପରେ ଦୁଇ ଦେଶ ମଧ୍ୟରେ ଐତିହାସିକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ମ୍ୟୁଚୁଆଲ୍ ଲଜିଷ୍ଟିକ୍ସ ସପୋର୍ଟ ଏଗ୍ରିମେଣ୍ଟ (ଏମ୍‌ଏଲ୍‌ଏସ୍‌ଏ) ଅନୁଯାୟୀ ଉଭୟ ଦେଶ ମରାମତି ଏବଂ ଯୋଗାଣ ଭରିବା ପାଇଁ ପରସ୍ପରର ସାମରିକ ଘାଟିକୁ ବ୍ୟବହାର କରିବା ସହ ପ୍ରତିରକ୍ଷା ସହଯୋଗ ବଢ଼ାଇବା ଲାଗି ସୁବିଧା ଯୋଗାଇଦେବେ। ପୂର୍ବରୁ ଆମେରିକା, ଫ୍ରାନ୍ସ ଏବଂ ସିଙ୍ଗାପୁର ସହ ଭାରତ ଏଭଳି ସାମରିକ ସହଯୋଗ ଚୁକ୍ତି ସ୍ୱାକ୍ଷର କରିଛି। ଏଥିସହିତ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କକୁ ଆହୁରି ମଜଭୁତ କରିବା ଲାଗି ଅନ୍ୟ ୬ଟି ଚୁକ୍ତି ସ୍ୱାକ୍ଷର ହୋଇଛି। ମୁଖ୍ୟତଃ ସାଇବର ଏବଂ ସାଇବର ସହ ସମ୍ପୃକ୍ତ ଗୁରୁତ୍ୱପୂର୍ଣ୍ଣ ଟେକ୍ନୋଲୋଜି, ଧନ୍ଦାମୂଳକ ଶିକ୍ଷା, ଜଳ ସମ୍ପଦର ପରିଚାଳନା ଆଦି କ୍ଷେତ୍ରରେ ସହଯୋଗ ଏହି ଚୁକ୍ତିନାମା ସ୍ୱାକ୍ଷରର ଉଦ୍ଦେଶ୍ୟ।

ପ୍ରଧାନମନ୍ତ୍ରୀ ମୋଦି ଓ ତାଙ୍କ ଅଷ୍ଟ୍ରେଲିଆ ପ୍ରତିପକ୍ଷ ମୋରିସନଙ୍କ ମଧ୍ୟରେ ଆତଙ୍କବାଦ ସମସ୍ୟା, ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ସାମୁଦ୍ରିକ ସୁରକ୍ଷା ପ୍ରତି ଚ୍ୟାଲେଞ୍ଜ, ବିଶ୍ୱ ବାଣିଜ୍ୟ ସଂଗଠନରେ ସଂସ୍କାର ଏବଂ କରୋନା ମହାମାରୀ ସଙ୍କଟରୁ ବର୍ତ୍ତିବା ଲାଗି ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଆଲୋଚନା ପରେ ଉଭୟ ପ୍ରଧାନମନ୍ତ୍ରୀଙ୍କ ପକ୍ଷରୁ ମିଳିତ ବିବୃତି ଜାରି କରାଯାଇଛି। ଭାରତ-ଅଷ୍ଟ୍ରେଲିଆ ଦ୍ୱୈତ ଟିକସ ପରିହାର ଚୁକ୍ତିନାମା (ଡିଟିଏଏ) ଦ୍ୱାରା ଭାରତୀୟ ଶିଳ୍ପ ସଂସ୍ଥାଗୁଡ଼ିକର ଦରିଆପାରି ଆୟ ଉପରେ ଟିକସ ବସାଯାଉଥିବାରୁ ଏହାର ଶୀଘ୍ର ସମାଧାନ ଲାଗି ଆଲୋଚନା ହୋଇଥିଲା। ଏଥିସହିତ ଦ୍ୱିପାକ୍ଷିକ ବିସ୍ତୃତ ଅର୍ଥନୈତିକ ସହଯୋଗ ଚୁକ୍ତିନାମା (ସିଇସିଏ) ଉପରେ ପୁନର୍ବାର ଆଲୋଚନା ଲାଗି ମଧ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଆଞ୍ଚଳିକ ଶାନ୍ତି ଓ ସ୍ଥିରତା ପ୍ରତି ଆତଙ୍କବାଦ ବଡ଼ ବିପଦ ଭାବେ ରହିଆସିଥିବା ଉଭୟ ଦେଶ ସ୍ୱୀକାର କରିବା ସହ ସବୁ ପ୍ରକାର ଆତଙ୍କବାଦକୁ କଠୋର ଶବ୍ଦରେ ନିନ୍ଦା କରିଥିଲେ। ଆତଙ୍କବାଦ, ହିଂସ୍ର ଉଗ୍ରବାଦ ଓ ମୌଳବାଦ ବିରୋଧରେ ଲଢ଼େଇରେ ଉଭୟ ଦେଶ ସହଯୋଗ କରିବା ଲାଗି ମିଳିତ ବିବୃତିରେ କୁହାଯାଇଛି। ଆତଙ୍କବାଦକୁ ଆର୍ଥିକ ସହାୟତା ବନ୍ଦ କରିବା ସହ ଏଭଳି କାର୍ଯ୍ୟରେ ସମ୍ପୃକ୍ତ ବ୍ୟକ୍ତି ବା ସଂସ୍ଥା ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଲାଗି ଦୁଇନେତା ସହମତି ହୋଇଛନ୍ତି।

କରୋନା ମହାମାରୀରେ ସାରା ବିଶ୍ୱରୁ ପାଖାପାଖି ୬୫ ଲକ୍ଷ ଲୋକ ଆକ୍ରାନ୍ତ ହୋଇଥିବାବେଳେ ୩.୮୮ ଲକ୍ଷଙ୍କ ଜୀବନ ଗଲାଣି। ଏହା ମହାମାରୀ ସମସ୍ତ ଦେଶର ଅର୍ଥନୀତିକୁ ଗୁରୁତର ପ୍ରଭାବିତ କରିଛି। ସମାଜ ଉପରେ ମଧ ଏହାର ଗୁରୁତର ପ୍ରଭାବ ପଡ଼ିଛି। ଏଥିରୁ ମୁକୁଳିବା ଲାଗି ସହାୟତା ତଥା ଏକ ସହଯୋଗପୂର୍ଣ୍ଣ ଦୃଷ୍ଟିଭଙ୍ଗୀ ପୋଷଣ କରିବା ଉପରେ ପ୍ରଧାନମନ୍ତ୍ରୀ ମୋଦି ଗୁରୁତ୍ୱାରୋପ କରିଥିଲେ। ଭାରତ-ଅଷ୍ଟ୍ରେଲିଆ ସହଯୋଗିତା ବ୍ୟବସାୟ ପରିଚାଳନା ଲାଗି ଏକ ନୂଆ ମଡେଲ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। କୌଣସି ବିଦେଶ ନେତାଙ୍କ ସହ ଏହା ମୋଦିଙ୍କର ପ୍ରଥମ ଅନ୍‌ଲାଇନ ଦ୍ୱିପାକ୍ଷିକ ସମିଟ୍। ଅନ୍ୟପକ୍ଷରେ ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ମୋରିସନ କରୋନା ସଙ୍କଟ ପରିଚାଳନାରେ ବିଶ୍ୱ ସ୍ତରରେ ପରସ୍ପର ସହଯୋଗ ଲାଗି ଭାରତର ପ୍ରଧାନମନ୍ତ୍ରୀଙ୍କ ଗଠନମୂଳକ ତଥା ସକାରାତ୍ମକ ଭୂମିକାକୁ ଉଚ୍ଚ ପ୍ରଶଂସା କରିଥିଲେ। ଅଷ୍ଟ୍ରେଲିଆ ସହ ସମ୍ପର୍କ ବୃଦ୍ଧି ଲାଗି ଭାରତ ପ୍ରତିଶ୍ରୁତିବଦ୍ଧ। ଏହା କେବଳ ଦୁଇଦେଶ ପାଇଁ ଗୁରୁତ୍ୱପୂର୍ଣ୍ଣ ନୁହେଁ, ବରଂ ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳ ଏବଂ ସମଗ୍ର ବିଶ୍ୱ ଲାଗି ଜରୁରୀ ବୋଲି ମୋଦି କହିଥିଲେ।

## କେନ୍ଦ୍ରୀୟ ଡେପୁଟେଶନ୍‌ରେ ହିମାଂଶୁ ଲାଲ

ଭୁବନେଶ୍ୱର,(ବ୍ୟୁରୋ): ୨୦୦୩ ବ୍ୟାଚ୍ ଆଇପିଏସ୍ ଅଫିସର ତଥା ଡିଆଇଜି (ଉତ୍ତରାଞ୍ଚଳ ରେଞ୍ଜ୍ ସମ୍ବଲପୁର) ହିମାଂଶୁ ଲାଲଙ୍କୁ କେନ୍ଦ୍ରୀୟ ଡେପୁଟେଶନ୍‌ରେ ଯିବାକୁ ରାଜ୍ୟ ସରକାର ଅନୁମତି ଦେଇଛନ୍ତି। ସେ କେନ୍ଦ୍ର ସରକାରଙ୍କ କ୍ୟାବିନେଟ ସେକ୍ରେଟାରିଏଟ୍‌ର ନିର୍ଦ୍ଦେଶକ ଭାବେ ଦାୟିତ୍ୱ ଗ୍ରହଣ କରିବେ। ଭୁବନେଶ୍ୱର ଏସ୍‌ଟିଏଫ୍ ଡିଆଇଜି ତଥା ୨୦୦୫ ବ୍ୟାଚ୍ ଆଇପିଏସ୍ ଅଫିସର ଜୟନାରାୟଣ ପଙ୍କଜଙ୍କୁ ରାଜ୍ୟ ସରକାର ଡିଆଇଜି (ଉତ୍ତରାଞ୍ଚଳ ରେଞ୍ଜ୍ ) ଅତିରିକ୍ତ ଦାୟିତ୍ୱ ଦେଇଛନ୍ତି। ଗୃହ ବିଭାଗ ପକ୍ଷରୁ ଗୁରୁବାର ବିଜ୍ଞପ୍ତି ପ୍ରକାଶ ପାଇଛି। ହିମାଂଶୁ ଲାଲ ୪ ବର୍ଷ ପାଇଁ କେନ୍ଦ୍ରୀୟ ଡେପୁଟେଶନ୍‌ରେ ରହିବେ।

# ବାଲେଶ୍ୱର, କେନ୍ଦ୍ରାପଡ଼ା ପରିଦର୍ଶନ କଲେ କେନ୍ଦ୍ରୀୟ ଟିମ୍

ଭୁବନେଶ୍ୱର,୪।୬(ବ୍ୟୁରୋ)/ କେନ୍ଦ୍ରାପଡ଼ା ଅଫିସ/ ଭୋଗରାଇ/ବାଲିଆପାଳ, (ଡି.ଏନ.ଏ.)

ବାତ୍ୟା ଅମ୍ଫାନ୍‌ର କ୍ଷୟକ୍ଷତି ଆକଳନ କରିବାକୁ ଏକ ୭ ଜଣିଆ କେନ୍ଦ୍ରୀୟ ଟିମ୍ ଭୁବନେଶ୍ୱରରେ ପହଞ୍ଚିଛି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଯୁଗ୍ମ ସଚିବ ଶ୍ରୀ ପ୍ରକାଶଙ୍କ ନେତୃତ୍ୱରେ ଏହି ଟିମ୍ ୩ ଦିନିଆ ଓଡ଼ିଶା ଗସ୍ତରେ ଆସିଛନ୍ତି। ଏଥିରେ କୃଷି ଓ

**ବାତ୍ୟା ଅମ୍ଫାନ୍ କ୍ଷୟକ୍ଷତି ଆକଳନ**
**ଆଜି ଜଗତ୍‌ସିଂହପୁର, ଭଦ୍ରକ ଗସ୍ତ କରିବେ**

ସମବାୟ ବିଭାଗର ଆସିଷ୍ଟାଣ୍ଟ କମିଶନର ସୋମନାଥ ଆଗାସିମନି, ନୂଆଦିଲ୍ଲୀସ୍ଥିତ ମତ୍ସ୍ୟ ବିଭାଗର ଆସିଷ୍ଟାଣ୍ଟ କମିଶନର ଏସ୍.କେ. ରଥ, ଅର୍ଥ ମନ୍ତ୍ରଣାଳୟ ଖର୍ଚ୍ଚ ବିଭାଗ ଯୁଗ୍ମ ନିର୍ଦ୍ଦେଶକ ସୁରଜ କୁମାର ପ୍ରଧାନ, ଜଳଶକ୍ତି ମନ୍ତ୍ରଣାଳୟ ସୁପରିଣ୍ଟେଣ୍ଡିଂ ଇଞ୍ଜିନିୟର ଅମରୀଶ ପାଲ ସିଂ, ଶକ୍ତି ମନ୍ତ୍ରଣାଳୟ ନିର୍ଦ୍ଦେଶକ ଏନ୍‌ଆର୍‌ଏଲ୍‌କେ ପ୍ରସାଦ ଏବଂ ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟର ଅଧିକାରୀ ବି ଏନ୍ ସହାୟ ଏହି ଟିମ୍‌ର ସଦସ୍ୟ ରହିଛନ୍ତି। ଏହି ଟିମ୍ ଦୁଇଦିନ ୪ଟି ଜିଲା ବାଲେଶ୍ୱର, କେନ୍ଦ୍ରାପଡ଼ା, ଭଦ୍ରକ ଓ ଜଗତ୍‌ସିଂହପୁର ଗସ୍ତକରି କ୍ଷୟକ୍ଷତି ଆକଳନ କରିବେ। ୫ ତାରିଖରେ ଟିମ୍-ଏ ଭଦ୍ରକ ଏବଂ ଟିମ୍-ବି ଜଗତ୍‌ସିଂହପୁର ଗସ୍ତ କରିବେ। ସେହି ଦିନ ଅପରାହ୍ନରେ ଉଭୟ ଟିମ୍ ଭୁବନେଶ୍ୱର ଫେରିଆସିବେ। ରାଜ୍ୟ ସରକାରଙ୍କ ଅଧିକାରୀମାନଙ୍କ ସହିତ ବୈଠକରେ କ୍ଷୟକ୍ଷତି ସମ୍ପର୍କରେ ଆଲୋଚନା କରିବେ। ଗୁରୁବାର ଏହି ଟିମ୍ ଦୁଇ ଭାଗରେ ବିଭକ୍ତ ହୋଇ ଜିଲାଗସ୍ତ କରିଛନ୍ତି। ଟିମ୍-ଏ ବାଲେଶ୍ୱର ଏବଂ ଟିମ୍-ବି କେନ୍ଦ୍ରାପଡ଼ା ଜିଲା ଗସ୍ତ କରିଛନ୍ତି।


କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ପେଣ୍ଠ ଅଞ୍ଚଳ ବୁଲି ଦେଖୁଛନ୍ତି କେନ୍ଦ୍ରୀୟ ଟିମ୍ ସଦସ୍ୟ।

କେନ୍ଦ୍ରୀୟ ଟିମ୍-ବି ସଦସ୍ୟଙ୍କ ସହିତ ଜିଲାପାଳ ସମର୍ଥ ବର୍ମା ପ୍ରମୁଖ ରାଜନଗର ବ୍ଲକ ପେଣ୍ଠ ଓ ନଳିତାପାଟିଆ ଅଞ୍ଚଳ ପରିଦର୍ଶନ କରିଥିଲେ। ପରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ଜିଲା ପ୍ରଶାସନ ଅଧିକାରୀମାନଙ୍କ ସହ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଜିଲା ଜରୁରିକାଳୀନ ଅଧିକାରୀ ସମ୍ବିତ୍ କୁମାର ଶତପଥୀ ଅମ୍ଫାନ୍ ସମୟରେ କ୍ଷୟକ୍ଷତି ସହିତ ବାତ୍ୟା ପରିଚାଳନା ସମ୍ପର୍କରେ ତଥ୍ୟ ପ୍ରଦାନ କରିଥିଲେ। ସେ ଦର୍ଶାଇଥିଲେ, ଅମ୍ଫାନ୍ ବାତ୍ୟାରେ ଜିଲାର ୧୫୯୨ ରାଜସ୍ୱ ଗ୍ରାମରେ କ୍ଷତି ହୋଇଛି। ୪୭୮ ହେକ୍ଟର ଚାଷ କ୍ଷତି ହୋଇଥିବା ବେଳେ ୧୪୫୧ଟି ଘର ଭାଙ୍ଗିଛି। ସେହିପରି ୮,୭୧,୯୪୩ ପ୍ରାଣୀ ସମ୍ପଦ ପ୍ରଭାବିତ ହୋଇଛନ୍ତି। ଏଥିରେ ବେସରକାରୀ ଓ ସରକାରୀ ସମ୍ପଦ କ୍ଷତି ହୋଇଛି। ତେବେ ବାତ୍ୟାରେ କୌଣସି ଲୋକ ମୃତାହତ ହୋଇନାହାନ୍ତି। ବାତ୍ୟା ପୂର୍ବରୁ ଜିଲାର ୩୯୮୬୪ ଜଣଙ୍କୁ ନିକଟସ୍ଥ ବାତ୍ୟା ଆଶ୍ରୟସ୍ଥଳକୁ ନିଆଯାଇଥିଲା। ବୈଠକରେ ଏଡିଏମ୍ ବସନ୍ତ କୁମାର ରାଉତ, ପିଡି ଦିଲୀପ କୁମାର ପରିଡାଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ସାମିଲ ହୋଇଥିଲେ।

ସେହିପରି ଗୁରୁବାର ପୂର୍ବାହ୍ନ ୧୧ଟା ବେଳେ ୪ ଜଣିଆ କେନ୍ଦ୍ରୀୟ ଟିମ୍ ବାଲେଶ୍ୱର ସର୍କିଟ୍ ହାଉସ୍‌ରେ ପହଞ୍ଚିଥିଲେ। ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ସହ ଆଲୋଚନା କରିବା ପରେ ପ୍ରଥମେ ଭୋଗରାଇ ଓ ପରେ ବାଲିଆପାଳ ବ୍ଲକ ଗସ୍ତ କରିଥିଲେ।

ଟିମ୍ ପ୍ରଥମେ ଭୋଗରାଇ ବ୍ଲକରେ ପହଞ୍ଚି ସମୁଦ୍ର ନିକଟବର୍ତ୍ତୀ ଗ୍ରାମଗୁଡ଼ିକ ପରିଦର୍ଶନ କରିବା ପରେ ବାତ୍ୟାରେ ଭାଙ୍ଗିଥିବା ଘର, କ୍ଷୟକ୍ଷତି ହୋଇଥିବା ପାନବରଜ ଏବଂ ଚିନାବାଦାମ ଚାଷର କ୍ଷତି ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ସେହିପରି ବାଲିଆପାଳ ବ୍ଲକରେ ପହଞ୍ଚି କ୍ଷତିଗ୍ରସ୍ତ ଅଞ୍ଚଳଗୁଡିକୁ ପରିଦର୍ଶନ କରି ବାଲେଶ୍ୱର ଫେରିଥିଲେ।

ସୂଚନା ଯୋଗ୍ୟ ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମେ ୨୧ ତାରିଖରେ ଆକାଶ ମାର୍ଗରୁ ଅମ୍ଫାନ୍ କ୍ଷୟକ୍ଷତି ଆକଳନ କରିଥିଲେ। ସେହିଦିନ ବିଜୁ ପଟ୍ଟନାୟକ ବିମାନବନ୍ଦରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ଅନ୍ୟ ଅଧିକାରୀଙ୍କ ସହ ସମୀକ୍ଷା ବୈଠକ କରିଥିଲେ। ବୈଠକ ପରେ ରିଲିଫ ଓ ଉଦ୍ଧାର କାର୍ଯ୍ୟ ପାଇଁ ପ୍ରଧାନମନ୍ତ୍ରୀ ଆଗୁଆ ୫୦୦ କୋଟି ଟଙ୍କା ଘୋଷଣା କରିଥିଲେ।

# 'କମ୍ ଟଙ୍କା ଦିଅ ପଛେ କାମଟେ ଦିଅ'

ଚିତ୍ରକୋଣ୍ଡା,୪।୬(ଡି.ଏନ୍.ଏ.)

- ୧୦ ବର୍ଷ ବାଳକର କରୁଣ ନିବେଦନ
- ୬ମାସ ତଳେ ହୋଇଛି ବାପାଙ୍କ ମୃତ୍ୟୁ
- ଆନ୍ଧ୍ର ଚାଲିଯାଇଥିବା ମାଆ ଫେରୁନାହାନ୍ତି

ବୟସ ୧୦କି ୧୨ବର୍ଷ ହେବ। ନାଁ ତାଙ୍କର ସୁବାସ। ଯେଉଁ ବୟସରେ ପାଠପଢ଼ି ମାଆବାପାଙ୍କ କୋଳରେ ଅଳି ଅଝଟରେ ଦିନ ବିତୁଥାନ୍ତା ସେ ବୟସରେ ମୁଠେ ଖାଦ୍ୟ ଯୋଗାଡ଼ କରିବାକୁ ତାଙ୍କୁ ସଂଘର୍ଷ କରିବାକୁ ପଡୁଛି। ବାପା ମରିଯିବା ପରେ ମଆ ଅନ୍ୟ ସହ ଭଉଣୀକୁ ଧରି ଆନ୍ଧ୍ର ଚାଲିଗଲେ। ସେବେଠାରୁ ୬ମାସରୁ ଊର୍ଦ୍ଧ୍ୱ ବିତିଗଲାଣି ଏକା ହୋଇଯାଇଛନ୍ତି ସୁବାସ। ଏପରି ଦୃଶ୍ୟ ଦେଖିବାକୁ ମିଳିଛି ମାଲକାନଗିରି ଜିଲା ଚିତ୍ରକୋଣ୍ଡାରେ।

ଚିତ୍ରକୋଣ୍ଡା ପଞ୍ଚାୟତଠାରୁ ୫୦ମିଟର ଦୂରରେ ସ୍ତ୍ରୀ ଗୌରୀ, ଝିଅ ଦୀପିକା ଓ ପୁଅ ସୁବାସଙ୍କୁ ଧରି ବସ୍‌ଷ୍ଟାଣ୍ଡ ପରିସରରେ ଏକ କୁଡିଆଘର କରି ପରିବାର ସହ ରହୁଥିଲେ ମାଛୁ ମାଟାମ। ବସ୍‌ଷ୍ଟାଣ୍ଡର ଉନ୍ନୟନମୂଳକ କାମ ହେବାରୁ ତାଙ୍କୁ ଏଠାରୁ ଚାଲିଯିବାକୁ କୁହାଯାଇଥିଲା। ପରେ ମାଛୁ ପିଲାଙ୍କୁ ଧରି ଚିତ୍ରକୋଣ୍ଡା ପଞ୍ଚାୟତର ମାର୍କେଟ କମ୍ପ୍ଲେକ୍ସ ଘରେ ରହିଆସୁଥିଲେ। ନିଜର ଜାଗାବାଡ଼ି କିଛି ନ ଥିବାରୁ ସେ ଏପରି ଏଠିସେଠି ରହୁଥିଲେ। ଗତ ୨ ବର୍ଷ ହେଲା ସେ ଏକ ସିମେଣ୍ଟ ବୋଝେଇ ଟ୍ରକ୍‌ରେ ଶ୍ରମିକ ଭାବେ କାମ କରୁଥିଲେ। ୬ମାସ ତଳେ ଯାନବାଇ ଅଞ୍ଚଳକୁ ସିମେଣ୍ଟ ଓହ୍ଲାଇବା ପାଇଁ ଯାଉଥିବା ବେଳେ ବଡ଼ପଦର ପଞ୍ଚାୟତ ରାଙ୍ଗିନିଗୁଡା ବୁଲାଣିରେ ଟ୍ରକ୍‌ଟି ଓଲଟିପଡ଼ିବାରୁ ତା' ତଳେ ଚାପିହୋଇ ମାଛୁଙ୍କ ମୃତ୍ୟୁ ହୋଇଥିଲା। ତାଙ୍କ ମୃତ୍ୟୁ ପରେ କଷ୍ଟରେ କିଛିଦିନ ପିଲାଙ୍କୁ ଚଳାଇ ଗୌରୀ ଜଣେ ବ୍ୟକ୍ତିଙ୍କ ସହ ଝିଅକୁ ଧରି ଆନ୍ଧ୍ରକୁ ଚାଲିଯାଇଛନ୍ତି। ୬ମାସ ହେଲା ସେ ଫେରୁନାହାନ୍ତି, ପୁଅ ସୁବାସ ସେବେଠାରୁ ଏକୁଟିଆ ହୋଇଯାଇଛନ୍ତି। ୪ର୍ଥ ଶ୍ରେଣୀରେ ପଢୁଥିବା ସୁବାସଙ୍କ ପାଠରେ ଡୋରି ବନ୍ଧା ହୋଇଛି। ଦିଓଳି ପେଟକୁ ଦି'ମୁଠା ଖାଦ୍ୟ ଯୋଗାଡ କରିବା ପାଇଁ ସେ ରାତି ପାହିଲେ ଅନ୍ୟମାନଙ୍କ ପାଖରେ କାମ କରିବା ଲାଗି ନେହୁରା ହେଉଛନ୍ତି। ବାବୁ ମୋତେ କମ୍ ଟଙ୍କା ଦିଅ ପଛେ କାମଟେ ଦିଅ ମାଗି ବସ୍‌ଷ୍ଟାଣ୍ଡ ଅଞ୍ଚଳରେ ଘୂରି ବୁଲୁଛନ୍ତି। କେହିକେହି ଦୟାକରି ଯଦି କିଛି କାମ ଦିଅନ୍ତି ତେବେ ସେଥିରେ ଦିନକୁ ତାଙ୍କର ୪୦/୫୦ ଟଙ୍କା ହୁଏ। କେଉଁଦିନ କିଛି କାମ ମିଳେନି ତାଙ୍କୁ। ଏପରି ବେସାହାରା ହୋଇପଡିଥିବା ଏହି ନାବାଳକକୁ ସ୍ଥାନୀୟ ବ୍ଲକ ପ୍ରଶାସନ ସହାୟତା କରିବାକୁ ସାଧାରଣରେ ମତ ପ୍ରକାଶ ପାଉଛି।

# ରେଳଧାରଣାରୁ ଡିଏସ୍‌ପି ସ୍ତ୍ରୀଙ୍କ ମୃତଦେହ ଉଦ୍ଧାର

ବ୍ରହ୍ମପୁର ଅଫିସ,୪।୬

ଗଞ୍ଜାମ ଜିଲା ବ୍ରହ୍ମପୁର ସରକାରୀ ରେଳବାଇ ପୋଲିସ (ଜିଆର୍‌ପି)ଗୋପାଳପୁର ଓଭରବ୍ରିଜ ରେଳଧାରଣାରୁ ବୁଧବାର ରାତି ପ୍ରାୟ ୧୧ ଟାରେ ଜଣେ ମହିଳାଙ୍କ ମୃତଦେହ ଉଦ୍ଧାର କରିଛି। ମୃତ ମହିଳା ଗାଙ୍ଗପୁର ଥାନା ଅନ୍ତର୍ଗତ ଗୋଡ଼ିଆଳିର ଅନିଲ କୁମାର ପ୍ରଧାନଙ୍କ ସ୍ତ୍ରୀ ସୁଷମା (୫୪)। ଅନିଲ ଗଜପତି ଜିଲାରେ ଡିଏସ୍‌ପି ଭାବେ କାର୍ଯ୍ୟ କରୁଛନ୍ତି। ସେ ପରିବାର ସହ ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଖୋଡାସିଂ କଳିଙ୍ଗନଗରରେ ଘର ଭଡାନେଇ ରହୁଥିଲେ। ଜିଆରପି ଗୁରୁବାର ଏମ୍‌କେସିଜି ମେଡିକାଲରେ ମହିଳାଙ୍କ ମୃତଦେହ ବ୍ୟବଚ୍ଛେଦ କରି ନଂ.୨୨/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ସୂଚନା ଅନୁଯାୟୀ, ରେଳଧାରଣାରେ ଜଣେ ମହିଳାଙ୍କ ମୃତଦେହ ପଡିଥିବା ପୋଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚିଥିଲା। ଅନ୍ୟପଟେ ସୁଷମା ଘରୁ ହଠାତ୍ କେଉଁଆଡେ ନିଖୋଜ ହୋଇଯାଇଥିବା ବେଳେ ଅନିଲ ଖୋଜାଖୋଜି କରି


ସୁଷମା (ଫାଇଲ୍ ଫଟୋ)

ଶେଷରେ ଖବର ପାଇ ସେ ମଧ୍ୟ ରେଳଧାରଣା ନିକଟରେ ପହଞ୍ଚି ସ୍ତ୍ରୀଙ୍କ ମୃତଦେହ ଚିହ୍ନଟ କରିଥିଲେ ବୋଲି ପୋଲିସ ସୂଚନା ଦେଇଛି। ପ୍ରାଥମିକ ତଦନ୍ତରୁ ମହିଳା ଜଣଙ୍କ ଏକ ମାଲବାହୀ ଟ୍ରେନ ଆଗକୁ ଡେଇଁ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି ବୋଲି ପୋଲିସ କହିଛି। ମହିଳାଙ୍କ ମୃତ୍ୟୁର କାରଣ ଜଣାପଡି ନାହିଁ। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି।

# ପୁଅ ପରେ ମା'ଝିଅ ଆଖି ବୁଜିଲେ

ଝାରସୁଗୁଡ଼ା ଅଫିସ,୪।୬

- ଏକ ସଙ୍ଗେ ୨ପୁଅ,ଝିଅ ସହ ମା'ଙ୍କ ଚିତା ଜଳିଲା
- ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି ୨ ଝିଅ

**ପରିବାରର ୫ ସଦସ୍ୟଙ୍କ ଆତ୍ମହତ୍ୟା ଉଦ୍ୟମ ଘଟଣା**

ସୋମବାର ଝାରସୁଗୁଡ଼ା ଥାନା ବିଟିଏମ୍ ଫାଣ୍ଡି ଅଧୀନ ଲହଣ୍ଡାବୁଡ଼ର ଜଣେ ଯୁବକଙ୍କ ମୃତ୍ୟୁ ପରେ ତାଙ୍କ ମା'ସମେତ ୩ ଭଉଣୀ ଓ ଭାଇ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ପୋଲିସ ସମସ୍ତଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ବୁଧବାର ସେହି ପରିବାରର ବଡ଼ ପୁଅ ଶ୍ରୀକାନ୍ତଙ୍କ ମୃତ୍ୟୁ ଘଟିଥିଲା। ଗୁରୁବାର ମା' ପୁଷ୍ପବତୀ ଓ ବଡ଼ ଝିଅ ପିଙ୍କିଙ୍କ ମୃତ୍ୟୁ ଘଟିଛି। ଏବେ ଆଉ ୨ ଝିଅ ବୁର୍ଲା ଭିମ୍‌ସାରରେ ମୃତ୍ୟୁ ସହ ସଂଗ୍ରାମ ଜାରି ରଖିଛନ୍ତି। ବୁଧବାର ଶ୍ରୀକାନ୍ତଙ୍କ ମୃତଦେହ ବ୍ୟବଚ୍ଛେଦ କରାଯାଇଥିବା ବେଳେ ଗୁରୁବାର ପୁଷ୍ପବତୀ ଓ ପିଙ୍କିଙ୍କ ମୃତଦେହକୁ ବ୍ୟବଚ୍ଛେଦ କରାଯାଇଛି। ଶବ ଗୃହରେ ୪ ଜଣଙ୍କ ମୃତଦେହ ରଖାଯାଇଥିଲା। ଦାହ ସଂସ୍କାର ପାଇଁ ସେମାନଙ୍କ କୌଣସି ସମ୍ପର୍କୀୟ ଆସି ନ ଥିଲେ। ଏକ ନିର୍ଦ୍ଦିଷ୍ଟ ସମାଜ ଜରିଆରେ ମା', ୨ପୁଅ ଓ ବଡ଼ ଝିଅର ଶେଷକୃତ୍ୟ ଏକ ସଙ୍ଗେ ସମ୍ପନ୍ନ କରାଯାଇଛି ବୋଲି ଝାରସୁଗୁଡ଼ା ଥାନା ଅଧିକାରୀ ସାବିତ୍ରୀ ବଳ କହିଛନ୍ତି।

ସୂଚନାଯୋଗ୍ୟ, ୨୦୧୮ ମସିହାରେ ଝାରସୁଗୁଡ଼ା ସହର ବେହେରାମାଲଠାରେ ଘଟିଥିବା ଏକ ସଡ଼କ ଦୁର୍ଘଟଣାରେ ଲହଣ୍ଡାବୁଡ଼ର ଦୀପକ ବିଶ୍ୱାଳ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସେ କୋମା ଅବସ୍ଥାକୁ ଚାଲି ଯାଇଥିଲେ। ଦୀର୍ଘଦିନ ଡାକ୍ତରଖାନାରେ ଚିକିତ୍ସା ଚାଲିଥିଲେ ମଧ୍ୟ କିଛି ସୁଫଳ ମିଳି ନ ଥିଲା। ଶେଷରେ ପରିବାର ଲୋକେ ତାଙ୍କୁ ଘରକୁ ନେଇ ଆସି ସେବାଶୁଶ୍ରୂଷା କରିବା ସହିତ ଘରୋଇ ଡାକ୍ତରଙ୍କ ଦ୍ୱାରା ଚିକିତ୍ସା ଜାରି ରଖିଥିଲେ। ହେଲେ ଗତ ସୋମବାର ରାତିରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇପଡିଥିଲା। ତୁରନ୍ତ ତାଙ୍କୁ ସ୍ଥାନୀୟ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣା ପରେ ମ୍ରିୟମାଣ ହୋଇପଡିଥିବା ପରିବାର ସଦସ୍ୟମାନେ ଏକ ସଙ୍ଗରେ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ।




**Authorized Dealers: Bhubaneswar:** Rohan Hero - 7799766422; Bharat Hero - 7799766378; DD Hero - 7799766329; **Balasore:** Neelam Hero - 7799766393; **Baripada:** Aditya Hero - 7799766370; **Bhadrak:** Sanjib Hero - 7799766380; **Chandikhol:** S. K. Hero - 7799766362; **Cuttack:** JMG Hero - 7799766366, Sunny Hero - 7799766401, Essen Hero - 7799766425; **Jagatsinghpur:** Trishul Hero - 7799766383; **Jajpur Road:** Soumik Hero -7799766410; **Jaleswar:** Sai Hero - 7799766407; **Jatni:** Vishal Hero - 7799766398; **Keonjhar:** Supreme Hero - 7799766360; **Nayagarh:** Bhagabati Hero - 7799766417; **Puri:** Sanjib Hero- 8448389695; **Behrampur:** Lakshmi Hero - 7799766350; **Jeypore:** Supreme Hero - 7799766340; **Phulbani:** Narayani Hero - 7799766373; **Raygada:** Ajit Hero - 7799766358; **Bargarh:** Aakash Hero - 7799766396; **Bhawanipatna:** Arundhati Hero - 7799766385; **Bolangir:** Arundhati Hero - 7799766327; **Jharsuguda:** Vijaylaxmi Hero - 7799766368; **Rourkela:** Dua Hero -7799766391; **Sambalpur:** Sri Shyam Hero - 7799766356; **Sonepur:** Jai Jawan Hero - 7799766419; **Sundergarh:** Robotech Hero: 8448183659; **Angul:** Parbati Hero - 7799766342; **Dhenkanal:** Som Hero - 7799766347; **Talcher:** Tarini Hero - 7799766374

**ଆଜିର ମନ୍ତବ୍ୟ**

“ ଐକିକ ରାଷ୍ଟ୍ର ସୃଷ୍ଟି କରିବାରେ କେନ୍ଦ୍ର ସରକାର ମହାମାରୀକୁ ବାହାନା ଭାବେ ବ୍ୟବହାର କରୁଛନ୍ତି।
– ସୀତାରାମ ୟେଚୁରୀ, ସିପିଏମ୍ ସାଧାରଣ ସମ୍ପାଦକ




## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ଏଲି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଦାରିଙ୍ଗବାଡ଼ିରେ ମୃଦୁ ଭୂମିକମ୍ପ

**ଦାରିଙ୍ଗବାଡ଼ି,୪।୬(ଡି.ଏନ.ଏ.)**

କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ିଠାରେ ଗୁରୁବାର ମୃଦୁ ଭୂମିକମ୍ପ ଅନୁଭୂତ ହୋଇଛି। ଅପରାହ୍ନ ପ୍ରାୟ ୨ଟା ୫୭ ମିନିଟ୍‌ରେ ଜୋରରେ ଶବ୍ଦ ହେବା ସହ ଭୂମି ଥରି ଉଠିଥିଲା। ଫଳରେ ଲୋକେ ଭୟଭୀତ ହୋଇ ଘରୁ ପଦାକୁ ବାହାରି ଆସିଥିଲେ। ଲକ୍‌ଡାଉନ ଯୋଗୁ ଅପରାହ୍ନ ୧ଟା ପରେ ମାର୍କେଟ ବନ୍ଦ ହୋଇଯାଇଥିବାରୁ ଲୋକେ ପ୍ରାୟତଃ ଘରେ ରହିଥିଲେ। ଏନେଇ ଲୋକେ ଆତଙ୍କିତ ଅବସ୍ଥାରେ ରହିଛନ୍ତି। କେଉଁଠି କିଛି କ୍ଷୟକ୍ଷତି ହୋଇଥିବା ସୂଚନା ମିଳିନାହିଁ। ମାତ୍ର ଦାରିଙ୍ଗବାଡ଼ିରେ ଭୂମିକମ୍ପ ତୀବ୍ରତା ମାପିବାକୁ କୌଣସି ଯନ୍ତ୍ର ନ ଥିବାରୁ ଏହାର ତୀବ୍ରତା କେତେ ରହିଥିଲା ଜଣାପଡିନାହିଁ।

# କେନ୍ଦ୍ର ନିଷ୍ପତ୍ତିକୁ ନେଇ ଆପତ୍ତି ଜଣାଇଲେ ମନ୍ତ୍ରୀ

**ଅତ୍ୟାବଶ୍ୟକ ସାମଗ୍ରୀରୁ ଆଳୁ, ପିଆଜ ବାଦ୍ ଘଟଣା**

**ଭୁବନେଶ୍ୱର,୪।୬(ବ୍ୟୁରୋ)**

ଆଳୁ ଏବଂ ପିଆଜକୁ କେନ୍ଦ୍ର ସରକାର ଅତ୍ୟାବଶ୍ୟକ ସାମଗ୍ରୀ ତାଲିକାରୁ ବାଦ୍ ଦେବା ପରେ ଏହାକୁ ନେଇ ରାଜନୀତି ଜୋର ଧରିବାରେ ଲାଗିଛି। ଆଗକୁ ତେଲ, ଆଳୁ ଏବଂ ପିଆଜର ଦର ବହୁ ମାତ୍ରାରେ ବଢିଯିବାର ଆଶଙ୍କା ମଧ୍ୟ କରାଯାଉଛି। ଏପରି କି କର୍ପୋରେଟ କମ୍ପାନୀଗୁଡିକ ଏହି ବଜାରକୁ ପଶି ଆସିବାର ସମ୍ଭାବନା ସୃଷ୍ଟି ହୋଇଥିବା କୁହାଯାଉଛି। କିନ୍ତୁ କେନ୍ଦ୍ର ସରକାର ଯୁକ୍ତି ହେଲା, ଏସବୁ ସାମଗ୍ରୀ ଅତ୍ୟାବଶ୍ୟକ ତାଲିକାରୁ ବାଦ୍ ପଡିବା ଦ୍ୱାରା ଚାଷୀମାନେ ଅଧିକ ଉପକୃତ ହେବେ। କିନ୍ତୁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କେନ୍ଦ୍ରର ଏପରି ନିଷ୍ପତ୍ତିକୁ ନେଇ ଆପତ୍ତି ଉଠାଇଛନ୍ତି। ଏହାଦ୍ୱାରା ଚାଷୀଙ୍କ ସ୍ୱାର୍ଥ ରହିବ ନା ନାହିଁ ସେ ନେଇ ମଧ୍ୟ ମନ୍ତ୍ରୀ ପ୍ରଶ୍ନ କରିଛନ୍ତି। ଏହା ଖାଉଟିଙ୍କ ଉପରେ ବିଶେଷ ପ୍ରଭାବ ପକାଇବ। କେନ୍ଦ୍ର ସରକାରଙ୍କ ଏଭଳି ନିଷ୍ପତ୍ତି ସମ୍ପର୍କରେ ବିଭାଗ ତରଫରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅବଗତ କରାଯାଇଥିବା ମନ୍ତ୍ରୀ ସ୍ୱାଇଁ କହିଛନ୍ତି। ଅନୁରୂପ ଭାବେ କଂଗ୍ରେସର ବରିଷ୍ଠ ନେତା ଗଣେଶ୍ୱର ବେହେରା ଏହି ନିଷ୍ପତ୍ତିକୁ ନିନ୍ଦା କରିଛନ୍ତି। ସେ କହିଛନ୍ତି, କେନ୍ଦ୍ରର ଏହି ନିଷ୍ପତ୍ତି କାହାକୁ ସୁହାଇବା ଲାଗି କରାଯାଇଛି ତାହା ଜଣାପଡୁ ନାହିଁ। ଅନ୍ୟପଟେ ଭାଜପା ଏ ନେଇ ମାପିଚୁପି ମନ୍ତବ୍ୟ ରଖିଛି।

# ଗଞ୍ଜାମ, ଖୋର୍ଦ୍ଧା ଜିଲାରେ ସର୍ବାଧିକ ସଂକ୍ରମିତ

**ଭୁବନେଶ୍ୱର, ୪।୬ (ବ୍ୟୁରୋ)**

- ରାଜ୍ୟରେ ୯୦ ନୂଆ କରୋନା ପଜିଟିଭ୍, ୬୫ ସୁସ୍ଥ
- ଭୁବନେଶ୍ୱରରେ ୪ ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଜଣେ ଏମ୍ସ କର୍ମଚାରୀ

ରାଜ୍ୟର ଦୁଇ ଜିଲା ଗଞ୍ଜାମ ଓ ଖୋର୍ଦ୍ଧାରେ ସର୍ବାଧିକ ସକ୍ରିୟ ସଂକ୍ରମିତଙ୍କ ରହିଛନ୍ତି। ଶେଷ ୨୪ ଘଣ୍ଟାରେ ଆଉ ୯୦ଜଣ ନୂଆ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୨୫ ଓ ଗଞ୍ଜାମ ଜିଲାରୁ ୨୨ଜଣ ରହିଛନ୍ତି। ଫଳରେ ଏବେ ଗଞ୍ଜାମରେ ସକ୍ରିୟ ସଂକ୍ରମିତଙ୍କ ସଂଖ୍ୟା ୧୬୪ ଓ ଖୋର୍ଦ୍ଧାରେ ୧୧୪ ରହିଛି। ଅନ୍ୟ ଜିଲାଗୁଡ଼ିକରେ ଏହି ସଂଖ୍ୟା ଶହେ ତଳକୁ ରହିଥିବା ଗୁରୁବାର ରାଜ୍ୟ ସରକାରଙ୍କ କୋଭିଡ୍ ଡ୍ୟାସ୍‌ବୋର୍ଡ ତଥ୍ୟରୁ ଜଣାପଡ଼ିଛି। ଅନ୍ୟପକ୍ଷରେ ଚିହ୍ନଟ ନୂଆ ଆକ୍ରାନ୍ତ ୧୩ ଜିଲାରୁ ରହିଥିବାବେଳେ ଖୋର୍ଦ୍ଧା ଜିଲା ପୁଣି ଚର୍ଚ୍ଚାକୁ ଆସିଛି। ଏଠାରେ ଏବେ ଫେରନ୍ତା ପ୍ରବାସୀଙ୍କ ସଂଖ୍ୟା ୩ହଜାର ଛୁଇଁଛି। କ୍ୱାରାଣ୍ଟାଇନ୍ ସେଣ୍ଟର ଓ ଲୋକାଲ ପଜିଟିଭ୍ କେସ୍‌କୁ ମିଶାଇ ଆକ୍ରାନ୍ତଙ୍କ ସଂଖ୍ୟା ୧୯୫ରେ ପହଞ୍ଚିଛି। ସକ୍ରିୟ ଥିବା ୧୧୪ଜଣ ସଂକ୍ରମିତଙ୍କ ମଧ୍ୟରୁ ୯୯ଜଣ ଖୋର୍ଦ୍ଧା ଉପଖଣ୍ଡର ଓ ୧୫ଜଣ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଞ୍ଚଳର ବୋଲି ଜଣାପଡିଛି।

ତେବେ ସବୁଠାରୁ ଉଦ୍‌ବେଗର ବିଷୟ ହେଲା, ଭୁବନେଶ୍ୱରରେ ଆଉ ୪ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ହୋମ୍ କ୍ୱାରାଣ୍ଟାଇନ୍ ଥିବା ଜଣେ ବ୍ୟକ୍ତି କରୋନାରେ ଆକ୍ରାନ୍ତ ହୋଇଛନ୍ତି। ସେ ପୂର୍ବରୁ ଚିହ୍ନଟ ହୋଇଥିବା ଜଣେ କରୋନା ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସି ସଂକ୍ରମିତ ହୋଇଛନ୍ତି। ଅନ୍ୟ ୩ଜଣ କରୋନା ଆକ୍ରାନ୍ତ ଲୋକାଲ କେସ୍ ଅନ୍ତର୍ଭୁକ୍ତ। ଏମାନଙ୍କ ମଧ୍ୟରେ ଏମ୍ସର ଜଣେ କର୍ମଚାରୀ ଥିବାବେଳେ ଆଇଗିଣିଆ ଓ ଢୁମୁଢୁମାରୁ ଜଣେ ଲେଖାଏ ଆକ୍ରାନ୍ତ ରହିଛନ୍ତି। ସୂଚନା ଓ ଲୋକଙ୍କ ସମ୍ପର୍କ ବିଭାଗ, ବିଏମ୍‌ସି ଓ ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ଟୁଇଟ୍ ଯୋଗେ ଏହି ସୂଚନା ଦିଆଯାଇଛି।

ସେହିପରି ନୂଆ ୯୦ ଆକ୍ରାନ୍ତଙ୍କ ମଧ୍ୟରୁ ଢେଙ୍କାନାଳରୁ ୧୦, ଭଦ୍ରକରୁ ୯, ନୟାଗଡରୁ ୭, ସୁନ୍ଦରଗଡ ଓ କଟକରୁ ୫, ପୁରୀରୁ ୨ ଜଣ ଚିହ୍ନଟ ହୋଇଥିବାବେଳେ ଅନୁଗୋଳ, ବାଲେଶ୍ୱର, କଳାହାଣ୍ଡି, ସମ୍ବଲପୁର ଏବଂ ବରଗଡରୁ ଜଣେ ଲେଖାଏ ରହିଛନ୍ତି। ୭୯ଜଣ କ୍ୱାରାଣ୍ଟାଇନ୍‌ରୁ ଓ ୧୧ଜଣ ସ୍ଥାନୀୟ ସଂକ୍ରମିତ ବୋଲି ଜଣାପଡ଼ିଛି। ଏମାନଙ୍କୁ ମିଶାଇ ଏବେ ରାଜ୍ୟରେ ସଂକ୍ରମିତଙ୍କ ସଂଖ୍ୟା ୨୪୭୮କୁ ବୃଦ୍ଧି ପାଇଛି। ସେପଟେ ରାଜ୍ୟରେ ଆଉ ୬୫ ଆକ୍ରାନ୍ତ ସୁସ୍ଥ ହୋଇଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଫଳରେ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୪୮୧ରେ ପହଞ୍ଚିଛି।

# ବଳଦେବଜୀଉଙ୍କ ସ୍ନାନଯାତ୍ରାରୁ ବଞ୍ଚିତ ହେବେ ଶ୍ରଦ୍ଧାଳୁ

**କେନ୍ଦ୍ରାପଡ଼ା ଅଫିସ, ୪।୬**

ଦେଶରେ ତାଲାବନ୍ଦ ଘୋଷଣା ପରେ ତୁଳସୀ କ୍ଷେତ୍ରାଧିପତି ଶ୍ରୀ ବଳଦେବଜୀଉଙ୍କ ମନ୍ଦିର ପ୍ରବେଶକୁ ବନ୍ଦ କରାଯାଇଥିଲା। ଦୀର୍ଘ ଦୁଇମାସ ଧରି ଶ୍ରୀ ଜୀଉଙ୍କ ଦର୍ଶନରୁ ବଞ୍ଚିତ ଶ୍ରଦ୍ଧାଳୁମାନେ ଶୁକ୍ରବାର ହେବାକୁ ଥିବା ସ୍ନାନଯାତ୍ରା ଓ ଗଜାନନ ବେଶ ଦର୍ଶନ ପାଇଁ ବ୍ୟଗ୍ର ଥିବାବେଳେ ପ୍ରଶାସନିକ ରୋକ ଲାଗିଛି। ଉପଜିଲାପାଳ ଜ୍ୟୋତିଶଙ୍କର ମହାପାତ୍ର ମନ୍ଦିର ନିକଟରେ ୧୪୪ ଧାରା ଜାରି କରିଛନ୍ତି। ଏହି ନିଷେଧାଜ୍ଞା ଗୁରୁବାର ମଧ୍ୟରାତ୍ରରୁ ଆରମ୍ଭ ହୋଇ ଶ୍ରୀଜୀଉଙ୍କ ନୀତିକାନ୍ତି ଶେଷ ପର୍ଯ୍ୟନ୍ତ ଜାରି ରହିବ ବୋଲି ଚିଠି ନଂ.୪୩୭୧ରେ ଉଲ୍ଲେଖ ରହିଛି। ତେବେ ନିର୍ଦ୍ଦିଷ୍ଟ କେତେଜଣ ସେବାୟତଙ୍କୁ ନୀତିକାନ୍ତି ସମାପ୍ତ ପାଇଁ ଅନୁମତି ଦିଆଯାଇଛି। ଅପରପକ୍ଷେ ଶ୍ରୀଜୀଉଙ୍କ ରଥଯାତ୍ରା ପ୍ରସ୍ତୁତି ଜୋର୍‌ଦାର କରାଯାଇଛି। ଜ୍ୟେଷ୍ଠ ପୂର୍ଣ୍ଣିମା ଅବସରରେ ବ୍ରହ୍ମ ତାଳଧ୍ୱଜ ରଥ ଅଖରେ ଛକ ଲାଗିବ ବୋଲି ମୁଖ୍ୟ କାରିଗର ରଘୁନାଥ ମହାରଣା କହିଛନ୍ତି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଘରର ଝି ପରକେ,**
**ପରର ଝି ଘରକେ।**

ସାଧାରଣତଃ ଝିଅ ଘର ଯୋଗ୍ୟା ହେଲେ ତାକୁ ପରଗୋତ୍ରୀ କରିଦିଆଯାଏ। ସେହିପରି ନିଜ ଝିଅ ପରଘରକୁ ବୋହୂ ହୋଇ ଚାଲିଗଲା ଭଳି ପର ଝିଅ ମଧ୍ୟ ସମୟକ୍ରମେ ନିଜ ଘରକୁ ବୋହୂ ହୋଇ ଆସିଥାଏ । ଏହା ହିଁ ସାମାଜିକ ରୀତି ନୀତି ବା ଚଳଣି ରହିଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ**

## ପ୍ରଥମ ପୃଷ୍ଠାରୁ...

### ପ୍ରଦୂଷଣ ରୋକିବ...

ସହରଗୁଡ଼ିକରେ ଅର୍ଦ୍ଧାଧିକ ବାୟୁ ପ୍ରଦୂଷଣ ଯାନବାହନ ଯୋଗୁ ହୋଇଥାଏ। ଲକ୍‌ଡାଉନ୍ ବେଳେ ରାସ୍ତା ଉପରେ ଗଡୁଥିବା ଗାଡ଼ି ସଂଖ୍ୟା ଆଶାତୀତ ଭାବେ କମିଯାଇଥିଲା ବୋଲି ସତୀଶ କହିଛନ୍ତି। ଜିଓଫିଜିକାଲ୍ ରିସର୍ଚ୍ଚ ଲେଟର୍ସରେ ଗତ ମାସରେ ପ୍ରକାଶିତ ଦୁଇଟି ଅଧ୍ୟୟନ ଅନୁସାରେ କୋଭିଡ୍-୧୯କୁ ରୋକିବା ପାଇଁ ବିଶ୍ୱବ୍ୟାପୀ ଲକ୍‌ଡାଉନ୍ ଭଳି ପଦକ୍ଷେପ ନିଆଯାଇଛି। ଏଥିଯୋଗୁ ନାଇଟ୍ରୋଜେନ୍ ଡାଇଅକ୍ସାଇଡ୍ ସମେତ ଦୁଇଟି ପ୍ରଦୂଷଣ ସୃଷ୍ଟିକାରୀ ତତ୍ତ୍ୱର ସ୍ତର ବହୁମାତ୍ରାରେ କମିଯାଇଛି। ସାଟେଲାଇଟ୍ ତଥ୍ୟ ଦର୍ଶାଇଛି ଯେ, ଭାରତରେ କୋଭିଡ୍-୧୯ ଲକ୍‌ଡାଉନ୍ ଯୋଗୁ ପର୍ଟିକୁଲେଟ୍ ମ୍ୟାଟର ବା ବାୟୁମଣ୍ଡଳରେ ଭାସୁଥିବା ସୂକ୍ଷ୍ମ କଣିକାର ସ୍ତର ବିଭିନ୍ନ ଭାଗରେ ବହୁ ପରିମାଣରେ କମିଯାଇଛି। ଜୀବାଶ୍ମ ଇନ୍ଧନ ଉତ୍ସର୍ଜନ କମିଲେ ପ୍ରଦୂଷଣ ସ୍ତର ଅଧିକ ମାତ୍ରାରେ ହ୍ରାସ ପାଇଥାଏ ବୋଲି ଏରୋସୋଲ୍ ଅବଶୋଷଣର ବହୁବର୍ଣ୍ଣକ୍ରମୀୟ ମାପ ଏବଂ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ତଥ୍ୟ ସୂଚାଏ।

ସତୀଶଙ୍କ ସହ ଉପରୋକ୍ତ ମତ ସହିତ ସହମତି ପ୍ରକାଶ କରିଛନ୍ତି ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଆଇଆଇଟି), ଗାନ୍ଧୀନଗରସ୍ଥିତ ଭୂବିଜ୍ଞାନ ବିଭାଗ ସହକାରୀ ପ୍ରାଧ୍ୟାପକ ମନୀଷ କୁମାର ସିଂ। ଏହାସହ ଭବିଷ୍ୟତରେ ପ୍ରଦୂଷଣ ରୋକିବା ପାଇଁ ଲକ୍‌ଡାଉନ୍ ଭଳି ପଦକ୍ଷେପ ନିଆଯାଇପାରିବ ବୋଲି ସେ ମତବ୍ୟକ୍ତ କରିଛନ୍ତି। ମନୀଷ କହିଛନ୍ତି, ଲକ୍‌ଡାଉନ୍ ବେଳେ ପ୍ରକୃତି ମା'ର ଅନେକ କ୍ଷତି ଭରଣା ହୋଇଥିବା ଦେଖିବାକୁ ମିଳିଛି। ତେଣୁ ଆଗକୁ ମଧ୍ୟ ଦିଲ୍ଲୀରେ ଶୀତଋତୁରେ ପ୍ରଦୂଷଣ ବଢ଼ିଲେ ତାକୁ ରୋକିବା ପାଇଁ ଲକ୍‌ଡାଉନ୍‌କୁ ଏକ ସମ୍ଭାବ୍ୟ ଜରୁରୀ ପଦକ୍ଷେପ ଭାବେ ଗ୍ରହଣ କରାଯାଇପାରିବ। ଇନ୍‌ଫୋସିସ୍ ଲିମିଟେଡ୍‌ର ଗ୍ରୀନ୍ ଇନିସିଏଟିଭସ୍ ମୁଖ୍ୟ ବୋଷ କେ. ଭର୍ଗିସ୍‌ଙ୍କ ମତରେ ଯେତେବେଳେ ଲକ୍‌ଡାଉନ୍ ଜାରି କରାଗଲା, ଏହାଦ୍ୱାରା କ'ଣ ଯେ ସବୁ କ୍ଷତି ହେବ ବୋଲି ଲୋକେ ଚିନ୍ତା କରିଥିଲେ। ହେଲେ ପରିବେଶ ଉପରେ ଏହାର ଏଭଳି ସକାରାତ୍ମକ ପ୍ରଭାବ ପଡ଼ିବ ବୋଲି କେହି ଭାବି ନ ଥିଲେ। କଟକଣା ଲାଗୁ ହୋଇ ଦିନ ପରେ ଦିନ ଗଡ଼ିଚାଲିବା ପରେ ଆମେ ଏହାର ସୁଫଳ ମିଳୁଥିବା ଅନୁଭବ କଲେ। ଆଜି ଆମେ ସ୍ୱଚ୍ଛ ବାୟୁ, ସ୍ୱଚ୍ଛ ଜଳ, ପୂର୍ବାପେକ୍ଷା କମ୍ ଆବର୍ଜନା, ଅତି କମ୍ ଶବ୍ଦ ପ୍ରଦୂଷଣ ଘଟୁଛି। ଆଶ୍ଚର୍ଯ୍ୟର କଥା ଯେ, ବଣ୍ୟପ୍ରାଣୀ ସେମାନଙ୍କ ବସତିରୁ ବାହାରକୁ ଆସୁଥିବା ଦେଖିବାକୁ ପାଉଛେ।

### ଆଜି ସ୍ନାନଯାତ୍ରା...

ହେବ। ଏହି ବେଶ ଥାଇ ଘଣ୍ଟଛତା ସକାଳ ଧୂପ ଭୋଗ ସମ୍ପନ୍ନ ହେବ। ଏଥର ଭକ୍ତଙ୍କୁ ବାରଣ କରାଯାଇଥିବାରୁ ସାହାଣ ମେଲା ଦର୍ଶନ ବନ୍ଦ ରହିଛି। ଅପରାହ୍ନ ୪ଟାରେ ହାତୀବେଶ ମଇଲମ ହେବ। ପରେ ପୁଷ୍ପାଞ୍ଜଳି ଓ ଡୋର ଲାଗି ଶେଷ ହୋଇ ମହାପ୍ରଭୁ ସ୍ନାନବେଦିରୁ ଗୋଟି ପହଣ୍ଡିରେ ଅଣସର ପିଣ୍ଡିକୁ ବିଜେ କରିବେ। ଅପରାହ୍ନ ୫ଟାରୁ ରାତି ୮ଟା ମଧ୍ୟରେ ବାହୁଡ଼ା ପହଣ୍ଡି ଶେଷ ପାଇଁ ସମୟ ନିର୍ଘଣ୍ଟ ହୋଇଛି। ଏହାପରେ ସୁନା ଚିତା ଓ ରାହୁରେଖା ମଇଲମ ହୋଇ ତାଟି ବନ୍ଧା ଯିବ। ଆରମ୍ଭ ହେବ ଅଣସର ନୀତି। ଦୀର୍ଘବର୍ଷ ପରେ ଚଳିତବର୍ଷ ପ୍ରଥମ ଥର ପାଇଁ ସ୍ନାନପୂର୍ଣ୍ଣିମା ଦିନଠାରୁ ହିଁ ଠାକୁରଙ୍କ ଅଣସର ବିଧି ଆରମ୍ଭ କରାଯିବ। ଜ୍ୱରରେ ପଡ଼ିବେ ମହାପ୍ରଭୁ। ୧୫ଦିନ ଧରି ଚାଲିବ ଉପଚାର। ସୁସ୍ଥ ହେବେ ମହାପ୍ରଭୁ। ଆସନ୍ତା ୨୦ ତାରିଖରେ ନବଯୌବନ ଦର୍ଶନ ଥିବାବେଳେ ୨୩ ତାରିଖରେ ରଥଯାତ୍ରା।

ଏବର୍ଷ ବିନା ଭକ୍ତରେ ସ୍ନାନଯାତ୍ରା କରାଯାଉଥିବାବେଳେ ରଥଯାତ୍ରା ଆୟୋଜନକୁ ନେଇ ଅନିଶ୍ଚିତତା ଲାଗିରହିଛି। ସ୍ନାନଯାତ୍ରା ସୁପରିଚାଳନା ପାଇଁ ଶ୍ରୀମନ୍ଦିର ପ୍ରଶାସନ, ପୋଲିସ ଏବଂ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ସରିଛି। ଘରେ ରହି ସ୍ନାନଯାତ୍ରା ଦେଖିବା ଲାଗି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସିଧା ପ୍ରସାରଣ ବ୍ୟବସ୍ଥା ହୋଇଛି। ଗୁରୁବାର ଡିଆଇଜି ଆଶିଷ ସିଂ ପୁରୀ ଆସି ସୁରକ୍ଷା ବ୍ୟବସ୍ଥା ଅନୁଧ୍ୟାନ କରିଛନ୍ତି। ଶ୍ରୀମନ୍ଦିର ଆଖପାଖ ଅଞ୍ଚଳରେ ୧୪୪ ଧାରା ଜାରି କରାଯାଇଛି। ଗୁରୁବାର ରାତି ୧୦ଟାରୁ ୬ତାରିଖ ଭୋର ୨ଟା ପର୍ଯ୍ୟନ୍ତ ଏହା ବଳବତ୍ତର ରହିବ। ପୁରୀବାସୀଙ୍କ ଏହି ତ୍ୟାଗ ଦୁନିଆ ପାଇଁ ଉଦାହରଣ ସୃଷ୍ଟି କରିବ ବୋଲି ଜିଲାପାଳ ବଳୱନ୍ତ ସିଂ କହିଛନ୍ତି।

### ୮ ବର୍ଷରେ...

ଉପରେ ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷ (ଏନ୍‌ଟିସିଏ) ପକ୍ଷରୁ କୁହାଯାଇଛି। ୨୦୧୦ରୁ ୨୦୨୦ ମଧ୍ୟରେ ବାଘ ମୃତ୍ୟୁର ସବିଶେଷ ବିବରଣୀ ପ୍ରଦାନ କରିବା ଲାଗି ଏନ୍‌ଟିସିଏରେ ଆବେଦନ କରାଯାଇଥିଲା। ତେବେ କର୍ତ୍ତୃପକ୍ଷ ୨୦୧୨ରୁ ୮ ବର୍ଷ ମଧ୍ୟରେ ବାଘମୃତ୍ୟୁ ସମ୍ପର୍କିତ ତଥ୍ୟ ପ୍ରଦାନ କରିଛନ୍ତି। ଅନ୍ୟପକ୍ଷରେ ଗତ ୪ ବର୍ଷ ମଧ୍ୟରେ ଦେଶରେ ବାଘ ସଂଖ୍ୟା ୭୫୦ ବୃଦ୍ଧି ପାଇ ୨,୯୭୬ରେ ପହଞ୍ଚିଥିବା ଗତ ଡିସେମ୍ବରରେ ପରିବେଶ ଓ ଜଙ୍ଗଲ ମନ୍ତ୍ରୀ ପ୍ରକାଶ ଜାଭଡେକର କହିଥିଲେ। ଏଥିପାଇଁ ଆମେ ସମଗ୍ର ପରିବେଶ ବ୍ୟବସ୍ଥା ଉପରେ ଗର୍ବ କରିବା କଥା ବୋଲି ଜାଭଡେକର ରାଜ୍ୟ ସଭାରେ ଏକ ଅତିରିକ୍ତ ପ୍ରଶ୍ନର ଉତ୍ତରରେ କହିଥିଲେ। ମଧ୍ୟପ୍ରଦେଶରେ ଶିକାରୀଙ୍କ ଗୁଳିରେ ୩୮ ବାଘ ମରିଥିବାବେଳେ ୯୪ଟିର ସ୍ୱାଭାବିକ ଏବଂ ୬ଟିର ଅସ୍ୱାଭାବିକ ମୃତ୍ୟୁ ହୋଇଛି। ୧୬ଟି ଜବତ ହୋଇଥିବାବେଳେ ଅନ୍ୟ ୧୯ଟିର ମୃତ୍ୟୁ ସମ୍ପର୍କରେ ଯାଞ୍ଚ କରାଯାଉଛି। ମଧ୍ୟପ୍ରଦେଶରେ ସର୍ବାଧିକ ୫୨୬ ବାଘ ରହିଛନ୍ତି। ସେହିପରି ମହାରାଷ୍ଟ୍ରରେ ଗତ ୮ ବର୍ଷ ମଧ୍ୟରେ ୧୨୫ଟି ବାଘ ମରିଛନ୍ତି। ଏହା ପଛକୁ କର୍ଣ୍ଣାଟକ (୧୧୧), ଉତ୍ତରାଖଣ୍ଡ (୮୮), ତାମିଲନାଡୁ (୫୪), ଆସାମ (୫୪), କେରଳ(୩୫), ଉତ୍ତରପ୍ରଦେଶ (୩୫), ରାଜସ୍ଥାନ (୧୭), ବିହାର (୧୧), ପଶ୍ଚିମବଙ୍ଗ (୧୧) ଏବଂ ଛତିଶଗଡ଼ରେ ୧୦ଟି ବାଘର ମୃତ୍ୟୁ ଘଟିଛି। ଓଡ଼ିଶା ଓ ଆନ୍ଧ୍ରପ୍ରଦେଶରେ ୮ ବର୍ଷରେ ୭ଟି ଲେଖାଏ ବାଘ ମରିଥିବାବେଳେ ତେଲଙ୍ଗାନାରେ ୫, ଦିଲ୍ଲୀ ଓ ନାଗାଲାଣ୍ଡରେ ୨ଟି ଲେଖାଏ, ହରିୟାଣା, ଗୁଜରାଟରେ ଗୋଟିଏ ଲେଖାଏ ବାଘ ମରିଛନ୍ତି।

### ବୁଡ଼ିଗଲେ ଯାଆଁଳା...

ଆକାଶ ନାଏକ। ଦୁଷ୍ମନ୍ତ ଓ ବାସନ୍ତୀ ତାଙ୍କର ଯାଆଁଳା ପୁଅଙ୍କୁ ହରାଇ ଏବେ ସ୍ତବ୍ଧ ପାଲଟିଯାଇଛନ୍ତି। ସୂଚନା ଅନୁଯାୟୀ ଗାଁର ପିଲାମାନେ ଗାଁ ଆମ୍ବ ତୋଟାରେ ଖେଳୁଥିଲେ। ଆକାଶ ଓ ବାଦଲ ବାଇକ ଚକା ଗଡାଇ ଘରଠାରୁ ଦେଢ଼ କି.ମି. ଦୂରରେ ବିଲ ମଝିରେ ଥିବା ଏକ ଗଡ଼ିଆ ଆଡ଼କୁ ଚାଲିଯାଇଥିଲେ। ବହୁ ଖୋଜାଖୋଜି କଲା ପରେ ଘର ଲୋକ ଉଭୟଙ୍କୁ ଗାଡ଼ିଆରେ ମୁମୂର୍ଷୁ ଅବସ୍ଥାରେ ଭାସୁଥିବା ଦେଖି ଉଦ୍ଧାର କରିଥିଲେ। ପ୍ରଥମେ ସେମାନଙ୍କୁ ରାଜନଗର ଓ ପରେ ଡୁରୁମୁଙ୍ଗା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ଉଭୟଙ୍କୁ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆମ୍ବୁଲାନ୍ସ ଯୋଗେ ସ୍ଥାନାନ୍ତର କରାଯାଉଥିବା ବେଳେ ବାଟରେ ମୃତ୍ୟୁ ହୋଇଯାଇଛି। ଏହି ଯାଆଁଳା ଶିଶୁ ନୂଆଖମଣ ଆଶ୍ରମ ସ୍କୁଲରେ ୧ମ ଶ୍ରେଣୀରେ ପାଠ ପଢୁଥିଲେ। ଏନେଇ ଡୁରୁମୁଙ୍ଗା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଥାନାଧିକାରୀ ବରେନ୍ଦ୍ର ଶିଆଳ କହିଛନ୍ତି।

### ଆସୁଛି ଲଘୁଚାପ...

ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସତର୍କ କରାଯାଇଛି। ଏହି ଲଘୁଚାପ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁକୁ ଓଡ଼ିଶା ପର୍ଯ୍ୟନ୍ତ ନେଇ ଆସିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ପାଣିପାଗ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ କେରଳ ଏବଂ କର୍ଣ୍ଣାଟକର କେତେକ ଅଞ୍ଚଳରେ ପ୍ରବେଶ କରିଛି। ମୌସୁମୀ ପାଇଁ ପାଗ ଅନୁକୂଳ ରହିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ମୌସୁମୀ କର୍ଣ୍ଣାଟକ, ତାମିଲନାଡୁ ପୁଡୁଚେରି ଏବଂ ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗର ଆଡ଼କୁ ମୁହାଁଇବ ବୋଲି ପାଣିପାଗ ବିଭାଗ ଅନୁମାନ କରିଛି। ଅନ୍ୟପକ୍ଷରେ ଆରବ ସାଗରରେ ସୃଷ୍ଟି ହୋଇଥିବା ବାତ୍ୟା ଗୁରୁବାର ୱେଲମାର୍କ ଲଘୁଚାପରେ ପରିଣତ ହୋଇଛି। ଏହା ବିହାର ଓ ଛତିଶଗଡ଼ ଉପରେ ରହିଛି। ଏହାର ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟର କେତେକ ସ୍ଥାନରେ ବର୍ଷା ହେବ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଆକାଶ ମେଘୁଆ ଯୋଗୁ ରାଜ୍ୟରେ ତାତି ହ୍ରାସ ପାଇଛି। ଆସନ୍ତା ୧୦ ତାରିଖ ଯାଏ ରାଜ୍ୟର ବିଭିନ୍ନ ସ୍ଥାନରେ କାଳବୈଶାଖୀଜନିତ ବର୍ଷା ହେବାର ସମ୍ଭାବନା ରହିଛି।

### 'ଆତ୍ମସଂଯମ...

କରିଛନ୍ତି। ସାଢ଼େ ୪କୋଟି ଲୋକଙ୍କ ସୁରକ୍ଷା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ବାହାରକୁ ଯିବାଆସିବା କମାଇବା ପାଇଁ ଶଟ୍‌ଡାଉନ ଓ ଲକ୍‌ଡାଉନ କରାଯାଉଛି। ୧୧ଟି ଜିଲାରେ ସପ୍ତାହରେ ଦୁଇଦିନ ଶଟ୍‌ଡାଉନ ହେବ। ଜୁନ ମାସରେ ସପ୍ତାହକୁ ୨ ଦିନ ଓ ମାସକୁ ୮ ଦିନ ଶଟ୍‌ଡାଉନ ହେବ। ଏହି ୮ ଦିନ ପୂରା ଘରେ ରହିବାକୁ ପଡ଼ିବ। ଏହାଦ୍ୱାରା କରୋନା ସଂକ୍ରମଣ ଠାରୁ ନିଜକୁ ଦୂରେଇ ରଖିହେବ। ସନ୍ଧ୍ୟା ୭ଟାରୁ ସକାଳ ୫ଟା ଯାଏ କର୍ଫ୍ୟୁ ଲାଗୁ କରାଯାଇଛି। ଏହା ଦିନକୁ ୧୦ ଘଣ୍ଟା ହିସାବରେ ସାସକୁ ୩୦୦ ଘଣ୍ଟା। ଶଟ୍‌ଡାଉନ ଓ ରାତ୍ରିକାଳୀନ କର୍ଫ୍ୟୁ ମିଶି ଜୁନ୍ ମାସରେ ପୂରା ୧୭ ଦିନ ଘରେ ରହିବାକୁ ପଡ଼ିବ। ଏହାଦ୍ୱାରା ସଂକ୍ରମଣ କମିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଜନସାଧାରଣ ବାହାରକୁ ଗଲେ ସବୁ ବେଳେ ମାସ୍କ ପିନ୍ଧନ୍ତୁ। ଠିକ୍ ଭାବେ ମାସ୍କ ପିନ୍ଧିଲେ ୯୦ ପ୍ରତିଶତ ସଂକ୍ରମଣ ହ୍ରାସ ପାଇବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ହାଟବଜାରରେ ସାମାଜିକ ଦୂରତ୍ୱ ରକ୍ଷା କରିବା ଅତ୍ୟନ୍ତ ଆବଶ୍ୟକ। କିଏ କରୋନା ପଜିଟିଭ୍ ତାହା ଜାଣିବା କଷ୍ଟକର। ନିଜ ଲୋକ କରୋନା ହସ୍ପିଟାଲକୁ ଯାଆନ୍ତୁ ବୋଲି କେହି ଚାହିଁବେ ନାହିଁ। ବାହାରୁ ଘରକୁ ଫେରିଲେ ୨୦ ସେକେଣ୍ଡ ପାଇଁ ସାବୁନରେ ହାତ ଧୁଅନ୍ତୁ। ୬୫ ବର୍ଷରୁ ଅଧିକ ବୟସର ଲୋକ, ଗୁରୁତର ରୋଗରେ ପୀଡିତ ବ୍ୟକ୍ତି, ଗର୍ଭବତୀ ମହିଳା ଏବଂ ୧୦ ବର୍ଷରୁ କମ୍ ବୟସ ପିଲାଙ୍କୁ ବାହାରକୁ ନ ଛାଡ଼ିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** – ଯାତ୍ରା ପ୍ରୀତିପ୍ରଦ ରହିବା ସାଙ୍ଗକୁ ଲକ୍ଷ୍ୟ ମଧ୍ୟ ପୂରଣ ହୋଇଯିବ। ଗତକାଲିଠାରୁ ଆପଣ ଯାହା ଆଶା କରୁଥିଲେ ଆଜି ତାହା ସହଜ ଓ ସୁବିଧାରେ ପାଇଯିବେ। ସଭାସମିତି କ୍ଷେତ୍ରରେ ସୁନାମ ଅର୍ଜନ କରିପାରିବେ। କିନ୍ତୁ ସାମୟିକ ପ୍ରତିବନ୍ଧକ କାରଣରୁ ବାଣିଜ୍ୟ ଓ ନିର୍ମାଣ ତଥା ପରିବହନ ବାଧାପ୍ରାପ୍ତ ହୋଇପାରେ।

**ବୃଷ** – ବାରମ୍ବାର ଚିନ୍ତା କରି ମନଟା ଭଲ ରହିବ ନାହିଁ। ଏଣେ କର୍ମକ୍ଷେତ୍ରର ବିଭିନ୍ନ ଘଟଣାବଳୀ ମନକୁ ବାରମ୍ବାର ଆଲୋଡ଼ିତ କରିବ। ପୁଣି କେତେକ କ୍ଷେତ୍ରରେ ଶେଷ ସମୟରେ ନିଷ୍ପତ୍ତି ବଦଳାଇବା ସକାଶେ ମନ ବଳାଇପାରନ୍ତି। ବ୍ୟବସାୟ ତଥା ଲେଖାପଢ଼ା ଓ ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ।

**ମିଥୁନ** – ଆଜିର ଦିନଟିରେ ହାତକୁ ନେଇଥିବା କାମଗୁଡ଼ିକ ସହଜ ଓ ସୁବିଧାରେ ହୋଇଯିବ। ଅବଶ୍ୟ ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ସାମାନ୍ୟ ମନ୍ଥର କରିପାରେ। ଆର୍ଥିକ ପରିସ୍ଥିତି ଓ କିଛି କରିବା ସକାଶେ ମନ ବଳାଇ କର୍ମମୁଖର ହୋଇପାରନ୍ତି। ପାଖ ପଡ଼ୋଶୀମାନଙ୍କୁ କାମରେ ଲଗାଇ କୌଶଳରେ କାର୍ଯ୍ୟ ହାସଲ କରିନେବେ।

**କର୍କଟ** – ପ୍ରତ୍ୟେକ କ୍ଷେତ୍ରରେ ନିଜକୁ ଆଡ୍‌ଜଷ୍ଟ କରି ଚଳିପାରିବା ହେତୁ କିଛି ଅସୁବିଧା ହେବନାହିଁ। କର୍ମକ୍ଷେତ୍ରରେ ଯେତେଟା ପରିସ୍ଥିତିକୁ ଜଟିଳ ମନେ କରୁଛନ୍ତି ବାସ୍ତବରେ ସେମିତି କିଛି ହେବନି। ପ୍ରତିଦ୍ୱନ୍ଦ୍ୱିତା ବଢ଼ି ଚାଲିବା କାରଣରୁ ବ୍ୟବସାୟ ଓ ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ।

**ସିଂହ** – ଏକ ଭିନ୍ନ ପରିସ୍ଥିତିରେ ନିକଟ ସମ୍ପର୍କୀୟମାନଙ୍କ ସାହାଯ୍ୟ ଲାଭ କରି ଅଟକି ରହିଥିବା କାମଟି ହଠାତ୍ ହୋଇଯିବ। ସ୍ତ୍ରୀଙ୍କ ସାହାଯ୍ୟରୁ ମନୋବଳ ବୃଦ୍ଧି ପାଇବ ଓ କାମଗଡ଼ିକ ସୁବିଧାରେ ସମ୍ପନ୍ନ ହେବାର ସମ୍ଭାବନା ରହିଛି। ଅର୍ଥ ଲାଭ ସାଙ୍ଗକୁ ଶାରୀରିକ ସୁସ୍ଥତା ଏବଂ କର୍ମକ୍ଷେତ୍ରରେ ବନ୍ଧୁଙ୍କ ପରାମର୍ଶ ଯୋଗୁ ମନ ଖୁସି ରହିବ।

**କନ୍ୟା** – ଦୀର୍ଘଦିନରୁ କର୍ମକ୍ଷେତ୍ରରେ ରହିଥିବା ସମସ୍ୟା ସମାଧାନ ହୋଇଯିବ ଓ ମାନସିକ ଦ୍ୱନ୍ଦ୍ୱର ଅବସାନ ଘଟିବ। ଉତ୍ତରାଫାଲଗୁନୀ ପରକଥାରେ ପଡ଼ି ଭୁଲ୍ ମାର୍ଗର ଅନୁସରଣ କରି ହଇରାଣ ହେବାକୁ ପଡ଼ିପାରେ। ଅପୂରଣୀୟ ଆଶା ମନକୁ ବାରମ୍ବାର ସାମୟିକ ଆଲୋଡ଼ନ କରିବା କାରଣରୁ ସାମୟିକ ଅଶାନ୍ତି ରହିପାରନ୍ତି।

**ତୁଳା** – ସହକର୍ମୀମାନଙ୍କ ସହଯୋଗ ପାଇବେ ନାହିଁ। ଅବଶ୍ୟ ପଦସ୍ଥ ବ୍ୟକ୍ତିବିଶେଷଙ୍କ ନିକଟରୁ ଆନୁଷ୍ଠାନିକ କାମରେ ପ୍ରେରଣା ମିଳିବ। ଶିଳ୍ପ,ବାଣିଜ୍ୟ, ରାଜନୀତି ଓ ପ୍ରଶାସନିକ ସ୍ତରରେ କିଛିଟା ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ। ସକାଳ ସମୟଟି ବହୁତ ଭଲ। ଆକସ୍ମିକଭାବରେ ଅର୍ଥଲାଭ ଓ ବନ୍ଧୁ ମିଳନ ଅବଶ୍ୟ ଘଟିବ।

**ବିଛା** – ପ୍ଲଟିଙ୍ଗ୍ କାରବାରରେ ଅଗ୍ରଗତି, ବିବାଦୀୟ ଘଟଣାରେ ବିଜୟଲାଭର ସୂଚନା ରହିଛି। ଜ୍ୟେଷ୍ଠା ନକ୍ଷତ୍ରର ଚେଷ୍ଟା କରୁଥିବା କାମଟି ନ ହେବା କାରଣରୁ ଅଥବା କିମ୍ବା ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିପାରେ। ଆର୍ଥିକ ସ୍ଥିତିରେ ଅଭାବ ବୋଧ ଜନିତ କେତେକ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି।

**ଧନୁ** – ଘର କଥା ଓ ପିଲାମାନଙ୍କ କିଛି ବ୍ୟତିକ୍ରମ ହେତୁ ମନଟା ଅସ୍ଥିର ରହିପାରେ। ବାଣିଜ୍ୟ ମାନ୍ଦା ହେବ ନାହିଁ। କର୍ମକ୍ଷେତ୍ରରେ ସହକର୍ମୀଙ୍କଠାରୁ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ଭ୍ରାତୃ ସମ୍ପର୍କରେ ଉନ୍ନତି ପରିଲକ୍ଷିତ ହେବା ସହ ଆବଶ୍ୟକ ସହଯୋଗ ପାଇପାରିବେ।

**ମକର** – ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ ଓ ଯେଉଁ କାମରେ ବାହାରିଛନ୍ତି ସେଥିରେ ନିଶ୍ଚିତ କୃତକାର୍ଯ୍ୟ ହେବେ। ଆଜି ମାଲିମକଦ୍ଦମା, ବ୍ୟବସାୟ,ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। କୌଣସି ଗୁରୁତ୍ୱପୂର୍ଣ୍ଣ ବିଷୟାଲୋଚନା ପରିପ୍ରେକ୍ଷୀରେ ନିକଟ ସମ୍ପର୍କୀୟମାନେ ଆପଣଙ୍କ ପରାମର୍ଶ ଲୋଡ଼ିପାରନ୍ତି।

**କୁମ୍ଭ** – ଜଣେ ବନ୍ଧୁଙ୍କୁ ଅନୁରୋଧ କରି ସମସ୍ୟା ସମାଧାନ କରିବା ସକାଶେ ଚେଷ୍ଟା କରିପାରନ୍ତି। ଗୃହସୀମା ଜନିତ ବିବାଦ, କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ସୌଭାଗ୍ୟକ୍ରମେ ଆର୍ଥିକ ଉନ୍ନତି ଘଟିବ, କିଛି ବ୍ୟାଙ୍କ ଜମା ମଧ୍ୟ କରି ପାରିବେ। ନୂତନ ଚୁକ୍ତିପତ୍ର ବନ୍ଧୁଙ୍କ ଜରିଆରେ ସ୍ୱାକ୍ଷରିତ ହୋଇପାରେ।

**ମୀନ** – ପରିବାରର ଖର୍ଚ୍ଚ ପରିମାଣ ବୃଦ୍ଧିହେତୁ ମନରେ ସରସତା ରହିବ ନାହିଁ। ଖାଦ୍ୟପେୟର ବିଷମତା ଜନିତ ହଠାତ୍ ଅଜୀର୍ଣ୍ଣ ଓ ଆମାଶୟ ଦେଖା ଦେଇପାରେ। ଚଳଚ୍ଚିତ୍ର କ୍ଷେତ୍ରରେ ଆଶାତୀତ ସଫଳତା ହାସଲ କରିବେ। କାର୍ଯ୍ୟରେ ସହଭାଗିତା କାରଣରୁ ନିକଟ ସମ୍ପର୍କୀୟମାନଙ୍କ ଦ୍ୱାରା ଆଦରଣୀୟ ହେବେ।

ଆଜି ଦେବସ୍ନାନ ପୂର୍ଣ୍ଣିମା, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ସ୍ନାନଯାତ୍ରା ଓ ଗଜାନନ ବେଶ, ଅଣସର ଆରମ୍ଭ, ଅଦ୍ୟ ପୂର୍ଣ୍ଣିମା ବିହିତ ଚନ୍ଦ୍ରୋପବାସ, ଜୁନ୍ ୫ ତାରିଖ, ଶୁକ୍ରବାର, ସନ୍ଥ କବୀର ଜୟନ୍ତୀ, ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ଶ୍ରାଦ୍ଧ ଦିବସ, ରାଶି ନକ୍ଷତ୍ର-ଅନୁରାଧା/ବିଛା, ପୂର୍ଣ୍ଣିମାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୧୨.୧୧ମି. ଗତେ ଘ.୦୨.୪୯ମି. ମଧ୍ୟେ, ସନ୍ଧ୍ୟା ଘ.୦୬.୧୯ମି. ଗତେ ଘ.୦୮.୨୯ମି. ମଧ୍ୟେ, ରାତ୍ରି ଘ.୧୨.୫୦ମି. ଗତେ ଘ.୦୩.୦୦ମି. ମଧ୍ୟେ, ଘ.୦୩.୪୩ମି. ଗତେ ଘ.୦୫.୧୦ମି. ମଧ୍ୟେ ଅମୃତବେଳା। ସକାଳ ଘ.୦୬.୦୩ମି. ଗତେ ଘ.୦୬.୫୫ମି. ମଧ୍ୟେ, ଘ.୦୯.୩୩ମି. ଗତେ ଘ.୧୦.୨୬ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ.୧୦.୦୬ ମି. ଗତେ ଘ.୧୧.୪୫ମି. ମଧ୍ୟେ ରାହୁକାଳ।


## classifieds Everyday
0674-2580101, 2549302




**SALE**

Bullet old model, Swift Car Petrol, good running condition, 9861112208. D-69410




**SALE**

3BHK Duplex 36,00,000/-, 2BHK SIMPLEX 28,00,000/, finishing Hanspal, 8093465134, 9668194157. D-68687

ଭୁବନେଶ୍ୱର ଗଙ୍ଗପଡ଼ାଛକରୁ 800mtr ଦୂରତାରେ Gitam Collage front ରେ sqft. 549/-, ପ୍ଲଟ୍ ମିଳୁଅଛି। 9938655900. D-69118

Gharabari sthitiban plot available at Hanspal (Balianta), call 9937568585, 9937816565. D-69279




Ayurvedic full body massage Ladies and Gents. Contact: 9861064981. D-69507

Full body massage with Gents and Ladies, Aaiginia Square. 9777167531. D-59950

New open herbal full body massage only Gents therapist. 7681088658. D-17370

Relaxing body massage by trained Ladies/ Gents therapist, 7008773793. D-60882

Newly open full body massage by Ladies/ Gents therapist, 8018656899. D-60881

Newly open SPA centre full body massage smart Ladies: 8260347387. D-59949

Rejuvenate and Ayurvedic full body massage by smart therapist. 9114402304. D-69275

Get refreshment, body massage by expert therapist @ 999 Pokhariput, Bhubaneswar. 9556978408. D-69273

Herbal full body massage by smart / expert therapist. Contact: 8338067247. D-69274

Monalisa massage club : All types body massage with hiprofile smart lady rooms service available 9708545108. D-17423

Newly open full body massage SPA in Bhubaneswar. Contact: 7205058838. D-69277

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ସ୍ନାନଯାତ୍ରା ମାମଲା: ହସ୍ତକ୍ଷେପ ପାଇଁ ମନା କଲେ ହାଇକୋର୍ଟ**

**କଟକ ଅଫିସ:** ପୁରୀ ସ୍ନାନଯାତ୍ରା ମାମଲାରେ ହସ୍ତକ୍ଷେପ କରିବାକୁ ମନା କରିଦେଇଛନ୍ତି ହାଇକୋର୍ଟ। ଏଥିରେ ଆଡଭୋକେଟ୍ ଜେନେରାଲ ଅଶୋକ ପରିଜା ଜବାବ ରଖିଥିଲେ ଯେ, ଯଦି ଅନୁମତି ଦିଆଯାଏ ତେବେ ପ୍ରାୟ ୫ ଲକ୍ଷ ଭକ୍ତଙ୍କ ସମାଗମ ହେବ। ଫଳରେ କରୋନା କଟକଣା ଉଲ୍ଲଂଘନ ହେବ। ସଂକ୍ରମଣ ବ୍ୟାପିବାର ମଧ୍ୟ ଆଶଙ୍କା ରହିଛି। ଟେଲିଭିଜନରେ ସ୍ନାନଯାତ୍ରାର ସିଧା ପ୍ରସାରଣ କରାଯିବ। ଭକ୍ତମାନେ ଘରେ ରହି ସ୍ନାନଯାତ୍ରା ଦେଖିପାରିବେ। ସାମାଜିକ କର୍ମୀ ଜୟନ୍ତ କୁମାର ବଳ ଏହି ମାମଲା ରୁଜୁ କରିଥିଲେ। ମୁଖ୍ୟ ବିଚାରପତି ମହମ୍ମଦ ରଫିକ୍ ଏବଂ ବିଚାରପତି ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିଥିଲେ।

## ସଂକ୍ଷେପରେ

### ସିଡିଏମ୍ଓଙ୍କ କାର୍ଯ୍ୟାଳୟର ଜଣେ କର୍ମଚାରୀ ପଜିଟିଭ୍

**ଖୋର୍ଦ୍ଧା ଅଫିସ,୪।୬:** ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟରେ ଜଣେ କର୍ମଚାରୀ ଗୁରୁବାର କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଫଳରେ ସମସ୍ତ କର୍ମଚାରୀଙ୍କୁ ହୋମ୍ କ୍ୱାରାଣ୍ଟାଇନରେ ରହିବାକୁ କୁହାଯାଇଛି। ସମ୍ପୃକ୍ତ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ବାସଭବନ ଅଞ୍ଚଳର ଚତୁଃପାର୍ଶ୍ୱକୁ ନିଷିଦ୍ଧାଞ୍ଚଳ ଘୋଷଣା କରାଯାଇଛି ବୋଲି ଜିଲାପାଳ ଶୀତାଂଶୁ କୁମାର ରାଉତ କହିଛନ୍ତି। ସମସ୍ତ କର୍ମଚାରୀଙ୍କ ସ୍ୱାବ୍ ସଂଗ୍ରହ ସହ କାର୍ଯ୍ୟାଳୟକୁ ସମ୍ପୂର୍ଣ୍ଣ ସାନିଟାଇଜ୍ କରାଯିବ। ସମ୍ପୃକ୍ତ ଆକ୍ରାନ୍ତ ବ୍ୟକ୍ତି ଏକାଧିକ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସିଥିବା ଜଣାପଡିଛି। ଫଳରେ କାର୍ଯ୍ୟାଳୟରେ କାର୍ଯ୍ୟରତ ଅନ୍ୟ କର୍ମଚାରୀଙ୍କ ମଧ୍ୟରେ ଭୟର ବାତାବରଣ ଖେଳିଯାଇଛି। ସୂଚନାଥାଉ କି, ଖୋର୍ଦ୍ଧା ଉପଖଣ୍ଡରେ ଗୁରୁବାର ୨୭ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସମସ୍ତ ଆକ୍ରାନ୍ତଙ୍କୁ ଭୁବନେଶ୍ୱର କୋଭିଡ୍ ହସ୍ପିଟାଲକୁ ପଠାଇ ଦିଆଯାଇଛି।

### ପରୀକ୍ଷାକୁ ବିରୋଧ କରି ରାସ୍ତାକୁ ଓହ୍ଲାଇଲେ ଛାତ୍ରୀ

**ଭୁବନେଶ୍ୱର,୪।୬(ବ୍ୟୁରୋ):** ପରୀକ୍ଷାକୁ ବିରୋଧକରି ରାସ୍ତାକୁ ଓହ୍ଲାଇଛନ୍ତି ରମାଦେବୀ ସ୍ୱୟଂଶାସିତ ବିଶ୍ୱବିଦ୍ୟାଳୟର ଛାତ୍ରୀ। କରୋନା ଲାଗି ବର୍ତ୍ତମାନ ସମୟରେ ପରୀକ୍ଷା ନ କରିବାକୁ ଏହି ଛାତ୍ରୀମାନେ ଦାବି କରିଛନ୍ତି। ୟୁଜି ଏବଂ ପିଜି ପରୀକ୍ଷା ନେଇ ନୋଟିସ୍ ବାହାରିବା ପରେ ଛାତ୍ରୀମାନେ ବିରୋଧ ପ୍ରଦର୍ଶନ କରିଥିଲେ। ପରୀକ୍ଷା ଘୁଞ୍ଚାଇବା ସହ ଅନଲାଇନରେ ପରୀକ୍ଷା କରିବାକୁ କୁଳପତିଙ୍କ ସହ ଛାତ୍ରୀମାନେ ଆଲୋଚନା କରିଥିଲେ। କିନ୍ତୁ ଆଲୋଚନା ବିଫଳ ହେବାରୁ ପୁଣିଥରେ କ୍ୟାମ୍ପସ୍ ଏବଂ କ୍ୟାମ୍ପସ୍ ବାହାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଛାତ୍ରୀମାନେ ବିଶ୍ୱବିଦ୍ୟାଳୟ ଫାଟକରେ ତାଲା ପକାଇ ଦେଇଥିଲେ।

# କଡ଼ାକଡ଼ି ପାଳନ ହେବ ୧୪୪ ଧାରା

## ସୁରକ୍ଷା ବ୍ୟବସ୍ଥା ଅନୁଧ୍ୟାନ କଲେ ଡିଆଇଜି

**ପୁରୀ ଅଫିସ, ୪।୬**

ଶୁକ୍ରବାର ଦେବସ୍ନାନ ପୂର୍ଣ୍ଣିମା। କରୋନା ପାଇଁ ଯଦିଓ ଏଥର ବିନା ଭକ୍ତରେ ସ୍ନାନଯାତ୍ରା ହେଉଛି ତଥାପି ପୋଲିସ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା ଲାଗି ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଛି। ଗୁରୁବାର ଡିଆଇଜି ଆଶିଷ ସିଂ ପୁରୀ ଆସି ସୁରକ୍ଷା ବ୍ୟବସ୍ଥାର ତଦାରଖ କରିବା ସହିତ ବିଭିନ୍ନ ସ୍ଥାନ ବୁଲି ସ୍ଥିତି ଅନୁଧ୍ୟାନ କରିଛନ୍ତି। ପୋଲିସ ରିଜର୍ଭ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଡିଆଇଜି ସିଂ କହିଛନ୍ତି, ମନ୍ଦିର ପ୍ରଶାସନର ନିଷ୍ପତ୍ତି ଅନୁଯାୟୀ ପୋଲିସ ଆରେଞ୍ଜମେଣ୍ଟ ହୋଇଛି। ସ୍ନାନଯାତ୍ରା ପାଇଁ ୩୮ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି। ୧୫୦ ଅଫିସର ମଧ୍ୟ ନିୟୋଜିତ ଅଛନ୍ତି। ସମସ୍ତଙ୍କୁ ଡ୍ୟୁଟି ବେଳେ ସାମାଜିକ ଦୂରତ୍ୱ ରକ୍ଷା ଲାଗି କୁହାଯାଇଛି। ଯେହେତୁ ଏଥର ଭକ୍ତଙ୍କୁ ବାରଣ କରାଯାଇଛି ତେଣୁ ମନ୍ଦିର ଭିତରେ ବିଶେଷ ଆରେଞ୍ଜମେଣ୍ଟ କରାଯାଇ ନାହିଁ। ସାଧାରଣ ଦିନ ଭଳି ପୋଲିସ ବ୍ୟବସ୍ଥା ରହିବ। ନିରବଚ୍ଛିନ୍ନ ଭାବେ ୨୪ ଘଣ୍ଟିଆ ଡ୍ୟୁଟି ଥିବାରୁ ଫୋର୍ସମାନେ ୪ ସିଫ୍ଟରେ ମୁତୟନ ହେବେ। ଶ୍ରୀମନ୍ଦିର ପାର୍ଶ୍ୱବର୍ତ୍ତୀ ଓ ଆଖପାଖ ଅଞ୍ଚଳରେ ପ୍ରଶାସନ ପକ୍ଷରୁ ୧୪୪ ଧାରା ଜାରି ହୋଇଥିବାରୁ କେତେକ ସ୍ଥାନରେ ବ୍ୟାରିକେଡ କରାଯାଇଛି। ବ୍ୟାରିକେଡ ପାଖରେ ପୋଲିସମାନେ ମୁତୟନ ରହିବେ। ୧୪୪ ଧାରାକୁ କଡ଼ାକଡ଼ି ପାଳନ କରାଯିବ। କୌଣସି ଜାଗାରେ ଲୋକେ ଏକତ୍ରିତ ନ ହୁଅନ୍ତୁ ଏଥିପାଇଁ ବିଭିନ୍ନ ସ୍ଥାନରେ ସିସିଟିଭି ଲଗାଯାଇଛି। ବ୍ୟାରିକେଡିଂ ଅଞ୍ଚଳରେ ୨୦ଟି କ୍ୟାମେରାରେ ଭିଡିଓଗ୍ରାଫି ମଧ୍ୟ କରାଯିବ ବୋଲି ଡିଆଇଜି ସୂଚନା ଦେଇଛନ୍ତି।



ଡିଆଇଜି, ଏସ୍‌ପି ଏବଂ ଅନ୍ୟ ଅଧିକାରୀମାନେ ସୁରକ୍ଷା ବ୍ୟବସ୍ଥା ଅନୁଧ୍ୟାନ କରୁଛନ୍ତି।

## ରଥଖଳାରୁ... ପ୍ରଥମ ଭୂଇଁ କାମ ଚାଲିଛି



ରଥଖଳାରେ ପ୍ରଥମ ଭୂଇଁ ପଡ଼ିଲା।

**ପୁରୀ ଅଫିସ,୪।୬**

ରଥଯାତ୍ରା ପାଇଁ ରଥଖଳାରେ ଚାଲିଛି ତିନିରଥ ନିର୍ମାଣ। ଗୁରୁବାର ତିନିରଥର ପ୍ରଥମ ଭୂଇଁ ଫିଟିଂ କାମ ଚାଲିଛି। ତିନିରଥର ୧୪ ନାହାକା କାର୍ଯ୍ୟ ଶେଷ ହୋଇଛି। ଢମକ ଚଉପଟ କାମ ମଧ୍ୟ ସରିଛି। ଚାର ପରିଛା କାମ ଶେଷ ପରେ ରୂପକାର ସେବକମାନେ ସେଥିରେ ଡାଳି ଲତା ଅଙ୍କନ ପୂର୍ବକ ଖୋଦେଇ କାମ କରୁଛନ୍ତି। ଦୋଳବେଦି ପରିସର ଅସ୍ଥାୟୀ ଶାଳରେ ଓଝା ସେବକମାନେ ଯୋଖା କଣ୍ଟା ନିର୍ମାଣ ସାରି ରଥ ମହାରଣାଙ୍କୁ ଯୋଗାଇ ଦେଇଛନ୍ତି। ତାଗ କଣ୍ଟା ଏବଂ ଢମକ କଣ୍ଟା ତିଆରି ଚାଲିଛି।

## ପୁରୀରେ ପହଞ୍ଚିଲା ରଥ ଦଉଡ଼ି

**ପୁରୀ ଅଫିସ,୪।୬**

ରଥଯାତ୍ରା ପାଇଁ ଗୁରୁବାର ପୁରୀରେ ପହଞ୍ଚିଛି ରଥ ଦଉଡ଼ି। ଓଡ଼ିଶା ସମବାୟ କତା ନିଗମରୁ ୨୦ଟି ଦଉଡ଼ି ଏକ ଗାଡ଼ିରେ ଆସିଛି। ଏହାକୁ ଶ୍ରୀମନ୍ଦିର ତତ୍ତ୍ୱାବଧାରକ ସୁଦର୍ଶନ ମେକାପଙ୍କ ଦାୟିତ୍ୱରେ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ରଖାଯାଇଛି। ମେକାପ କହିଛନ୍ତି, ଏଥିରେ ୧୪ଟି ରଥଟଣା ଦଉଡ଼ି, ୬ଟି କର୍ତନ ଦଉଡ଼ି ରହିଛି। ଗୋଟିଏ ଟଣା ଦଉଡ଼ିର ଲମ୍ବ ପ୍ରାୟ ୨୨୦ ଫୁଟ ଓ ମୋଟେଇ ୮ ଇଞ୍ଚ, ଘେର ଦଉଡ଼ି ୪୫୦ ଫୁଟ ଲମ୍ବ ଏବଂ ମୋଟେଇ ୪ଇଞ୍ଚ (୩ଟିର) ଓ ୩ଇଞ୍ଚ ରହିଛି। ୬ଲକ୍ଷ ୭୦ ହଜାର ୮୪୮ ଟଙ୍କାରେ ଏହି ରଥ ଦଉଡ଼ି ଅଣାଯାଇଛି।

# ବାଲିଅନ୍ତା ତହସିଲଦାର, ଡାଟା ଏଣ୍ଟ୍ରି ଅପରେଟର ଗିରଫ

**ଭୁବନେଶ୍ୱର,(ବ୍ୟୁରୋ)/ ବାଲକାଟୀ, ୪।୬ (ଡି.ଏନ୍.ଏ.)**




ରଶ୍ମିରେଖା ପ୍ରଧାନ ଓ ଧନେଶ୍ୱର ସାହୁ

- ଜମିର କିସମ ବଦଳାଇବା ପାଇଁ ନେଉଥିଲେ ଲାଞ୍ଚ
- ଡାଟା ଏଣ୍ଟ୍ରି ଅପରେଟରଙ୍କ ପକେଟରୁ ମିଳିଲା ୧ଲକ୍ଷ ୨୦ ହଜାର
- ଉଭୟ ଅଭିଯୁକ୍ତଙ୍କ ଘର, ଅଫିସ୍‌ରେ ଭିଜିଲାନ୍ସ ଟିମ୍‌ର ଯାଞ୍ଚ

ଲାଞ୍ଚ ଅଭିଯୋଗରେ ଗିରଫ ହୋଇଛନ୍ତି ବାଲିଅନ୍ତା ତହସିଲଦାର ରଶ୍ମିରେଖା ପ୍ରଧାନ ଓ ଡାଟା ଏଣ୍ଟ୍ରି ଅପରେଟର ଧନେଶ୍ୱର ସାହୁ। ଗୁରୁବାର ଡାଟା ଏଣ୍ଟ୍ରି ଅପରେଟର ସାହୁଙ୍କ ପକେଟରୁ ଭିଜିଲାନ୍ସ ଟିମ୍ କେମିକାଲ ବୋଳା ୧ଲକ୍ଷ ୨୦ହଜାର ଲାଞ୍ଚ ଟଙ୍କାକୁ ଜବତ କରିଛି। ଜମିର କିସମ ପରିବର୍ତ୍ତନ ପାଇଁ ଏହି ଲାଞ୍ଚ ନିଆଯାଉଥିଲା ବୋଲି ଭିଜିଲାନ୍ସ ଜାଣିବାକୁ ପାଇଛି। ଏନେଇ ଭୁବନେଶ୍ୱର ଭିଜିଲାନ୍ସ ପକ୍ଷରୁ କେସ୍ ନଂ.୧୪/୨୦ ରୁଜୁ କରାଯିବା ସହ ଉଭୟଙ୍କ ଅଫିସ୍ ଓ ଘରେ ଚଢ଼ାଉ କରାଯାଇଛି।

ଭିଜିଲାନ୍ସର ସୂଚନାନୁସାରେ, ଭୁବନେଶ୍ୱର ଶାସ୍ତ୍ରୀନଗରରେ ରହୁଥିବା କୈଳାସ ରଥଏକ ଜମିର କିସମ ବଦଳାଇବା ପାଇଁ ବାଲିଅନ୍ତା ତହସିଲ୍‌ରେ ଓଆର୍ଏଲ କେସ୍ ନଂ-୨୦୩/୨୦୨୦ରେ ଆବେଦନ କରିଥିଲେ। ଫଇସଲା ପାଇଁ ଡାଟା ଏଣ୍ଟ୍ରି ଅପରେଟର ଧନେଶ୍ୱର ତାଙ୍କୁ ଦେଢ଼ଲକ୍ଷ ଟଙ୍କା ମାଗିଥିଲେ। ଶେଷରେ ୧ଲକ୍ଷ ୨୦ ହଜାର ଟଙ୍କାରେ କଥା ଛିଣ୍ଡିଥିଲା। ଏନେଇ କୈଳାସ ଭୁବନେଶ୍ୱର ଭିଜିଲାନ୍ସରେ ଜଣାଇଥିଲେ। ଯୋଜନା ଅନୁଯାୟୀ ଗୁରୁବାର ତହସିଲ କାର୍ଯ୍ୟାଳୟଠାରୁ କିଛି ଦୂର ପୁରୀ ମୁଖ୍ୟ କେନାଲ ବ୍ରିଜ୍ ନିକଟରେ କୈଳାସଙ୍କଠାରୁ ଧନେଶ୍ୱର ଉକ୍ତ ଲାଞ୍ଚ ଟଙ୍କା ଗ୍ରହଣ କରୁଥିବାବେଳେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ଧରିଥିଲେ। ଏହି ଘଟଣାରେ ତହସିଲଦାର ରଶ୍ମିରେଖାଙ୍କ ସମ୍ପୃକ୍ତି ରହିଥିବା ଭିଜିଲାନ୍ସ ଅଧିକାରୀମାନେ ପ୍ରମାଣ ପାଇବା ପରେ ତହସିଲ ନିକଟ ଏକ ଆପାର୍ଟମେଣ୍ଟସ୍ଥିତ ଭଡ଼ାଘରୁ ତାଙ୍କୁ ନିଜ ହେପାଜତକୁ ନେଇଥିଲେ। ପରେ ଉଭୟଙ୍କୁ ଭୁବନେଶ୍ୱରସ୍ଥିତ ଭିଜିଲାନ୍ସ କାର୍ଯ୍ୟାଳୟକୁ ନିଆଯାଇ ପଚରାଉଚୁରା କରାଯାଇଥିଲା। ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ଦୁଇଟି ଭିଜିଲାନ୍ସ ଟିମ୍ ତହସିଲ କାର୍ଯ୍ୟାଳୟ, ଉଭୟଙ୍କ ଘର ସମେତ ଅନ୍ୟ କେତେକ ସ୍ଥାନରେ ଯାଞ୍ଚ ଜାରି ରଖିଥିଲା।

ଅନ୍ୟପକ୍ଷରେ ଲାଞ୍ଚ ଘଟଣାକୁ ନେଇ ତହସିଲଦାର ରଶ୍ମିରେଖା କହିଛନ୍ତି, ଲାଞ୍ଚ ଦେଇଥିବା ଓ ଅଭିଯୋଗ କରିଥିବା ଲୋକ କିଏ ମୁଁ ଚିହ୍ନିନାହିଁ। କିଏ ଜାଣିଶୁଣି ତାଙ୍କୁ ଫସାଇବା ପାଇଁ ଏଭଳି କରିଛି। ଡାଟା ଏଣ୍ଟ୍ରି ଅପରେଟର ଧନେଶ୍ୱର କୁହନ୍ତି, ଜମିର କିସମ ପରିବର୍ତ୍ତନ ପାଇଁ କୈଳାସ ୧ଲକ୍ଷ ୨୭ହଜାର ଟଙ୍କା ଜମା କରିବାର ଥିଲା। ସେ ଖର୍ଚ୍ଚ କରିଦେଉଥିବାରୁ ତାଙ୍କୁ ଉକ୍ତ ଟଙ୍କା ରଖିବାକୁ ଦେଇଥିଲେ।

# ଜଳ ନିଷ୍କାସନ, ଦୁର୍ବଳ ନଦୀବନ୍ଧ ମରାମତିକୁ ଗୁରୁତ୍ୱ

## ଜିଲା ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ

**ଖୋର୍ଦ୍ଧା ଅଫିସ,୪।୬:** ଖୋର୍ଦ୍ଧା ଜିଲାପାଳଙ୍କ ସଦ୍‌ଭାବନା କାର୍ଯ୍ୟାଳୟରେ ଗୁରୁବାର ଜିଲା ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ସମ୍ଭାବ୍ୟ ବନ୍ୟା, ବାତ୍ୟାକୁ ଦୃଷ୍ଟିରେ ରଖି ବିପର୍ଯ୍ୟୟ ମୁକାବିଲା, ବନ୍ୟାଜଳ ନିଷ୍କାସନ, ନଦୀବନ୍ଧ ମରାମତି, ବାତ୍ୟାର ପ୍ରତିକାର ନିମନ୍ତେ ଯୋଜନାର କାର୍ଯ୍ୟକାରିତା ଉପରେ ଆଲୋଚନା କରାଯାଇଥିଲା। ଜିଲାପାଳ ଶୀତାଂଶୁ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଭୁବନେଶ୍ୱର ଏକାମ୍ର ବିଧାୟକ ତଥା ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ଚିଲିକା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ଖୋର୍ଦ୍ଧା ବିଧାୟକ ଜିତେନ୍ଦ୍ରନାଥ ମିତ୍ର, ଜୟଦେବ ବିଧାୟକ ଅରବିନ୍ଦ ଢାଲି, ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, ଉତ୍ତର ଭୁବନେଶ୍ୱର ବିଧାୟକ ସୁଶାନ୍ତ କୁମାର ରାଉତ ଏବଂ ଜିଲାର ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

ସମ୍ଭାବ୍ୟ ବନ୍ୟା, ବାତ୍ୟା ମୁକାବିଲା ଲାଗି ଜିଲା ପ୍ରଶାସନ ପ୍ରସ୍ତୁତ ରହିଛି। ଜୁନ ମାସ ପ୍ରଥମ ଦିବସଠାରୁ ନଭେମ୍ବର ମାସ ଶେଷ ପର୍ଯ୍ୟନ୍ତ ଜିଲାରେ ୨୪ଘଣ୍ଟିଆ ନିୟନ୍ତ୍ରଣ କକ୍ଷ କାର୍ଯ୍ୟ କରିବ। ଏତଦ୍ ବ୍ୟତୀତ ଜିଲା ନିୟନ୍ତ୍ରଣ କକ୍ଷ ଫୋନ ନଂ.(୦୬୭୫୫-୨୨୦୦୦୨/୨୨୧୦୦୩) ଏବଂ ଜିଲା ଜରୁରିକାଳୀନ ଉପବିଭାଗ ଟୋଲ ଫି ନମ୍ବର(୧୦୭୭)କୁ ମଧ୍ୟ ଜରୁରିକାଳୀନ ବାର୍ତ୍ତା ପ୍ରଦାନ ଲାଗି ବ୍ୟବହାର କରାଯିବ। ଭୁବନେଶ୍ୱର ଉପଜିଲାପାଳଙ୍କ କାର୍ଯ୍ୟାଳୟ ନଂ.(୦୬୭୪) ୨୪୩୨୩୦୧, ଖୋର୍ଦ୍ଧା ଉପଜିଲାପାଳଙ୍କ କାର୍ଯ୍ୟାଳୟ ନଂ. (୦୬୭୫୫) ୨୨୦୭୨୯, ପ୍ରାଚୀ ଜଳସେଚନ ନିର୍ବାହୀ ଯନ୍ତ୍ରୀଙ୍କ ଫୋନ ନଂ.(୦୬୭୪) ୨୫୬୨୪୨୭, ନିମାପଡା ଜଳସେଚନ ବିଭାଗ ଫୋନ ନଂ. (୦୬୭୫୮) ୨୫୦୨୪୦ କାର୍ଯ୍ୟ କରିବ। ଏଥିସହିତ ସମସ୍ତ ବ୍ଲକ ଓ ତହସିଲ ଅଧୀନରେ ଆଗାମୀ ବର୍ଷା ଋତୁରେ ୨୪ଘଣ୍ଟିଆ ନିୟନ୍ତ୍ରଣ କକ୍ଷ କାର୍ଯ୍ୟ କରିବ ବୋଲି କୁହାଯାଇଛି।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଭରସା ଆମର ସଫଳତା ଆପଣଙ୍କର
(ଲକ୍ଷ ଲକ୍ଷ ଲୋକଙ୍କ ଭରସା)
ଏକ୍ସା ଫାଇନାନ୍ସ
ଇ-ମେଲ୍ ଆଇଡି: axafinance051@gmail.com
କାମ ଆମର, ବିଶ୍ୱାସ ଆପଣଙ୍କର
ଜନଧନ ମୁଦ୍ରା ଯୋଜନା ଦ୍ୱାରା
ସବୁ ଋଣ
ଋଣ ପାଆନ୍ତୁ, ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ
• ପ୍ରପର୍ଟି ଋଣ • ବ୍ୟବସାୟ ଋଣ • ମାର୍କଶିଟ୍ ଋଣ
• ଆଧାର କାର୍ଡ ଋଣ • ପର୍ସନାଲ ଋଣ • ବିପିଏଲ୍ ଋଣ
1% ସୁଧ | 50% ଛାଡ଼
ମହିଳା/ସୈନିକ/ଚାଷୀ/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
8766320840
7982465910

NATIONAL Finance
ମାର୍କସିଟ | ବ୍ୟବସାୟ
ବ୍ୟକ୍ତିଗତ | ଆଧାରକାର୍ଡ
ସମ୍ପତି ଋଣ | ରାସନ୍‌କାର୍ଡ
ଆଦି ସମସ୍ତ ଲୋନ ଘରେବସି ପାଆନ୍ତୁ
2% ସୁଧ 50% ଛାଡ
(ମହିଳା ମାନଙ୍କ ପାଇଁ ବିଶେଷ ଛାଡ)
Lane No - 5, MG Road, Bangalore
7839626709

ନିଜ ଜମିକୁ ରୋଜଗାରର ମାଧ୍ୟମ ବନାନ୍ତୁ
Shinghania Tower
ଭାରତ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ
ନିଜ ଖାଲି ଜମି, ଛାତ, ଖେତ ପ୍ଲଟ୍, ଦୋକାନ, ଘର, ଭଡ଼ାରେ ଦେଇ ମଲ୍ଟିମିଡିଆ ଡିଜିଟାଲ ଟାୱାର ଲଗାନ୍ତୁ
ଆଡଭାନ୍ସ: 60 ଲକ୍ଷ | + ମାସିକ ୨୦ ହଜାରର
ଭଡ଼ା: 45 ହଜାର | ଅନ୍ୟାନ୍ୟ ସୁବିଧା
କମ୍ପାନୀ ତରଫରୁ ମାଗଣା ମୋବାଇଲ + ବୋଲେରୋ
(କାମ ଆମର, ବିଶ୍ୱାସ ଆପଣଙ୍କର)
088871-84570

ଋଣ ଋଣ ଋଣ
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
DHANLAXMI BANK LTD. REG. NO. U6519TN198PLC00855
ଆଧାରକାର୍ଡ, ଏଗ୍ରିକଲ୍‌ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି ଋଣ ମାତ୍ର 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
73765-91521
73106-44620
B-34/7 A Block Vijay Enclave, Bururi, New Delhi

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ପାର୍କରେ ଟିକ୍‌ଟକ୍ କରି ଜରିମାନା ଦେଲେ

**ଭୁବନେଶ୍ୱର,୪।୬ (ବ୍ୟୁରୋ):** ଇନ୍ଦିରା ଗାନ୍ଧୀ ପାର୍କରେ ୬ଜଣ ଯୁବତୀ ଯୁବକ ଗୁରୁବାର ସକାଳ ୭ଟାରେ ମ୍ୟୁଜିକ୍ ଲଗାଇ ଟିକ୍‌ଟକ୍ କରୁଥିଲେ। ସାମାଜିକ ଦୂରତ୍ୱ ନ ମାନି ବିନା ମାସ୍କରେ ହାତ ଧରାଧରି ହୋଇ ଶୁଟିଂରେ ମାତିଥିଲେ। ଲୋକଙ୍କ ବାରଣକୁ ଖାତିର କରି ନ ଥିଲେ। କ୍ୟାପିଟାଲ ଥାନା ଅଧିକାରୀ ଗିରିଜା ଶଙ୍କର ଚକ୍ରବର୍ତ୍ତୀ ପହଞ୍ଚି ସେମାନଙ୍କୁ ଥାନାକୁ ନେଇ ଅଟକ ରଖିବା ପରେ ଜରିମାନା ଆଦାୟ କରି ତାଗିଦ କରି ଛାଡିଦେଇଥିଲେ।

## ଏମ୍‌ପି ଅପରାଜିତା ଷଡ଼ଙ୍ଗୀଙ୍କ ସମେତ ୨୧ଜଣ ଗଣିଲେ ଜରିମାନା

### କଟକଣା ଉଲ୍ଲଂଘନ

**ଭୁବନେଶ୍ୱର,୪।୬ (ବ୍ୟୁରୋ):** କରୋନା କଟକଣାକୁ ଉଲ୍ଲଂଘନ କରି ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଓ ଦଳୀୟ କର୍ମୀ ଜରିମାନା ଗଣିଛନ୍ତି। ଦଳୀୟ ସାଂଗଠନିକ କାର୍ଯ୍ୟ ପାଇଁ ଭାଜପା ନେତା ଜଗନ୍ନାଥ ପ୍ରଧାନଙ୍କ ଘରେ ସମସ୍ତେ ଏକାଠି ହୋଇଥିଲେ। ସାମାଜିକ ଦୂରତ୍ୱ ନ ମାନି ଓ ମାସ୍କ ନ ପିନ୍ଧି କର୍ମୀଙ୍କ ଗ୍ରହଣରେ ଏମ୍‌ପି ଫଟୋ ଉଠାଇ ସୋସିଆଲ ମିଡ଼ିଆରେ ଛାଡ଼ିଥିଲେ। ଏହି ଫଟୋ ଦେଖିବା ପରେ କମିଶନରେଟ ପୋଲିସ ଏମ୍‌ପି ଅପରାଜିତାଙ୍କଠାରୁ ୧୦୦ ଟଙ୍କା ଜରିମାନା କରିଥିବା ଭୁବନେଶ୍ୱର ଡିସିପି ଟ୍ୱିଟ୍ କରି ଜଣାଇଛନ୍ତି। ସେହିପରି ସେଠାରେ ଥିବା ୨୧ଜଣ ଭାଜପା କର୍ମୀଙ୍କୁ ଚିହ୍ନଟ କରାଯାଇ ଜରିମାନା କରାଯାଇଥିବା ଡିସିପି ଉଲ୍ଲେଖ କରିଛନ୍ତି। ଏପରିକି ସମସ୍ତେ ସାମାଜିକ ଦୂରତ୍ୱ ମାନିବା ସହ ମାସ୍କ ପିନ୍ଧିବାକୁ ଡିସିପି ଅନ୍ୟ ଦଳୀୟ କର୍ମୀମାନଙ୍କୁ ମଧ୍ୟ ଅନୁରୋଧ କରିଛନ୍ତି। ଏପରି ଭୁଲ୍ ପାଇଁ ଏମ୍‌ପି ଷଡ଼ଙ୍ଗୀ ମଧ୍ୟ ଦୁଃଖ ପ୍ରକାଶ କରିବା ସହ ଜରିମାନା ଦେଇଥିବା ଟ୍ୱିଟ୍ କରି ଜଣାଇଛନ୍ତି। ଅନ୍ୟପଟରେ ଏହି ଘଟଣାକୁ ନେଇ ଏମ୍‌ପିଙ୍କ ନାମରେ କ୍ୟାପିଟାଲ ଥାନାରେ ଏକାଧିକ ସଂଗଠନ ଅଭିଯୋଗ କରିଛନ୍ତି। ସେମାନେ ଉଲ୍ଲଖ କରିଛନ୍ତି ଯେ, ଏମ୍‌ପି କୋଭିଡ଼ ନିୟମକୁ ନ ମାନି କର୍ମୀଙ୍କ ସହ ମିଳାମିଶା କରୁଛନ୍ତି। ତେଣୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସେମାନେ ଦାବି କରିଛନ୍ତି।

सेन्ट्रल माइन प्लानिंग एण्ड डिजाइन इन्स्टीच्यूट लिमिटेड
cmpdi — Central Mine Planning & Design Institute Ltd.
( A Subsidiary of Coal India Limited)
Gondwana Place, Kanke Road, Ranchi - 834031, JHARKHAND, INDIA

NOTICE

"All the tenders issued by CIL and its Subsidiaries for procurement of Goods, Works and Services are available on websites of Coal India Ltd. www.coalindia.in/ respective Subsidiary Company (CMPDI, www.cmpdi.co.in), CIL e-procurement portal https://coalindiatenders.nic.in and Central Public Procurement Portal https://eprocure.gov.in. In addition, procurement is also done through GeM portal https://gem.gov.in."

ଆଠମଲ୍ଲିକ - ଧଳପୁର ମହାନଦୀ ରିଭର୍ ବ୍ରିଜ କନଷ୍ଟ୍ରକସନ୍ ପ୍ରୋଜେକ୍ଟ
ଅନୁଗୁଳ/ ବୌଦ୍ଧ, ଓଡିଶା

ବ୍ରିଜ କାମ ଯଥା ଷ୍ଟେଜିଂ କାମ, ସ୍କେଫହୋଲଡିଙ୍ଗ୍ କାମ, ସେନଟ୍ରିଙ୍ଗ କାମ, ଷ୍ଟିଲ କାମ କରିବା ପାଇଁ ଅନୁଭବି ଏବଂ କୁଶଳୀ ଶ୍ରମିକ ମହାନଦୀ ବ୍ରିଜ ନିର୍ମାଣ କାମ ପାଇଁ ଆବଶ୍ୟକ। କୋଭିଡ- ୧୯ ସର୍ବବ୍ୟାପି ମହାମାରୀ ହେତୁ ଓଡିଶା ସରକାର ଏବଂ ଭାରତ ସରକାରଙ୍କ ବିଶେଷ ନିୟମ ମାନି ଏବଂ ଶାନ୍ତି ରକ୍ଷାକରି କାର୍ଯ୍ୟ କରିବାକୁ ହେବ। ଆବେଦନକାରୀ ନିମ୍ନଲିଖିତ email ID- rblmahanadi2020@gmail.com ଏବଂ ୱାଟ୍ସଆପ୍ /ମୋବାଇଲ ନମ୍ବର 6372476374ରେ ଯୋଗାଯୋଗ କରିବାକୁ ଅନୁରୋଧ।
ନୋଟ- ମହାନଦୀ ରିଭର୍ ବ୍ରିଜ କାମ ବର୍ଷା ଋତୁରେ ବନ୍ଦ ରହିବ।
ପ୍ରୋଜେକ୍ଟ ମ୍ୟାନେଜର, ରଞ୍ଜିତ ବିଲ୍ଡକନ୍ ଲିମିଟେଡ

OFFICE OF THE MUNICIPAL COUNCIL, UMERKOTE
Phone/Fax No. 06866-270230, E-mail ID: umerkoten.hud@nic.in/nac_umerkote@rediffmail.com
Letter No. 1994/2020 Date: 04.06.20

"e - PROCUREMENT NOTICE"
BID IDENTIFICATION NO. EO-UKT-MUNICIPALITY - 01/2020-21

Bid document consisting of specification, the schedule of quantities and the set of terms and conditions of contact and other necessary documents can be seen in the Govt. website i.e. www.tenderorissa.gov.in.

| | | |
|---|---|---|
| 1. | Nature of the Work | Civil |
| 2. | No. of the Works | 16 Nos. |
| 3. | Estiamte Cost | As per DTCN |
| 4. | Period of Completion | As per DTCN |
| 5. | Date and time of available of the Bid document in the portal | From 10.00 hours of 06.06.2020 to 17.00 hours of 18.06.2020 |
| 6. | Last date/time for receipt of bids in the portal | 18.06.2020, 17.00 hour |
| 7. | Last date/time for receipt of financial documents in the office through Registered/Speed Post only | 19.06.2020 to 25.06.2020 from 10.00 A.M. to 5.00 P.M. (Excluding Holiday) |
| 8. | Bids received online shall be opened on | 26.06.2020 at 11.00 A.M. hour at Umerkote Municipality |
| 9. | Name and address of the Officer Inviting Bid | Executive Officer, Umerkote Municipality |

Further the details can be seen from the procurement portal www.tenderorissa.gov.in.
Sd./- Executive Officer, Umerkote Municipality

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ
ଆକାଶ ଶୋଭା ବିଲ୍ଡିଂ
ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧
ପତ୍ର ସଂଖ୍ୟା 8819/ ଭୁ.ଉ.କ., ଭୁବନେଶ୍ୱର ତା13.05.2020ରିଖ
KVH-II-187/97

ସୂଚନା

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି କଳିଙ୍ଗ ବିହାର ଗୃହ ପ୍ରକଳ୍ପର ଗୃହ ନଂ. HIG-K5-152କୁ ଶ୍ରୀମତୀ ବନଶ୍ରୀ ବରଡୋଲୋଇ, ସ୍ୱାମୀ- ସତ୍ୟଜିତ୍ ଦାଶ, ଗ୍ରାମ- ସୁନ୍ଦରପଦା, ପୋଅ- ସୁନ୍ଦରପଦା, ଥାନା-ଏୟାରଫିଲ୍ଡ, ଭୁବନଶ୍ୱେର, ଜିଲା- ଖୋର୍ଦ୍ଧା, ରାଜ୍ୟ- ଓଡ଼ିଶାଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀମତୀ ବନଶ୍ରୀ ବରଡୋଲୋଇ ଉକ୍ତ ଗୃହକୁ ତୃତୀୟ ପକ୍ଷ ଅନ୍ତରଣ ଆଧାରରେ ଶ୍ରୀମତୀ ସୁଜାତା କୁମାରୀ ସାହୁ, ସ୍ୱାମୀ- ପ୍ରଦୀପ କୁମାର ସାହୁ, ଘର ସଂଖ୍ୟା-୧, ନିର୍ମାଲ୍ୟ ଗାର୍ଡେନ, କିଟ୍‌ରୋଡ୍, ପଟିଆ, ଭୁବନେଶ୍ୱର, ଜିଲା- ଖୋର୍ଦ୍ଧାଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ନିମନ୍ତେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।
ଉକ୍ତ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି / ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ ପ୍ରକାଶନର ୧୫ (ପନ୍ଦର) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଉକ୍ତ ଗୃହର ମାଲିକାନା ପରିବର୍ତ୍ତନ ଆଇନ୍ ଅନୁଯାୟୀ ସମ୍ପାଦନ କରାଯିବ।
ସ୍ୱା./- ଆବଣ୍ଟନ ଅଧିକାରୀ-୨
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷପ

DIRECTORATE OF MEDICAL EDUCATION AND TRAINING, ODISHA
ADVERTISEMENT
FOR THE POST OF REGISTRAR AND DY. REGISTRAR FOR ONMRC
(ADVT No.11022 Dt.04.06.2020)

No. E-37:- Applications are invited from eligible candidates for recruitment for the post of Registrar and Deputy Registrar for Odisha Nurses and Midwives Registration Council (ONMRC) on contractual / deputation basis. The details of mode of recruitment, remuneration, qualification etc. is available in the website of DMET, Odisha, i.e. www.dmetodisha.gov.in

Sd./- Addl. DMET(O) & Chairman, ONMRC
OIPR-10016/11/0003/2021

DIRECTORATE OF MEDICAL EDUCATION & TRAINING, ODISHA
RECRUITMENT FOR ASST. PROFESSOR & SR/TUTOR IN VIMSAR, BURLA
No.11004 dt.03.06.2020

No.E-38:- Eligible candidates are invited to Walk-in-Interview for recruitment for the posts of Asst. professors, Sr. Residents & Tutors in VIMSAR, Burla on contractual /deployment basis. The details of Posts, Mode of recruitment, Remuneration, Qualifications etc. is available in the website of DMET, Odisha i.e. www.dmetodisha.gov.in

Sd./- Addl. Director of Medical Education & Training, Odisha
OIPR-10016/11/0004/2021

ODISHA COOPERATIVE TASAR & SILK FEDERATION (SERIFED) LTD.
Sahid Nagar, Janpath, Bhubaneswar-751007
Tel. 0674-2545586/2545852, E-mail : serifedodisha@gmail.com, website- www.serifedodisha.in

INVITATION FOR BIDS (e-Procurement)

Bid identification no :- VI-33(6)/SERIFED/2020-21/395/Dt.04.06.2020
The MANAGING DIRECTOR (SERIFED), Odisha, Bhubaneswar invites Item rate Tenders in single cover system in ONLINE MODE only, for the 2 nos. of works at Bhagamunda TRCS in Keonjhar dist and 1 no of work at Bhuasuni TRCS in Mayurbhanj dist. The bid documents such as DTCN / BOQ etc. can be seen/downloaded from the government website : www.tendersodisha.gov.in during the period dt.10.06.2020 to 17.00 hours up to dt.21.06.2020. Online bids shall be received till 17.00 hours dt.21.06.2020 & shall be opened at 11.30 AM on Dt.22.06.2020. Any addendum / corrigendum / cancellation tender can also be seen in the said website.
Sd/- Managing Director

ତହସିଲଦାରଙ୍କ କାର୍ଯ୍ୟାଳୟ, ଲୋଇସିଂହା
ଲଘୁ ଖଣିଜ ଦ୍ରବ୍ୟ ଦୀର୍ଘମିଆଦୀ ଲିଜ୍ ନିମନ୍ତେ ବିଜ୍ଞାପନ ସଂଶୋଧନ ପତ୍ର

ତହସିଲ କାର୍ଯ୍ୟାଳୟ, ଲୋଇସିଂହାଙ୍କ ସଂଶୋଧନ ବିଜ୍ଞପ୍ତି ସଂଖ୍ୟା ୧୦୮୦, ତା୦୪।୦୬।୨୦୨୦ରେ ଲୋଇସିଂହା ଅନ୍ତର୍ଗତ ୧୧ଗୋଟି ଲଘୁ ଖଣିଜ ଦ୍ରବ୍ୟଗୁଡ଼ିକର ଆସନ୍ତା ୫(ପାଞ୍ଚ) ବର୍ଷ ନିମନ୍ତେ ୨୦୨୦-୨୧ ଠାରୁ ୨୦୨୪-୨୫ ପର୍ଯ୍ୟନ୍ତ ଲିଜ୍ ଇସ୍ତାହାର ଗତ ତା୨୧।୦୫।୨୦୨୦ରିଖରେ ପ୍ରକାଶିତ ହୋଇଥିଲା, ବର୍ତ୍ତମାନ ଏହାର ସଂଶୋଧନ ଇସ୍ତାହାର ପ୍ରକାଶିତ ହୋଇଅଛି। ଲିଜ୍ ଆବେଦନର ସମୟସୀମା ତା୦୫।୦୬।୨୦୨୦ଠାରୁ ତା୧୫।୦୬।୨୦୨୦ରିଖ ପର୍ଯ୍ୟନ୍ତ ବୃଦ୍ଧି କରାଗଲା। ଏହି ସମ୍ବନ୍ଧୀୟ ଅନ୍ୟ ସମସ୍ତ ତଥ୍ୟ ବଲାଙ୍ଗୀର ଜିଲ୍ଲା ୱେବ୍‌ସାଇଟ୍ www.balangir.nic.inରେ ଉପଲବ୍ଧ ଅଛି। ନିଲାମରେ ଭାଗ ନେବା ପାଇଁ ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ ୱେବ୍‌ସାଇଟ୍‌ରୁ ସମସ୍ତ ତଥ୍ୟ ହାସଲ କରି ଆବେଦନ କରିପାରିବେ କିମ୍ବା ତହସିଲ କାର୍ଯ୍ୟାଳୟ, ଲୋଇସିଂହାଠାରେ ଯୋଗାଯୋଗ କରି ନିଲାମ ସମ୍ବନ୍ଧୀୟ ସମସ୍ତ ତଥ୍ୟ ହାସଲ କରିପାରିବେ।
ସ୍ୱା./- ତହସିଲଦାର, ଲୋଇସିଂହା

# ବିଶ୍ୱକୁ ସଞ୍ଜୀବନୀ କୋଭିଡ୍‌-୧୯

କୋଭିଡ୍‌-୧୯ ମଣିଷକୁ ଅନେକ ଶିକ୍ଷା ଦେଇଛି। ହେଲେ ପରିବେଶରେ ଯେଉଁ ସ୍ୱଚ୍ଛତା ଆସିଛି ତାହା ୧୦୦ ବର୍ଷ ଭିତରେ ଦେଖିବାକୁ ମିଳି ନ ଥିଲା। ବାୟୁ ପ୍ରଦୂଷଣ ଜ୍ୱାଳାରେ ଛଟପଟ ହେଉଥିବା ବିଶ୍ୱକୁ ସଞ୍ଜୀବନୀ ପାଲଟିଛି କୋଭିଡ୍‌-୧୯। ଏକ ଆକଳନ ଅନୁଯାୟୀ, ଆକାଶ ବକ୍ଷରେ ଦୈନିକ ପ୍ରାୟ ଏକ ଲକ୍ଷରୁ ଊର୍ଦ୍ଧ୍ୱ ବିମାନ ଉଡୁଥିଲା। ଭାରତୀୟ ଆକାଶରେ ଏହି ସଂଖ୍ୟା ଥିଲା ପାଖାପାଖି ୮୦୦୦। ସେହିପରି ପ୍ରତିଦିନ ଗଡୁଥିଲା ଚବିଶ କୋଟିରୁ ଊର୍ଦ୍ଧ୍ୱ ଗାଡି। ଲକ୍‌ଡାଉନ୍ ଘୋଷଣା ପରେ ବିମାନ, ଯାନବାହନ ଚଳାଚଳ ଏବଂ କଳକାରଖାନା ବନ୍ଦ ରହିବା ପରିବେଶକୁ ସୁଧାରି ଦେଇଛି। କେବଳ ଆକାଶ ନୁହେଁ, ମହାକାଶରେ ମଧ ପ୍ରଦୂଷଣ କମିଛି। ଅନୁଧ୍ୟାନରୁ ଜଣାପଡିଛି ଯେ, ଭୂପୃଷ୍ଠରେ ଜମା ହେଉଥିବା ୫୦ ପ୍ରତିଶତ ବର୍ଜ୍ୟ ପାରମ୍ପରିକ ନିର୍ମାଣ କାର୍ଯ୍ୟ ଯୋଗୁ ସୃଷ୍ଟି ହୁଏ। ଏହା ଜଳବାୟୁ ପରିବର୍ତ୍ତନର ଏକ ବଡ଼ କାରଣ। ଏଥି ଯୋଗୁ ୩୯ ପ୍ରତିଶତ କାର୍ବନ ନିର୍ଗମନ ହୋଇଥାଏ। ଲକ୍‌ଡାଉନରେ ସାରା ବିଶ୍ୱ ବନ୍ଦ ହେବା ଯୋଗୁ ପ୍ରଦୂଷଣ ଯଥେଷ୍ଟ ହ୍ରାସ ପାଇଛି। ଓଜୋନସ୍ତରରେ ସୃଷ୍ଟି ହୋଇଥିବା ଗର୍ତ୍ତ ଆପଣାଛାଏ ମରାମତି ହୋଇଯାଇଛି। ବାୟୁମଣ୍ଡଳରେ ଫେରିଥିବା ସ୍ୱଚ୍ଛତା ଯୋଗୁ ପଞ୍ଜାବର ଜଳନ୍ଧର ସହରର ଲୋକେ ଦେଖିଲେଣି ହିମାଳୟ ପର୍ବତମାଳାକୁ। ଦୂଷିତ ଗଙ୍ଗା ନଦୀ ଜଳ ବ୍ୟବହାର ଉପଯୋଗୀ ହୋଇପାରିଛି। ଜଙ୍ଗଲ ପାଖ ରାସ୍ତାରେ ଏବେ ନିର୍ଭୟରେ ବିଚରଣ କରୁଛନ୍ତି ହରିଣ, କୁଟୁରା, ବିଲୁଆ ଓ ଠେକୁଆ ଆଦି ବିଭିନ୍ନ ପ୍ରାଣୀ। ଘରଚଟିଆଙ୍କ କିଚିରିମିଚିରି ଶବ୍ଦ ଶୁଣିଲେ ଏମିତି ଲାଗୁଛି, ସତେ ଯେମିତି ସେମାନେ କହୁଛନ୍ତି ପ୍ରକୃତିର ନିୟମ ମାନି ପରିବେଶକୁ ସୁସ୍ଥ ରଖ, ନଚେତ୍ ବିପଦ ପରେ ବିପଦ ମାଡି ଆସିବ।

## ଆଗକୁ ବିପଦ

ପ୍ରକୃତି ଉପରେ ମଣିଷର ମାତ୍ରାଧିକ ହସ୍ତକ୍ଷେପରେ ବିଗିଡ଼ି ଗଲାଣି ପରିବେଶ ସନ୍ତୁଳନ। ଏହା କେବଳ ମାନବ ସଭ୍ୟତା ଲାଗି ନୁହେଁ, ବରଂ ସମଗ୍ର ଜୀବଜଗତ ପାଇଁ ମହାବିପଦ ସୃଷ୍ଟି କରିସାରିଲାଣି। ବିଶ୍ୱତାପନରେ ଅଣନିଃଶ୍ୱାସୀ ହୋଇପଡ଼ିଥିବା ସବୁଜ ଗ୍ରହ ପାଇଁ ଦିନକୁ ଦିନ ନୂଆ ନୂଆ ବିପଦ ମାଡ଼ି ଆସୁଛି। ଆଉ ଏହା ପଛରେ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବେ ମଣିଷ ହିଁ ଦାୟୀ ବୋଲି କୁହାଯାଇପାରେ। ତାପମାତ୍ରା ବୃଦ୍ଧି ଭଳି ଭୟଙ୍କର ବିପଦ ସମ୍ମୁଖୀନ ହେଉଥିବା ପୃଥିବୀ ପାଇଁ ନୂଆ ସମସ୍ୟା ପାଲଟିଛି ମେରୁ ଅଞ୍ଚଳର ବରଫ ତରଳିବା। ଗତ ଦଶନ୍ଧି ମଧ୍ୟରେ ଏହି ସମସ୍ୟା ଜଟିଳ ଆକାର ଧାରଣ କରିଛି। ପରିଣାମ ସ୍ୱରୂପ ସମୁଦ୍ରର ଜଳପତ୍ତନ ହାରାହାରି ଅଢ଼େଇ ଫୁଟ ଯାଏ ବୃଦ୍ଧି ପାଇସାରିଲାଣି। ଏହି ସମସ୍ୟାର ସମାଧାନ ନ ହେଲେ ୫୦ରୁ ଊର୍ଦ୍ଧ୍ୱ ଦେଶ ଏବଂ ସହର ଜଳସମାଧି ନେଇଯିବ। ପୃଥିବୀ ପାଇଁ ଆଉ ଗୋଟିଏ ବଡ଼ ସମସ୍ୟା ହେଲା କାର୍ବନ ନିର୍ଗମନ। ଶିଳ୍ପାୟନ ଲାଗି ଗଢ଼ି ଉଠିଥିବା ହଜାର ହଜାର ଶିଳ୍ପସଂସ୍ଥା, ଗୁଣୋତ୍ତର ପ୍ରଗତିରେ ବଢୁଥିବା ଯାନବାହନ, ଯୁଦ୍ଧଜନିତ ବିଷାକ୍ତ ଗ୍ୟାସରେ ପ୍ରକୃତି ଏବେ ଅଣନିଃଶ୍ୱାସୀ। କହିବାକୁ ଗଲେ ପ୍ରତିଦିନ ବାୟୁମଣ୍ଡଳକୁ ମଣିଷ ଛାଡୁଛି ନିଃଶ୍ୱାସର ପରମାଣୁ ବୋମା। ଏପରି କି ଖଣ୍ଡିଏ ସିଗାରେଟରୁ ନିର୍ଗତ ଅଙ୍ଗାରକାମ୍ଳ ଛାଣି ନେବା ପାଇଁ ଦରକାର ୮ଟି ବୃକ୍ଷ। ଜନସଂଖ୍ୟା ବିସ୍ଫୋରଣର ପ୍ରତିକୂଳ ପ୍ରଭାବ ପ୍ରକୃତି ଆଉ ସହିପାରୁନି। ଭୂମିର ବ୍ୟବହାରିକ ପରିବର୍ତ୍ତନ, ଜଙ୍ଗଲ କ୍ଷୟ, ପ୍ରାକୃତିକ ଆବାସସ୍ଥଳୀ ନଷ୍ଟ ପଛରେ ମଣିଷର ପ୍ରଚ୍ଛନ୍ନ ହାତ ରହିଛି। ଏଥିରୁ ମୁକ୍ତି ପାଇବାର ଏକମାତ୍ର ଉପାୟ ହେଲା ପରିବେଶର ସୁରକ୍ଷା।










# ବିଶ୍ୱ ପରିବେଶ ଦିବସ ଓ ଅନୁଚିନ୍ତା



**ଡ. ଆଶୁତୋଷ ଦେବତା**

ବିଶ୍ୱ ପରିବେଶ ଦିବସ ପ୍ରତିଶ୍ରୁତିବଦ୍ଧ ପରିବେଶ ସଂରକ୍ଷଣ କାର୍ଯ୍ୟକ୍ରମ ପାଇଁ ଉଦ୍ଦିଷ୍ଟ। ବିଶ୍ୱ ପରିବେଶ ଦିବସ ୧୯୭୨ରୁ ଆରମ୍ଭ ହୋଇ ଅଦ୍ୟାବଧି ମିଳିତ ଜାତିସଂଘର ଏକ ଅଗ୍ରାଧିକାର କାର୍ଯ୍ୟକ୍ରମ ମାଧ୍ୟମରେ ବିଶ୍ୱବ୍ୟାପୀ ପରିବେଶ ସଚେତନତା, ଦାୟିତ୍ୱବୋଧ ସୃଷ୍ଟି କରିବା ସହ ରାଜନୈତିକ ଦୃଷ୍ଟି ଆକର୍ଷଣ ଓ ଆଗାମୀ ପରିବେଶ ସୁରକ୍ଷା ଦିଗରେ ନେବାକୁ ଥିବା ବିଭିନ୍ନ ପଦକ୍ଷେପ ପାଇଁ ଉତ୍ସାହିତ କରାଯାଏ। ଏହି ଦିବସ ମାଧ୍ୟମରେ ମିଳିତ ଜାତିସଂଘ ପରିବେଶଭିତ୍ତିକ କାର୍ଯ୍ୟକ୍ରମ ତଥା ଆନୁଷଙ୍ଗିକ ସମସ୍ୟାଗୁଡ଼ିକୁ ଆଞ୍ଚଳିକସ୍ତରରେ ଚିହ୍ନଟ କରି ସମସ୍ତଙ୍କୁ ଅନୁଭବରେ କେବଳ ଦାୟିତ୍ୱ ସମ୍ପନ୍ନ କରାଇ ନାହିଁ, ବରଂ ପରିବର୍ତ୍ତନର ପ୍ରତିକାର ଭାବେ ଦୀର୍ଘସ୍ଥାୟୀ ତଥା ସମୟୋପଯୋଗୀ ବିକାଶ ପାଇଁ ଶକ୍ତିଶାଳୀ ପଦକ୍ଷେପ ନେବାକୁ ସମର୍ଥ କରାଯାଇଛି।

ଚଳିତ ବର୍ଷ ପାଇଁ ବିଶ୍ୱ ପରିବେଶ ଦିବସର ପ୍ରସଙ୍ଗ ହେଉଛି ''ଜୈବବିବିଧତା''। ଏହି ପ୍ରସଙ୍ଗଟି ଜୈବବିବିଧତାର ସୁରକ୍ଷା ବିଷୟରେ ସୂଚିତ କରୁଛି।

ଜୈବବିବିଧତା ହେଉଛି ପ୍ରାକୃତିକ ସମ୍ପଦର ଗନ୍ତାଘର। ମନୁଷ୍ୟ ସହିତ ପରିସଂସ୍ଥାରେ ଥିବା ସବୁ ଜୈବିକ ଓ ଅଜୈବିକ ପଦାର୍ଥ ମଧ୍ୟରେ ନିବିଡ଼ ସମ୍ପର୍କ ରହିଛି। ସମଗ୍ର ପୃଥିବୀର ୧୨ଟି ଜୈବବିବିଧତା ଦେଶ ମଧ୍ୟରେ ଭାରତ ଅନ୍ତର୍ଭୁକ୍ତ। ଜୈବବିବିଧତା ବା ପ୍ରକୃତି ଏବଂ ମନୁଷ୍ୟ ପରସ୍ପରର ପରିପୂରକ। ପ୍ରାଣୀଜଗତର ଶ୍ରେଷ୍ଠଜୀବ ମନୁଷ୍ୟ ହିଁ ପ୍ରକୃତିର ସୁରକ୍ଷା କରିପାରିବ। ଜୀବଜଗତର ସ୍ଥିତି ତଥା ପରିବେଶ ସମୁଚିତ ପାଇଁ ଜୈବବିବିଧତାର ସଂରକ୍ଷଣ ଏକାନ୍ତ ଭାବେ ଆବଶ୍ୟକ।

ମଣିଷ ତା'ର ସୁଖ ପାଇଁ ପ୍ରକୃତିର କ୍ଷତି ନ କରିବା ଉଚିତ୍। ପ୍ରାକୃତିକ ସମ୍ପଦ ଓ ପରିବେଶର ସନ୍ତୁଳନ ପାଇଁ ଅଧିକ ଯତ୍ନବାନ ହୋଇ ସଂକଳ୍ପବଦ୍ଧ ଭାବରେ ଆମକୁ କାର୍ଯ୍ୟ କରିବାକୁ ପଡ଼ିବ। ପ୍ରାକୃତିକ ସମ୍ପଦର ବହୁଳ ବ୍ୟବହାର ହେତୁ ବିବିଧତାର ଅବକ୍ଷୟ ଦେଖାଦେଇଛି। ତଦ୍ୱାରା ପ୍ରାୟ ୧୦୦ଗୁଣ ପକ୍ଷୀ, ପଶୁ, ସ୍ତନ୍ୟପାୟୀ, ଉଭୟଚର ପ୍ରାଣୀ ବଂଶ ନାଶ ହୋଇଗଲାଣି। ଏହି ପରିମାଣ ପ୍ରାକ୍‌-ଶିଳ୍ପ ସମୟଠାରୁ ପ୍ରାୟ ୧୦୦୦ଗୁଣ ଅଧିକ ପଡୁଛି। ଗରିବ ଜନସାଧାରଣ ପ୍ରାକୃତିକ ସମ୍ପଦ ଉପରେ ଅଧିକ ନିର୍ଭର କରୁଥିବାରୁ ସେମାନଙ୍କ ଉପରେ ଏହାର ପ୍ରଭାବ ଅଧିକ ପଡୁଛି। ପୃଥିବୀରେ ଅବକ୍ଷୟ ଧାରା ଅବିଶ୍ରାନ୍ତ ଭାବରେ ଚାଲୁ ରହିଲେ, ଏ ଗ୍ରହଟି ଅଧିକ ଦିନ ତିଷ୍ଠି ରହିପାରିବ ନାହିଁ। ଭବିଷ୍ୟତ ପିଢ଼ିର ଅଧିକାରକୁ ଦୃଷ୍ଟିରେ ରଖି ଆମକୁ ଦୀର୍ଘସ୍ଥାୟୀ ଜୀବନଯାପନ ଶୈଳୀ ଆପଣେଇବାକୁ ପଡ଼ିବ। ଆଜି ବିଶ୍ୱ ପରିବେଶ ଦିବସ ଅବସରରେ ସମସ୍ତେ ପରିବେଶ ସୁରକ୍ଷା ଓ ପ୍ରକୃତିର ସଂରକ୍ଷଣ ଦିଗରେ ପ୍ରତିଶ୍ରୁତିବଦ୍ଧତାକୁ ସହୃଦୟତାର ସହିତ କାର୍ଯ୍ୟ କରିବା ଲାଗି ନିଷ୍ପତ୍ତି ନେବା ଦରକାର।

**– ନିର୍ଦ୍ଦେଶକ,**
**ସେଣ୍ଟର ଫର୍ ଏନ୍‌ଭାଇରନ୍‌ମେଣ୍ଟାଲ ଷ୍ଟଡିଜ୍,**
**ଜଙ୍ଗଲ ଓ ପରିବେଶ ବିଭାଗ, ଓଡ଼ିଶା ସରକାର**

**ନବୀନ ପଟ୍ଟନାୟକ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

सत्यमेव जयते



## ବିଶ୍ୱ ପରିବେଶ ଦିବସ ୨୦୨୦ ଉପଲକ୍ଷେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

ପ୍ରତିବର୍ଷ ଜୁନ୍ ୫ ତାରିଖ ଦିନଟିକୁ ଆମେ ବିଶ୍ୱ ପରିବେଶ ଦିବସ ଭାବରେ ପାଳନ କରୁ । ଜନସାଧାରଣଙ୍କ ମଧ୍ୟରେ ପରିବେଶ ସୁରକ୍ଷା ସମ୍ବନ୍ଧୀୟ ସଚେତନତା ବୃଦ୍ଧି, ପ୍ରକୃତିର ସୁରକ୍ଷା ଓ ତତ୍‌ସମ୍ବନ୍ଧୀୟ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଆଜି ଦିବସର ସ୍ୱତନ୍ତ୍ରତା ।

ଆନ୍ତର୍ଜାତିକ ସ୍ତରରେ 'ଜୈବବିବିଧତା'କୁ ଚଳିତବର୍ଷ ବିଶ୍ୱ ପରିବେଶ ଦିବସର ବାର୍ତ୍ତା ଭାବରେ ଗ୍ରହଣ କରାଯାଇଅଛି ।

ଅନାବଶ୍ୟକ ଜଙ୍ଗଲକ୍ଷୟ ଓ ଜୈବବିବିଧତା ହ୍ରାସ, ପରିବେଶ ପ୍ରଦୂଷଣ, ସବୁଜଗୃହ ବାଷ୍ପର ବୃଦ୍ଧି ଏବଂ ବିଶ୍ୱ ତାପାୟନ ଓ ଜଳବାୟୁ ପରିବର୍ତ୍ତନ ଫଳରେ ପରିବେଶର ଅବନତି, ମାନବ ସମାଜକୁ କ୍ରମଶଃ ବିପଦ ଆଡ଼କୁ ଟାଣି ନେଉଛି । ସଂପ୍ରତି ସମାଜରେ ଭୂତାଣୁଜନିତ ରୋଗ, ପ୍ରାକୃତିକ ଦୁର୍ବିପାକ, ଖାଦ୍ୟାଭାବ, ସୁଷମଖାଦ୍ୟର ଅଭାବ ବହୁପରିମାଣରେ ବୃଦ୍ଧିପାଇଛି ।

ସାରା ବିଶ୍ୱରେ ଏବେ କୋଭିଡ଼-୧୯ ମହାମାରୀ ଜୀବଜଗତ ପ୍ରତି ଏକ ବହୁତ ବଡ଼ ଆହ୍ୱାନ ରୂପେ ଦେଖା ଦେଇଛି । ତେଣୁ ପ୍ରକୃତି ସହିତ ଆମ୍ଭମାନଙ୍କର ସୌହାର୍ଦ୍ଦ୍ୟତା ଓ ସଂପର୍କର ପୁନଃସ୍ଥାପନ ଅନିବାର୍ଯ୍ୟ ହୋଇପଡ଼ିଛି । ଗତ ଦୁଇ ବର୍ଷରେ ଓଡିଶାରେ ୯୫୦ କି.ମି. ଜଙ୍ଗଲର ବୃଦ୍ଧି ଘଟିଛି । ଏହାକୁ ଆହୁରି ବ୍ୟାପକ କରିବା ପାଇଁ ଚଳିତ ଜୁନ୍ ମାସ ମଧ୍ୟରେ ରାଜ୍ୟରେ ୨ ଲକ୍ଷ ହେକ୍ଟର ବନୀକରଣ ପାଇଁ କାର୍ଯ୍ୟକ୍ରମ ପ୍ରସ୍ତୁତ ହୋଇଛି ।

ବିଶ୍ୱର ଜଣେ ଦାୟିତ୍ୱସମ୍ପନ୍ନ ନାଗରିକ ଭାବରେ ଜୈବବିବିଧତାର ସୁରକ୍ଷାକୁ ନିଜର ଦାୟିତ୍ୱ ଓ କର୍ତ୍ତବ୍ୟ ବୋଲି ବିବେଚନା କରିବାକୁ ମୁଁ ସମସ୍ତଙ୍କୁ ନିବେଦନ କରୁଅଛି ଓ ଏହି ଅବସରରେ ଆପଣମାନଙ୍କୁ ମୋର ଶୁଭେଚ୍ଛା ଜଣାଉଛି ।

(ନବୀନ ପଟ୍ଟନାୟକ)

**ଶ୍ରୀ ବିକ୍ରମ କେଶରୀ ଆରୁଖ**
ମନ୍ତ୍ରୀ
ଜଙ୍ଗଲ ଓ ପରିବେଶ, ସଂସଦୀୟ ବ୍ୟାପାର
ଓଡ଼ିଶା



## ବିଶ୍ୱ ପରିବେଶ ଦିବସ-୨୦୨୦ ଉପଲକ୍ଷେ ମାନ୍ୟବର ଜଙ୍ଗଲ ଓ ପରିବେଶ ମନ୍ତ୍ରୀଙ୍କର ବାର୍ତ୍ତା

୧୯୭୨ ମସିହା ଜୁନ ୫ ତାରିଖରେ ଷ୍ଟକ୍‌ହୋମ୍‌ଠାରେ ମିଳିତ ଜାତିସଂଘର ମାନବ ପରିବେଶ ସମ୍ପର୍କିତ ସମ୍ମିଳନୀ ପ୍ରଥମେ ଆୟୋଜିତ ହୋଇଥିଲା । ୧୯୭୩ ମସିହାରୁ ପ୍ରତିବର୍ଷ ଜୁନ ୫ ତାରିଖକୁ ବିଶ୍ୱ ପରିବେଶ ଦିବସ ରୂପେ ପାଳନ କରାଯାଉଅଛି । ଚଳିତ ବର୍ଷ ପାଇଁ ବିଶ୍ୱ ପରିବେଶ ଦିବସର ବିଷୟବସ୍ତୁ ହେଉଛି "ଜୈବବିବିଧତା" ।

ମନୁଷ୍ୟ ସମାଜର ସ୍ଥିତି ତଥା ପରିବେଶର ସମୁଚିତ ସନ୍ତୁଳନ ପାଇଁ ବନଜୀବନ ତଥା ଜୈବବିବିଧତାର ସଂରକ୍ଷଣ ଏବଂ ସମୃଦ୍ଧି ଏକାନ୍ତ ଭାବେ ଆବଶ୍ୟକ । ଆଧୁନିକତାର ଅତ୍ୟଧିକ ଚାପ, ସାମାଜିକ ଦୃଷ୍ଟିଭଙ୍ଗୀରେ ଅସଙ୍ଗତା, ବନ୍ୟପ୍ରାଣୀମାନଙ୍କର ଆଶ୍ରୟ ସ୍ଥଳ ସଙ୍କୁଚିତ, ପ୍ରଦୂଷିତ ପରିବେଶ ଓ ପରିବର୍ତ୍ତନୀୟ ଜଳବାୟୁ ଯୋଗୁଁ ପୃଥିବୀ ପୃଷ୍ଠରେ ଦେଖାଯାଉଥିବା ଜୀବମାନଙ୍କ ମଧ୍ୟରୁ ଆଜି ଅନେକ ପ୍ରଜାତି ବିଲୁପ୍ତପ୍ରାୟ । ମନୁଷ୍ୟର ଭୋଗବାଦୀ ମନୋଭାବ ଦ୍ୱାରା ଆଜି ପ୍ରାକୃତିକ ବିପର୍ଯ୍ୟୟ ତଥା କୋଭିଡ଼-୧୯ଭଳି ମହାମାରୀ ସାରାବିଶ୍ୱକୁ ନିରାପଦ ତଥା ଚିରନ୍ତନତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି ।

ପରିବେଶର ବିଭିନ୍ନତା ବଜାୟ ରଖିବାକୁ ହେଲେ ପ୍ରକୃତି ସହ ବନ୍ଧୁତ୍ୱପୂର୍ଣ୍ଣ ସହବସ୍ଥାନ ସ୍ଥାପନ କରିବାକୁ ହେବ । ଆଜି ବିଶ୍ୱ ପରିବେଶ ଦିବସ ଅବସରରେ ଏହି ସବୁ ସମସ୍ୟାକୁ ଦୃଷ୍ଟିରେରଖି ବ୍ୟାପକ ବୃକ୍ଷରୋପଣ, ନୂତନ ଜଙ୍ଗଲ ସୃଷ୍ଟି, ବନଜୀବନର ନିରାପଦ ଦିଗରେ ଚେଷ୍ଟିତ ହେବାକୁ ମୁଁ ଜନସାଧାରଣଙ୍କର ସହଯୋଗ କାମନା କରୁଅଛି ।

(ବିକ୍ରମ କେଶରୀ ଆରୁଖ)

## ଏ ବର୍ଷର ବାର୍ତ୍ତା: ଜୈବବିବିଧତା

ପ୍ରତିବର୍ଷ ଜୁନ୍ ୫ ତାରିଖକୁ 'ବିଶ୍ୱ ପରିବେଶ ଦିବସ' ଭାବେ ପାଳନ କରାଯାଇଆସୁଛି। ଜାତିସଂଘ ପକ୍ଷରୁ ପ୍ରଥମେ ଏହା ୧୯୭୪ମସିହାରେ ଆରମ୍ଭ କରାଯାଇଥିଲା। ଆଉ ଏହି ଦିବସ ପାଳନ ଲାଗି ୧୪୩ ଦେଶ ଆଗେଇ ଆସିଥିଲେ। ହେଲେ ଇତିହାସ କହେ ଜାତିସଂଘର ଜେନେରାଲ ଆସେମ୍ବ୍ଲି ପକ୍ଷରୁ ୧୯୭୨ରେ ବିଶ୍ୱ ପରିବେଶ ଦିବସ ପାଳନ କରିବାକୁ ପ୍ରସ୍ତାବ ଦିଆଯାଇଥିଲା। ଷ୍ଟକହୋମ କନଫରେନ୍ସ ଅନ୍ ଦ ହ୍ୟୁମାନ ଏନଭାଇରନମେଣ୍ଟର ପ୍ରଥମ ଦିନରେ ଏହି ପ୍ରସ୍ତାବ ଦିଆଯାଇଥିଲା। ହେଲେ ଏହାର ୨ ବର୍ଷ ପରେ ଅର୍ଥାତ୍ ୧୯୭୪ ଜୁନ୍ ୫ ତାରିଖରେ ଏହି ଦିବସ ପାଳନ କରାଗଲା। ପ୍ରଥମ ବର୍ଷର ଥିମ୍ ଥିଲା 'ଓନଲି ୱାନ ଆର୍ଥ' ବା କେବଳ ଗୋଟିଏ ପୃଥିବୀ। ଚଳିତ ବର୍ଷ ବିଶ୍ୱରେ କରୋନା ମହାମାରୀ କାୟା ବିସ୍ତାର କରିଥିବା ବେଳେ ଏହାଦ୍ୱାରା ପରିବେଶରେ ମଧ ବିଭିନ୍ନ ପରିବର୍ତ୍ତନ ଦେଖାଦେଇଛି। ବିଶ୍ୱର ଅଧିକାଂଶ ଦେଶରେ କରୋନା ମହାମାରୀ ପାଇଁ ମାସ ମାସଧରି ଲକ୍‌ଡାଉନ ଘୋଷଣା କରାଯିବା ଦ୍ୱାରା ଏହାର ଭଲ ପ୍ରଭାବ ପରିବେଶ ଉପରେ ମଧ ପଡିଛି। ତେବେ ୨୦୨୦ ମସିହା ଜୁନ୍ ୫ରେ ପାଳନ ହେଉଥିବା ବିଶ୍ୱ ପରିବେଶ ଦିବସର ଥିମ୍ ରହିଛି 'Celebrate Biodiversity' ବା ଜୈବ ବିବିଧତା ପାଳନ। ଜର୍ମାନୀର ସହଭାଗିତାରେ ଏହା କଲମ୍ବିଆରେ ପାଳନ କରାଯିବାର କାର୍ଯ୍ୟକ୍ରମ ରହିଛି। ମନୁଷ୍ୟ ଇକୋସିଷ୍ଟମର ଏକ ଅଂଶ ହୋଇଥିବାରୁ ଏଥର ଥିମର ପ୍ରାସଙ୍ଗିକତା ବେଶ୍ ରହିଛି। ଗତବର୍ଷ ବିଶ୍ୱ ପରିବେଶ ଦିବସର ଥିମ୍ ଥିଲା 'ଏୟାର ପଲ୍ୟୁଶନ' ବା ବାୟୁ ପ୍ରଦୂଷଣ।

# ବାୟୁମଣ୍ଡଳରେ କମିଛି ଅଙ୍ଗାରକାମ୍ଳ

**ଲକ୍‌ଡାଉନ୍**

**ନୂଆଦିଲ୍ଲୀ ୪।୬:** ପୃଥିବୀରେ ଦେଖାଦେଇଥିବା କରୋନା ମହାମାରୀ ସଂକ୍ରମଣ ଯୋଗୁ ପରିବେଶ ପ୍ରଦୂଷଣ ଯଥେଷ୍ଟ କମିଛି। ବିଶେଷଭାବେ ସହରାଞ୍ଚଳରେ ପ୍ରଦୂଷଣ ମାତ୍ରା କମିଯାଇଛି। ଭାରତର ରାଜଧାନୀ ଦିଲ୍ଲୀର ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ପରିମାଣ କମିଛି। ସେହିପରି ଦେଶର ଅନ୍ୟ ସହରାଞ୍ଚଳରେ ଏହାର ସକାରାତ୍ମକ ପ୍ରଭାବ ଦେଖିବାକୁ ମିଳିଛି। ଲକ୍‌ଡାଉନରେ ବିଭିନ୍ନ ଶିଳ୍ପ ସଂସ୍ଥା ବନ୍ଦ ରହିଛି। ସେହିପରି ଯାନବାହନ ଚଳାଚଳ ମଧ୍ୟ ହ୍ରାସ ପାଇଛି। ଫଳରେ ସିଏଫ୍‌ସି (କ୍ଲୋରୋଫ୍ଲୋରୋ କାର୍ବନ)ର ମାତ୍ରା ବାୟୁମଣ୍ଡଳରେ କମିଥିବା ବିଶେଷଜ୍ଞ ମତପୋଷଣ କରିଛନ୍ତି। ଏନେଇ ବାଙ୍ଗାଲୋରସ୍ଥିତ ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସର ଆଟମସ୍ଫିଅରିକ୍ ଆଣ୍ଡ୍ ଓସେନ୍ ସାଇନ୍ସ ବିଭାଗ ପ୍ରଫେସର ଏସ୍.କେ. ସାଥେସ୍ ସୂଚନା ଦେଇଛନ୍ତି। ଦେଶର ଦାକ୍ଷିଣଭାଗରେ ପ୍ରଦୂଷଣ ମାତ୍ରା ୫୦-୬୦ ପ୍ରତିଶତ କମିଥିବାବେଳେ ପଶ୍ଚିମବଙ୍ଗ, ବିହାର, ଦିଲ୍ଲୀ, ଉତ୍ତରପ୍ରଦେଶରେ ଏହା ୭୫ ପ୍ରତିଶତ ହ୍ରାସ ପାଇଛି। ଜିଓଗ୍ରାଫିକାଲ ରିସର୍ଚ୍ଚ ପତ୍ରିକା ଅନୁସାରେ ବାୟୁମଣ୍ଡଳରେ ମେ' ମାସରେ ନାଇଟ୍ରୋଜେନ ଅକ୍ସାଇଡ୍ ଏବଂ କାର୍ବନ ଡାଇଅକ୍ସାଇଡ୍ ମାତ୍ରା ବେଶି କମିଛି। ଗାନ୍ଧୀ ନଗର ଆଇଆଇଟିର ଆର୍ଥ ସାଇନ୍ସ ସହକାରୀ ପ୍ରଫେସର ମନୀଶ କୁମାର ସିଂଙ୍କ ମତାନୁସାରେ ଲକ୍‌ଡାଉନ୍ ଯୋଗୁ ପ୍ରଦୂଷଣ ନିୟନ୍ତ୍ରଣ କରିବା ସମ୍ଭବ ହୋଇପାରିଛି ବୋଲି ସେ କହିଛନ୍ତି।

# ପ୍ରଦୂଷଣମୁକ୍ତ ପୃଥିବୀ ଉପରେ ଫୋକସ

**ମୁମ୍ବାଇ,୪।୬:** ବର୍ତ୍ତମାନ ସାରା ବିଶ୍ୱରେ ପ୍ରଦୂଷଣର ମାତ୍ରା ବଢ଼ି ଚାଲିଛି। ଏହା ଯୋଗୁ ମାନବ ସମାଜ ଲାଗି ବିଭିନ୍ନ ସମସ୍ୟା ସୃଷ୍ଟି ହେଉଛି। ଲୋକମାନେ ବିଭିନ୍ନ ଜଟିଳ ରୋଗର ଶିକାର ମଧ୍ୟ ହେଉଛି। ଇକୋସିଷ୍ଟମରେ ଅସ୍ଥିରତା ସୃଷ୍ଟି ଯୋଗୁ ପ୍ରଦୂଷଣକୁ ହ୍ରାସ କରିବା ଉପରେ ଗୁରୁତ୍ୱାରୋପ କରାଯାଉଛି। ଏଭଳି ପ୍ରଦୂଷଣକୁ କମ୍ କରିବା ଦିଗରେ ଇଲେକଟ୍ରିକ ଯାନ ଏକ ପ୍ରମୁଖ ବିକଳ୍ପ ହୋଇ ପାରିବ। ଏହାକୁ ଧ୍ୟାନରେ ରଖି ପ୍ରଦୂଷଣ ମୁକ୍ତ ପରିବେଶ ଉପରେ ଉଷା କମ୍ୟୁନିକେଶନ ଫୋକସ କରୁଛି। ଏହି କମ୍ପାନୀ ଇ-ମୋବିଲିଟି ସମାଧାନ ପ୍ରଦାନ ଦିଗରେ ନିଜର ଯୋଗଦାନ ରଖି ଆସୁଛି। ପ୍ରଦୂଷଣକୁ କମ୍ କରିବା ଦିଗରେ ଇ-ଯାନ ବ୍ୟବହାର ନେଇ ଏହି କମ୍ପାନୀ ସଚେତନତା ସୃଷ୍ଟି କରୁଛି। ପରିବେଶ ଦିବସ ଉପରେ ଲୋକଙ୍କୁ ପ୍ରଦୂଷଣ ପରିବେଶ ଗଠନ ଦିଗରେ ଯୋଗଦାନ ରଖିବାକୁ କମ୍ପାନୀର ଅଧ୍ୟକ୍ଷ ରାଜନ ଜେ. ସାନେ ଆହ୍ୱାନ ଜଣାଇଛନ୍ତି।

## ଆକାଶର ରଙ୍ଗ ପରିବର୍ତ୍ତନ ହୋଇଛି



କରୋନା ଯୋଗୁ ସାରା ବିଶ୍ୱରେ ଲକ୍‌ଡାଉନ୍‌ର ପରିସ୍ଥିତି ଦେଖାଦେଇଛି। ଏହି ମଧ୍ୟରେ ଆକାଶର ରଙ୍ଗ ପରିବର୍ତ୍ତନ ହୋଇଛି, ତା ସହ ପ୍ରଦୂଷଣର ମାତ୍ରା ମଧ୍ୟ ହ୍ରାସ ପାଇଛି। ଏବେ ଜୀବଜନ୍ତୁମାନେ ଖୁସିରେ ଜୀବନଯାପନ କରୁଛନ୍ତି। ଏପରିକି ରାଜଧାନୀରେ ମଧ୍ୟ ଦିନ ଦ୍ୱିପ୍ରହରରେ କୋଇଲିର ସ୍ୱର ସ୍ପଷ୍ଟ ଭାବେ ଶୁଣିବାକୁ ମିଳୁଛି। ଲକ୍‌ଡାଉନ୍ ଆମକୁ ସମୟର ଜ୍ଞାନ ଓ ଶୃଙ୍ଖଳିତ ରହିବା ଶିଖାଇଛି। ଆମେ ୫୦% ଅନ୍ୟଥା ଗାଡ଼ି ବ୍ୟବହାର କରିଥାଉ, ଯାହା ଏବେ ନିୟନ୍ତ୍ରଣକୁ ଆସିଛି। ଯଦି ଏହି ଅଭ୍ୟାସ ଲକ୍‌ଡାଉନ୍ ପରେ ମଧ୍ୟ ଜାରି ରହିବ, ତେବେ ପରିବେଶ କିଛି ପରିମାଣରେ ସୁରକ୍ଷିତ ହୋଇପାରିବ।

**- ସଂଗ୍ରାମ କେଶରୀ ରାଉତ, ପରିବେଶବିତ୍**

## ପରିବେଶର ଗୁଣାତ୍ମକ ମାନରେ ଉନ୍ନତି ଘଟିଛି



କୋଭିଡ୍-୧୯ ଯୋଗୁ ପ୍ରକୃତି ନିଜର ପରିସ୍ଫୁଟନ ପରିପ୍ରକାଶ କରିବା ପାଇଁ ପ୍ରକୃଷ୍ଟ ସୁଯୋଗ ପାଇଛି। ଯେତେବେଳେ ବିଭିନ୍ନ ମାନବୀୟ କାର୍ଯ୍ୟକଳାପ ବନ୍ଦ ରହିଛି, ଏହି ପରିପ୍ରେକ୍ଷୀରେ ପ୍ରକୃତି ଓ ପ୍ରକୃତିରେ ଜୀବନଯାପନ କରୁଥିବା ବିଭିନ୍ନ ପ୍ରଜାତିର ଉଦ୍ଭିଦ ଓ ପ୍ରାଣୀଙ୍କ ପାଇଁ ଏକ ଭଲ ସମୟ ଆସିଛି। ସେମାନେ ବର୍ତ୍ତମାନ ନିର୍ବିଘ୍ନରେ ମାନବୀୟ ଚାପର ଅବର୍ତ୍ତମାନରେ ସୁନ୍ଦର ଭାବେ ଜୀବନଯାପନ କରୁଛନ୍ତି। ଏଥିସହ ପରିବେଶର ଗୁଣାତ୍ମକ ମାନରେ ଯଥେଷ୍ଟ ଉନ୍ନତି ଘଟିଛି। ପୃଥିବୀରେ ୧୩.୬ ନିୟୁତ ଜୀବଜନ୍ତୁ ରୁହନ୍ତି। ସେମାନଙ୍କ ସହ ମିଳିମିଶି ସୁନ୍ଦର ଭାବେ ସହ ବସ୍ଥାନ କିପରି କରିହେବ, ମାନବ ଜାତି ତାହା ହୃଦୟଙ୍ଗମ କରିବା ଆବଶ୍ୟକ।

**- ଜୟକୃଷ୍ଣ ପାଣିଗ୍ରାହୀ, ପରିବେଶବିତ୍**

## ପ୍ରଦୂଷଣ ମାତ୍ରା ହ୍ରାସ ପାଇଛି



ଲକ୍‌ଡାଉନ୍ ଯୋଗୁ ପ୍ରଦୂଷଣ ମାତ୍ରା ହ୍ରାସ ପାଇଛି। ଅନ୍ୟ ସମୟରେ ମଧ୍ୟ ପ୍ରଦୂଷଣକୁ ନିୟନ୍ତ୍ରଣାଧୀନ କରାଯାଇପାରିବ। ଯଦି ଲୋକମାନେ ଗାଡ଼ିମୋଟରଠାରୁ ଆରମ୍ଭ କରି ସବୁ କ୍ଷେତ୍ରରେ ନିଜ ଜୀବନୀଶୈଳୀରେ ପରିବର୍ତ୍ତନ ଆଣନ୍ତି ତାହେଲେ ଏହା ନିଶ୍ଚୟ ସମ୍ଭବପର ହୋଇପାରିବ। ଆମର ପ୍ରାକୃତିକ ସମ୍ବଳକୁ ମଧ୍ୟ କମ୍ ବ୍ୟବହାର କରିବା ଉଚିତ୍। ଧୀରେ ଧୀରେ ଭୂତଳ ଜଳ ବି ବିଷ ପାଲଟିବାରେ ଲାଗିଛି। ତେଣୁ ଆମକୁ ଆମର ଜୀବନଶୈଳୀରେ ପରିବର୍ତ୍ତନ ଆଣିବା ସହ ପ୍ରାକୃତିକ ସମ୍ବଳର ବ୍ୟବହାରରେ ମଧ୍ୟ ପରିବର୍ତ୍ତନ ଆଣିବାକୁ ପଡ଼ିବ।

**- ବିଶ୍ୱଜିତ୍ ମହାନ୍ତି, ପରିବେଶବିତ୍**

### ସୁଶାନ୍ତଙ୍କ ନିଆରା ପ୍ରୟାସ

# ସିଡ୍‌ବଲ୍‌ରୁ ସବୁଜିମା



**ପୁରୁଣା ଭୁବନେଶ୍ୱର, ୪।୬(ଡି.ଏନ୍.ଏ.)**

ଶୁକ୍ରବାର ବିଶ୍ୱ ପରିବେଶ ଦିବସ। ଚଳିତବର୍ଷର ଥିମ୍ ରହିଛି 'ପ୍ରକୃତି ପାଇଁ ସମୟ ଦେବା'। ଏଭଳି ଏକ ଦିବସରେ ପ୍ରକୃତି ପାଇଁ ସମୟ ଦେଉଥିବା ପ୍ରକୃତ ହିରୋଙ୍କ ଅବଦାନ ସାମ୍ନାକୁ ଆସୁଛି। ଏମିତି ଜଣେ ହିରୋ ହେଉଛନ୍ତି ଯୁବ ସାମାଜିକ କର୍ମୀ ସୁଶାନ୍ତ ସାହୁ। ତାଙ୍କର ସିଡ୍‌ବଲ୍‌ରୁ ସବୁଜିମା ସ୍ୱପ୍ନ ଏବେ ବାସ୍ତବତାର ରୂପ ନେବାକୁ ଯାଉଛି। ଗତବର୍ଷ ସୁଶାନ୍ତ ରାଜଧାନୀ ଉପକଣ୍ଠ ଚନ୍ଦକା ଅଭୟାରଣ୍ୟ ପ୍ରକଳ୍ପ, ଭରତପୁର ସଂରକ୍ଷିତ ଜଙ୍ଗଲର ଖାଲି ସ୍ଥାନ ଓ ଘଙ୍ଗାପାଟଣା ସଂରକ୍ଷିତ ଜଙ୍ଗଲର ଉଜୁଡ଼ା ଅଞ୍ଚଳରେ ପକାଇଥିବା ୫ହଜାରରୁ ଊର୍ଦ୍ଧ୍ୱ ସିଡ୍‌ବଲ୍‌ରୁ ବୀଜ ଅଙ୍କୁରୋଦ୍‌ଗମ ହୋଇଛି। ବର୍ଷା ପାଣି ସ୍ପର୍ଶରେ ହଜାର ହଜାର ତେନ୍ତୁଳି, ପଣସ ଚାରା ଧୀରେ ଉପରକୁ ମୁଣ୍ଡଟେକି ଛିଡ଼ା ହେବାକୁ ଆରମ୍ଭ କରିଛି। ଫିଙ୍ଗାଯାଇଥିବା ସିଡ୍‌ବଲ୍‌ର ୯୦ ପ୍ରତିଶତରୁ ଅଧିକ ଗଜା ବାହାରିଥିବାବେଳେ ଆବଶ୍ୟକ ଯତ୍ନ ଓ ସୁରକ୍ଷା ମିଳିଲେ ଆଗାମୀ ଦିନରେ ସେସବୁ ସ୍ଥାନ ସବୁଜିମାମୟ ହୋଇଯିବ ବୋଲି ସୁଶାନ୍ତ କହିଛନ୍ତି। ତାଙ୍କର ଏହି ନିଆରା ପ୍ରୟାସ ବିଶ୍ୱ ପରିବେଶ ଦିବସ ପାଇଁ ବଡ଼ ମହତ୍ୱ ରଖିଛି।

ତାଙ୍କ କହିବାନୁସାରେ, ମାଟି, ବାଲି, ଖତରେ ବିଭିନ୍ନ ପ୍ରକାର ବିହନ ମଞ୍ଜି ମିଶାଇ ପିଣ୍ଡୁଳା ତିଆରି କରନ୍ତି। ଏହାକୁ ସିଡ୍‌ବଲ୍ ବୋଲି କୁହାଯାଏ। ଯେଉଁ ସ୍ଥାନକୁ ଲୋକ ଯିବା ସମ୍ଭବ ହୁଏନି ବା ସେଠାରେ ମାଟି ଖୋଳି ମଞ୍ଜି ପୋତିବା କଷ୍ଟକର ହୁଏ, ସେସବୁ ସ୍ଥାନରେ ସବୁଜିମା ସୃଷ୍ଟି କରିବା ପାଇଁ ସିଡ୍‌ବଲ ବେଶ୍ ସହାୟକ ହୋଇଥାଏ। ତେଣୁ ପ୍ରତିବର୍ଷ ସୁଶାନ୍ତ ଏପରି ବହୁ ସ୍ଥାନରେ ହଜାର ହଜାର ସିଡ୍‌ବଲ୍ ତିଆରି କରି ଫିଙ୍ଗିଥାନ୍ତି। ସେଥିରୁ ୯୦ ପ୍ରତିଶତ ଗଜା ହେଉଛି। ଏହି ମହତ କାର୍ଯ୍ୟରେ ସ୍ଥାନୀୟ ଲୋକ, ଛାତ୍ରୀଛାତ୍ର ଏବଂ ଅନ୍ୟମାନଙ୍କୁ ସାମିଲ କରୁଥିବା ସୁଶାନ୍ତ କହିଛନ୍ତି।

## ପାଞ୍ଚ ପ୍ରମୁଖ ଚ୍ୟାଲେଞ୍ଜ

ପରିବେଶ ପ୍ରଦୂଷଣ ମାନବ ସମାଜ ପାଇଁ ଏକ ଭୟଙ୍କର ବାର୍ତ୍ତା ଆଣିଛି। ଲୋକମାନେ ଜାଣିଶୁଣି ପ୍ରକୃତି ଓ ପରିବେଶ ବିରୋଧୀ କାର୍ଯ୍ୟ କରୁଛନ୍ତି। ପରିବେଶ ପ୍ରଦୂଷଣ ପାଇଁ ଅନେକ କାରଣ ରହିଥିଲେ ହେଁ, ଏଥିରୁ ବର୍ତ୍ତିବା ପାଇଁ ଜୈବ ବିବିଧତାର ସୁରକ୍ଷା ଏକମାତ୍ର ବିକଳ୍ପ ବୋଲି ବିଶେଷଜ୍ଞ ମହଲରେ ମତପ୍ରକାଶ ପାଉଛି। ଜଳବାୟୁ ପରିବର୍ତ୍ତନ, ଜଙ୍ଗଲ ଅବକ୍ଷୟ, ଜନସଂଖ୍ୟା ବୃଦ୍ଧି, ଓଜନ ସ୍ତରରେ ଛିଦ୍ର ଓ ଜଳ ପ୍ରଦୂଷଣକୁ ରୋକିବା ଏବେ ସବୁଠାରୁ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ସମ୍ପ୍ରତି କରୋନା ଯୋଗୁ ଦେଶରେ ଯେଉଁ ଲକ୍‌ଡାଉନ୍ ପରିସ୍ଥିତି ସୃଷ୍ଟି ହୋଇଛି ତାହା ପରିବେଶ ସନ୍ତୁଳନ ପାଇଁ ଯଥେଷ୍ଟ ଗୁରୁତ୍ୱ ବହନ କରିଛି। ଏହି ଧାରା ଯଦି ବଜାୟ ରହିଲେ ପ୍ରକୃତି ଓ ପରିବେଶ ପାଇଁ ନିଶ୍ଚିତ ଭାବେ ବରଦାନ ସାଜିବ।












ଈଶ୍ୱରଙ୍କ ପାଖେ ଯଥାର୍ଥ ସମର୍ପଣ ତୁମଙ୍କୁ ପ୍ରସାରିତ କରେ – ଏବଂ ଏହା ତୁମର ଶକ୍ତି ଓ କ୍ଷମତାକୁ ବଢାଇ ଥାଏ । ତୁମର ସବୁକିଛିରେ ଗୁଣାତ୍ମକ ଓ ପରିମାଣାତ୍ମକ ଅଭିବୃଦ୍ଧି ଘଟେ । ଏହି ଉନ୍ନତି କେବେବି ତୁମ ନିଜ ଦ୍ୱାରା ହୋଇ ପାରନ୍ତା ନାହିଁ । –ଶ୍ରୀମା

# ଚାହିଦା ନ ଥାଇ ଦରବୃଦ୍ଧି

ଜୁନ୍ ୧ରୁ କେନ୍ଦ୍ର ସରକାର ଲକ୍‌ଡାଉନ୍ ନିୟମକୁ ଆହୁରି କୋହଳ କରିଦେଇଛନ୍ତି ଏବଂ ରାଜ୍ୟ ସରକାରଗୁଡ଼ିକୁ ସ୍ଥାନୀୟ ସ୍ତରରେ ନିଷ୍ପତ୍ତି ନେବାକୁ କ୍ଷମତା ଦେଇଛନ୍ତି । ଅର୍ଥାତ୍ ନିଜ ନିଜ ରାଜ୍ୟରେ କୋଭିଡ୍–୧୯ର ସଂକ୍ରମଣ ଓ ସ୍ଥିତିକୁ ନେଇ ନିୟମ କୋହଳ କରାଯିବ କି ନାହିଁ ସେ ବାବଦରେ ସମ୍ପୃକ୍ତ ରାଜ୍ୟ ସରକାର ନିଷ୍ପତ୍ତି ନେବେ । ତେବେ ଜୁନ୍ ୩୦ ପର୍ଯ୍ୟନ୍ତ ଲକ୍‌ଡାଉନ୍‌ରେ କୌଣସି ନିୟମ କୋହଳ ନ କରିବାକୁ ଆମ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି । ବରଂ ରାଜ୍ୟ ସରକାର ଏହାକୁ ଅଧିକ କଡ଼ାକଡ଼ି କରିଛନ୍ତି । ବର୍ତ୍ତମାନ ଯାହା ଜଣାପଡୁଛି, ଲକ୍‌ଡାଉନ୍‌କୁ ଏକାଥରେ ନୁହେଁ ବରଂ ଧୀରେ ଧୀରେ କୋହଳ କରି ଶେଷକୁ ଉଠାଇଦିଆଯିବ । ଦେଶରେ କରୋନା ପଜିଟିଭ୍ ମାମଲା ତଥା ସଂକ୍ରମଣ ବୃଦ୍ଧି ପାଉଥିଲେ ମଧ୍ୟ ଧୀରେ ଧୀରେ ଅର୍ଥନୈତିକ କାର୍ଯ୍ୟକଳାପ ଆରମ୍ଭ କରିବା ଲାଗି ଅନୁମତି ଦେବାକୁ କେନ୍ଦ୍ରର ନିଷ୍ପତ୍ତି ଅତ୍ୟନ୍ତ ଚ୍ୟାଲେଞ୍ଜିଂ ମନେହେଉଛି । ସରକାରଙ୍କ ପାଇଁ ଏହା ଏକ ସହଜ ନିଷ୍ପତ୍ତି ହୋଇ ନ ଥାଇପାରେ । ବରଂ ଆର୍ଥିକ ବାଧ୍ୟବାଧକତା ଯୋଗୁ ଏଭଳି ନିଷ୍ପତ୍ତି ନିଆଯାଇଛି । ଏହା ବି ଆଶା କରାଯାଉଥିଲା ଏବଂ ସ୍ୱାଗତଯୋଗ୍ୟ । ଲକ୍‌ଡାଉନ୍ ଯୋଗୁ କର୍ମଚାରୀମାନେ କାମକୁ ନ ଆସିବାରୁ ଔଦ୍ୟୋଗିକ କାର୍ଯ୍ୟକଳାପ ଏକ ପ୍ରକାର ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି । କମ୍ପାନୀଗୁଡିକ କର୍ମଚାରୀମାନଙ୍କ ଦରମା ହ୍ରାସ କରିଛନ୍ତି । ଅନେକଙ୍କୁ ଛଟେଇ କରିଛନ୍ତି । ସ୍ୱଳ୍ପ ସଂଖ୍ୟକ କର୍ମଚାରୀ କାମ କରୁଥିବା ବେଳେ ସେମାନଙ୍କ ଦୈନିକ କାମ କରିବାର ସମୟ ମଧ୍ୟ ହ୍ରାସ କରାଯାଇଛି । ଫଳରେ ଲୋକଙ୍କ ଉପରେ ଏହାର ଅତ୍ୟନ୍ତ ଦୁଷ୍ପ୍ରଭାବ ପଡ଼ିଛି । ଲୋକଙ୍କ କ୍ରୟଶକ୍ତି ସାଂଘାତିକ ଭାବେ ହ୍ରାସ ପାଇଛି । ଖାଉଟିମାନଙ୍କ ଚାହିଦା ହ୍ରାସ ପାଇଛି ଏବଂ ଆଗକୁ ପରିସ୍ଥିତି ଆହୁରି ଖରାପ ହେବା ଆଶଙ୍କା ରହିଛି । ଦୀର୍ଘକାଳ ଧରି ଅର୍ଥନୈତିକ ଅନିଶ୍ଚିତତା ଲାଗି ରହିବାର ଆଶଙ୍କା ଥିବାରୁ ଲୋକମାନେ କୌଣସି ଜିନିଷ କିଣିବା ପାଇଁ ନିଜ ମୁଣା ଖୋଲିବାକୁ ପଛଘୁଞ୍ଚା ଦେଉଛନ୍ତି ।

ମହାମାରୀର ଶିକାର ହୋଇଥିବା ବ୍ୟବସାୟଗୁଡ଼ିକ ମଧ୍ୟରେ ପ୍ରମୁଖ ସ୍ଥାନରେ ରହିଛି ସୁନା ଓ ଅଳଙ୍କାର କ୍ଷେତ୍ର । ଭାରତ ଲକ୍‌ଡାଉନ୍ ମୋଡ୍‌କୁ ଯିବା ପୂର୍ବରୁ ଏହି ହଳଦିଆ ଧାତୁର ଚାହିଦା ହ୍ରାସ ପାଇଥିଲା । ଡିଲର ଏବଂ ଖୁଚୁରା ବ୍ୟବସାୟୀମାନେ ଅକ୍ଷୟ ତୃତୀୟା ଅବସରରେ ଭଲ ବ୍ୟବସାୟ ହେବାର ଆଶା ରଖି ଅଧିକ ସୁନା ଗହଣା ଆଣି ଷ୍ଟକ୍ ରଖିଥିଲେ । କିନ୍ତୁ ଲକ୍‌ଡାଉନ୍ ସେମାନଙ୍କ ଯୋଜନାକୁ ନଷ୍ଟ କରିଦେଲା । ସେମାନଙ୍କ ପାଖରେ ବିଭିନ୍ନ କିସମ ଅଳଙ୍କାରର ବୃହତ୍ ଭଣ୍ଡାର ରହିଥିଲା । କିନ୍ତୁ ବିକ୍ରି କରିବାର ସୁଯୋଗ ମିଳିଲା ନାହିଁ । ଯଦିଚ ବଡ ଖୁଚୁରା ବ୍ୟବସାୟୀମାନେ ସେମାନଙ୍କ ଅନ୍‌ଲାଇନ୍ ପ୍ଲାଟ୍‌ଫର୍ମରେ ଗ୍ରାହକମାନେ ଭଲ ଆଗ୍ରହ ପ୍ରକାଶ କରିଥିବା ସୂଚନା ଦେଇଥିଲେ, ଲକ୍‌ଡାଉନ୍ ଦ୍ୱାରା ଗାଡ଼ିମଟର ବନ୍ଦ ହୋଇଯିବା ଯୋଗୁ ସେମାନେ ଅର୍ଡରଗୁଡ଼ିକ ଡେଲିଭରି ଦେବା ଅସମ୍ଭବ ହୋଇପଡିଥିଲା । ମାର୍ଚ୍ଚ ଶେଷ ସପ୍ତାହରୁ ମେ ୧୪ ପର୍ଯ୍ୟନ୍ତ ରାଜ୍ୟରେ ଦୋକାନଗୁଡିକ ବନ୍ଦ ରହିଥିଲା । ଏହାପରେ କିଛି କିଛି ଦୋକାନ ଖୋଲିଥିଲା । ତେବେ ଶେଷ ଝଟ୍‌କା ମୂଲ୍ୟବୃଦ୍ଧି ଆକାରରେ ଆସିଛି । ସୁନା ମୂଲ୍ୟ ଯାହାକି ଲକ୍‌ଡାଉନ୍ ପୂର୍ବରୁ ୧୦ ଗ୍ରାମ୍‌କୁ ୪୧,୦୦୦ ଟଙ୍କା ଥିଲା, ତାହା ୪୮,୦୦୦ ଟଙ୍କାରେ ପହଞ୍ଚିଛି । ବିଶ୍ୱ ଗୋଲ୍ଡ କାଉନ୍‌ସିଲର ପୂର୍ବାନୁମାନ ଅନୁଯାୟୀ ଏହି ହାର ସ୍ୱଳ୍ପରୁ ମଧ୍ୟମ ଅବଧି ମଧ୍ୟରେ ୫୨,୦୦୦ ଟଙ୍କା ଅତିକ୍ରମ କରିବ ।



ଯଦିଚ କରୋନା ଭୂତାଣୁଜନିତ ଲକ୍‌ଡାଉନ୍ ଯୋଗୁ ସୁନାର ଚାହିଦା ହ୍ରାସ ପାଇ ପ୍ରାୟ ଶୂନରେ ପହଞ୍ଚିଛି, ତଥାପି ଏହି ହଳଦିଆ ଧାତୁର ମୂଲ୍ୟ ବୃଦ୍ଧି ପାଇଛି । ଏହା ଏକ ବିରୋଧାଭାସ ପରିସ୍ଥିତି । ଭାରତ ସୁନାର ଏକ ପ୍ରମୁଖ ଆମଦାନିକାରୀ ଦେଶ, ଚାଇନା ପରେ ଏହା ଏ କ୍ଷେତ୍ରରେ ଦ୍ୱିତୀୟ ସ୍ଥାନରେ ରହିଛି । ନିବେଶ ଦୃଷ୍ଟିକୋଣରୁ ଲୋକଙ୍କ ପାଇଁ ସୁନା ସର୍ବଦା ଏକ ସୁରକ୍ଷିତ ସ୍ଥାନ ହୋଇଆସୁଛି । ଅର୍ଥନୀତି ଭୁଶୁଡ଼ିପଡ଼ିବା ଏବଂ ଇକ୍ୱିଟି ବଜାରରେ ଅବନତି ଘଟିବା ସହିତ ଇଲେକ୍ଟ୍ରୋନିକ୍ ଫର୍ମାଟରେ ସୁନା ଚାହିଦା ବୃଦ୍ଧି ପାଇବା ଯୋଗୁ ଏହାର ମୂଲ୍ୟ ବୃଦ୍ଧି ଘଟିଛି । ସୁନା ମୂଲ୍ୟ ବୃଦ୍ଧିରେ ଟଙ୍କାର ବିନିମୟ ମୂଲ୍ୟ ମଧ୍ୟ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଭାରତରେ ଟଙ୍କାର ମୂଲ୍ୟ ବେଶ୍ ହ୍ରାସ ପାଇଛି । ଏହି ସପ୍ତାହରେ ଆମେରିକୀୟ ଡଲାର ତୁଳନାରେ ଭାରତୀୟ ମୁଦ୍ରାର ମୂଲ୍ୟ ୭୫ ଟଙ୍କା ଉପରେ ରହିଛି । ବିକ୍ରୟ ବୃଦ୍ଧି ପାଇଁ ରିଟେଲରମାନେ ବିଭିନ୍ନ ଅଫର ପ୍ରଦାନ କରୁଛନ୍ତି । ସ୍ଥାନୀୟ ଖୁଚୁରା ବ୍ୟବସାୟୀମାନେ ସୁନା ଗହଣାର ତିଆରି ମୂଲ୍ୟରେ ରିହାତି ପ୍ରଦାନ କରୁଛନ୍ତି । ବ୍ରହ୍ମପୁରର କିଛି ଖୁଚୁରା ବ୍ୟବସାୟୀ ଉଚ୍ଚ ସୁନା ମୂଲ୍ୟର ପ୍ରଭାବକୁ କମ୍ କରିବା ପାଇଁ ତିଆରି ମୂଲ୍ୟ ଆଦୌ ନ ନେବାକୁ ଅଫର ଦେଇଛନ୍ତି । ଦୋକାନୀମାନେ ଲଟେରୀ ଓ ଉପହାର ଯୋଜନା ମଧ୍ୟ ଆରମ୍ଭ କରିଛନ୍ତି । ତଥାପି ଚାହିଦା ଈଷଦୁଷ୍ମ ରହିଛି । ଗହଣା ଦୋକାନରେ ସାଧାରଣ ଦିନଗୁଡ଼ିକ ତୁଳନାରେ ୨୫ ପ୍ରତିଶତ ବି ପାଦ ପଡୁନାହିଁ । ଯଦିଚ ବର୍ଷସାରା ସୁନା ବିକ୍ରି ହୁଏ, ଗ୍ରୀଷ୍ମ ଏବଂ ଶୀତ ଋତୁରେ ଏହା ଅଧିକ ବିକ୍ରି ହୁଏ । ଏବର୍ଷ ଯଦି ଭଲ ବର୍ଷା ହୁଏ ଏବଂ ଧାନର ସମର୍ଥନ ମୂଲ୍ୟ ବୃଦ୍ଧି ପାଏ, ତେବେ ସୁନାର ମୂଲ୍ୟ ବୃଦ୍ଧି ହେଲେ ବି କିଛି ବିକ୍ରି ହୋଇପାରେ କାରଣ ଗ୍ରାମାଞ୍ଚଳରୁ ଚାହିଦା ଆସିବାର ସମ୍ଭାବନା ଅଛି । ଅବଶ୍ୟ ସହରାଞ୍ଚଳ ଲୋକଙ୍କର କ୍ରୟ କ୍ଷମତାର ତୀବ୍ର ହ୍ରାସ ଏବଂ ସୁନାର ନିରୁତ୍ସାହଜନକ ମୂଲ୍ୟବୃଦ୍ଧି ଏହି ହଳଦିଆ ଧାତୁର ଚାହିଦାକୁ ନିମ୍ନରେ ରଖିବ ।

## ଚିରନ୍ତନୀ

ତୁମରି ହାସ ହସଇ ମୁହିଁ
କରଇଁ ପ୍ରେମ ଆକାଶ ଭୂଇଁ
ଚାଳଇଁ ପ୍ରିୟ ମଧୁରେ ଆଜି ତୁମରି ଗତି ବ୍ୟାଜରେ ।
ତୁମରି ପ୍ରେମ ଲଭିବା ଆଶେ
ନିଜକୁ କରେଁ ପ୍ରେମ
ଅଙ୍ଗ ତବ ଲାଗିବ ବୋଲି
ଏ ଦେହ ମଣେ ହେମ । (ପ୍ରସାଧନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| E | | | | | | | 0 | | | | | | | 2 |
| | | | E | | 3 | | A | C | | | | | | |
| | 8 | | | C | A | | 2 | | D | | 1 | | | |
| | 2 | 1 | | 5 | | | | | 8 | | | D | E | |
| | | | | | | 6 | | | | | | B | 1 | |
| 2 | | | | | B | C | | | | | A | | | 7 |
| | 9 | C | | | | D | 8 | | | | | | | |
| | | | D | 6 | | | 3 | | | C | | | 4 | |
| 4 | | 5 | | 9 | E | B | | | | | 0 | | | |
| 6 | D | 3 | | 7 | | E | | | 4 | | | 8 | | |
| 9 | | | | | | | 6 | | | 7 | D | | | 8 |
| 7 | C | 2 | 9 | 1 | | | 5 | | | E | | 6 | | 3 |
| | | E | 6 | 3 | | | | | | | | 1 | C | |
| | B | | | 8 | 7 | | | | | | 9 | | | E |
| | 0 | 8 | | | D | A | | | 1 | B | | 5 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| A | B | 6 | C | 7 | 4 | E | 5 | 0 | 2 | 9 | 8 | 1 | D | 3 |
| E | 7 | 2 | 8 | 1 | 5 | C | 6 | D | 0 | 4 | 3 | B | 9 | A |
| 5 | C | 9 | 0 | D | 3 | 2 | 7 | 8 | A | 1 | B | E | 6 | 4 |
| 4 | 1 | 0 | 6 | A | 2 | 3 | 9 | B | 5 | D | E | 7 | 8 | C |
| 8 | 3 | D | B | E | 9 | 1 | A | 4 | 6 | 7 | C | 2 | 5 | 0 |
| 3 | A | E | 7 | 9 | C | 6 | 4 | 1 | B | 0 | D | 8 | 2 | 5 |
| 0 | 4 | 1 | A | 5 | E | D | 8 | C | 3 | 6 | 2 | 9 | B | 7 |
| 9 | 6 | B | 2 | 4 | 8 | 0 | E | 5 | 7 | A | 1 | 3 | C | D |
| 2 | 5 | 8 | D | B | 0 | 7 | 3 | A | C | E | 9 | 6 | 4 | 1 |
| C | D | 7 | 1 | 3 | 6 | 9 | B | 2 | 8 | 5 | 4 | 0 | A | E |
| 6 | E | A | 5 | C | 7 | 8 | 2 | 9 | 4 | 3 | 0 | D | 1 | B |
| D | 2 | C | 9 | 6 | 1 | 4 | 0 | 7 | E | B | 5 | A | 3 | 8 |
| 7 | 9 | 5 | 3 | 8 | D | B | C | E | 1 | 2 | A | 4 | 0 | 6 |
| B | 0 | 4 | E | 2 | A | 5 | 1 | 3 | D | 8 | 6 | C | 7 | 9 |
| 1 | 8 | 3 | 4 | 0 | B | A | D | 6 | 9 | C | 7 | 5 | E | 2 |

ଗତକାଲିର ଉତ୍ତର

# କରୋନା ସଙ୍କଟ ଏବଂ ଶ୍ରମ ଅସନ୍ତୁଳନ

ଡ. ଅମିୟ କୁମାର ମହାପାତ୍ର
ଦ୍ୱାରକା, ନୂଆଦିଲ୍ଲୀ

ରବିନାରାୟଣ ସେଠୀ
ଖଙ୍କର, ଢେଙ୍କାନାଳ

ରାଷ୍ଟ୍ରର ବିକାଶ ଜାତୀୟ ଆୟ ଦୃଷ୍ଟିରୁ ନୁହେଁ ବରଂ ଜନ କଲ୍ୟାଣ ଏବଂ ଜନ ସନ୍ତୋଷ ଉପରେ ନିର୍ଭର କରେ । ଆମେ କିପରି ଦେଶର ଶ୍ରମଶକ୍ତିର ଯତ୍ନ ଏବଂ ସମ୍ମାନ କରୁ, ତାହା ଆମର ବିକାଶର ମାନ ନିର୍ଦ୍ଧାରଣ କରିଥାଏ । ଶ୍ରମିକର ଅବଦାନ ଏବଂ ତା'ର ଉତ୍ପାଦକତା ଦେଶର କଲ୍ୟାଣ ଏବଂ ଭବିଷ୍ୟତର ସୁଖ ଓ ସମୃଦ୍ଧି ପାଇଁ ନିହାତି ଆବଶ୍ୟକ । ଏହି ବର୍ଷ ମେ' ମାସର ପ୍ରଥମ ଦିବସଟି ଥିଲା ସମ୍ପୂର୍ଣ୍ଣ ଅଲଗା ଏବଂ ଦୁର୍ଭାଗ୍ୟଜନକ । କାରଣ କୋଭିଡ୍–୧୯ ଶ୍ରମିକଙ୍କର ଜୀବନ ଏବଂ ଜୀବିକା ପାଇଁ ବିପଦ ସୃଷ୍ଟି କରିବା ସହିତ ସେମାନଙ୍କର ସାମାଜିକ–ଅର୍ଥନୈତିକ ଭିତ୍ତିଭୂମିକୁ ଭାଙ୍ଗି ଖଣ୍ଡବିଖଣ୍ଡ କରିଦେଇଛି । ମାନସିକ ଚାପ ବୃଦ୍ଧି ସହିତ ସ୍ୱାସ୍ଥ୍ୟକୁ ବ୍ୟାପକ ପ୍ରଭାବିତ କରିଛି । ମହାମାରୀ ସମୟରେ କରୋନା ସମ୍ବନ୍ଧୀୟ ମୃତ୍ୟୁ ହେବାର ଆଶଙ୍କା ଥିବାରୁ ଅନେକ ଶ୍ରମିକ ଜୀବିକା ହରାଇ, ଖାଦ୍ୟ ପାନୀୟ ବିନା ନିଜ ବାସସ୍ଥାନକୁ ଫେରୁଛନ୍ତି । ତାଲାବନ୍ଦ ସମୟରେ ବିସ୍ଥାପିତ ହୋଇ ଲକ୍ଷ ଲକ୍ଷ ଶ୍ରମିକ ଦୁଃଖକଷ୍ଟରେ ନିଜ ଗାଁ ଏବଂ ସହରକୁ ଚାଲି ଚାଲି ଫେରୁଛନ୍ତି । ଭାରତ ବିଭାଜନ ପରେ ଏହା ଦେଶର ସବୁଠୁ ବଡ ଜନ ସ୍ଥାନାନ୍ତରଣ ବୋଲି ପ୍ରମାଣିତ ହୋଇଛି ।

ବିଶ୍ୱବ୍ୟାପୀ ମହାମାରୀ କୋଭିଡ୍–୧୯ ଦ୍ୱାରା ହୋଇଥିବା ଆର୍ଥିକ ମାନ୍ଦାବସ୍ଥା ଏବଂ ସ୍ଥାନାନ୍ତର ସଙ୍କଟ ଯୋଗୁ ଏହା ଜୀବନ ଏବଂ ଜୀବିକା ପାଇଁ ବିପଦ ସୃଷ୍ଟି କରୁଛି । ଏହି ବୃହତ୍ ସମସ୍ୟା ମଧ୍ୟ ବିଶ୍ୱର ପ୍ରମୁଖ ସମୃଦ୍ଧ ଏବଂ ଶକ୍ତିଶାଳୀ ଦେଶଗୁଡ଼ିକୁ ଦୁର୍ବଳ ଏବଂ ଅସହାୟ କରିଦେଇଛି । ଭାରତ ପରି ଦେଶରେ କରୋନା କେବଳ ସ୍ୱାସ୍ଥ୍ୟ ସଙ୍କଟରେ ସୀମିତ ନୁହେଁ, ବରଂ ଏହା ଅର୍ଥନୀତି ପାଇଁ ବଡ଼ ପ୍ରତିବନ୍ଧକ ସୃଷ୍ଟି କରିଛି ।

ଶ୍ରମବିଭାଜନ ଅନୁଯାୟୀ, ଶ୍ରମିକର ଦକ୍ଷତା ଏବଂ କାର୍ଯ୍ୟକ୍ଷେତ୍ର ଆଧାରରେ ସେମାନଙ୍କୁ ଶ୍ରେଣୀଭୁକ୍ତ କରାଯାଇଥାଏ । ଦକ୍ଷତା ଦୃଷ୍ଟିରୁ ଶ୍ରମିକମାନଙ୍କୁ ଅଣକୁଶଳୀ, ଅର୍ଦ୍ଧକୁଶଳୀ, କୁଶଳୀ ଓ ଉଚ୍ଚକୁଶଳୀ ଭାବରେ ବିଭାଜନ କରାଯାଇଥାଏ । କରୋନା ପ୍ରଭାବରେ ମୁଖ୍ୟତଃ ଅର୍ଦ୍ଧକୁଶଳୀ ଏବଂ ଅଣକୁଶଳୀ ଶ୍ରମିକମାନଙ୍କ ମଧ୍ୟରେ ବିଶେଷଭାବରେ ଅସନ୍ତୁଳନ ଦେଖାଦେଇଛି । ବହୁ ଶ୍ରମିକ ସାଧାରଣତଃ ଦିନ ମଜୁରିଆ, ସୁରକ୍ଷାକର୍ମୀ, ଗାଡ଼ିଚାଳକ, ଗୃହ ଚାକର–ଚାକରାଣୀ ଏବଂ ଗୃହରକ୍ଷୀ ପ୍ରମୁଖ ଏହି ଅସନ୍ତୁଳନର ଅଧିକ ଶିକାର ହୋଇଛନ୍ତି । କରୋନା କାରଣରୁ 'ଶ୍ରେଣୀ ସଂଘର୍ଷ' ଆଜି 'ଜନ ସଂଘର୍ଷ'ର ଏକ ଭିନ୍ନ ରୂପ ନେଇଛି । ନିଆଁରେ ଘିଅ ଢାଳିବା ସଦୃଶ, ବୈଷୟିକ ପ୍ରଗତି, କୃତ୍ରିମ ବୁଦ୍ଧି, ସ୍ୱୟଂଚାଳିତ ଏବଂ ରୋବୋଟିକ୍ସ କାରଣ ଶ୍ରମିକମାନଙ୍କ ମଧ୍ୟରେ ବେକାରି ଏବଂ ଦୁଃଖ ବଢେଇବା ସଙ୍ଗେ ସଙ୍ଗେ ଏଭଳି ଏକ ମହାମାରୀକୁ ପ୍ରସାରିତ କରୁଛି ।

କୋଭିଡ୍–୧୯ ମଧ୍ୟରେ ଶ୍ରମ ଅସନ୍ତୁଳନର ଏକ ନିଆରା ରୂପ ପ୍ରତିଫଳିତ ହେବାକୁ ଯାଉଛି, ଯାହା ଶ୍ରମିକମାନଙ୍କ ଜୀବନ ଏବଂ ଶିଳ୍ପ ଉତ୍ପାଦନ ଉପରେ ପ୍ରଭାବ ପକାଇବ । ଏତଦ୍ୱାରା ଆମ ଦେଶର ଜାତୀୟ ଆୟ ହ୍ରାସ ହେବା ସଙ୍ଗେ ସଙ୍ଗେ ଶ୍ରମିକଙ୍କ ଦୁର୍ଦ୍ଦଶା ବଢ଼ିବ । ଶ୍ରମିକମାନଙ୍କ ବିସ୍ଥାପନ ଓ ପଳାୟନ ଯୋଗୁ ଶ୍ରମଭିତ୍ତିକ ଶିଳ୍ପଗୁଡିକ ଶ୍ରମବଜାରରେ ଏକ 'ଶ୍ରମ ଅଭାବ' ପରିସ୍ଥିତିର ସମ୍ମୁଖୀନ ହେବେ, ଯଦ୍ୱାରା ଏହି ଶିଳ୍ପଗୁଡ଼ିକ ନିଜର ସର୍ବୋତ୍ତମ କ୍ଷମତା ଅନୁଯାୟୀ କାର୍ଯ୍ୟକ୍ଷମ ହୋଇପାରିବେ ନାହିଁ । ଶ୍ରମ ଅଭାବ ହେତୁ, ଉତ୍ପାଦନ ଏବଂ ଉତ୍ପାଦକତା ଯଥେଷ୍ଟ ହ୍ରାସ ପାଇବ । ସେହିଭଳି ଗ୍ରାମାଞ୍ଚଳରେ ଶ୍ରମ ଯୋଗାଣ ଶ୍ରମର ଚାହିଦାକୁ ଅତିକ୍ରମ କରିବ । ଫଳରେ 'ଶ୍ରମର ଅତିରିକ୍ତ ଯୋଗାଣ' ପରିସ୍ଥିତି ସୃଷ୍ଟି ହେବ ଓ ସେହି କାରଣରୁ ବେକାରି ସମସ୍ୟା ଆହୁରି ବଢ଼ିବ । ଏହି ଅସମାନତା, ଶ୍ରମ ବଜାରରେ ଅସନ୍ତୁଳନ ସୃଷ୍ଟି କରି, ଏକ ନୂତନ ପ୍ରକାର ଆର୍ଥିକ ସଙ୍କଟ ସୃଷ୍ଟି କରିବ, ଯାହା କି ଆୟ, ଉତ୍ପାଦନ ଏବଂ ରୋଜଗାର ଉପରେ ନକାରାତ୍ମକ ପ୍ରଭାବ ପକାଇବ । କରୋନାର ବ୍ୟାପକତା ଏବଂ ଭୟାବହତା ହେତୁ ଏହି ଅବସ୍ଥା ଦୀର୍ଘକାଳ ସ୍ଥାୟୀ ରହିବାର ସମ୍ଭାବନା ଅଛି ଏବଂ ସେଥିପାଇଁ ଏକ ଗମ୍ଭୀର ଆର୍ଥିକ ସଙ୍କଟ ସୃଷ୍ଟି ହେବ ।

ଏସବୁ ମଧ୍ୟରେ ସ୍ଥାନାନ୍ତର ସମସ୍ୟା, ରୋଜଗାରର ଅଭାବ, ବେତନ ଅସମାନତା ଇତ୍ୟାଦି ଅସଂଗଠିତ କ୍ଷେତ୍ରର ଶ୍ରମିକମାନଙ୍କ ପାଇଁ ମୁଖ୍ୟ ଚିନ୍ତାର କାରଣ ହେବ । ରୋଜଗାର ସମସ୍ୟା ସହିତ ଶ୍ରମିକଙ୍କ ବହିଷ୍କାର ଏବଂ ପଳାୟନ ଯୋଗୁ ଲକ୍ଷ ଲକ୍ଷ ଶ୍ରମିକଙ୍କ ପିଲାମାନଙ୍କ ପାଠପଢା, ସ୍ୱାସ୍ଥ୍ୟ ଓ ମାନସିକ ଅସନ୍ତୁଳନ ବଢିବ । କରୋନା ସଂକ୍ରମଣ କାରଣରୁ ଶ୍ରମିକଙ୍କ ସ୍ଥାନାନ୍ତର ସମୟରେ ଅନେକ ହୃଦୟବିଦାରକ ଘଟଣା ଘଟିଛି, ଯେପରି କି ଔରଙ୍ଗାବାଦରେ ରେଳ ଧାରଣାରେ କଟିବା ଦ୍ୱାରା ୧୬ ଜଣ ପ୍ରବାସୀ ଶ୍ରମିକଙ୍କ ମୃତ୍ୟୁ ଏବଂ ଔରେୟାଠାରେ ଟ୍ରକ୍ ଧକ୍କାରେ ୨୪ ଜଣ ଶ୍ରମିକଙ୍କ ମୃତ୍ୟୁ ଅତ୍ୟନ୍ତ ଦୁଃଖଦାୟକ । ଏପରି ବିପର୍ଯ୍ୟୟ ସମୟରେ ମୃତ୍ୟୁକୁ ଏଡାଇବା ପାଇଁ ଲକ୍ଷ ଲକ୍ଷ ଶ୍ରମିକ ଜୀବିକା ହରାଇ, ଭୋକଶୋଷରେ ଶହ ଶହ କିଲୋମିଟର ଚାଲି ଚାଲି ନିଜ ଘରକୁ ଫେରିବାକୁ ବାଧ୍ୟ ହୋଇଛନ୍ତି । ମେ' ମାସର ପ୍ରଚଣ୍ଡ ତାପରେ ମାଆମାନେ ଛୋଟ ପିଲାମାନଙ୍କୁ ଅତ୍ୟନ୍ତ କଷ୍ଟରେ ସୁରକ୍ଷିତ ରଖିବାକୁ ଚେଷ୍ଟା କରୁଥିବା ଦେଖି କାହାର ହୃଦୟ ପ୍ରଭାବିତ ନ ହେବ! ଶ୍ରମିକମାନଙ୍କର ଅଗ୍ରଦୂତ କାର୍ଲ ମାର୍କ୍ସ ଏହି ପ୍ରକାର ବିପର୍ଯ୍ୟୟ ଏବଂ ଏହାର ପରିଣାମ ବିଷୟରେ କେବେ ବି ଚିନ୍ତା କରି ନ ଥିବେ ।

ପ୍ରବାସୀ ସମସ୍ୟାର ସମାଧାନ ଠିକ୍ ଭାବରେ କରାଯାଇ ନାହିଁ । ଯଦିଓ ସରକାର କିଛି କାର୍ଯ୍ୟ କରୁଛନ୍ତି କିନ୍ତୁ ତାହା ସକ୍ରିୟ ଏବଂ ନ୍ୟାୟପୂର୍ଣ୍ଣ ଭାବରେ କରାଯାଇ ପାରିଥାନ୍ତା । ଶ୍ରମିକମାନେ ନିର୍ଦ୍ଦିଷ୍ଟ ନୀତିର ଅଭାବରୁ ଏବଂ ଠିକ୍ ସମୟରେ ପଦକ୍ଷେପ ନ ନେବା କାରଣରୁ ଯନ୍ତ୍ରଣା ଭୋଗୁଛନ୍ତି । ସେମାନଙ୍କ ସମସ୍ୟାର ସମାଧାନ ପାଇଁ ସେପରି କିଛି ସଂଗଠିତ ପଦକ୍ଷେପ ଗ୍ରହଣ କରାଯାଇ ନାହିଁ । ତଥାପି ଏହି ପରିସ୍ଥିତିର ମୁକାବିଲା ପାଇଁ କେନ୍ଦ୍ର ଏବଂ ରାଜ୍ୟ ସରକାର ନିରନ୍ତର କାର୍ଯ୍ୟ କରୁଛନ୍ତି । ଘୋଷିତ କୋଡିଏ ଲକ୍ଷ କୋଟି ଟଙ୍କା ରିଲିଫ ପ୍ୟାକେଜରୁ କେନ୍ଦ୍ର ସରକାର ୩.୧୬ ଲକ୍ଷ କୋଟି ଟଙ୍କା ପ୍ରବାସୀ ଶ୍ରମିକ, କୃଷକ ଏବଂ ଗରିବ ଲୋକଙ୍କ କଲ୍ୟାଣ ପାଇଁ ଆବଣ୍ଟିତ କରିଛନ୍ତି । ଏଥିସହିତ ଭାରତ ସରକାର ମନରେଗା ଦୈନିକ ମଜୁରିକୁ ୨୦୨ ଟଙ୍କାକୁ ବୃଦ୍ଧି କରିଛନ୍ତି, ଯାହା ୫ କୋଟିରୁ ଅଧିକ ଗରିବ ପରିବାରକୁ ଉପକୃତ କରିବ । ରାଜ୍ୟ ସରକାର ମଧ୍ୟ ସେମାନଙ୍କ ସ୍ତରରେ ଗରିବ ଲୋକଙ୍କୁ ଖାଦ୍ୟ ଏବଂ ଆର୍ଥିକ ସହାୟତା ପ୍ରଦାନ କରୁଛନ୍ତି ।

ଏହି ପ୍ରତ୍ୟାବର୍ତ୍ତନ ହେତୁ ଶିକ୍ଷା, ସ୍ୱାସ୍ଥ୍ୟ, ରୋଜଗାର କିମ୍ବା ବାସଗୃହ ଭଳି ଗ୍ରାମ୍ୟ ବ୍ୟବସ୍ଥାରେ ସୃଷ୍ଟି ହୋଇଥିବା ହଠାତ୍ ଚାପକୁ ଠିକ୍ ଭାବରେ ସମାଧାନ କରାଯିବା ଆବଶ୍ୟକ । କୃଷି, ପଶୁପାଳନ, ମତ୍ସ୍ୟଚାଷ, କୁକୁଡ଼ାପାଳନ, ଉଦ୍ୟାନ କୃଷି ଇତ୍ୟାଦି ଉପରେ ସମୟୋଚିତ, ନୀତିଗତ ନିଷ୍ପତ୍ତି ଗ୍ରହଣ କରି ସ୍ଥାୟୀ ସମାଧାନର ପନ୍ଥା ଖୋଜିବା ଉଚିତ । ଏପରି ପରିସ୍ଥିତିର ମୁକାବିଲା ପାଇଁ ଏକ ସ୍ଥାୟୀ ଏବଂ ନିର୍ଭରଯୋଗ୍ୟ ବ୍ୟବସ୍ଥା ଗଠନ କରିବାର ବହୁତ ଆବଶ୍ୟକତା ଅଛି । ଯଦି ପ୍ରଭାବିତ ଲୋକମାନେ, ବିଶେଷ ଭାବରେ ଶ୍ରମିକ ଏହି ସଙ୍କଟ ସମୟରେ ସେମାନଙ୍କ ଜୀବନ ଏବଂ ଜୀବିକା ନିର୍ବାହ କରିବାରେ ସକ୍ଷମ ନ ହୁଅନ୍ତି, ତେବେ ଏହା ମାନବ ଜାତି ପାଇଁ ଏକ ବଡ଼ ଅନ୍ୟାୟ ହେବ ।

ଏଭଳି ସମୟରେ ସ୍ଥାନୀୟ ତଥା ଜାତୀୟ ଗଣମାଧ୍ୟମ, ଏହି ପ୍ରବାସୀ ଶ୍ରମିକଙ୍କ ଜୀବନଯନ୍ତ୍ରଣା ଏବଂ ସେମାନଙ୍କ ବିସ୍ଥାପନ ବିଷୟରେ ଠିକ୍ ସୂଚନା ଦେଇ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି । ଏହାବ୍ୟତୀତ ସମଗ୍ର ଭାରତରେ ବହୁ ସଂଖ୍ୟକ ସ୍ୱେଚ୍ଛାସେବୀ ସଂଗଠନ ଓ ବ୍ୟକ୍ତିବିଶେଷ ପ୍ରବାସୀଙ୍କୁ ସାହାଯ୍ୟ କରିବା ପାଇଁ କାର୍ଯ୍ୟ କରୁଛନ୍ତି । ସେହିପରି ପୋଲିସ ଏବଂ ଚିକିତ୍ସା ସେବାରେ ନିୟୋଜିତ କର୍ମୀମାନେ ମଧ୍ୟ ସେବା ଯୋଗାଇବାରେ ଦିନରାତି କଠିନ ପରିଶ୍ରମ କରୁଛନ୍ତି, ଯାହା ପ୍ରଶଂସନୀୟ । ଏପରି ଏକ ମହା ସଙ୍କଟ କାଳରେ ସରକାର ଯଦି ପ୍ରବାସୀ ଶ୍ରମଜୀବୀଙ୍କର ଜୀବିକା ଓ ସ୍ୱାସ୍ଥ୍ୟଗତ ଥଇଥାନ ନିମିତ୍ତ ଆଖିଦୃଶିଆ ପଦକ୍ଷେପ ଗ୍ରହଣ ନ କରନ୍ତି, ତେବେ ଗଣତନ୍ତ୍ର ମଧ୍ୟ ତାହାର ମୂଲ୍ୟ ଓ ଭରସା ହରାଇବ, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ।

# ବିପଦରେ ଜୈବବିବିଧତା

ଡ.ଦେବାନନ୍ଦ ବେଉରା

ଜୈବବିବିଧତା କହିଲେ ଜୀବ ପ୍ରଜାତିର ପ୍ରକାର ଓ ପ୍ରସାରଣକୁ ବୁଝାଏ । ପୃଥିବୀରେ ଅନେକ ଜାତି ଓ ପ୍ରଜାତିର ପଶୁପକ୍ଷୀ, ଗଛଲତା, କୀଟପତଙ୍ଗ ଏବଂ ଅଣୁଜୀବ ଦେଖାଯାଆନ୍ତି । ପ୍ରତ୍ୟେକ ନିଜର ବାସସ୍ଥାନ, ଖାଦ୍ୟାଭ୍ୟାସ ଓ ଜୀବନଚକ୍ର ଅନୁଯାୟୀ ଗୋଟେ ଗୋଟେ ପରିସଂସ୍ଥା ସହିତ ଅନୁବନ୍ଧିତ ହୋଇ ରହିଥାନ୍ତି । ଆମ ଚତୁଃପାର୍ଶ୍ୱରେ ଏସବୁ ଜୀବ ପାରସ୍ପରିକ କ୍ରିୟା, ପ୍ରତିକ୍ରିୟା, ନିର୍ଭରଶୀଳତା ମାଧ୍ୟମରେ ଜୈବମଣ୍ଡଳକୁ ସକ୍ରିୟ ଓ ସଂଗଠିତ କରି ରଖିଥାନ୍ତି । ପ୍ରକୃତିରେ ବସବାସ କରୁଥିବା ଏହି ଭିନ୍ନ ଭିନ୍ନ ପ୍ରକାରର ଅସଂଖ୍ୟ ଜୀବଜନ୍ତୁ ଗଛଲତାଙ୍କ ସମାହାରକୁ ଜୈବବିବିଧତାର ମାନ୍ୟତା ଦିଆଯାଇଛି ।

ଜୈବବିବିଧତା ପରିସଂସ୍ଥୀୟ ସେବାର ଭିତ୍ତିଭୂମି ସ୍ୱରୂପ ମଣିଷର ଅନେକ ଉପକାର କରିଥାଏ । ଅଲଗା ଅଲଗା ପରିସଂସ୍ଥାରେ ଅସଂଖ୍ୟ ଜୀବ–ବୃକ୍ଷ–କୀଟ ସେମାନଙ୍କ ସାମୂହିକ ଜୈବପ୍ରକ୍ରିୟା ଦ୍ୱାରା ଜଳ–ସ୍ଥଳ–ବାୟୁମଣ୍ଡଳକୁ ସମ୍ମେଳନ କରି ପରିବେଶୀୟ ପ୍ରଣାଳୀ ରଚନା କରନ୍ତି । ଏଥିରେ ସମସ୍ତଙ୍କର ସମ୍ମିଳିତ ପ୍ରୟାସର ପରିପ୍ରକାଶ ହେଉଛି ବିଶୁଦ୍ଧ ବାୟୁ, ନିର୍ମଳ ଜଳ, ଉର୍ବର ମୃତ୍ତିକା, ପ୍ରଶସ୍ତ ସମୁଦ୍ର, ଉପାଦେୟ ଭୂମି ତଥା ଖାପଖୁଆଇଲା ଭଳି ଜଳବାୟୁ । ଏସବୁ ପ୍ରାକୃତିକ ସମ୍ପଦ ଓ ସଂସ୍ଥାନର ବଡ଼ ହିତାଧିକାରୀ ହେଉଛି ମଣିଷ । ଅନ୍ୟ ପ୍ରାଣୀଙ୍କ ଜୀବନଶୈଳୀ ପ୍ରକୃତି ପ୍ରାୟୋଜିତ ହୋଇଥିବାସ୍ଥଳେ ମଣିଷ ନିଜର ବିବେକ କିମ୍ବା ଇଚ୍ଛାନୁଯାୟୀ ପ୍ରକୃତି ଓ ପରିସଂସ୍ଥାକୁ ବ୍ୟବହାର କରିଥାଏ । ଏଣୁ ଜୈବବିବିଧତା ଉପରେ ମଣିଷ କାର୍ଯ୍ୟାବଳୀର ପ୍ରଭାବ ସିଧାସଳଖ ପଡ଼ିବା ସ୍ୱାଭାବିକ ।

ପୃଥିବୀ ସୃଷ୍ଟିର ଆରମ୍ଭରୁ ବ୍ୟାକ୍ଟେରିଆ ଭଳି ଏକକୋଷୀ ଜୀବ ଓ ପରେ ବିବର୍ତ୍ତନବାଦରେ ସୃଷ୍ଟି ହେଲେ ଅନେକ ଜୀବଜନ୍ତୁ ଓ ଗଛଲତା । ୪୫୦୦ ନିୟୁତ ବୟସ୍କ ପୃଥିବୀରେ ୩୫୦୦ ନିୟୁତ ବର୍ଷ ବେଳକୁ ଜୀବ ଆବିର୍ଭାବ ଘଟେ, ଯାହା ବିବାଦମୁକ୍ତ ଜୀବାଶ୍ମ ଦ୍ୱାରା ପ୍ରମାଣିତ । ଜୀବଙ୍କ ଜାତି ପ୍ରଜାତିର ସମ୍ପ୍ରସାରଣ ଘଟି ଜୈବମଣ୍ଡଳ ପରିପୁଷ୍ଟ ହେବା ସହିତ ଜୈବବିବିଧତାର ସ୍ୱରୂପ ସୃଷ୍ଟି କରେ । ଜୈବ ଇତିହାସର ଗୋଟିଏ କାଳରେ ଅର୍ଥାତ୍ ଫାନେରୋଜୋଇକ୍ ସମୟରେ ଜୈବବିବିଧତାର ବୃଦ୍ଧି ସର୍ବାଗ୍ରେ ପହଞ୍ଚିଥିଲା । ପରବର୍ତ୍ତୀ ସମୟରେ ଅନେକ ପ୍ରାକୃତିକ କାରଣ ଯଥା ଜଳବାୟୁ ପରିବର୍ତ୍ତନ, ସାମୁଦ୍ରିକ ପତ୍ତନ ବୃଦ୍ଧି, ପ୍ରବଳ ଓ ପ୍ରଚଣ୍ଡ ଉଲ୍‌କାପାତ, ଅଗ୍ନି ଉଦ୍‌ଗୀରଣ ଏବଂ ଖାଦ୍ୟାଭାବ ଇତ୍ୟାଦି ପାଇଁ ଜୈବବିବିଧତା ପାଞ୍ଚ–ପାଞ୍ଚଟି ସାମୂହିକ ବିଲୋପର ସମ୍ମୁଖୀନ ହେଲା । ଫଳରେ ଏକଦା ପୃଥିବୀରେ ବସବାସ କରୁଥିବା ମୋଟ୍ ପ୍ରଜାତିର ୯୯.୯ ପ୍ରତିଶତ ବିଲୁପ୍ତ ହୋଇଗଲେ, ଯେଉଁମାନଙ୍କର ସଂଖ୍ୟା ୫୦୦ କୋଟିରୁ ଊର୍ଦ୍ଧ୍ୱ ହେବ । ମାତ୍ର ବର୍ତ୍ତମାନ ପୃଥିବୀରେ ଦେଖାଯାଉଥିବା ପ୍ରଜାତି ୧୦ରୁ ୧୪ ନିୟୁତ ହେବ ବୋଲି ଆକଳନ କରାଯାଇଛି । ଏମାନଙ୍କ ମଧ୍ୟରୁ ପ୍ରାୟ ୧.୨ ନିୟୁତ ପ୍ରଜାତି ଚିହ୍ନିତ ଏବଂ ୮୬ ପ୍ରତିଶତରୁ ଊର୍ଦ୍ଧ୍ୱ ପ୍ରଜାତି ଆବିଷ୍କାର ହୋଇନାହାନ୍ତି କିମ୍ବା ଏମାନଙ୍କ ବିଷୟରେ କିଛି ତଥ୍ୟ ଉପଲବ୍ଧ ନାହିଁ । ଜୈବବିବିଧତାର ଏପରି ସ୍ଥିତିରେ ଏହା ଯେପରି ମଣିଷର ଆଡୁଆଳରେ ଦ୍ରୁତ ଗତିରେ ନଷ୍ଟ ହୋଇଚାଲିଛି ତାହା ଚିନ୍ତାର ବିଷୟ ।

ଅତୀତରେ ଅର୍ଥାତ୍ ମଣିଷ ସୃଷ୍ଟି ପୂର୍ବରୁ ଜୈବବିବିଧତାର ଉତ୍ଥାନପତନ ପ୍ରାକୃତିକ ଉପାୟରେ ସଂଘଟିତ ହୋଇଆସୁଥିଲା । ମାତ୍ର ଜୈବମଣ୍ଡଳରେ ମଣିଷର କର୍ତ୍ତୃତ୍ୱ ବୃଦ୍ଧି ପାଇବା ପରେ ଜୈବବିବିଧତା ପ୍ରତି ବିପଦ ବଢ଼ିବାରେ ଲାଗିଛି । ପ୍ରକୃତି ଉପରେ ମଣିଷର ମାତ୍ରାଧିକ କାର୍ଯ୍ୟକଳାପ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ଜୀବଜଗତ ପ୍ରତି ବିପଦ ସୃଷ୍ଟି କରିଚାଲିଛି । ଅନେକ ଜୀବପ୍ରଜାତି ପରିବେଶରେ ଆଉ ଦୃଷ୍ଟିଗୋଚର ହେଉନାହାନ୍ତି । ଜୈବବିବିଧତା ଅନ୍ୟତମ ସାମୂହିକ ବିଲୋପ ଆଡ଼କୁ ଅଗ୍ରସର ହୋଇଚାଲିଛି । ଏଥିରେ ମଣିଷର ପ୍ରଚ୍ଛନ୍ନ ହାତ ରହିଥିବାରୁ ଏହାକୁ ଆନ୍ଥ୍ରୋପସିନ୍ ବା ହଲୋସିନ୍ ସାମୂହିକ ବିଲୋପ କୁହାଯାଉଛି । ୪୦ ହଜାର ପ୍ରଜାତିର ୪୦ ପ୍ରତିଶତ ଜୀବ ବିଲୁପ୍ତି ପଥରେ ଥିବାର ଆକଳନ କରାଯାଉଛି । ଜୈବବିବିଧତା ଏବଂ ପରିସଂସ୍ଥା ସେବା ଉପରେ ଆନ୍ତଃସରକାରୀ ବିଜ୍ଞାନ ନୀତି ମଞ୍ଚ (IP-BES)ର ୨୦୧୯ର ରିପୋର୍ଟ ଅନୁସାରେ କେବଳ ମଣିଷର କାର୍ଯ୍ୟକଳାପ ପାଇଁ ୨୫ ପ୍ରତିଶତ ଜୀବ ଓ ବୃକ୍ଷ ପ୍ରଜାତି ବିଲୁପ୍ତିପ୍ରାୟ ସ୍ଥିତିକୁ ଚାଲିଯାଇଛନ୍ତି ।

## ବିଶ୍ୱ ପରିବେଶ ଦିବସ ଉପଲକ୍ଷେ

ଦେଖିବାକୁ ଗଲେ ମଣିଷର ଜୀବନ–ଜୀବିକା ନିର୍ବାହ ପ୍ରକ୍ରିୟାରେ ପ୍ରକୃତି–ପରିବେଶ ପରିସଂସ୍ଥା ଉପରେ ମାତ୍ରାଧିକ ଦମନ ହିଁ ଜୈବବିବିଧତାକୁ ସଙ୍କଟରେ ପକାଉଛି । ଜୀବଜନ୍ତୁଙ୍କ ବାସସ୍ଥାନ ନଷ୍ଟ ବା ବଳପୂର୍ବକ ଦଖଲ ସେମାନଙ୍କ ପାଇଁ ବଡ଼ ବିନାଶକ ଭାବେ ଉଭା ହୋଇଛି । ଏଥିସହିତ ଯୋଡ଼ି ହୋଇଯାଇଛି ବିଶ୍ୱତାପନ ଏବଂ ଜଳବାୟୁ ପରିବର୍ତ୍ତନ । ପରିସଂସ୍ଥାରେ ଆଧିପତ୍ୟ ବିସ୍ତାରକରି ମାଡ଼ିଯାଉଥିବା ପ୍ରଜାତିଙ୍କୁ ପ୍ରୋତ୍ସାହିତ କରିବାରେ ଆନୁବଂଶୀୟ ରୂପାନ୍ତରିତ ପ୍ରଜାତିଙ୍କ ବହୁଳ ନିୟୋଜନରେ ମୂଳବାସିନ୍ଦା ଜୀବଜନ୍ତୁଙ୍କ ସଂଖ୍ୟା ଦ୍ରୁତଗତିରେ କମିବାରେ ଲାଗିଛି । କୃଷି କ୍ଷେତ୍ରରେ ନିର୍ଦ୍ଦିଷ୍ଟ ଭାବେ ବାଣିଜ୍ୟିକ କୃଷିରେ ଅଧିକ ଲାଭବାନ ହେବା ଆଶାରେ ଗୋଟିଏ ପ୍ରକାର ପ୍ରଜାତିର ଚାଷ ଦ୍ୱାରା ଅନେକ ପାରମ୍ପରିକ ତଥା ସ୍ଥାନୀୟ ପ୍ରଜାତିଙ୍କ ବିନାଶ ଘଟୁଛି । ଜୈବବିବିଧତା ନିମ୍ନଗାମୀ ହେଲେ ପରିସଂସ୍ଥାର ଉତ୍ପାଦକ କ୍ଷମତା ହ୍ରାସ ପାଇଥାଏ । ଜୈବବିବିଧତା ସଙ୍କୁଚିତ ହେଲେ ପରିସଂସ୍ଥାରେ ଗତାନୁଗତିକ କାର୍ଯ୍ୟକ୍ରମ ବାଧାପ୍ରାପ୍ତ ହେବା ସହିତ ଜୀବଜାତି ନଷ୍ଟ ହୋଇଯାଇଥାନ୍ତି । ପ୍ରଜାତି ଅପସାରଣର ଶେଷସୀମା ପାର ହୋଇଗଲେ ପରିସଂସ୍ଥା ସମ୍ପୂର୍ଣ୍ଣ ଅସ୍ଥିର ଏବଂ ବିଗଳିତ ହୋଇଯାଏ । କେତୋଟି ମାତ୍ର ଅଧିକ ଅମଳକ୍ଷମ ଖାଦ୍ୟଶସ୍ୟ ଉପରେ ନିର୍ଭର କରି ୧୯୦୦ ମସିହାରୁ ଆମେ ଏପର୍ଯ୍ୟନ୍ତ ପ୍ରାୟ ୭୫ ପ୍ରତିଶତ ବିଭିନ୍ନ ପ୍ରକାର ଶସ୍ୟ ହରାଇ ସାରିଲୁଣି । ଯଦି ସେଇ କେତୋଟି ଶସ୍ୟ ରୋଗ, ପୋକ, ଜଳବାୟୁ ପରିବର୍ତ୍ତନ ପ୍ରଭାବରେ ନଷ୍ଟ ହୋଇଯାଏ, ତେବେ ଆମର ଖାଦ୍ୟ ନିରାପତ୍ତା କ'ଣ ହେବ, ତାହା ଚିନ୍ତାର ବିଷୟ । ସମାନ ଅବସ୍ଥା ପଶୁ ସମ୍ପଦ କ୍ଷେତ୍ରରେ ମଧ୍ୟ ପ୍ରଯୁଜ୍ୟ । ଜୀବଜଗତ ପାଇଁ ଜୈବବିବିଧତାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ମିଳିତ ଜାତିସଂଘ ୨୦୧୧–୨୦୨୦ ମସିହାର ଅବଧିକୁ ଜୈବବିବିଧତାର ଦଶନ୍ଧି ଏବଂ ୨୦୨୧–୨୦୩୦ ମସିହାର ଅବଧିକୁ ପରିସଂସ୍ଥା ପୁନରୁଦ୍ଧାର ଦଶନ୍ଧି ଭାବେ ଘୋଷିତ କରିଛି । ୨୦୨୦ ମସିହା ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ମଧ୍ୟ ଜୈବବିବିଧତାକୁ ବିଷୟବସ୍ତୁ ଭାବେ ଗ୍ରହଣ କରାଯାଇଛି । ଏହାଦ୍ୱାରା ଜୈବବିବିଧତା ବିଷୟରେ ଜନସାଧାରଣଙ୍କ ସମ୍ୟକ୍ ଧାରଣା ସୃଷ୍ଟି ହେବା ସହିତ ଏହାର ସଂରକ୍ଷଣ ପ୍ରତି ସେମାନେ ସଚେତନ ଓ ପ୍ରଯତ୍ନ ହୋଇପାରିବେ । ଜୈବବିବିଧତା ପରିପୂର୍ଣ୍ଣ ସ୍ଥାନ (ହଟ୍‌ସ୍ପଟ୍) ଏବଂ ସ୍ଥାନିକ ପ୍ରଜାତି (ଏଣ୍ଡେମିକ୍ ସ୍ପେସିସ୍)ଙ୍କ ଆବାସ ସ୍ଥଳୀକୁ ପ୍ରାଧାନ୍ୟପୂର୍ବକ ସଂରକ୍ଷଣ କରାଯିବା ଉଚିତ । ମଣିଷ ଅବାଧ ଶିକାର, ଜଙ୍ଗଲକଟା, ମାତ୍ରାଧିକ ମାଛମରା ଆଦି ପ୍ରବୃତ୍ତିଗତ ବୃତ୍ତିରୁ ନିବୃତ୍ତ ରହିବା ଦରକାର । ବ୍ୟବସାୟିକ ଫାଇଦା ପାଇଁ ଏକକ କୃଷି ବା କେବଳ ଗୋଟିଏ ପ୍ରକାରର କୃଷିଦ୍ରବ୍ୟ ଉତ୍ପାଦନରୁ ବିରତ ରହିବା ସହ ବିଲୁପ୍ତପ୍ରାୟ ଜୀବଙ୍କର ଆବଦ୍ଧ ପ୍ରଜନନ (କାପ୍ଟିଭ୍ ବ୍ରିଡିଙ୍ଗ) ପ୍ରସାରଣ କରିପାରିଲେ ଆମେ ଜୈବବିବିଧତାକୁ ରକ୍ଷା କରିପାରିବା ।

ମୋ: ୯୮୬୧୨୧୩୪୭୨

## ଏଇ ଭାରତରେ

ନଷ୍ଟ ହୋଇଯାଉଥିବା ଜିନିଷକୁ ନୂଆ ଜୀବନ ଦେଇ ପରିବେଶ ପ୍ରଦୂଷଣ ରୋକିବାର ନିଆରା ଚିନ୍ତା କରୁଥିବା ବ୍ୟକ୍ତି କମ୍ ଦେଖିବାକୁ ମିଳନ୍ତି । ଏମାନଙ୍କ ମଧ୍ୟରେ ପୁଣେର ଧାରା କାବରିୟା ଓ ସୋନାଲି ଫାଡ୍‌କେଙ୍କ କାର୍ଯ୍ୟ ସମ୍ପୂର୍ଣ୍ଣ ନିଆରା । ସେମାନେ ପ୍ଲାଷ୍ଟିକ୍ ଓ ଜରି ଭଳି ବର୍ଜ୍ୟବସ୍ତୁକୁ ଉପଯୋଗ କରୁନାହାନ୍ତି, ବରଂ ଶିପ୍ କଣ୍ଟେନରକୁ ଉପଯୋଗ କରି ନିର୍ମାଣ କ୍ଷେତ୍ରରେ ସୃଷ୍ଟି ହେଉଥିବା ପ୍ରଦୂଷଣ ଦୂର କରିବା ଲାଗି ବାଟ ଦେଖାଇଛନ୍ତି । ପାରମ୍ପରିକ ନିର୍ମାଣ କୌଶଳ ଯୋଗୁ ସୃଷ୍ଟି ହେଉଥିବା ପ୍ରଦୂଷଣ ଦୂର କରିବା ପାଇଁ ଧାରା ଓ ସୋନାଲି 'ଷ୍ଟୁଡିଓ ଅଲ୍‌ଟରନେଟିଭ' ଆରମ୍ଭ କରିଛନ୍ତି । ସେମାନେ ଅପ୍‌ସାଇକ୍ଲିଂ ପ୍ରକ୍ରିୟାରେ ପୁରୁଣା ଶିପ୍ କେଣ୍ଟେନରଗୁଡ଼ିକରୁ ବାସୋପଯୋଗୀ ଛୋଟ ଛୋଟ ଘର ନିର୍ମାଣ କରୁଛନ୍ତି । ୩ରୁ ୪ ମାସ ମଧ୍ୟରେ ଛୋଟ ଘରଟିଏ ହୋଇଯାଉଛି । ସେମାନେ ଏହି କାର୍ଯ୍ୟ ୨୦୦୯ରୁ ଆରମ୍ଭ କରିଥିଲେ ବି ଏବେ ଏହା ଲୋକପ୍ରିୟ ହୋଇପାରିଛି । ଧାରା ଇଣ୍ଟେରିୟର ଡିଜାଇନିଂରେ ସ୍ନାତକୋତ୍ତର ଡିଗ୍ରୀ ଓ ସୋନାଲି ପରିବେଶ ବିଜ୍ଞାନରେ ଡିଗ୍ରୀ ହାସଲ କରିଛନ୍ତି । ଏବେ ସୁଦ୍ଧା ସେମାନେ ୧୭ଟି ପ୍ରୋଜେକ୍ଟ ହାତକୁ ନେଇ ୪୩ଟି କଣ୍ଟେନରକୁ ଅପ୍‌ସାଇକ୍ଲିଂରେ ଘର, ଅଫିସ ଏପରିକି ସ୍କୁଲ ନିର୍ମାଣ କରିସାରିଛନ୍ତି । ୨୦୧୬ରେ ଦୁଇଟି କଣ୍ଟେନରରୁ ୬୪୦ ବର୍ଗ ଫୁଟର ସ୍କୁଲ ନିର୍ମାଣ କରିବା ଥିଲା ସେମାନଙ୍କର ବଡ଼ ସଫଳତା ।

## ୨୫ ବର୍ଷ ତଳର ଧରିତ୍ରୀ

**୫ ଜୁନ୍ ୧୯୯୫**

- ରଏଟରଠାରୁ ୪୦୦ କିଲୋମିଟର ଦୂର ଏକ ଛୋଟିଆ ଗ୍ରାମରେ ଗ୍ରାମବାସୀମାନେ ଫୁଟବଲ ମ୍ୟାଚ୍ ଦେଖୁଥିବାବେଳେ ବଜ୍ରପାତ ହେବା ଯୋଗୁ ୧୬ ଜଣଙ୍କ ମୃତ୍ୟୁ ।
- ପାକିସ୍ତାନର କରାଚି ସହରରେ ହିଂସାକାଣ୍ଡ ଯୋଗୁ ୧୮ ଜଣ ବ୍ୟକ୍ତିଙ୍କ ପ୍ରାଣହାନି ।
- ଜମ୍ମୁ–କଶ୍ମୀରରେ ସାମରିକ ଅଭିଯାନବେଳେ ମାତ୍ରାଧିକ କାର୍ଯ୍ୟ ଯୋଗୁ ୩୯ ଜଣ ଯବାନଙ୍କୁ ଦଣ୍ଡିତ କରାଯାଇଛି ।

## ପାଠକ ଶ୍ରେଷ୍ଠ ବିଚାରକ

### ଯୋଗ୍ୟ ହିତାଧିକାରୀଙ୍କୁ ରାଶନ କାର୍ଡ ଦିଆଯାଉ

ମହାଶୟ,

କରୋନା ଭାଇରସ୍ ସଂକ୍ରମଣ ଦିନକୁଦିନ ଉଗ୍ର ହେବାରେ ଲାଗିଛି । ଏହାକୁ ଶତପ୍ରତିଶତ ନିୟନ୍ତ୍ରଣ କରିବା ପାଇଁ ବ୍ୟାପକ ଜନସଚେତନତା ଓ ଉପଯୁକ୍ତ ମାର୍ଗଦର୍ଶିକା ପ୍ରଣୟନ ମାଧ୍ୟମରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ତରଫରୁ ଚାଲିଛି ଅହରହ ଉଦ୍ୟମ । ପୁଣି ପରିସ୍ଥିତିକୁ ଦୃଷ୍ଟିରେ ରଖି କେତେବେଳେ ଜାରି କରାଯାଉଛି ସଟ୍‌ଡାଉନ୍ ତ ଆଉ କେତେବେଳେ ସର୍ତ୍ତମୂଳକ ଲକ୍‌ଡାଉନ୍ । ଏହାଛଡ଼ା ସନ୍ଧ୍ୟା ୭ଟାରୁ ସକାଳ ୭ ପର୍ଯ୍ୟନ୍ତ ବଳବତ୍ତର ରହିଛି କର୍ଫ୍ୟୁ । ଏପରି ଦୁର୍ଦ୍ଦିନ ଓ ଘଡ଼ିସନ୍ଧି ମୁହୂର୍ତ୍ତରେ ପ୍ରକୃତ ଅସହାୟ ଗରିବ ଲୋକମାନଙ୍କର ଢୋକେ ପିଇ ଦଣ୍ଡେ ଜିଇ ଜୀବନ ହୋଇପଡ଼ିଛି ସଂକଟାପନ୍ନ । କୌଣସି ସରକାରୀ ସହାୟତା ସେମାନଙ୍କ ନିକଟରେ ଅଦ୍ୟାବଧି ପହଞ୍ଚି ନ ଥିବାରୁ ଭୋକ ଉପାସରେ ଛଟପଟ ହୋଇ ପ୍ରାଣ ବିକଳରେ ସେମାନେ ଅନ୍ୟର ହାତଟେକାକୁ କେବଳ ଚାହିଁ ବସିଛନ୍ତି । ଯାଜପୁର ଜିଲାର ଧର୍ମଶାଳା ବ୍ଲକ୍ ସାହାଣିଡିହ ପଞ୍ଚାୟତ ଅଧୀନ ନୁଣିବର ଗ୍ରାମର ଅଲେଖ ପ୍ରଧାନ, ରୁକ୍ମିଣୀ ପ୍ରଧାନ, କାହ୍ନୁ ପ୍ରଧାନ, ମନୁ ପ୍ରଧାନ, ଗୋପୀନାଥ ପ୍ରଧାନ, ଅଙ୍କୁର ଦେହୁରୀ, ବାରମାଣ ଗ୍ରାମର ଜୁରି ଚାତରା ଏବଂ କୃଷ୍ଣଚନ୍ଦ୍ରପୁର ଗ୍ରାମର ମିନତି ପରିଡ଼ା ଓ ଦମୟନ୍ତୀ ସ୍ୱାଇଁଙ୍କ ଭଳି ରାଜ୍ୟର ବିଭିନ୍ନ ପଞ୍ଚାୟତରେ ଥିବା ପ୍ରକୃତ ଅସହାୟମାନଙ୍କ କାରୁଣ୍ୟ ଦୃଶ୍ୟକୁ ଦେଖିଲେ ଏହାର ସ୍ପଷ୍ଟ ଚିତ୍ର ବାରି ହୋଇପଡ଼େ । ତେଣୁ ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରି ତୁରନ୍ତ ସେମାନଙ୍କୁ ରାଶନକାର୍ଡ ଓ ଅନ୍ୟାନ୍ୟ ସହାୟତା ଯୋଗାଇ ଦେବାକୁ ସରକାରଙ୍କ ନିକଟରେ ଦୃଢ଼ ଦାବି ।

ସୁଶାନ୍ତ କୁମାର ଖଟୁଆ, ଉତ୍କଳମଣି ସେବା ସଙ୍ଗଠନ,
ଜେନାପୁର, ଯାଜପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ଟେଲିଭିଜନର ଲୋକପ୍ରିୟ ଅଭିନେତ୍ରୀ ଏକତା କୌଲ ଏକ ଶିଶୁପୁତ୍ରକୁ ଜନ୍ମ ଦେଇଛନ୍ତି। ସ୍ୱାମୀ ତଥା ଅଭିନେତା ସୁମିତ ବ୍ୟାସ ଏହି ଖୁସି ଖବରକୁ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ଏହାକୁ ଶେୟାର କରି ସୁମିତ ଲେଖିଛନ୍ତି ଯେ, ପୁଅ ହୋଇଛି ଯାହାକୁ ଆମେ ବେଦ୍ ଡାକିବୁ। ଆମେ ଦୁହେଁ ପୁଅର ସବୁ ମୋମେଣ୍ଟକୁ ଅନୁଭବ କରୁଛୁ।

# ୫୪% ଭିଡିଓ ହିନ୍ଦୀରେ ଦେଖୁଛନ୍ତି ଭାରତୀୟ

**ନୂଆଦିଲ୍ଲୀ**

ଭାରତୀୟମାନେ ଅନ୍‌ଲାଇନ୍‌ରେ ଦେଖୁଥିବା ଭିଡିଓଗୁଡ଼ିକ ମଧ୍ୟରୁ ୫୪% ହିନ୍ଦୀ ଭାଷାର ହୋଇଥିବା ବେଳେ ମାତ୍ର ୧୬% ଇଂଲିଶରେ। ଦେଶରେ ଏହା ପଛକୁ ତେଲୁଗୁ, କନ୍ନଡ, ତାମିଲ ଓ ବଙ୍ଗଳା ଭାଷାର ଭିଡିଓ ଅଧିକ ଦେଖାଯାଉଥିବା ଗୁଗଲ ମାଲିକାନାରେ ଥିବା ୟୁଟ୍ୟୁବ୍ ପକ୍ଷରୁ ଜାରି ଏକ ରିପୋର୍ଟରେ କୁହାଯାଇଛି। 'ଅଣ୍ଡରଷ୍ଟାଣ୍ଡିଂ ଇଣ୍ଡିଆଜ୍ ଅନ୍‌ଲାଇନ୍ ଭିଡିଓ' ଶୀର୍ଷକ ଅଧ୍ୟୟନରେ କୁହାଯାଇଛି ଯେ, ତେଲୁଗୁ ଭିଡିଓକୁ ୭%, କନ୍ନଡକୁ ୬%, ତାମିଲକୁ ୫% ଓ ବଙ୍ଗଳା ଭିଡିଓକୁ ୩% ଲୋକ ଦେଖୁଛନ୍ତି। ଗବେଷଣାରେ ଆହୁରି ଉଲ୍ଲେଖ କରାଯାଇଛି ଯେ, ଭାରତୀୟ ୟୁଜର୍ସମାନେ ଦିନକୁ ପ୍ରାୟ ୬୭ ମିନିଟ ଭିଡିଓ ଦେଖନ୍ତି। ୭୦%ରୁ ଅଧିକ ଦର୍ଶକଙ୍କ ବୟସ ୧୫ରୁ ୩୪ ବର୍ଷ ମଧ୍ୟରେ। ସେହିପରି ଗ୍ରାମାଞ୍ଚଳର ୩୭% ପ୍ରତିଶତ ଅନ୍‌ଲାଇନ୍ ଭିଡିଓ ଦେଖନ୍ତି। ଚଳିତ ବର୍ଷ ଶେଷ ଆଡ଼କୁ ଅନ୍‌ଲାଇନ୍ ଦର୍ଶକଙ୍କ ମୋଟ ସଂଖ୍ୟା ୫୦୦ ନିୟୁତରେ ପହଞ୍ଚିବ ବୋଲି ଏଥିରେ ଆକଳନ କରାଯାଇଛି। ୟୁଟ୍ୟୁବ୍ ଅନୁସାରେ ମନୋରଞ୍ଜନ କାର୍ଯ୍ୟକ୍ରମକୁ ସର୍ବାଧିକ ୪୩% ଦେଖୁଛନ୍ତି। ଏଥିରେ ପ୍ରେରଣାର ୪-ପି (ପ୍ଲେଜର, ଏମ୍ପାୱାର, ପର୍ପସ ଓ ପିପୁଲ) ସମ୍ପର୍କରେ ମଧ୍ୟ ଅବତାରଣା କରାଯାଇଛି। ପ୍ଲେଜର ବର୍ଗରେ ମନୋରଞ୍ଜନ ପାଇବା ଲାଗି ଓ ଅବସାଦ ଦୂର ପାଇଁ ୫୫% ଭିଡିଓ ଦେଖନ୍ତି। ସେହିପରି ଆତ୍ମବିଶ୍ୱାସ ବଢ଼ାଇବା ସକାଶେ ଏମ୍ପାୱାର ବର୍ଗର ୨୦%, ନିଜକୁ ଅପ୍‌ଡେଟ୍ ରଖିବା ପାଇଁ ପର୍ପସ ଶ୍ରେଣୀର ୧୪ % ଭିଡିଓ ଦେଖୁଛନ୍ତି। ଅନ୍ୟମାନଙ୍କ ସହ ସମ୍ପର୍କ ରଖିବା ପାଇଁ ୧୧% ଭିଡିଓ ପିପୁଲ ବର୍ଗରେ ଦେଖାଯାଉଛି। ୟୁଟ୍ୟୁବ୍ ଆଉ ଗୋଟିଏ କଥା ସାମ୍ନାକୁ ଆଣିଛି। ତାହା ହେଲା ଭାରତୀୟମାନେ ଯେକୌଣସି ସମୟରେ ଯେକୌଣସି ସ୍ଥାନରେ ଲଗାତର ଦିନ ତମାମ ଅନ୍‌ଲାଇନ୍ ଭିଡିଓ ଦେଖିଥାନ୍ତି। ୭୯% ଭିଡିଓ ଘରେ ଦେଖାଯାଉଥିବାବେଳେ ୨୧% ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯିବାବେଳେ ଦେଖାଯାଉଛି। କରୋନା ମହାମାରୀ ବିଶ୍ୱକୁ କବଳିତ କରିବା ପୂର୍ବରୁ ଭାରତର ୬,୫୦୦ ଦର୍ଶକଙ୍କୁ ନେଇ ଏହି ଅଧ୍ୟୟନ କରାଯାଇଥିଲା।





କ୍ରିତି ସାନନ

ତୃତୀୟ ଜନ୍ମବାର୍ଷିକ ଶୁଭେଚ୍ଛା



(ଏଲି)
ରିଦ୍ଧି ରିୟାନ୍ସି ଦେବତା
ଶ୍ରୀଜଗନ୍ନାଥଙ୍କ ପାଖରେ ଏତିକି କାମନା ତୋତେ ସର୍ବଦା ଭଲରେ ରଖନ୍ତୁ।
-:ଆଶୀର୍ବାଦ ସହ:-
ଅଜା, ଆଈ, ମାମୁ, ବାପା, ମା, ବାବା, ମାମି।
ଧ-୬୮୮୨୫

ଜନ୍ମଦିନ ଶୁଭେଚ୍ଛା



ନୀହାର ରଞ୍ଜନ
ଗ୍ରାମ: କଙ୍କୋରଡ଼ା, ଗଞ୍ଜାମ
ଶ୍ରୀଜଗନ୍ନାଥଙ୍କ ପାଖରେ ଏତିକି କାମନା ତୋତେ ସର୍ବଦା ଭଲରେ ରଖନ୍ତୁ।
-:ଶୁଭେଚ୍ଛା ସହ:-
ବାବା, ମାମା, ବାପା, ମାଆ, ଅଜା,ଆଈ, ଅପା, ମାଉସୀ ଏବଂ ପରିବାରବର୍ଗ।
ଧ-୧୭୪୪୦

# ମାଆଙ୍କୁ ନୃତ୍ୟ ଶିଖାଉଛନ୍ତି କ୍ରିତି

**ମୁମ୍ବାଇ:** କରୋନା ଭାଇରସ ସଂକ୍ରମଣକୁ ନେଇ କିଛିଦିନ ହେବ ବଲିଉଡ୍‌ର ସେଲିବ୍ରିଟିମାନେ ଏକ ପ୍ରକାର ଘରେ ବନ୍ଦ ହୋଇ ରହିଛନ୍ତି କହିଲେ ଚଳେ। ଏହି ସମୟରେ ଏମାନଙ୍କର ବିଭିନ୍ନ ପ୍ରକାର ଆକ୍ଟିଭିଟିଜ୍ ସୋସିଆଲ ମିଡିଆରେ ଦେଖିବାକୁ ମିଳିଛି। ଏବେ ବଲିଉଡ୍ ନାୟିକା କ୍ରିତି ସାନନଙ୍କ ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଯେଉଁଥିରେ ସେ ତାଙ୍କ ମାଆଙ୍କୁ ନୃତ୍ୟ ଶିଖାଉଥିବା ଦେଖାଯାଇଛି। ଏହି ଫନି ଭିଡିଓଟିକୁ ତାଙ୍କ ଭଉଣୀ ସୋସିଆଲ ମିଡିଆରେ ଶେୟାର କରିଥିବା ଜଣାପଡିଛି। ଭିଡିଓଟି କ୍ରିତିଙ୍କ ପ୍ରଶଂସକଙ୍କୁ ବେଶ୍ ପସନ୍ଦ ଆସିଛି। କିଛିଦିନ ହେବ ଫିଲ୍ମ ଶୁଟିଂ ସହ ଷ୍ଟେଜ୍ ପରଫରମାନ୍ସକୁ କ୍ରିତି ଖୁବ୍ ମିସ୍ କରୁଥିବା ପୂର୍ବରୁ କହିଥିଲେ। ଆଉ ଏବେ ସେ ତାଙ୍କ ଲୁକ୍ସରେ ସାମାନ୍ୟ ପରିବର୍ତ୍ତନ କରିଥିବା ବେଳେ ଘରେ ବସି ବସି ପରିବାର ସଦସ୍ୟଙ୍କ ସହ ସମୟ କାଟୁଛନ୍ତି।

# ନୁଡଲ୍ସ ମେକିଂ ରୋବୋ



**ଭଦୋଦରା(ଗୁଜରାଟ)**

ଗୁଜରାଟ ଭଦୋଦରାର ୧୨ ବର୍ଷୀୟ ବାଳକ ରୁଦ୍ର ବାଘେଲା ଲକ୍‌ଡାଉନ୍ ସମୟରେ ନିଜ ଜ୍ଞାନର ସଦୁପଯୋଗ କରି ଜଣେ ଟେକ୍‌ନିକାଲ ଫୁଡ୍ ଇନୋଭେଟର ପାଲଟିଛନ୍ତି। ନିଜ ପାଇଁ ଖାଦ୍ୟ ପ୍ରସ୍ତୁତ କରିବା ଲାଗି ସେ ରୋବୋଟିକ୍ ଦକ୍ଷତା ପ୍ରୟୋଗକରି ସେ ଏକ ନୁଡଲ୍ସ ମେକିଂ ରୋବୋ ତିଆରି କରିବାରେ ସଫଳ ହୋଇଛନ୍ତି। ସପ୍ତମ ଶ୍ରେଣୀର ରୁଦ୍ର ଲିଗୋ ପାର୍ଟସ ବ୍ୟବହାରକରି ୨ ମିନିଟରେ ନୁଡଲ୍ସ ପ୍ରସ୍ତୁତକାରୀ ରୋବୋ ଡିଜାଇନ କରିଛନ୍ତି। ଲକ୍‌ଡାଉନ୍ ଆରମ୍ଭରେ ଅନ୍‌ଲାଇନ ପାଠପଢ଼ା ଚାଲିଥିଲା। ତେବେ ପାଠପଢ଼ା ଶେଷ ହେବା ଯାଏ ଅପେକ୍ଷା କରି ନ କରି ରୁଦ୍ର ରୋବୋ ତିଆରିରେ ବ୍ୟସ୍ତ ରହୁଥିଲେ ବୋଲି କହିଛନ୍ତି। ତେବେ ସେ ଏହି ନୁଡଲ୍ସ ମେକିଂ ରୋବୋ ତିଆରି ପାଇଁ କୌଣସି ଯୋଜନା କରି ନ ଥିଲେ। ଇଣ୍ଟରନେଟ୍‌ରେ କ୍ରିଏଟିଭ୍ ୱର୍କ(ସୃଜନାତ୍ମକ କାର୍ଯ୍ୟ) ସର୍ଚ୍ଚ କରିବା ସମୟରେ ହଠାତ୍ ଏହି ରୋବୋ ତିଆରି କଥା ତାଙ୍କ ମନକୁ ଆସିଥିବା ସେ କୁହନ୍ତି। ପ୍ରଥମେ ଏହା ଠିକ୍‌ଭାବେ କାମ କରି ନ ଥିବାବେଳେ ସେ ବାରମ୍ବାର ଚେଷ୍ଟାକରି ଏଥିରେ ସଫଳ ହୋଇଛନ୍ତି। ତେବେ ରୁଦ୍ରଙ୍କ ଏହା ପ୍ରଥମ ଉଦ୍ଭାବନ ନୁହେଁ। କମ୍ ବୟସରୁ ହିଁ ଏଭଳି କାର୍ଯ୍ୟରେ ତାଙ୍କ ଆଗ୍ରହ ରହିଥିବାବେଳେ ଏଥିପୂର୍ବରୁ ସେ 'ରିମୋଟ୍ କଣ୍ଟ୍ରୋଲ୍ଡ ଏରୋପ୍ଲେନ୍', ସେଲ୍‌ଫ ବାଲାନ୍ସିଂ ପର୍ସନାଲ ଟ୍ରାନ୍ସପୋର୍ଟର ଆଦି ତିଆରି କରିଥିବା ମା' ଉଷା କୁହନ୍ତି। ଏ ବୟସରେ ଏଭଳି ସଫଳତାକୁ ନେଇ ରୁଦ୍ର ଏବେ ଚର୍ଚ୍ଚାର ପରିସରକୁ ଆସିଛନ୍ତି।

# ୧୨ ବର୍ଷରେ ପାଦ ଥାପିଲେ ହର୍ଷାଳି

**ମୁମ୍ବାଇ**

ବଲିଉଡ୍‌ର ସୁପରହିଟ୍ ଫିଲ୍ମ 'ବଜରଙ୍ଗୀ ଭାଇଜାନ' ୨୦୧୫ ମସିହାରେ ସୁପହିଟ୍ ହୋଇଥିଲା। ବିଶେଷକରି ଏଥିରେ ମୁନ୍ନି ଭୂମିକାରେ ଅଭିନୟ କରିଥିବା ହର୍ଷାଳି ମାଲହୋତ୍ରା ସେତେବେଳେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଫିଲ୍ମରେ ସେ କଥା କହିପାରୁ ନ ଥିବାବେଳେ ତାଙ୍କର ନିଖୁଣ ଅଭିନୟ ଦର୍ଶକଙ୍କ ହୃଦୟକୁ ଛୁଇଁ ଯାଇଥିଲା। ସେହି ଶିଶୁ କଳାକାର ହର୍ଷାଳି ଏବେ ୧୨ ବର୍ଷରେ ପାଦ ରଖିଛନ୍ତି। ଅସଲ ଜୀବନରେ କିନ୍ତୁ କେବେ ଚୁପ୍ ବସନ୍ତିନି ସେ। ସବୁବେଳେ କଥା କହିବାକୁ ପସନ୍ଦ କରୁଥିବା ଏହି ଶିଶୁ କଳାକାର 'ବଜରଙ୍ଗି ଭାଇଜାନ'ରେ ଅଭିନୟ କରିବା ପୂର୍ବରୁ କେତୋଟି ଟେଲିଭିଜନ ଧାରାବାହିକ ଓ ବିଜ୍ଞାପନରେ କାମ କରି ସାରିଥିଲେ। ବଡ ଭାଇ ଓ ମାତାପିତାଙ୍କ ସହ ମୁମ୍ବାଇରେ ରହୁଥିବା ହର୍ଷାଳି ଏବେ ନିଜ ଘରେ ତାଙ୍କ ୧୨ତମ ଜନ୍ମଦିନ ପାଳନ କରିଛନ୍ତି। ଭାଇ ଓ ମାଆ ତିଆରି କରିଥିବା କେକ୍ କାଟି ସେ ଜନ୍ମଦିନ ପାଳନ କରିଥିବା ଜଣାପଡିଛି। ଏହାର ଏକ ଫଟୋ ସେ ସୋସିଆଲ ମିଡିଆରେ ଅପଲୋଡ୍ କରିଥିବା ବେଳେ ସେବେକାର ହର୍ଷାଳି ଓ ଏବେକାର ହର୍ଷାଳିଙ୍କ ମଧ୍ୟରେ ଢେର ପାର୍ଥକ୍ୟ ପରିଲକ୍ଷିତ ହୋଇଛି। ଆଗାମୀ ଦିନରେ ସେ ଅର୍ଜୁନ ରାମପାଲଙ୍କ ଏକ ଫିଲ୍ମ 'ନାସ୍ତିକ'ରେ କାମ କରିବେ ବୋଲି ଶୁଣିବାକୁ ମିଳିଛି।



# ବିନା ଖାଦ୍ୟରେ ୭ ବର୍ଷ ବଞ୍ଚିପାରେ ଝିଟିପିଟି



**ବୋସନିଆ**

ବିଶ୍ୱରେ ଅନେକ ପ୍ରକାର ଜୀବ ରହିଛନ୍ତି। କିଛି ଜୀବ ବିନା ପାଣିରେ ଦୀର୍ଘଦିନ ଧରି ବଞ୍ଚୁଥିବା ବେଳେ କିଛି ଜୀବ ବିନା ଖାଦ୍ୟରେ ବି ବଞ୍ଚିପାରନ୍ତି। ଏପରି ଏକ ଜୀବ ହେଉଛି ୟୁରୋପରେ ଦେଖାଯାଉଥଇବା ଏକ ପ୍ରକାର ଝିଟିପିଟି। ବିନା ଖାଦ୍ୟରେ ଏହା ଦିନେ କି ଦୁଇ ଦିନ ନୁହେଁ, ୭ ବର୍ଷ ଧରି ବଞ୍ଚିପାରନ୍ତି। ଦକ୍ଷିଣପୂର୍ବ ୟୁରୋପ ଦେଶର ବୋସ୍‌ନିଆ ଏବଂ ହର୍ଜଗୋବିନାରେ ପାଣି ଭିତରେ ସାଲାମଣ୍ଡର ଜାତୀୟ ଏକ ଝିଟିପିଟି ଦେଖିବାକୁ ମିଳିଥାଏ। ଏଠାରେ ଏକ ଝିଟିପିଟି ୭ ବର୍ଷରୁ ଅଧିକ ସମୟ ଥିଲେ ମଧ୍ୟ ଟିକେ ବି ଘୁଞ୍ଚି ନ ଥିଲା। ବୈଜ୍ଞାନିକଙ୍କ ଅନୁସାରେ, ଏହି ଜୀବର ତ୍ୱଚା ଏବଂ ଅବିକଶିତ ଆଖି ଏହାକୁ ଅନ୍ଧ କରିଦିଏ। ଏହି କାରଣରୁ ଏହି ଜୀବଟି ନିଜ ସ୍ଥାନରୁ ଘୁଞ୍ଚି ନ ଥାଏ। କୌଣସି ଜୀବ ନିଜ ସ୍ଥାନରୁ ନ ଘୁଞ୍ଚିବା ସାଧାରଣ କଥା ବି ନୁହେଁ। ଏହି ଜୀବ ପୂରା ଜୀବନ ପାଣି ଭିତରେ ବିତାଇଥାଏ। ସୈଲାମେଣ୍ଡର ନାମକ ଝିଟିପିଟି ୧୨ ବର୍ଷ ପରେ ନିଜ ସାଥୀ ଖୋଜିବାକୁ ସ୍ଥାନ ବଦଳାଇଥାଏ। ହଙ୍ଗେରିୟାନ୍ ନ୍ୟାଚୁରାଲ ହିଷ୍ଟ୍ରି ମ୍ୟୁଜିୟମ୍‌ର ଜ୍ୟୁଡିଟି ବୋରସ୍‌ଙ୍କ ଅନୁସାରେ, ପୂର୍ବରୁ ଏମିତି ଜୀବର କଳ୍ପନା କରାଯାଇଥିଲା। ଏହା ଅତ୍ୟଧିକ ବର୍ଷା ଯୋଗୁ ବାହାରକୁ ଆସିବା ପରେ ଦେଖିବାକୁ ମିଳିଥିଲା। ଏହା ଗୁମ୍ଫା ଭିତରେ ରହିଥାଏ।

# ଫେରୁଛନ୍ତି ସୁସ୍ମିତା



ସୁସ୍ମିତା ସେନ୍

**ମୁମ୍ବାଇ**

ଫ୍ୟାନ୍‌ମାନଙ୍କ ପାଇଁ ଖୁସି ଖବର। ବଲିଉଡ୍ ଅଭିନେତ୍ରୀ ସୁସ୍ମିତା ସେନ୍ ଦୀର୍ଘ ୧୦ ବର୍ଷ ପରେ ବଲିଉଡ୍ ଇଣ୍ଡଷ୍ଟ୍ରିକୁ କମ୍ ବ୍ୟାକ୍ କରୁଛନ୍ତି। ସେ ଡିଜନୀ-ହଟ୍‌ଷ୍ଟାରର ସିରିଜ୍ 'ଆର୍ଯ୍ୟା'ରେ ନଜର୍ ଆସିବେ। ସୁସ୍ମିତା ଏହାର କିଛି ଟିଜର୍ ନିଜର ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରେ ଶେୟାର କରିଛନ୍ତି। ସେ ଏହାକୁ ଶେୟାର କରି ଲେଖିଛନ୍ତି ଯେ, 'ଆପଣମାନେ ମନେ ପକାଇଲେ ଆଉ ମୁଁ ଚାଲିଆସିଲି।' ତେବେ ଆଉ ଏକ ଟିଜର୍‌ରେ ସେ ଏକ ରଶିରେ ୱାର୍କଆଉଟ୍ କରୁଥିବା ନଜର୍ ଆସିଛନ୍ତି। ଡଚ୍-ସିରିଜ୍-ପେନୋଜାର ଏହା ହେଉଛି ହିନ୍ଦୀ ରିମେକ୍ ସିରିଜ୍। ଆର୍ଯ୍ୟା ସିରିଜ୍‌ର ନିର୍ଦ୍ଦେଶକ ହେଉଛନ୍ତି ରାମ ମାଧବାନୀ। ଫ୍ୟାନ୍‌ମାନେ ଏହି ଟିଜରକୁ ଲାଇକ୍ କରିଛନ୍ତି। ଏହାର ଟ୍ରେଲର ଜୁନ୍ ୫ରେ ରିଲିଜ୍ ହେବ ବୋଲି ସୁସ୍ମିତା କହିଛନ୍ତି। ସୁସ୍ମିତାଙ୍କୁ ଶେଷ ଥର ନିର୍ବାକ୍ ମୁଭିରେ ଦେଖିବାକୁ ମିଳିଥିଲା। ଏହି ମୁଭି ୨୦୧୫ରେ ରିଲିଜ୍ ହୋଇଥିଲା। ଏହା ଏକ ବଙ୍ଗାଳୀ ମୁଭି ଥିଲା। ବଲିଉଡ୍‌ରେ କୌଣସି ମୁଭିରେ ୧୦ ବର୍ଷ ହେଲା ତାଙ୍କୁ ଦେଖିବାକୁ ମିଳି ନ ଥିଲା। ବଲିଉଡ୍‌ରେ ତାଙ୍କର ଶେଷ ମୁଭି ଥିଲା 'ନୋ ପ୍ରୋବ୍ଲେମ୍'। ଏହା ୨୦୧୦ରେ ରିଲିଜ୍ ହୋଇଥିଲା। ଏହାପରେ ସୁସ୍ମିତା ଇଣ୍ଡଷ୍ଟ୍ରିରୁ ଏକପ୍ରକାର ଦୂରେଇ ଯାଇଥିଲେ। ସେ ୨ ଝିଅଙ୍କୁ ଆଡପ୍ଟ କରିବା ପରେ ସେମାନଙ୍କୁ ଠିକ୍‌ଭାବେ ଲାଳନ ପାଳନ କରିବା ପାଇଁ ଦୂରେଇ ଯାଇଥିଲେ ବୋଲି ସେ ଏକ ଟିଭିର ଇଣ୍ଟରଭ୍ୟୁରେ କହିଥିଲେ। ସେମାନଙ୍କ ପିଲାବେଳକୁ ମେମୋରେବଲ କରିବାପାଇଁ ସେ ସବୁ ପ୍ରକାର ଚେଷ୍ଟା କରିଛନ୍ତି ବୋଲି କହିଛନ୍ତି। ୪୫ ବର୍ଷୀୟ ସୁସ୍ମିତା ଏପର୍ଯ୍ୟନ୍ତ ବିବାହ କରି ନାହାନ୍ତି। ୨୦୦୦ ମସିହାରେ ସେ ରେନୀଙ୍କୁ ଆଡପ୍ଟ କରିଥିବା ବେଳେ ୨୦୧୦ ମସିହାରେ ସେ ଆଲୀସାଙ୍କୁ ଆଡପ୍ଟ କରିଥିଲେ। ୨ବର୍ଷ ହେଲା ସେ ରୋହମନଙ୍କୁ ଡେଟ୍ କରୁଛନ୍ତି। ଦୁହେଁ ଲିଭ-ଇନ୍‌ରେ ୨ଝିଅଙ୍କ ସହିତ ବହୁତ ଖୁସିରେ ଅଛନ୍ତି।

ମନେ ପଡ଼ନ୍ତି

ପଞ୍ଚମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱ ଜିତେନ୍ କୁମାର ସାହୁ
(ଜିତୁ ସାର୍)
କୋଶଳା, ଅନୁଗୋଳ
ଆବିର୍ଭାବ : ତା ୦୨.୦୪.୧୯୫୩
ତିରୋଧାନ : ତା ୦୨.୦୫.୨୦୧୫
(ଦେବସ୍ନାନ ପୂର୍ଣ୍ଣିମା)
ଆଜି ତୁମର ପଞ୍ଚମ ଶ୍ରାଦ୍ଧବାର୍ଷିକ ଦିବସରେ ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଜଗତରନାଥ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ :- ନାତୁଣୀ :- ସାନ୍‌ଭି ଓ ତାନ୍‌ଭି, ପୁଅ :- ବାପୁନି ଓ ପୁପୁନି
ବୋହୂ :- ସୁଲୁଟି ଓ ମାନସୀ, ହତଭାଗିନୀ ସ୍ତ୍ରୀ :- ସାବିତ୍ରୀ, ବନ୍ଧୁ ଓ ପରିବାର ବର୍ଗ
ସାନ୍‌ଭି ଫ୍ଲେକ୍ସ ପ୍ରିଣ୍ଟ୍, କୋଶଳା
ଧ-୧୭୪୩୩

ଚତୁର୍ଥ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତା ସ୍ଥିତିପ୍ରଜ୍ଞା ସାହୁ (ରୋଜି)
କଟକ
ଆବିର୍ଭାବ: ୦୩।୧୨।୧୯୮୭
(ପଶୁ ପୂର୍ଣ୍ଣିମା)
ତିରୋଧାନ: ୨୦।୦୬।୨୦୧୬
(ଦେବସ୍ନାନ ପୂର୍ଣ୍ଣିମା)
ଆଜିର ଦିନରେ ଶ୍ରୀଜଗନ୍ନାଥ ମହାପ୍ରଭୁ ଓ ଶ୍ରୀଶ୍ରୀଠାକୁର ନିଗମାନନ୍ଦଙ୍କ ପାଖରେ ଆକୁଳ ପ୍ରାର୍ଥନା ତୋର ଆତ୍ମାର ସଦ୍‌ଗତି ପାଇଁ।
"ଅଛି ଯେ ସନ୍ତକ ତୋର, ଫୁଲପରି ସୁକୁମାର ଛୁଇଁବାକୁ ଟିକେ ତାକୁ, ନାହିଁ ମୋର ଅଧିକାର"
ତୋର- ବାବା, ମାମା, ଲୋନି ଓ ଓମ୍‌ଶ୍ରୀ।
ଧ-୬୮୩୪୬

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଶ୍ରଦ୍ଧାଞ୍ଜଳି



ଡା. ବସନ୍ତ କୁମାର ପଣ୍ଡା
ବାଲୁଗାଁ, ଖୋର୍ଦ୍ଧା
ଆବିର୍ଭାବ : ୧୫.୦୭.୧୯୪୨
ତିରୋଧାନ : ୧୭.୦୬.୨୦୧୯ (ଦେବସ୍ନାନ ପୂର୍ଣ୍ଣିମା)
ଚାହିଁ ଚାହିଁ ଏକ ବର୍ଷ ବିତିଗଲା। ଆପଣଙ୍କର ସ୍ନେହ, ନିଷ୍ଠା, ଆଦର୍ଶ କର୍ତ୍ତବ୍ୟପରାୟଣତା ଓ ସମାଜସେବା ଆମମାନଙ୍କ ଜୀବନରେ ସଦାସର୍ବଦା ମନେ ରହିବ। ଆମଉପରେ ଆପଣଙ୍କର ଆଶୀର୍ବାଦ ଚିରଦିନ ରହିଥାଉ। ଆପଣଙ୍କ ଆତ୍ମାର ସଦଗତି ନିମନ୍ତେ ଶ୍ରୀ ଜଗନ୍ନାଥଙ୍କ ପାଖରେ ବିନମ୍ର ପ୍ରାର୍ଥନା।
ଶ୍ରଦ୍ଧାଞ୍ଜଳି ସହ : ଶୋକସନ୍ତପ୍ତ ପରିବାର ବର୍ଗ
ଧ-୬୯୨୭୮

# ଅଲିମ୍ପିକ୍ସରେ କ୍ରୀଡ଼ାବିତ୍‌ଙ୍କ ବିରଳ ମହାନୁଭବତା


ଅଶୋକ କୁମାର ମହାନ୍ତି

ଆଧୁନିକ ଅଲିମ୍ପିକ୍ କ୍ରୀଡ଼ାର ଜନକ ଫରାସୀ ସମ୍ଭ୍ରାନ୍ତ ବଂଶଜ ଶିକ୍ଷାବିତ ଏବଂ ଐତିହାସିକ ବାରନ ପେରିଡ଼ି କୁବାରଟିନ୍ ଅଲିମ୍ପିକ୍ କ୍ରୀଡ଼ାର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ବିଷୟରେ ଦେଇଥିବା ମନ୍ତବ୍ୟର ଅଭିପ୍ରାୟ ଓ ମୂଲ୍ୟବୋଧ ଦୀର୍ଘ ୧୨୪ ବର୍ଷ ପରେ ମଧ୍ୟ ଆଜିର ଦିନରେ ପ୍ରାସଙ୍ଗିକତା ହରାଇ ନ ଥିବା ମନେହୁଏ। କୁବେରଟିନ୍‌ଙ୍କ ଭାଷାରେ ‘‘ମାନବ ଜୀବନରେ ସଫଳତା ଅପେକ୍ଷା ସଂଘର୍ଷ ଯେପରି ଗୁରୁତ୍ୱପୂର୍ଣ୍ଣ ସେହିପରି କ୍ରୀଡ଼ାରେ ବିଜୟ ହାସଲ ଅପେକ୍ଷା ଖେଳୁଆଡ଼ ମନୋଭାବ ସହିତ ଭାଗନେବା ହେଉଛି ଅଧିକ ତାତ୍ପର୍ଯ୍ୟପୂର୍ଣ୍ଣ’’।

ଏହି ପୃଷ୍ଠଭୂମିରେ ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଅଲିମ୍ପିକ୍ କ୍ରୀଡ଼ା ପ୍ରତିଯୋଗିତା ଇତିହାସରେ କିଛି ମହାନ୍ କ୍ରୀଡ଼ାବିତ୍ ତାଙ୍କର ଅଭୁତପୂର୍ବ ଖେଳୁଆଡ଼ ମନୋଭାବ, ପରସ୍ପର ବନ୍ଧୁତା ଏବଂ ନିରପେକ୍ଷତା (ଫେୟାରପ୍ଲେ) ପ୍ରଦର୍ଶନ ମାଧ୍ୟମରେ ବିଶ୍ୱର ଏହି ସର୍ବଶ୍ରେଷ୍ଠ କ୍ରୀଡ଼ା ସମାରୋହରେ ସ୍ୱତନ୍ତ୍ର ସ୍ଥାନ ହାସଲ କରିଛନ୍ତି ଏବଂ ଅଲିମ୍ପିକ୍‌ର ମହାନ୍ ଆଦର୍ଶରେ ଅନୁପ୍ରାଣିତ ହୋଇ କ୍ରୀଡ଼ା କ୍ଷେତ୍ରରେ ତାଙ୍କର ମହାନୁଭବତା ଓ ପ୍ରତିଶ୍ରୁତିବଦ୍ଧତାର ପଦଚିହ୍ନ ଛାଡ଼ି ଯାଇଛନ୍ତି।

**ଲୁଜ୍ ଲଙ୍ଗ, ଜେସି ଓଏନ୍ସ:** ଜର୍ମାନୀର ପ୍ରସିଦ୍ଧ କ୍ରୀଡ଼ାବିତ୍ ଲୁଜ୍‌ଲଙ୍ଗ ଅଲିମ୍ପିକ୍ କ୍ରୀଡ଼ା ଇତିହାସରେ ଅନ୍ୟତମ ଚର୍ଚ୍ଚିତ ଚେହେରା। ଦ୍ୱିତୀୟ ବିଶ୍ୱଯୁଦ୍ଧର ୩ ବର୍ଷ ପୂର୍ବରୁ ନାଜି ଶାସିତ ଜର୍ମାନୀରେ ହେଉଥାଏ ୯ମ ଅଲିମ୍ପିକ୍ କ୍ରୀଡ଼ା(୧୯୩୬)। ଦୁର୍ଦ୍ଧର୍ଷ ନାଜି ନେତା ଏବଂ ଦେଶର ସର୍ବୋମୟ ଏକଛତ୍ରବାଦ ଶାସକ ଆଡ୍‌ଲଫ୍ ହିଟଲର ଜର୍ମାନୀକୁ ବିଶ୍ୱର ଶ୍ରେଷ୍ଠତମ ଜାତିଭାବେ ପ୍ରତିଷ୍ଠା ନିମନ୍ତେ ନେଉଥିବା ପଦକ୍ଷେପଗୁଡ଼ିକ ମଧ୍ୟରୁ ଅଲିମ୍ପିକ୍ କ୍ରୀଡ଼ା ଆୟୋଜନ ଥିଲା ଅନ୍ୟତମ ପ୍ରୟାସ। ତାଙ୍କର କଠୋର ନିର୍ଦ୍ଦେଶ ଥିଲା ଯେପରି ଉଚ୍ଚବର୍ଣ୍ଣର ଜର୍ମାନୀ ପ୍ରତିଯୋଗୀମାନେ ସମସ୍ତ ବିଭାଗରେ ଶ୍ରେଷ୍ଠ ପ୍ରଦର୍ଶନ କରି ବିଜେତା ହେବେ।

ଅଗଷ୍ଟ ୪ରେ ବର୍ଲିନସ୍ଥିତ ଅଲିମ୍ପିକ୍ ଷ୍ଟାଡିୟମରେ ଆରମ୍ଭ ହୋଇଥିଲା ଅନ୍ୟତମ ଆକର୍ଷଣୀୟ ଇଭେଣ୍ଟ ଲଙ୍ଗଜମ୍ପ। ୨୭ଟି ଦେଶର ୪୩ ଜମ୍ପର ଏହି ଇଭେଣ୍ଟରେ ଭାଗ ନେଇଥାନ୍ତି। ତେବେ ସମସ୍ତଙ୍କ ନଜର ଥିଲା ଅତ୍ୟନ୍ତ ପ୍ରତିଭାସମ୍ପନ୍ନ ୨ ଜଣ ଜାତୀୟ ଚାମ୍ପିୟନଙ୍କ ଉପରେ। ଜଣେ ହେଲେ ୬ ଥର ଜାତୀୟ ଚାମ୍ପିୟନ ଜର୍ମାନୀର ଲୁଜଲଙ୍ଗ ଏବଂ ଅନ୍ୟଜଣକ ହେଲେ ଆମେରିକୀୟ ନିଗ୍ରୋ ଆଥଲେଟ୍ ଜେସି ଓଏନ୍ସ। ଓଏନ୍ସ ଏହି କ୍ରୀଡ଼ାରେ ଅବିଶ୍ୱସନୀୟ ପ୍ରଦର୍ଶନ କରି ବିଶ୍ୱର ପ୍ରଥମ ଆଥଲେଟ୍‌ଭାବେ ୪ଟି ଇଭେଣ୍ଟ ୧୦୦, ୨୦୦ ମିଟର, ଲଙ୍ଗଜମ୍ପ ଏବଂ ୪ x ୧୦୦ ମିଟର ରିଲେରେ ସ୍ୱର୍ଣ୍ଣ ଜିତି କ୍ରୀଡ଼ା ଜଗତରେ ପ୍ରବାଦ ପୁରୁଷଭାବେ ଉଭା ହୋଇ ସାରିଥିଲେ। (ଓଏନ୍ସଙ୍କ କୀର୍ତ୍ତିମାନ ଦୀର୍ଘ ୪୮ ବର୍ଷ ପରେ ଆଉଜଣେ ଆମେରିକୀୟ ନିଗ୍ରୋ ଆଥଲେଟ୍ କାର୍ଲ ଲୁଇସ ୧୯୮୪ ଲସ ଏଞ୍ଜେଲ୍ସ ଅଲିମ୍ପିକ୍ କ୍ରୀଡ଼ାରେ ପୁନରାବୃତ୍ତି କରିଥିଲେ)। ୧୯୩୬ ଅଲିମ୍ପିକ୍ କ୍ରୀଡ଼ାର ଗୋଟିଏ ବର୍ଷ ପୂର୍ବରୁ ୧୯୩୫ରେ ଓହିଓ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ ସମୟରେ ମିଚିଗାନଠାରେ ଅନୁଷ୍ଠିତ ‘ବିଗ୍ ଟେନ୍’ କ୍ରୀଡ଼ା ପ୍ରତିଯୋଗିତାରେ ଓଏନ୍ସ ୩ଟି ଇଭେଣ୍ଟରେ ବିଶ୍ୱରେକର୍ଡ ସୃଷ୍ଟି କରିବା ସହିତ ୪ର୍ଥ ଇଭେଣ୍ଟରେ ବିଶ୍ୱରେକର୍ଡର ସମକକ୍ଷ ହୋଇ ଅଭୁତପୂର୍ବ ଦକ୍ଷତାର ପରିଚୟ ଦେଇଥିଲେ।

**କ୍ରୀଡ଼ାରେ ଖେଳୁଆଡ଼ ମନୋଭାବ ପ୍ରଦର୍ଶନ କରିବା କିଛି ନୂଆ କଥା ନୁହେଁ କିନ୍ତୁ ଅଲିମ୍ପିକ୍ ଇତିହାସରେ କେତେଜଣ ମହାନ୍ କ୍ରୀଡ଼ାବିତ୍ ଅଭୂତପୂର୍ବ ଖେଳୁଆଡ଼ ମନୋଭାବ, ପରସ୍ପର ବନ୍ଧୁତା ଏବଂ ନିରପେକ୍ଷତା ପ୍ରଦର୍ଶନ କରି ଉଦାହରଣ ସୃଷ୍ଟି କରି ବିଶ୍ୱ କୀଡ଼ାରେ ସ୍ୱତନ୍ତ୍ର ସ୍ଥାନ ହାସଲ କରିଛନ୍ତି। ସଫଳତା ଅପେକ୍ଷା ସଂଘର୍ଷ ଓ ବିଜୟ ଅପେକ୍ଷା ଖେଳୁଆଡ଼ ମନୋଭାବ ଅଧିକ ଗୁରୁତ୍ୱ ବହନକରେ ବୋଲି ଏଥିରୁ ସ୍ପଷ୍ଟ ମନେହୁଏ।**

ତେଣୁ ଅତ୍ୟନ୍ତ ଉତ୍କଣ୍ଠାଭରା ପରିବେଶ ମଧ୍ୟରେ ଆରମ୍ଭ ହୋଇଥିଲା ଲଙ୍ଗଜମ୍ପ ଇଭେଣ୍ଟ। ଆଶ୍ଚର୍ଯ୍ୟଜନକଭାବେ ଓଏନ୍ସ କ୍ୱାଲିଫାଇଂ ପର୍ଯ୍ୟାୟରେ ୨ଟି ଫାଉଲ ଜମ୍ପ(ଟେକ୍‌ଅଫ୍‌ବୋର୍ଡକୁ ଡେଇଁବା ବା ପାଦ ଅତିକ୍ରମ କରିବା) କରି ପ୍ରତିଯୋଗିତାର ଚୂଡ଼ାନ୍ତ ପର୍ଯ୍ୟାୟକୁ ଉତ୍ତୀର୍ଣ୍ଣ ହେବାନେଇ ଆଶଙ୍କା ସୃଷ୍ଟି କରିଥିଲେ। ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ଓଏନ୍ସଙ୍କ ନିକଟକୁ ଆସିଥିଲେ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ଲଙ୍ଗ୍। ‘‘ଟେକ୍‌ଅଫ୍ ପଟାଠାରୁ ପଛରେ କିଛି ସେଣ୍ଟିମିଟର ଛାଡ଼ି କୌଣସି ଚିହ୍ନରଖି ଡେଇଁଲେ ତୁମେ ସହଜରେ ଯୋଗ୍ୟତା ଦୂରତାକୁ ଅତିକ୍ରମ କରିପାରିବ’’ ବୋଲି ତାଙ୍କୁ ପରାମର୍ଶ ଦେଇଥିଲେ। ତାଙ୍କ କଥା ମାନି ଓଏନ୍ସ ପରବର୍ତ୍ତୀ ଜମ୍ପ ପୂର୍ବରୁ ଟେକ୍‌ଅପ୍ ପଟା ପାଖରେ ଏକ ଧଳା ରୁମାଲ ରଖି ଅତି ସହଜରେ ଯୋଗ୍ୟତା ଦୂରତାକୁ ଅତିକ୍ରମ କଲେ। ଅନ୍ତିମ ପର୍ଯ୍ୟାୟରେ ଲଙ୍ଗଙ୍କ ସହିତ ତାଙ୍କର ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। କିନ୍ତୁ ଓଏନ୍ସ ନିଜର ଶେଷ ଜମ୍ପରେ ୮.୦୬ ମିଟର ଦୂରତା ଅତିକ୍ରମ କରି ଅଲିମ୍ପିକ୍ ରେକର୍ଡ ସହିତ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଲଙ୍ଗ୍ ୭.୮୨ ମିଟର ସହ ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଥିଲେ। ତେବେ ଫଳାଫଳ ଘୋଷଣା ପରେ ଲଙ୍ଗ ପ୍ରଥମ ବ୍ୟକ୍ତିଭାବେ ଜେସିଙ୍କୁ ଅଭିନନ୍ଦନ ଜଣାଇଥିଲେ।


ଲୁଜ୍ ଲଙ୍ଗ, ଜେସି ଓଏନ୍ସ

କ୍ରୀଡ଼ା ସମାରୋହ ସମାପ୍ତ ପରେ ମଧ୍ୟ ଓଏନ୍ସ ଓ ଲଙ୍ଗ୍‌ଙ୍କ ବନ୍ଧୁତା(୧୯୪୩ରେ ଲଙ୍ଗ୍‌ଙ୍କ ମୃତ୍ୟୁ ପର୍ଯ୍ୟନ୍ତ) ଅତୁଟ ରହିଥିଲା। ପତ୍ର ମାଧ୍ୟମରେ ଓଏନ୍ସଙ୍କ ସହ ସମ୍ପର୍କ ରଖିଥିବା ଲଙ୍ଗ୍ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଜର୍ମାନୀ ସେନା ପକ୍ଷରୁ ଲଢୁଥିବାବେଳେ ଇଟାଲୀର ସିସିଲିଠାରେ ମୃତ୍ୟୁବରଣ କରିଥିଲେ। ମୃତ୍ୟୁପୂର୍ବରୁ ଲଙ୍ଗ ତାଙ୍କର ଶେଷ ପତ୍ରରେ ଜେସିଙ୍କୁ ଅନୁରୋଧ କରି ଲେଖିଥିଲେ‘‘ସମୟ ମିଳିଲେ ବର୍ଲିନରେ ରହୁଥିବା ତାଙ୍କ ପୁତ୍ରଙ୍କୁ ସାକ୍ଷାତକରି ସେମାନଙ୍କ ମଧ୍ୟରେ ଥିବା ବିରଳ ବନ୍ଧୁତା ସମ୍ପର୍କରେ ଜଣାଇବ’’। ଷାଠିଏ ଦଶକରେ ଓଏନ୍ସ ବର୍ଲିନ ଗସ୍ତ ସମୟରେ ଲଙ୍ଗ୍‌ଙ୍କ ପୁତ୍ର କାର୍ଲ ଲଙ୍ଗ୍‌ଙ୍କୁ ସାକ୍ଷାତ କରିଥିଲେ ଏବଂ ତାଙ୍କ ବିବାହରେ ‘ବେଷ୍ଟମ୍ୟାନ’ର ଭୂମିକା ତୁଲାଇଥିଲେ। ବିଶ୍ୱ କ୍ରୀଡ଼ା ଇତିହାସରେ ଓଏନ୍ସ ଏବଂ ଲଙ୍ଗ୍‌ଙ୍କ ବିରଳ ବନ୍ଧୁତ୍ୱର ରୋଚକ କାହାଣୀ ଆଜିର ତୀବ୍ର ପ୍ରତିଦ୍ୱନ୍ଦ୍ୱିତାମୂଳକ କ୍ରୀଡ଼ାରେ ମଧ୍ୟ ପ୍ରତିଯୋଗୀଙ୍କୁ ପ୍ରେରଣା ଯୋଗାଇବାରେ ସହାୟକ ହୋଇପାରିଛି।

**ଜନ୍ ଷ୍ଟିଫେନ ଆକ୍‌ୱାରି:** ଆଫ୍ରିକୀୟ ଦେଶ ତାନ୍‌ଜାନିଆ ମିବୁଲଠାରେ ଏକ କୃଷକ ପରିବାରରେ ୧୯୩୮ରେ ଜନ୍ମ ଗ୍ରହଣ କରିଥିଲେ ଜନ୍ ଷ୍ଟିଫେନ ଆକ୍‌ୱାରୀ। ଅନ୍ୟ ଆଫ୍ରିକୀୟ ଆଥଲେଟ୍‌ଙ୍କ ଭଳି ଆକ୍‌ୱାରୀଙ୍କର ମଧ୍ୟ ଲମ୍ବ ଦୂର ଦୌଡ଼(ଲଙ୍ଗ ଡିଷ୍ଟାନ୍ସ ରନର) ଯଥା କ୍ରସ୍ କଣ୍ଟ୍ରି ଏବଂ ମାରାଥନ ଦୌଡ଼ରେ ଦକ୍ଷତା ଥିଲା। ଷାଠିଏ ଓ ସତୁରି ଦଶକରେ ସେ ଜଣେ ବିଶ୍ୱସ୍ତରୀୟ ଲମ୍ବଦୂର ଦୌଡ଼ାଳିଭାବେ ଖ୍ୟାତି ଅର୍ଜନ କରିଥିଲେ। ୧୯୬୮ ମେକ୍ସିକୋ ସହରରେ ଅନୁଷ୍ଠିତ ୧୮ତମ ଅଲିମ୍ପିକ୍ କ୍ରୀଡ଼ାରେ ଆକ୍‌ୱାରୀ ତାନ୍‌ଜାନିଆ ଦେଶକୁ ପ୍ରତିନିଧିତ୍ୱ କରି ମାରାଥନ ଦୌଡ଼ରେ ଭାଗ ନେଉଥାନ୍ତି। ଏହା କହିବା ନିଷ୍ପ୍ରୟୋଜନ ଯେ, ଦୌଡ଼କୁଦ ବିଭାଗରେ ମାରାଥନ ଦୌଡ଼ (୪୨.୧୯୫ କି.ମି) ରେ କ୍ରୀଡ଼ାବିତ୍‌ମାନଙ୍କୁ ସହନଶକ୍ତି (ଏଣ୍ଡୁରାନ୍ସ) ଏବଂ ଦମ୍(ଷ୍ଟାମିନା)ର ଭରପୂର ପ୍ରୟୋଗ କରିବା ଆବଶ୍ୟକ ହୋଇଥାଏ। ନିର୍ଦ୍ଧାରିତ ସମୟରେ ମାରାଥନ ଆରମ୍ଭ ହୁଏ। ଆକ୍‌ୱାରିଙ୍କ ସହିତ ବିଭିନ୍ନ ଦେଶର ୫୭ ଜଣ ପ୍ରତିଯୋଗୀ ଏଥିରେ ଭାଗ ନେଇଥାନ୍ତି। ଆଜ୍‌ଟେକ୍ ଷ୍ଟାଡିୟମର ଭରପୂର ଦର୍ଶକଙ୍କ କରତାଳି ମଧ୍ୟରେ ପ୍ରତିଯୋଗୀମାନେ ଆରମ୍ଭ କରିଥାନ୍ତି ଦୌଡ଼। ପ୍ରାୟ ୧୯ କି.ମି. ଦୌଡ଼ ଅତିକ୍ରମ କରିବା ସମୟରେ ଅନ୍ୟକିଛି ପ୍ରତିଯୋଗୀଙ୍କ ସହିତ ଧକ୍କା ହୋଇ ରାସ୍ତା ମଝିରେ ପଡ଼ିଯାଆନ୍ତି ଆକ୍‌ୱାରି ଏବଂ ତାଙ୍କ ମାଂସପେଶୀ କ୍ରାମ୍ପ ହୋଇଯାଏ। କିନ୍ତୁ ଆଶ୍ଚର୍ଯ୍ୟଜନକଭାବେ ଏହି ସାଂଘାତିକ ଆଘାତକୁ ହେୟ ମନେକରି ସେ ଉଠିପଡ଼ି ଛୋଟେଇ ଛୋଟେଇ ଦୌଡ଼ ଆରମ୍ଭ କରନ୍ତି। ସମସ୍ତ ପ୍ରତିଯୋଗୀ ବହୁ ଆଗରୁ ଦୌଡ଼ ଶେଷ କରି ସାରିଥିଲେ ମଧ୍ୟ ସୂର୍ଯ୍ୟାସ୍ତ ସମୟରେ ଆକ୍‌ୱାରି ଛୋଟେଇ ଛୋଟେଇ ପ୍ରବେଶ କରନ୍ତି ଷ୍ଟାଡିୟମରେ। ଅଳ୍ପକିଛି ଦର୍ଶକଙ୍କ କରତାଳି ମଧ୍ୟରେ ସେ ନିଜର ଦୌଡ଼ ଶେଷ କରନ୍ତି। ଦୌଡ଼ ଶେଷ ହେବାପରେ ଖବରଦାତାମାନେ ତାଙ୍କୁ ଘେରିଯାଇ ପଚାରିଥିଲେ ‘‘ଆପଣ ଜାଣିଥିଲେ ଯେ, କୌଣସି ପ୍ରକାରେ ଏହି ଦୌଡ଼ରେ ସଫଳ ହୋଇପାରିବେ ନାହିଁ। ତଥାପି ଏତେ ଯନ୍ତ୍ରଣା ସହି କଷ୍ଟକରି ଦୌଡ଼ ଶେଷ କରିବାକୁ କାହିଁକି ପ୍ରୟାସ କଲେ’’। ଏହାର ଉତ୍ତର ଅତି ସହଜରେ ଦେଇଥିଲେ ଆକ୍‌ୱାରି। ‘‘ମୋ ଦେଶ ୫୦୦୦ କିଲୋମିଟର ଦୂରରୁ ମତେ ଦୌଡ଼ ଆରମ୍ଭ କରିବାକୁ ପଠାଇ ନ ଥିଲା। ଦୌଡ଼ ଶେଷ କରିବାକୁ ମୋ ଦେଶ ମୋତେ ପଠାଇଥିଲା’’।


ଜନ୍ ଷ୍ଟିଫେନ ଆକ୍‌ୱାରି

ତାଙ୍କର ଏହି ବକ୍ତବ୍ୟ ଅଲିମ୍ପିକ୍ କ୍ରୀଡ଼ାର ମହାନ୍ ଭାବନାତ୍ମକ ଆଦର୍ଶ (କ୍ରୀଡ଼ାରେ ଭାଗନେବା ବିଜୟ ଲାଭ କରିବା ଅପେକ୍ଷା ଗୁରୁତ୍ୱପୂର୍ଣ୍ଣ)ର ବାର୍ତ୍ତା ବହନ କରି ସାରା ବିଶ୍ୱର କ୍ରୀଡ଼ାବିତ୍‌ଙ୍କ ପାଇଁ ଏକ ବିରଳ ଉଦାହରଣ ସୃଷ୍ଟି କରିଥିଲା। ୧୯୮୩ରେ ଆକ୍‌ୱାରିଙ୍କୁ ତାନ୍‌ଜାନିଆର ‘ନ୍ୟାଶନାଲ ହିରୋ ମେଡାଲ ଅଫ୍ ଅନର’ ସର୍ବୋଚ୍ଚ ସମ୍ମାନରେ ସମ୍ମାନିତ କରାଯାଇଥିଲା। ୨୦୦୮ ବେଜିଂ ଅଲିମ୍ପିକ୍ କ୍ରୀଡ଼ାରେ ସେ ସଦିଚ୍ଛା ଦୂତ ଭାବେ କାର୍ଯ୍ୟ କରିଥିଲେ।

## ଖେଳ ଖବର

# ଅକ୍ଟୋବର ସୁଦ୍ଧା ଫେରିବ କ୍ରୀଡ଼ା ପ୍ରତିଯୋଗିତା

ନୂଆଦିଲ୍ଲୀ, ୪।୬

ଭାରତରେ ଅକ୍ଟୋବର ସୁଦ୍ଧା କ୍ରୀଡ଼ା ପ୍ରତିଯୋଗିତା ଫେରିବ ବୋଲି ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ) ସଭାପତି ନରିନ୍ଦର ବାତ୍ରା ପ୍ରକାଶ କରିଛନ୍ତି। ସ୍ପୋର୍ଟିଂ ଇଭେଣ୍ଟ ଉପରେ ଆୟୋଜିତ ଏକ ୱେବିନାରରେ ତାଙ୍କ ଅଭିଭାଷଣରେ ସେ ଏକଥା କହିଛନ୍ତି। ବାତ୍ରା କହିଛନ୍ତି ଅଧିକାଂଶ ଖେଳ ପାଇଁ ଆମେ ଅଭିନବ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜ୍ୟୁୟର (ଏସ୍‌ଓପି) ପ୍ରସ୍ତୁତ କରୁଛି। କ୍ରୀଡ଼ା ପାଇଁ ରିଜିଓନାଲ ସେଣ୍ଟରଗୁଡ଼ିକୁ ଚିହ୍ନଟ କରିବା ପ୍ରକ୍ରିୟା ଚାଲିଛି, ଯେଉଁଠାରେକି ପ୍ରତିଯୋଗିତା ଆୟୋଜନ ହୋଇପାରିବ। ଉଦାହରଣ ସ୍ୱରୂପ ହକି ପାଇଁ ବେଙ୍ଗାଲୁରୁ, ଶୁଟିଂ ପାଇଁ ଦିଲ୍ଲୀ ଉପଯୁକ୍ତ। ହେଲେ ରେସ୍‌ଲିଂ ଭଳି କଣ୍ଟାକ୍ଟ ସ୍ପୋର୍ଟ୍ସ ପାଇଁ ଶ୍ରେଷ୍ଠ ଏସ୍‌ଓପି ପ୍ରସ୍ତୁତ କରାଯାଇ ପାରି ନାହିଁ। ବାତ୍ରା କହିଛନ୍ତି, ଦେଶର ସମସ୍ତ କ୍ରୀଡ଼ା ପ୍ରତି ସରକାରଙ୍କ ସହଯୋଗ ମନୋବୃତ୍ତି ରହିଛି। କରୋନା ଭାଇରସ ମହାମାରୀ ସତ୍ତ୍ୱେ ଖେଳାଳିମାନଙ୍କ ମଧ୍ୟରେ ସକାରାତ୍ମକ ମନୋଭାବ ରହିଛି। ସେମାନେ ଶୀଘ୍ର ଟ୍ରାକ୍‌କୁ ଫେରିବା ଲାଗି ଚାହୁଁଛନ୍ତି। ଜଣେ ଖେଳାଳି ନିଜ ଘରେ ଟ୍ରେନିଂ ନେଉଥିବାବେଳେ ଆଉଟପୁଟ୍ ୪୦ରୁ ୫୦ ପ୍ରତିଶତ ପାଖାପାଖି ରହୁଛି। ଫିଲ୍ଡକୁ ଆସିଲେ ଶତପ୍ରତିଶତ ଫିଟ୍ ହେବା ଲାଗି ଜଣେ ଖେଳାଳିକୁ ୨ରୁ ୩ ମାସ ସମୟ ଲାଗିବ। ଏହି ଅବସରରେ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ପର୍ଯ୍ୟଟନ ବିଭାଗ ସଚିବ ତଥା କମିଶନର ବିଶାଲ କୁମାର ଦେବ କହିଥିଲେ କୋଭିଡ୍-୧୯ ସମଗ୍ର ବିଶ୍ୱରେ ଭୟର ବାତାବରଣ ସୃଷ୍ଟି କରିଛି। ଭାରତରେ ଖୁବ୍ ଶୀଘ୍ର ଖେଳକୁ ଫେରାଇ ଆଣିବାକୁ ହେଲେ ସରକାର ଓ କର୍ପୋରେଟ୍ ଭାଗୀଦାରିରେ ସମାଧାନର ପନ୍ଥା ବାହାର କରିବା ଉଚିତ୍। ଏସ୍‌ଓପି ଓ ଗାଇଡ୍ ଲାଇନ୍ ଜାରିକରିବା ସହଜ କିନ୍ତୁ ସେଗୁଡ଼ିକ ଅନୁପାଳନ କରିବା କଷ୍ଟକର ବୋଲି ସେ କହିଥିଲେ। ଏଫ୍‌ଆଇସିସିଆଇ ସ୍ପୋର୍ଟ୍ସ କମିଟି ଆଣ୍ଡ୍ ସ୍ପୋର୍ଟ୍ସ ପ୍ରଡକ୍ଟ ହେଡ୍ ତଥା ଷ୍ଟାର ଇଣ୍ଡିଆ ଚେୟାରମ୍ୟାନ ସଂଯୋଗ ଗୁପ୍ତା କହିଛନ୍ତି, କ୍ରୀଡ଼ା ସହିତ ଖେଳପ୍ରେମୀ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ମହାମାରୀ ଯୋଗୁ ଦର୍ଶକ ଏବଂ ପ୍ରଶଂସକ ମଧ୍ୟରେ ରହିଥିବା ପାଚେରି ହଟିଯାଇଛି। ଖେଳପ୍ରତି ଲୋକମାନଙ୍କ ଆଗ୍ରହ ଏବେ ଅଧିକ ପରିଲକ୍ଷିତ ହେବ। ଭାରତୀୟ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ତଥା ଆଇସିସି କ୍ରିକେଟ କମିଟିର ଚେୟାରମ୍ୟାନ ଅନିଲ କୁମ୍ବଲେ କହିଛନ୍ତି, କ୍ରିକେଟ ଆରମ୍ଭ କରିବାକୁ ହେଲେ ଖେଳର ବିଭିନ୍ନ ଦିଗ ପ୍ରତି ଧ୍ୟାନ ଦେବାକୁ ପଡ଼ିବ। ଟେଷ୍ଟ ମ୍ୟାଚ ପାଇଁ ଶରୀରକୁ ଅଧିକ ଫିଟ୍ ରଖିବାକୁ ହେବ। ଏଥିପାଇଁ ଅଧିକ ସମୟ ଦରକାର। ୱେବିନାରରେ ଅନ୍ୟମାନଙ୍କ ମଧ୍ୟରେ ଏଫ୍‌ଆଇସିସିଆଇ ସେକ୍ରେଟାରୀ ଜେନେରାଲ ଦିଲୀପ ଚେନୟ, ବୁଣ୍ଡେସ୍‌ଲିଗା ଗ୍ଲୋବାଲ ମାର୍କେଟିଂ ମୁଖ୍ୟ ପିଆ ନାଉବର୍ଟ, ନାଇଟ ରାଇଡର୍ସ ସ୍ପୋର୍ଟ୍ସ ସିଇଓ ଭେଙ୍କି ମହୀଶୂର, ଜେଏସ୍‌ଡବ୍ଲ୍ୟୁ ସ୍ପୋର୍ଟ୍ସ ସିଇଓ ମୁସ୍ତାଫା ଘାଉସ୍, କ୍ରୀଡ଼ା ବିଶେଷଜ୍ଞ ତଥା ଉପସ୍ଥାପକ ନିଖିଲ୍ ନାଜ୍ ପ୍ରମୁଖ ଏଥିରେ ଭାଗ ନେଇଥିଲେ।


ନରିନ୍ଦର ବାତ୍ରା

**ସ୍ପୋର୍ଟିଂ ଓଭେଣ୍ଟ ଉପରେ ଆୟୋଜିତ ୱେବିନାର**

- କ୍ରୀଡ଼ା ପାଇଁ ରିଜିଓନାଲ ସେଣ୍ଟରଗୁଡ଼ିକୁ ଚିହ୍ନଟ କରିବା ପ୍ରକ୍ରିୟା ଚାଲିଛି
- ରେସ୍‌ଲିଂ ଭଳି କଣ୍ଟାକ୍ଟ ସ୍ପୋର୍ଟ୍ସ ପାଇଁ ଶ୍ରେଷ୍ଠ ଏସ୍‌ଓପି ପ୍ରସ୍ତୁତ କରାଯାଇ ପାରି ନାହିଁ

## ଅର୍ଜୁନ ପୁରସ୍କାର ପାଇଁ ବୀରେନ୍ଦ୍ରଙ୍କ ନାମ ସୁପାରିସ




ଭୁବନେଶ୍ୱର, ୪।୬(କ୍ରୀଡ଼ା ପ୍ରତିନିଧି)

ଆଥଲେଟ୍ ଦୂତୀ ଚାନ୍ଦଙ୍କ ସହିତ ଅନ୍ତର୍ଜାତୀୟ ହକି ଖେଳାଳି ବୀରେନ୍ଦ୍ର ଲାକ୍ରାଙ୍କ ନାମ ରାଜ୍ୟ କ୍ରୀଡ଼ା ବିଭାଗ ପକ୍ଷରୁ ଅର୍ଜୁନ ପୁରସ୍କାର ପାଇଁ ସୁପାରିସ କରାଯାଇଛି। ରାଜ୍ୟ କ୍ରୀଡ଼ା ବିଭାଗ କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟକୁ ପଠାଇଥିବା ସୁପାରିସ ପତ୍ରରୁ ଏହା ଜଣାପଡ଼ିଛି। ୨୦୧୨ରୁ ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରିଥିବା ବୀରେନ୍ଦ୍ର ଏପର୍ଯ୍ୟନ୍ତ ଭାରତୀୟ ଦଳର ଜଣେ ନିର୍ଭରଯୋଗ୍ୟ ଡିଫେଣ୍ଡରଭାବେ ଖେଳି ଆସୁଛନ୍ତି। ୨୦୧୪ ଏସିଆନ ଗେମ୍ସ ସ୍ୱର୍ଣ୍ଣ, ୨୦୧୮ ବ୍ରୋଞ୍ଜ, ୨୦୧୩ ଏସିଆ କପ୍‌ରେ ରୌପ୍ୟ, ୨୦୧୮ ଚାମ୍ପିୟନ୍ସ ଟ୍ରଫିରେ ରୌପ୍ୟ, ୨୦୧୫ ହକି ୱାର୍ଲ୍ଡ ଲିଗରେ ବ୍ରୋଞ୍ଜ ପଦକ ଏବଂ ୨୦୧୪ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ରୌପ୍ୟ ପଦକ ବିଜୟୀ ଭାରତୀୟ ଦଳର ସେ ସଦସ୍ୟ ଥିଲେ।

# ବାଲ୍‌କୋନିରୁ ଡେଇଁ ଆତ୍ମହତ୍ୟା କରିବାକୁ ଚାହୁଁଥିଲେ ଉଥାପ୍ପା

ନୂଆଦିଲ୍ଲୀ,୪।୬(ପି.ଟି.)

୨୦୦୭ରେ ଅନୁଷ୍ଠିତ ଟି୨୦ ବିଶ୍ୱକପ୍‌ର ପ୍ରାରମ୍ଭିକ ସଂସ୍କରଣରେ ଭାରତକୁ ଚାମ୍ପିୟନ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ରବିନ୍ ଉଥାପ୍ପା ଏକଦା ମାନସିକ ଦୁଶ୍ଚିନ୍ତାର ଶିକାର ହୋଇ ଆତ୍ମହତ୍ୟା କରିବାକୁ ନିଷ୍ପତ୍ତି ନେଇଥିଲେ। କ୍ୟାରିୟରରେ ୨ ବର୍ଷ ସେ ଏ ଭଳି ମାନସିକ ଚାପ ଦେଇ ଗତି କରି ଆସୁଥିଲେ। ସେ ବାଲକୋନୀରୁ ଡେଇଁ ଆତ୍ମହତ୍ୟା କରିବାକୁ ଚିନ୍ତା କରୁଥିଲେ। ତେବେ ଏହି ଦୁଃସମୟରେ କ୍ରିକେଟ ହିଁ ତାଙ୍କୁ ଏଥିରୁ ନିବୃତ୍ତ ରହିବାକୁ ସାହସ ଦେଇଥିଲା ବୋଲି ଉଥାପ୍ପା କହିଛନ୍ତି। ରୟାଲ ରାଜସ୍ଥାନ ଫାଉଣ୍ଡେଶନ ଲାଇଭ୍ ସେସନ ‘ମାଇଣ୍ଡ, ବଡି ଆଣ୍ଡ ସୋଲ’ରେ ଅଂଶଗ୍ରହଣ କରି ଉଥାପ୍ପା ନିଜ ଜୀବନର ଅନେକ ଗୁପ୍ତ କଥା ସାର୍ବଜନୀନ କରିଛନ୍ତି।

୨୦୦୯ରୁ ୨୦୧୧ ମଧ୍ୟରେ ଏଭଳି ପରିସ୍ଥିତିର ସମ୍ମୁଖୀନ ହୋଇଥିଲି। ସେତେବେଳେ କ୍ରିକେଟ ବିଷୟରେ ଚିନ୍ତା କରିପାରୁ ନ ଥିଲି। ସେତେବେଳେ ଆଜି କିଭଳି ରହିବ ଓ କାଲି କେମିତି ବିତାଇବି। ମୋ ଜୀବନ କେଉଁଆଡେ ଗତି କରୁଛି ସେ ନେଇ ସନ୍ଦୀହାନ ଥିଲି। ଅବଶ୍ୟ କ୍ରିକେଟ ଏହି ଚିନ୍ତାରୁ ଦୂରେଇ ରହିବା ପାଇଁ ସାହାଯ୍ୟ କରିଥିଲା। ତେବେ ଅଫ୍ ସିଜନ ଓ ମ୍ୟାଚ୍ ନ ଥିବା ଦିନଗୁଡ଼ିକରେ ପୁଣି ସମସ୍ୟାରେ ପଡୁଥିଲି। ବେଳେବେଳେ ମନେ ହେଉଥିଲା ବାଲକୋନିରୁ ଡେଇଁ ଜୀବନ ହାରି ଦେବି। କିନ୍ତୁ କୌଣସ କାରଣରୁ ଏଥିରୁ ନିବୃତ୍ତ ରହିବାରେ ସକ୍ଷମ ହୋଇଥିଲି। ସେତେବେଳେ ଡାଏରୀ ଲେଖିବା ଆରମ୍ଭ କରିଥିଲି। ଜଣେ ମଣିଷ ହିସାବରେ ନିଜକୁ ବୁଝିବାକୁ ପ୍ରୟାସ କରିଥିଲି। ଏହାପରେ ବାହାରୁ ସାହାଯ୍ୟ ନେଇଥିଲି ଓ ଜୀବନର ଗତିପଥ ବଦଳାଇବାକୁ ଚେଷ୍ଟା କରିଥିଲି।

ଏହାପରେ ଅଷ୍ଟ୍ରେଲିଆରେ ଭାରତ ଏ’ ଦଳର ନେତୃତ୍ୱ ନେଇଥିଲେ ମଧ୍ୟ ଭାରତୀୟ ଦଳରେ ସ୍ଥାନ ପାଇ ନ ଥିଲି। ଯେତେ ପରିଶ୍ରମ କଲେ ବି ରନ ସଂଗ୍ରହ କରିପାରୁ ନ ଥିଲି। ମୋ ସହିତ କିଛି ସମସ୍ୟା ଥିଲା ବୋଲି ଭାବିଥିଲି। ମାନସିକ ସମସ୍ୟାକୁ ଆମେ ବେଳେବେଳେ ସ୍ୱୀକାର କରିବାକୁ ଅକ୍ଷମ ହୋଇଥାଉ ବୋଲି ଉଥାପ୍ପା କହିଛନ୍ତି। ତେବେ ଏହାପରେ ୨୦୧୪- ୧୫ ରଣଜୀ ସେସନରେ ଉଥାପ୍ପା ସର୍ବାଧିକ ରନ ସଂଗ୍ରହ କରିଥିଲେ। ଏପର୍ଯ୍ୟନ୍ତ ଅବସର ଘୋଷଣା କରି ନ ଥିଲେ ମଧ୍ୟ ସେ ୨୦୧୫ ପର୍ଯ୍ୟନ୍ତ ଭାରତ ପାଇଁ ଖେଳିଥିଲେ। ଜୀବନରେ ଖରାପ ସମୟ ଦେଇ ଗତି କରିଥିବାରୁ ଓ ନକାରାତ୍ମକ ଅଭିଜ୍ଞତା ହାସଲ କରିଥିବାରୁ ମୋର କୌଣସି ଅନୁଶୋଚନା ନାହିଁ। କାରଣ ଏହା ଦ୍ୱାରା ସକାରାତ୍ମକ ମନୋଭାବ ଆସିଥାଏ। ଗତ ଏକ ଦଶନ୍ଧିରେ କ୍ରିକେଟରେ ବହୁ ପରିବର୍ତ୍ତନ ଆସିଛି ବୋଲି ଉଥାପ୍ପା କହିଛନ୍ତି।

# ପ୍ରତିଦ୍ୱନ୍ଦ୍ୱିତାମୂଳକ କ୍ରିକେଟ ପାଇଁ ଅଷ୍ଟ୍ରେଲିଆ ପ୍ରସ୍ତୁତ

ମେଲବୋର୍ନ, ୪।୬(ପି.ଟି.)

କରୋନା ଭାଇରସ ସଂକ୍ରମଣ ଯୋଗୁ ଦୁଇମାସରୁ ଊର୍ଦ୍ଧ୍ୱ ଶଟ୍‌ଡାଉନ୍ ପରେ ଅଷ୍ଟ୍ରେଲିଆକୁ ପ୍ରତିଦ୍ୱନ୍ଦ୍ୱିତାମୂଳକ କ୍ରିକେଟ ଫେରୁଛି। ଚଳିତ ସପ୍ତାହ ଶେଷରେ ଏକ ଟି୨୦ ଟୁର୍ନାମେଣ୍ଟ ଡାରୱିନଠାରେ ଆରମ୍ଭ ହେବ, ଯେଉଁଥିରେ କି ଦର୍ଶକଙ୍କୁ ମଧ୍ୟ ଷ୍ଟାଣ୍ଡରେ ଦେଖିବାକୁ ମିଳିବ। ରାଉଣ୍ଡ ରବିନ ଭିତ୍ତିରେ ହେବାକୁଥିବା ଏହି ଟି୨୦ କାର୍ନିଭାଲରେ ୧୫ଟି ଗେମ୍ ଅନୁଷ୍ଠିତ ହେବ। ଜୁନ ୬ରୁ ୮ ପର୍ଯ୍ୟନ୍ତ ହେବାକୁଥିବା ଏହି ପ୍ରତିଯୋଗିତାର ମ୍ୟାଚ ଦେଖିବାପାଇଁ ଗ୍ରାଉଣ୍ଡକୁ ୫୦୦ ଦର୍ଶକଙ୍କୁ ଅନୁମତି ମିଳିବ। ମେ ୨୧ପରେ କୌଣସି କୋଭିଡ-୧୯ କେସ୍ ନ ଥିବାରୁ ଏଠାରେ ପ୍ରତିଦ୍ୱନ୍ଦ୍ୱିତାମୂଳକ ପ୍ରତିଯୋଗିତା ଆୟୋଜନ ପାଇଁ ନିଷ୍ପତ୍ତି ନିଆଯାଇଛି।

# ଭାରତରେ ହେବ ଏଏଫ୍‌ସି ମହିଳା ଏସିଆନ କପ୍

କୁଆଲାଲମ୍ପୁର, ୪।୬: ୨୦୨୨ ଏଏଫସି ମହିଳା ଏସିଆନ କପ୍ ଭାରତରେ ଅନୁଷ୍ଠିତ ହେବ। ଏହି ସମ୍ମାନଜନକ ପ୍ରତିଯୋଗିତା ଆୟୋଜନ ପାଇଁ ଭାରତକୁ ଅଧିକାର ମିଳିଛି। ଏହା ୨୦୨୨ ଡିସେମ୍ବରରେ ଆରମ୍ଭ ହୋଇ ୨୦୨୩ ଜାନୁୟାରୀରେ ଶେଷ ହେବା ସମ୍ଭାବନା ରହିଛି। ଏହି ମର୍କି ଇଭେଣ୍ଟ ଆୟୋଜନ ପାଇଁ ସମ୍ଭାବ୍ୟ ଭେନ୍ୟୁ ତାଲିକାରେ ନଭି ମୁମ୍ବାଇ ଓ ଅହମ୍ମଦାବାଦ ନାମ ରହିଛି। ଗତ ଫେବୃୟାରୀରେ ଏଏଫସି ମହିଳା ଫୁଟବଲ କମିଟି ଭାରତକୁ ଆୟୋଜକଭାବେ ବାଛିଥିଲା। ଗୁରୁବାର ଆନୁଷ୍ଠାନିକଭାବେ ଏହା ଅନୁମୋଦିତ ହୋଇଛି। ଆୟୋଜକ ଦେଶଭାବେ ଭାରତ ଏହି ପ୍ରତିଯୋଗିତା ପାଇଁ ଯୋଗ୍ୟତା ଅର୍ଜନ କରିବ। ଭାରତ ସହିତ ଚାଇନିଜ୍ ତାଇପେ ଓ ଉଜବେକିସ୍ତାନ ଏହି ପ୍ରତିଯୋଗିତା ଆୟୋଜନ ଦୌଡ଼ରେ ଥିଲେ। ମାତ୍ର ଶେଷରେ ଭାରତ ଏଥିରେ ବିଜୟଲାଭ କରିଥିଲା।



## ପଦ୍ମବନ ପୀଠରେ ୧୪୪ ଧାରା

**ନେମାଳ,୪।୬(ଡି.ଏନ.ଏ.):** ନେମାଳ ପଦ୍ମବନ ପୀଠରେ ଶୁକ୍ରବାର ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ଦେବସ୍ନାନ ଯାତ୍ରା ଅନୁଷ୍ଠିତ ହେବ। ମାତ୍ର କରୋନା ଯୋଗୁ ଏହି ଯାତ୍ରାରେ ସାଧାରଣ ଦର୍ଶନ ବନ୍ଦ କରାଯାଇଛି। ନିରାଡମ୍ବର ଭାବେ ଉତ୍ସବ ପାଳନ ପାଇଁ ପୀଠରେ ୧୪୪ ଧାରା ଜାରି କରାଯିବା ସହ ପୀଠକୁ ସିଲ୍ କରାଯାଇଛି। ଦେବସ୍ନାନ ଯାତ୍ରାରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଛି। ନିର୍ଦ୍ଧାରିତ ସମୟରେ ଠାକୁରଙ୍କ ସେବାପୂଜା ସୁଚାରୁ ରୂପେ ସମାପନ ପାଇଁ ନିଶ୍ଚିନ୍ତକୋଇଲି ତହସିଲଦାର ଜିତେନ୍ଦ୍ର ପାତ୍ର ପୀଠର ବରିଷ୍ଠ ସେବକ ଓ କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଛନ୍ତି। ପ୍ରାତଃ ୩ଟାରେ ବେଢ଼ା ପ୍ରବେଶ କରାଯାଇ ଅନ୍ୟାନ୍ୟ ରୀତିନୀତି କରାଯିବ।

## ସଂକ୍ଷେପରେ

### ଶଟ୍‌ଡାଉନ ବେଳେ ବସ୍ ଚାଲିବ: ସଂଘ

ଭୁବନେଶ୍ୱର,୪।୬(ବ୍ୟୁରୋ)- କରୋନା(କୋଭିଡ୍-୧୯) ସଂକ୍ରମଣ ଆଶଙ୍କାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ୧୧ଟି ଜିଲାରେ ଚଳିତମାସର ପ୍ରତ୍ୟେକ ଶନିବାର ଓ ରବିବାର ଦୁଇଦିନ ଶଟ୍‌ଡାଉନ ଘୋଷଣା କରିଛନ୍ତି। ଏହି ସମୟରେ ବସ୍ ଚଳାଚଳ କରିପାରିବ। ବସ୍‌ଷ୍ଟାଣ୍ଡରୁ ଗନ୍ତବ୍ୟସ୍ଥଳ ଏବଂ ସେଠାରୁ ବସ୍‌ଷ୍ଟାଣ୍ଡକୁ ଯାତ୍ରୀମାନେ ଯିବା ଆସିବା କରିପାରିବେ। ଏ ନେଇ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ଜୁନ୍ ୧ ତାରିଖରେ ସଂଶୋଧିତ ଗାଇଡ୍‌ଲାଇନ ଜାରି କରାଯାଇଛି। ଯାତ୍ରୀମାନେ ବସ୍‌ରେ ଯାତ୍ରା କରିବା ପାଇଁ କୌଣସି ଦ୍ୱନ୍ଦ୍ୱ ନ ରଖି ନିର୍ବିଘ୍ନରେ ଯାତାୟାତ କରିପାରିବେ ବୋଲି ରାଜ୍ୟ ବସ୍ ମାଲିକ ସଂଘର ମୁଖପାତ୍ର ଦେବାଶିଷ ନାୟକ ଜଣାଇଛନ୍ତି। ବସ୍‌ଗୁଡିକ ଦୈନିକ ଦୁଇଥର ବିଶୋଧନ କରାଯାଉଛି। ଯାତ୍ରୀମାନେ ମୁହଁରେ ମାସ୍କ ଲଗାଇ ଯାତ୍ରା କରିବାକୁ ସେ ଅନୁରୋଧ କରିଛନ୍ତି।

### ବାଲିଅନ୍ତା ଅଞ୍ଚଳରେ ପ୍ରଥମ କରୋନା ପଜିଟିଭ ଚିହ୍ନଟ

**ବାଲିଅନ୍ତା,୪।୬(ଡି.ଏନ୍.ଏ.):** ବାଲିଅନ୍ତା ବ୍ଲକ ଅଞ୍ଚଳରେ ଗୁରୁବାର ଜଣେ ଯୁବକ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। କିଛିଦିନ ତଳେ ସେ ତେଲଙ୍ଗାନାରୁ ଫେରି ୧୨ଦିନ ପାଇଁ ସଙ୍ଗରୋଧ କେନ୍ଦ୍ରରେ ରହିଥିଲେ। ଏହି ୩ଦିନ ତଳେ ନିଜ ଘରକୁ ଯାଇ ହୋମ କ୍ୱାରାଣ୍ଟାଇନରେ ରହୁଥିଲେ। ତେବେ ସେ ସଙ୍ଗରୋଧ କେନ୍ଦ୍ରରେ ଥିବାବେଳେ ତାଙ୍କ ରକ୍ତ ନମୁନା ଓ ସ୍ୱାବକୁ ପରୀକ୍ଷା ପାଇଁ ପଠାଯାଇଥିଲା। ତାଙ୍କ ରିପୋର୍ଟରେ ପଜିଟିଭ ବାହାରିଥିବା ବିଡିଓ ଆଦିକନ୍ଦ ବେହେରା ସୂଚନା ଦେଇଛନ୍ତି। ତେବେ ପଜିଟିଭ ରିପୋର୍ଟ ଯୁବକଙ୍କୁ ହସ୍ତଗତ କରା ନ ଯାଇ ଫୋନ ଜଣାଇ ଦିଆଯାଇଥିବା ବିଡିଓ କହିଛନ୍ତି। ଶୁକ୍ରବାର ତାଙ୍କୁ କୋଭିଡ୧୯ ହସ୍ପିଟାଲକୁ ପଠାଯିବ ବୋଲି ଜଣାଇଛନ୍ତି। ତେବେ ଏହି ଅଞ୍ଚଳରେ ଏହା ପ୍ରଥମ ବୋଲି ଜଣାପଡ଼ିଛି।

### ୨ ପଜିଟିଭ୍ ଚିହ୍ନଟ

**ପୁରୀ ଅଫିସ,୪।୬:** ପୁରୀ ଜିଲାରୁ ଗୁରୁବାର ପୁଣି ୨ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଫଳରେ ଏହି ନୂଆ ଆକ୍ରାନ୍ତଙ୍କୁ ମିଶାଇ ଜିଲାର ମୋଟ ପଜିଟିଭ ସଂଖ୍ୟା ୯୮ ହୋଇଛି। ଏମାନଙ୍କ ମଧ୍ୟରୁ ୮୧ ଜଣ ସୁସ୍ଥ ହୋଇଥିବା ବେଳେ ୧୭ ଜଣ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ନୂଆ ଆକ୍ରାନ୍ତ ଦ୍ୱୟଙ୍କ ସମ୍ପର୍କରେ ଜିଲା ପ୍ରଶାସନ ପକ୍ଷରୁ କିଛି ସ୍ପଷ୍ଟ କରାଯାଇ ନ ଥିବାବେଳେ ଏମାନେ କ୍ୱାରାଣ୍ଟାଇନ ସେଣ୍ଟରରେ ଥିଲେ ବୋଲି କୁହାଯାଉଛି।

### ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିକୁ ଏସ୍‌ପିସିବି ଅଫିସର ଦେଲେ ଗୋଟିଏ ଦିନର ଦରମା

**ଭୁବନେଶ୍ୱର,୪।୬(ବ୍ୟୁରୋ):** କରୋନା(କୋଭିଡ୍-୧୯) ମହାମାରୀ ସଂକ୍ରମଣ ସ୍ୱାସ୍ଥ୍ୟ ସହିତ ଜୀବନ ଜୀବିକାକୁ ଅତି ମାତ୍ରାରେ ପ୍ରଭାବିତ କରିଛି। ରାଜ୍ୟର ଆର୍ଥିକ ବ୍ୟବସ୍ଥାକୁ ଦୋହଲାଇ ଦେଇଛି। ଏହି ଅସମୟରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସ୍‌ପିସିବି) ଅଫିସର ଆସୋସିଏଶନ ପକ୍ଷରୁ ଗୁରୁବାର ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିକୁ ଦୁଇଲକ୍ଷ ଟଙ୍କା ସହାୟତା କରାଯାଇଛି। ଅଫିସରମାନେ ନିଜର ଗୋଟିଏ ଦିନର ଦରମା ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଦାନ କରି ସହାୟତାର ହାତ ବଢାଇଛନ୍ତି ବୋଲି ଆସୋସିଏଶନର ସଭାପତି ଅଖିଳ କୁମାର ସୁଆର କହିଛନ୍ତି।

### ଲକ୍‌ଡାଉନ୍ ନିର୍ଦ୍ଦେଶାବଳୀ ବିରୋଧରେ ମାମଲା

**କଟକ ଅଫିସ,୪।୬:** କରୋନା ସଂକ୍ରମଣ ରୋକିବା ପାଇଁ ରାଜ୍ୟ ସରକାର ଯେଉଁ ଲକ୍‌ଡାଉନ୍ ନିର୍ଦ୍ଦେଶାବଳୀ ଜାରି କରିଛନ୍ତି, ତାହାକୁ ବିରୋଧ କରି ଗୁରୁବାର ହାଇକୋର୍ଟରେ ଏକ ମାମଲା ରୁଜୁ କରାଯାଇଛି। ବିକାଶ ଦାସଙ୍କ ପକ୍ଷରୁ ମାମଲା ରୁଜୁ ହୋଇଥିବାବେଳେ ଆଇନ୍‌ଜୀବୀ ବିଜୟ ରଗଡ଼ ଏହାକୁ ପରିଚାଳନା କରୁଛନ୍ତି। ମାମଲାରେ ମୁଖ୍ୟ ଶାସନ ସଚିବ, ଆଇନ ବିଭାଗ ସଚିବ, ସ୍ୱତନ୍ତ୍ର ରିଲିଫ୍ କମିଶନର ଏବଂ ପୋଲିସ ମହାନିର୍ଦ୍ଦେଶକଙ୍କୁ ପକ୍ଷଭୁକ୍ତ କରାଯାଇଛି। ଆବେଦନରେ ଶଟ୍‌ଡାଉନ୍ ଉଠାଇବା ଓ ରାତି କର୍ଫ୍ୟୁ କୋହଳ ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବାକୁ ଆବେଦନରେ ପ୍ରାର୍ଥନା କରାଯାଇଛି।

# ବ୍ଲାକ୍‌ମେଲ୍ କରି ଲୁଟିନେଲେ ଟଙ୍କା, ଗହଣା

**ମହଙ୍ଗା ପଡ଼ିଲା ଫେସ୍‌ବୁକ୍ ପ୍ରେମ**

- ରେଷ୍ଟୁରାଣ୍ଟକୁ ଡାକି ପୁଣି ୨ଲକ୍ଷ ଦାବି କଲେ
- ସ୍ୱାମୀଙ୍କୁ ମାଡ଼, ସ୍ତ୍ରୀଙ୍କୁ ଅସଦାଚରଣ କଲେ ଅଭିଯୁକ୍ତ

ଭୁବନେଶ୍ୱର,୪।୬ (ବ୍ୟୁରୋ)

ଫେସ୍‌ବୁକ୍ ପ୍ରେମ ଜଣେ ମହିଳାଙ୍କ ପାଇଁ ମହଙ୍ଗା ହୋଇଛି। ଜଣେ ଯୁବକ ପ୍ରେମ ବାହାନାରେ ମହିଳାଙ୍କୁ ଫସାଇବା ପରେ ବ୍ଲାକ୍‌ମେଲ କରି ବିପୁଳ ସୁନାଗହଣା ଓ ଅଢ଼େଇ ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ରେଷ୍ଟୁରାଣ୍ଟକୁ ଡାକି ସ୍ୱାମୀଙ୍କୁ ମାଡ଼ମାରିବା ସହ ତାଙ୍କ ଆଗରେ ମହିଳାଙ୍କୁ ଅସଦାଚରଣ କରିଛନ୍ତି। ଏନେଇ ଅଭିଯୋଗ ପରେ ଖଣ୍ଡଗିରି ଥାନାରେ ମାମଲା (ନଂ.୩୦୩/୨୦) ରୁଜୁ ହୋଇଛି। ପୋଲିସ ଘଟଣାର ତଦନ୍ତ କରି ବହୁ ତଥ୍ୟ ପାଇଥିଲେ ମଧ୍ୟ ଅଭିଯୁକ୍ତଙ୍କୁ ଗିରଫ କରିପାରି ନ ଥିବା ଜଣାପଡିଛି।

ଅଭିଯୋଗ ଅନୁଯାୟୀ, ବାଲେଶ୍ୱର ଜିଲା ଭୋଗରାଇ ଅଞ୍ଚଳର ମହିଳା ଜଣକ ମଞ୍ଚେଶ୍ୱର ଥାନାଞ୍ଚଳରେ ସ୍ୱାମୀଙ୍କ ସହ ରୁହନ୍ତି। ତାଙ୍କର ଫେସ୍‌ବୁକ୍‌ରେ ଜଣେ ଯୁବକଙ୍କ ସହ ପରିଚିତ ହୋଇଥିଲା। ଏହାପରେ ଦୁହେଁ ହଗୋ ଗେମ୍ ମଧ୍ୟ ଅନ୍‌ଲାଇନ୍‌ରେ ଖେଳିଥିଲେ। କ୍ରମଶଃ ଉଭୟଙ୍କ ମଧ୍ୟରେ ସମ୍ପର୍କ ନିବିଡ଼ ହୋଇଥିଲା। ଯୁବକ ଜଣକ ତାଙ୍କୁ ଏକ କମ୍ପାନୀର ମ୍ୟାନେଜର ପୋଷ୍ଟରେ ଚାକିରି ଦେବାକୁ କହି ୨ ଲକ୍ଷ ୫୫ ହଜାର ଟଙ୍କା ନେଇଥିଲେ। ପରବର୍ତ୍ତୀ ସମୟରେ ମହିଳାଙ୍କ ସ୍ୱାମୀ ନ ଥିବାବେଳେ ଯୁବକ ଜଣକ ତାଙ୍କ ଘରକୁ ଯିବାଆସିବା କରନ୍ତି। ସୁଯୋଗ ଦେଖି ଥଣ୍ଡାରେ ନିଶା ବଟିକା ପକାଇ ମହିଳାଙ୍କୁ ପିଇବାକୁ ଦେଇଥିଲେ। ମହିଳା ଜଣକ ନିଶାରେ ଶୋଇଯିବା ପରେ ସମ୍ପୃକ୍ତ ଯୁବକ ତାଙ୍କ ସହ ଶାରୀରିକ ସମ୍ପର୍କ ରଖି ନିଜ ମୋବାଇଲ୍ ଫୋନ୍‌ରେ ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ ଓ ଫଟୋ ଉଠାଇନେଇଥିଲେ। ମହିଳା ଜଣକ ଦେଇଥିବା ଟଙ୍କା ମାଗିବାରୁ ସେ ଉକ୍ତ ଭିଡିଓ ଓ ଫଟୋକୁ ସୋସିଆଲ ମିଡ଼ିଆରେ ଭାଇରାଲ କରିଦେଇଥିଲେ। ତାହାକୁ ଡିଲିଟ୍ କରିବାକୁ କହି ପୁଣି ୨ଲକ୍ଷ ଟଙ୍କା ମାଗିଥିଲେ। ମହିଳା ଜଣକ ଶେଷରେ ସବୁକଥା ସ୍ୱାମୀଙ୍କୁ ଜଣାଇଥିଲେ। ୩ଦିନ ତଳେ ଯୁବକ ଜଣକ ମହିଳାଙ୍କୁ ଖଣ୍ଡଗିରର ଏକ ରେଷ୍ଟୁରାଣ୍ଟକୁ ଡାକିଥିଲେ। ମହିଳା ଜଣକ ସ୍ୱାମୀଙ୍କ ସହ ସେଠାରେ ପହଞ୍ଚି ଉକ୍ତ ଯୁବକଙ୍କୁ ଭିଡିଓ ଡିଲିଟ୍ କରିବାକୁ କହିଥିଲେ। ହେଲେ ଅଭିଯୁକ୍ତ ଯୁବକ ୨ ଲକ୍ଷ ଟଙ୍କା ମାଗି ନିରାଶ ହେବା ପରେ ମହିଳାଙ୍କ ମୋବାଇଲ୍ ଫୋନ୍, ସୁନା ଗହଣା ଜବରଦସ୍ତ ଲୁଟି ନେଇଥିଲେ। ଏଥିସହ ମହିଳାଙ୍କୁ ଅସଦାଚରଣ କରିଥିଲେ। ପାଖରେ ଥିବା ତାଙ୍କ ସ୍ୱାମୀ ପ୍ରତିବାଦ କରିବାରୁ ତାଙ୍କୁ ନିସ୍ତୁକ ମାଡ଼ ମାରିଥିଲେ। ଶେଷରେ ନ୍ୟାୟ ପାଇଁ ମହିଳା ଥାନାରେ ଅଭିଯୋଗ କରିଛନ୍ତି। ରାଜଧାନୀରେ ଏଭଳି ଅନେକ ଘଟଣା ଘଟୁଥିବାବେଳେ କମିଶନରେଟ ପୋଲିସ ସେପରି ପଦକ୍ଷେପ ନେଉ ନ ଥିବାରୁ ପ୍ରେମ ବାହାନାରେ ଠକେଇ ର୍‍ୟାକେଟ ସକ୍ରିୟ ହୋଇଉଠିଛି।



# ସାମାଜିକ ଦୂରତ୍ୱ ଭୁଲିଗଲା ପୋଲିସ

ପୁରୀ ଅଫିସ,୪।୬

ପୁରୀରେ ସ୍ନାନଯାତ୍ରାକୁ ଶୃଙ୍ଖଳିତ କରିବା ଲାଗି ୩୮ ପ୍ଲାଟୁନ ପୋଲିସ ଫୋର୍ସ ନିୟୋଜିତ ହୋଇଛନ୍ତି। ଏଥର କରୋନା ପାଇଁ ପ୍ରଶାସନ ପକ୍ଷରୁ ଭକ୍ତଙ୍କୁ ବାରଣ କରାଯାଇଛି। ସାମାଜିକ ଦୂରତ୍ୱ ରକ୍ଷା କରିହେବ ନାହିଁ ଏବଂ କରୋନା ସଂକ୍ରମଣ ବ୍ୟାପିବା ଆଶଙ୍କା କରାଯାଇ ଏମିତି ଏକ ନିଷ୍ପତ୍ତି ହୋଇଛି। ମାତ୍ର ସାମାଜିକ ଦୂରତ୍ୱକୁ ଭୁଲିଯାଇଛି ପୋଲିସ। ସ୍ନାନଯାତ୍ରା ଡ୍ୟୁଟି ପାଇଁ ଆସିଥିବା ପୋଲିସ କର୍ମଚାରୀଙ୍କୁ ଗୋଟିଏ ଜାଗାରେ ଏକତ୍ର ହୋଇ ଠିଆ ହୋଇଥିବା ଦେଖିବାକୁ ମିଳିଛି। ଗୁରୁବାର ଅପରାହ୍ନରେ ଶ୍ରୀମନ୍ଦିର ଦକ୍ଷିଣ ଦ୍ୱାରରେ ପୋଲିସ କର୍ମଚାରୀମାନେ ଏକାଠି ବସି ଓ ଠିଆ ହୋଇ ଗପସପ କରୁଥିଲେ। ସେହିପରି କାକୁଡ଼ିଖାଇ ମନ୍ଦିର ସମ୍ମୁଖ ଗଛ ତଳେ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ପୋଲିସ ସମାଗମ ହୋଇଥିଲେ। ସାମାଜିକ ଦୂରତ୍ୱ ରକ୍ଷା କରାଯାଇ ପାରିବ ନାହିଁ ବୋଲି ଭକ୍ତଙ୍କୁ ଦୂରେଇ ରଖାଗଲା। ହେଲେ ପୋଲିସ କର୍ମଚାରୀମାନେ କିପରି ସାମାଜିକ ଦୂରତାକୁ ଉପହାସ କରୁଛନ୍ତି ବୋଲି ଶ୍ରୀଜଗନ୍ନାଥ ଭକ୍ତ ପରିଷଦର ଆବାହକ ସୂର୍ଯ୍ୟନାରାୟଣ ରଥ ପ୍ରଶ୍ନ କରିଛନ୍ତି।

# ଅଗରତାଲା ଫେରନ୍ତାଙ୍କୁ ନେଇ ଗାଁରେ ଉତ୍ତେଜନା

କଣାସ,୪।୬(ସ୍ୱ.ପ୍ର.)

ତ୍ରିପୁରାର ଅଗରତାଲାରୁ ଜଣେ ମହିଳା ଆସି ସଙ୍ଗରୋଧ କେନ୍ଦ୍ରରେ ନ ରହି କଣାସ ବ୍ଲକ ବକୁ ପଞ୍ଚାୟତସ୍ଥିତ ନିଜ ଘରେ ରହିବାରୁ ଗ୍ରାମରେ ଉତ୍ତେଜନା ଦେଖାଦେଇଛି। ଗ୍ରାମବାସୀ ଏହି ଘଟଣାକୁ ବିରୋଧ କରି ଉକ୍ତ ମହିଳାଙ୍କ ଘର ଆଗରେ ଧାରଣା ଦେଇଛନ୍ତି। ସୂଚନା ମୁତାବକ, ଏହି ପଞ୍ଚାୟତର ଉକ୍ତ ମହିଳା ଜଣକ ନିକଟସ୍ଥ ଗ୍ରାମରେ ବିବାହ କରି ସ୍ୱାମୀ ସହ ଅଗରତାଲାରେ ରହୁଥିଲେ। ବୁଧବାର ମହିଳା ଜଣକ ବିମାନ ଯୋଗେ ଭୁବନେଶ୍ୱର ଆସି ରାତିରେ ବାପ ଘରେ ପହଞ୍ଚିଥିଲେ। ଏହି କଥା ସକାଳେ ଗ୍ରାମବାସୀ ଜାଣିବା ପରେ ବାହାର ରାଜ୍ୟରୁ ଆସିଥିବାରୁ ମହିଳାଙ୍କୁ ସଙ୍ଗରୋଧ କେନ୍ଦ୍ରରେ ରହିବାକୁ କହିଥିଲେ। କିନ୍ତୁ ସେ ରହିବାକୁ ରାଜି ହୋଇ ନ ଥିଲେ। ଏଥିରେ ଗ୍ରାମବାସୀ ଉତ୍ୟକ୍ତ ହୋଇ ମହିଳାଙ୍କ ଘର ଆଗରେ ଧାରଣା ଦେଇଥିଲେ। ଏହାସହ କଣାସ ବିଡିଓ ରବୀନ୍ଦ୍ର କୁମାର ପ୍ରଧାନ ଓ ସ୍ଥାନୀୟ କ୍ୱାରାଣ୍ଟାଇନ୍ କେନ୍ଦ୍ର ଦାୟିତ୍ୱରେ ଥିବା କଣାସ ବ୍ଲକ କନିଷ୍ଠ ଯନ୍ତ୍ରୀ କୃଷ୍ଣଚନ୍ଦ୍ର ଦଳାଇଙ୍କୁ ଅଭିଯୋଗ କରିଥିଲେ। କିନ୍ତୁ ଦିନତମାମ ବିଡିଓ କୌଣସି କାର୍ଯ୍ୟାନୁଷ୍ଠାନ ନ କରିବାରୁ ଗ୍ରାମବାସୀ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଏ ନେଇ ବିଡିଓଙ୍କୁ ଯୋଗାଯୋଗ କରିବାରେ ଫୋନ ନ ଉଠାଇବାରୁ ପରେ କନିଷ୍ଠ ଯନ୍ତ୍ରୀ ଦଳାଇ କୁହନ୍ତି, ଗ୍ରାମବାସୀ କଥା ମହିଳା ଜଣକ ମାନୁ ନ ଥିବା ବେଳେ ତାଙ୍କ ସ୍ୱାମୀଙ୍କୁ ଖବର ଦିଆଯାଇଛି। ସେ ଆସିଲେ ଯାହା ବ୍ୟବସ୍ଥା କରାଯିବ।



ଘର ଆଗରେ ଗ୍ରାମବାସୀ ଧାରଣା ଦେଇଛନ୍ତି।

# ଶଟ୍‌ଡାଉନ୍‌ରେ ଗଣମାଧ୍ୟମ କର୍ମଚାରୀ ଆଇକାର୍ଡ ଦେଖାଇ ଯାଇପାରିବେ

**ଜରୁରୀ କାର୍ଯ୍ୟ ପାଇଁ ପୋଲିସ ଦେବ ଅନୁମତି**

ଭୁବନେଶ୍ୱର,୪।୬ (ବ୍ୟୁରୋ)

ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ପ୍ରତି ଶନିବାର ଓ ରବିବାରକୁ ଶଟ୍‌ଡାଉନ୍ ଘୋଷଣା କରାଯାଇଛି। ଏହି ସମୟରେ ଉଭୟ ପ୍ରିଣ୍ଟ ମିଡ଼ିଆ ଓ ଇଲୋକ୍ଟ୍ରୋନିକ ମିଡ଼ିଆ କର୍ମଚାରୀମାନେ ନିଜ ଆଇକାର୍ଡକୁ ଦେଖାଇ କାର୍ଯ୍ୟ କ୍ଷେତ୍ରକୁ ଯିବା ଆସିବା କରିପାରିବେ। ସେହିଭଳି ସ୍ୱାସ୍ଥ୍ୟ କର୍ମଚାରୀ, ପୋଲିସ ଓ ଅନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଉଥିବା କର୍ମଚାରୀମାନେ ମଧ୍ୟ ନିଜ ଆଇ କାର୍ଡ ଦେଖାଇ ଯାଇପାରିବେ। ତେବେ ମାସ୍କ ପିନ୍ଧିବା ଓ ସାମାଜିକ ଦୂରତ୍ୱ ଅବଲମ୍ବନ କରିବା ବାଧ୍ୟତାମୂଳକ ବୋଲି କମିଶନରେଟ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ହେଲେ ପୂର୍ବ ଭଳି ଆଉ ପରିବା ବ୍ୟବସାୟୀ ଓ ଅନ୍ୟମାନେ ପାସ୍ ଦେଖାଇ ଯାଇପାରିବେ ନାହିଁ। ଲକ୍‌ଡାଉନ୍ ପାସ୍ ଧରି ଘରୁ ଗୋଡ଼ କାଢିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଜରୁରିକାଳୀନ ମେଡିକାଲ ସେବା ଆବଶ୍ୟକ ହେଉଥିଲେ ସ୍ଥାନୀୟ ଥାନା ସହ ଯୋଗାଯୋଗ କରିବେ କିମ୍ବା ୧୦୦କୁ ଫୋନ୍ କରିବେ। ଗୁରୁତ୍ୱ ଦେଖି ପୋଲିସ ଅନୁମତି ଦେବା ସହ ଏନେଇ କଲ୍ ଯାଇଥିବା ମୋବାଇଲ୍ ଫୋନ୍‌କୁ ଏକ ମେସେଜ ମିଳିବ। ତାହାକୁ ଦେଖାଇ ଲୋକେ ଯାଇପାରିବେ। ସେହିପରି ଅନ୍ତ୍ୟେଷ୍ଟିକ୍ରିୟା ପାଇଁ ମଧ୍ୟ ଏହିଭଳି ପୋଲିସଠାରୁ ଅନୁମତି ନେବାକୁ ହେବ ବୋଲି ଇ କମିଶନରେଟ ପୋଲିସ ପକ୍ଷରୁ କୁହାଯାଇଛି।

# ହୋମ୍ କ୍ୱାରାଣ୍ଟାଇନ୍‌ରେ ତତ୍ତ୍ୱ ଟେକ୍ନୋ କର୍ମଚାରୀ

ଭୁବନେଶ୍ୱର, ୪।୬ (ବ୍ୟୁରୋ)

ଭୁବନେଶ୍ୱରରୁ ଗୁରୁବାର ୪ କରୋନା ପଜିଟିଭ୍ ଚିହ୍ନଟ ହେବାପରେ ଆକ୍ରାନ୍ତମାନେ ରହୁଥିବା ନୟାପଲ୍ଲୀ ଆଇଆରସି ଭିଲେଜ, ଆଇଗିଣିଆ ଓ ଡୁମୁଡୁମାର ବିଭିନ୍ନ ଅଞ୍ଚଳକୁ ବିଏମ୍‌ସି ସାନିଟାଇଜ୍ କରିଛି। ତଥ୍ୟ ସଂଗ୍ରହ ପରେ ସମସ୍ତ ଆନୁସଙ୍ଗିକ ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି କମିଶନର ପ୍ରେମଚନ୍ଦ୍ର ଚୌଧାରୀ କହିଛନ୍ତି। ନୂଆ ଚିହ୍ନଟ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଥିବାରୁ ନିଳାଦ୍ରୀ ବିହାରରେ ଥିବା ତତ୍ତ୍ୱ ଟେକ୍‌ନୋ କାର୍ଯ୍ୟାଳୟକୁ ବିଏମ୍‌ସି ସିଲ୍ କରିଛି। ଏଥିସହ ସମସ୍ତ କର୍ମଚାରୀଙ୍କୁ ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଆଗାମୀ ଦିନରେ ସମସ୍ତ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ କାର୍ଯ୍ୟାଳୟ ସାନିଟାଇଜ୍ କରାଯିବ।

# ମାନବାଧିକାର କମିଶନଙ୍କଠାରେ ଅଭିଯୋଗ

**ମହିଳା ସରପଞ୍ଚଙ୍କୁ ପୋଲିସର ମାଡ଼ ଘଟଣା**

କେନ୍ଦୁଝର/ଭୁବନେଶ୍ୱର, ୪।୬(ସ୍ୱ.ପ୍ର./ବ୍ୟୁରୋ)

କେନ୍ଦୁଝର ଜିଲା ସୋସୋ ଥାନା ଅଧୀନ ବାଙ୍ଗୋର ପଞ୍ଚାୟତ ମହିଳା ସରପଞ୍ଚ ସୁପ୍ରଭା ରାଉତ ଓ ତାଙ୍କ ସ୍ୱାମୀ ବିବେକାନନ୍ଦ ରାଉତଙ୍କୁ ପୋଲିସର ମାଡ଼ ଘଟଣା ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି) ଏବଂ ଓଡ଼ିଶା ମାନବାଧିକାର କମିଶନ (ଓଏଚ୍‌ଆର୍‌ସି)ରେ ପହଞ୍ଚିଛି। ପୋଲିସସ୍ତରରେ ଏହାର ତଦନ୍ତ ଚାଲିଥିବା ବେଳେ ମାନବାଧିକାର କର୍ମୀ ହିମାଂଶୁ ଶେଖର ନାୟକଙ୍କ ଅଭିଯୋଗକୁ ଜାତୀୟ ମାନବାଧିକାର କମିଶନ ଗ୍ରହଣ କରି ଏକ ମାମଲା (କେସ ଡାଏରୀ ନଂ. ୭୩୦୮/ଇନ/୨୦୨୦) ରୁଜୁ କରିଛନ୍ତି। ସେହିପରି ଦୋଷୀ ପୋଲିସ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମାନବାଧିକାର କର୍ମୀ ପ୍ରଦୀପ ନାୟକ ଗୁରୁବାର ଓଏଚ୍‌ଆରସିଙ୍କ ନିକଟରେ ଅଭିଯୋଗ କରିଛନ୍ତି।

ସୂଚନା ଅନୁଯାୟୀ, ପଞ୍ଚାୟତ କ୍ୱାରାଣ୍ଟାଇନ୍ କେନ୍ଦ୍ରରୁ ଜଣେ ପ୍ରବାସୀ ଖସି ପଳାଇ ଯାଇଥିବା ସମ୍ପର୍କରେ ମହିଳା ସରପଞ୍ଚ ଓ ତାଙ୍କ ସ୍ୱାମୀ ବଉଳା ଫାଣ୍ଡିକୁ ଅଭିଯୋଗ କରିବାକୁ ଯାଇଥିଲେ। ଏହି ସମୟରେ ସେଠାରେ ଉପସ୍ଥିତ ଥିବା ସୋସୋ ଥାନା ଭାରପ୍ରାପ୍ତ ଅଧିକାରୀ ଗଗନ ନାୟକ ଏବଂ ଘସିପୁରା ଥାନା ଏସଆଇ ବିଶ୍ୱଜିତ୍ ବେହେରା ଆକ୍ରୋଶ ମୂଳକ ଭାବରେ ସରପଞ୍ଚଙ୍କ ସ୍ୱାମୀଙ୍କୁ ଗିରଫ କରିବାକୁ ଉଦ୍ୟମ କରିଥିଲେ। ସରପଞ୍ଚ ସୁପ୍ରଭା ଏହାର ପ୍ରତିବାଦ କରିବାରୁ ଦୁଇ ପୋଲିସ ଅଧିକାରୀ ତାଙ୍କୁ ମାଡ଼ ମାରିଥିବା ନେଇ ଆନନ୍ଦପୁର ଏସଡିପିଓ ବିଦ୍ୟୁତ୍ ଚନ୍ଦ୍ର ପଣ୍ଡାଙ୍କ ନିକଟରେ ସରପଞ୍ଚ ଅଭିଯୋଗ କରିଛନ୍ତି। ଏହି ଘଟଣାର ପ୍ରତିବାଦରେ ବାଙ୍ଗୋର ପଞ୍ଚାୟତବାସୀ ଫାଣ୍ଡି ଘେରାଉ କରିବା ସହ ସ୍ଥାନୀୟ ସଙ୍ଗରୋଧ କେନ୍ଦ୍ରର ଅନ୍ତେବାସୀମାନେ ରାସ୍ତାରୋକୋ କରିଥିଲେ।

# ନିର୍ବାଚନ ପ୍ରକ୍ରିୟା ଜଣାଅ: ହାଇକୋର୍ଟ

**ଓକିଲ ସଂଘ ଅନ୍ତରୀଣ କମିଟି ଗଠନକୁ ବିରୋଧ**

କଟକ ଅଫିସ,୪।୬

ହାଇକୋର୍ଟ ସମେତ ସମସ୍ତ ଓକିଲ ସଂଘର ପରିଚାଳନା ପାଇଁ ଅନ୍ତରୀଣ କମିଟି ଗଠନ କରିବାକୁ ରାଜ୍ୟ ଆଇନ୍‌ଜୀବୀ ପରିଷଦ ତରଫରୁ ନିର୍ଦ୍ଦେଶ ଦିଆଯାଇଛି। ଏହାକୁ ବିରୋଧକରି ହାଇକୋର୍ଟରେ ଏକ ମାମଲା ଦାଏର ହୋଇଥିଲା। ଆଗାମୀ ଦିନରେ ସଂଘଗୁଡ଼ିକର ନିର୍ବାଚନ କରାଯିବ ବୋଲି ଗୁରୁବାର ଆଡଭୋକେଟ୍ ଜେନେରାଲ୍ ତଥା ରାଜ୍ୟ ଆଇନ୍‌ଜୀବୀ ପରିଷଦର ଅଧ୍ୟକ୍ଷ ଅଶୋକ ପରିଜା ହାଇକୋର୍ଟଙ୍କୁ ଅବଗତ କରିଛନ୍ତି। ତେବେ ନିର୍ବାଚନ କେଉଁ ପ୍ରକ୍ରିୟାରେ କରାଯିବ ସେ ନେଇ ଜୁଲାଇ ୧୦ ତାରିଖ ସୁଦ୍ଧା ଅବଗତ କରିବାକୁ ହାଇକୋର୍ଟଙ୍କ ପକ୍ଷରୁ ଆଡଭୋକେଟ୍ ଜେନେରାଲ୍‌ଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ମୁଖ୍ୟ ବିଚାରପତି ମହମ୍ମଦ ରଫିକ୍ ଏବଂ ବିଚାରପତି ବିଦ୍ୟୁତ୍ ରଞ୍ଜନ ଷଡଙ୍ଗୀଙ୍କୁ ନେଇ ଗଠିତ ଖଣ୍ଡପୀଠରେ ଏହି ମାମଲାର ଶୁଣାଣି ହୋଇଥିଲା। ଗୁରୁବାର ମାମଲାର ଶୁଣାଣି ବେଳେ ଆବେଦନକାରୀଙ୍କ ପକ୍ଷରୁ ଆଇନ୍‌ଜୀବୀ ଗଣେଶ୍ୱର ରଥ ଯୁକ୍ତି ରଖିଥିଲେ।

# ସମ୍ପ୍ରସାରଣ ହେବ କାର୍ଡିଓଲୋଜି ବିଭାଗ

ଭୁବନେଶ୍ୱର,୪।୬(ବ୍ୟୁରୋ)

କ୍ୟାପିଟାଲ ହସ୍ପିଟାଲର କାର୍ଡିଓଲୋଜି ବିଭାଗରେ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଏହାର ସମ୍ପ୍ରସାରଣ ଜରୁରୀ ହୋଇପଡିଛି। ଏଥିପାଇଁ ଆବଶ୍ୟକ ଭେଣ୍ଟିଲେଟର, କ୍ୟାଥଲାବ୍, ଇକୋ ମେଶିନର ବ୍ୟବସ୍ଥା କରାଯିବ। ଫଳରେ କାର୍ଡିଓଲୋଜି ବିଭାଗର ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକ୍ଷମ ହୋଇପାରିବ ବୋଲି ଗୁରୁବାର ସ୍ୱାସ୍ଥ୍ୟ ମନ୍ତ୍ରୀ ନବ କିଶୋର ଦାସ କହିଛନ୍ତି। କ୍ୟାପିଟାଲ ହସ୍ପିଟାଲରେ ପ୍ରସୂତି ସଂଖ୍ୟା ବୃଦ୍ଧି ପାଉଥିବାରୁ ସମସ୍ତଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ଉଦ୍ଦେଶ୍ୟରେ ୨୦୦ ଶଯ୍ୟା ବିଶିଷ୍ଟ ମାତୃ ଓ ଶିଶୁ ହସ୍ପିଟାଲ ଓ ଦୁର୍ଘଟଣା ଆକ୍ରାନ୍ତଙ୍କୁ ତୁରନ୍ତ ଜରୁରିକାଳୀନ ଚିକିତ୍ସା ସେବା ଉପଲବ୍ଧ କରିବା ପାଇଁ ଟ୍ରମା କେୟାର ସେଣ୍ଟର ପ୍ରତିଷ୍ଠା ଦିଗରେ ମନ୍ତ୍ରୀ ଦାସ ଗୁରୁତ୍ୱାରୋପ କରିଥିଲେ। ମନ୍ତ୍ରୀ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର, ଜାତୀୟ ସ୍ୱାସ୍ଥ୍ୟ ମିଶନର ପରିଚାଳନା ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ, ଡିଏମଇଟି ପ୍ରଫେସର ଡା. ସି.ବି.କେ ମହାନ୍ତି, କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକ ଡା. ଅଶୋକ ପଟ୍ଟନାୟକ, ଡା. ପ୍ରଭାତ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ୨ ସିଡିଏ କର୍ମଚାରୀଙ୍କୁ କରୋନା

କଟକ ଅଫିସ ୪।୬

କଟକ ଉନ୍ନୟନ କର୍ତ୍ତୃପକ୍ଷ (ସିଡିଏ)ର ୨ଜଣ କର୍ମଚାରୀଙ୍କଠାରେ କରୋନା ଭୂତାଣୁ ଚିହ୍ନଟ ହୋଇଛି। ଉଭୟ କର୍ମଚାରୀ ସିଡିଏ ଗୋଷ୍ଠୀ କେନ୍ଦ୍ରରେ କାମ କରନ୍ତି। ଦୁହିଁଙ୍କୁ କଟକସ୍ଥିତ ଅଶ୍ୱିନୀ କୋଭିଡ ହସ୍ପିଟାଲକୁ ପଠାଇ ଦିଆଯାଇଛି। ଉଭୟଙ୍କ କଣ୍ଟାକ୍ଟ ଟ୍ରେସିଂ ଚାଲିଛି। ଗୋଷ୍ଠୀ କେନ୍ଦ୍ରକୁ ସିଲ୍ କରାଯାଇ ବିଶୋଧନ କରାଯାଇଛି। ଏହି ଦୁଇଜଣ କିପରି ସଂକ୍ରମିତ ହେଲେ ଜଣାପଡ଼ିନାହିଁ। ଶୁକ୍ରବାର ଉଭୟଙ୍କ ଟ୍ରାଭେଲ୍ ହିଷ୍ଟ୍ରି ଏବଂ କଣ୍ଟାକ୍ଟ ଟ୍ରେସିଂ କରାଯିବା ପରେ ପଦକ୍ଷେପ ନିଆଯିବ ବୋଲି ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା.ସତ୍ୟବ୍ରତ ଛୋଟରାୟ କହିଛନ୍ତି।

# ନବରଙ୍ଗପୁରରେ କାର୍ଯ୍ୟକାରୀ ଯୋଜନାର ସମୀକ୍ଷା କଲେ ସଞ୍ଜୟ

ଭୁବନେଶ୍ୱର,୪।୬(ବ୍ୟୁରୋ)

ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମା ଗୁରୁବାର ଭିଡିଓ କନ୍‌ଫରେନ୍ସିଂ ଜରିଆରେ ନବରଙ୍ଗପୁର ଜିଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର ସମୀକ୍ଷା କରିଛନ୍ତି। ବୈଠକରେ ଜିଲାପାଳ ଅଜିତ କୁମାର ମିଶ୍ର, ଅନ୍ୟ ଜିଲାସ୍ତରୀୟ ଅଧିକାରୀ, ବିଡିଓ, ତହସିଲଦାର ଅଂଶଗ୍ରହଣ କରି ଆଲୋଚନାରେ ଭାଗ ନେଇଛନ୍ତି। ଜିଲାରେ କରୋନା ମୁକାବିଲା ପାଇଁ ଚାଲିଥିବା ପ୍ରସ୍ତୁତି ଓ ପରିଚାଳନା ବିଷୟରେ ଜିଲାପାଳଙ୍କ ସହ ଦାସବର୍ମା ବିସ୍ତୃତ ଆଲୋଚନା କରିଛନ୍ତି। ନବରଙ୍ଗପୁର ଜିଲାର ସଙ୍ଗରୋଧ କେନ୍ଦ୍ର, ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରର ପରିଚାଳନା, ସାନିଟାଇଜେଶନ, କୋଭିଡ୍ ସେବା କେନ୍ଦ୍ରରେ ଅଧିକ ସଂଖ୍ୟକ ଶଯ୍ୟାର ଆବଶ୍ୟକତା, ଅନ୍ୟ ସ୍ୱାସ୍ଥ୍ୟ ସମସ୍ୟା, ରାଜ୍ୟକୁ ଆସୁଥିବା ଏବଂ ଅନ୍ୟ ରାଜ୍ୟରେ ଅଟକି ରହିଥିବା ପ୍ରବାସୀ ଶ୍ରମିକମାନଙ୍କ ଯତ୍ନ, ଜାତୀୟ ଓ ରାଜ୍ୟ ଯୋଜନାରେ ଭତ୍ତା ପାଉଥିବା ହିତାଧିକାରୀ, ଏମ୍‌ଜିଏନ୍‌ଆର୍‌ଜିଏରେ ଅଧିକ ଶ୍ରମ ଦିବସ ସୃଷ୍ଟି, ଖରିଫ ଫସଲ, ବିହନ ବିତରଣ, ମିଶନ ଶକ୍ତି, ମିଶନ ସୁବିଦ୍ୟା, ପିଡିଏସ୍ ସାମଗ୍ରୀ ବିତରଣ, ଗ୍ରୀଷ୍ମଋତୁରେ ପାନୀୟ ଜଳଯୋଗାଣ ବ୍ୟବସ୍ଥା, ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା, ଧାନ ଓ ମକା ସଂଗ୍ରହ ସମ୍ପର୍କରେ ଜିଲାପାଳ ଅଜିତ କୁମାରଙ୍କ ସହ ସେ ଆଲୋଚନା କରିଛନ୍ତି। ଏହି ଅବସରରେ ଦାସବର୍ମା ନବରଙ୍ଗପୁର ଅନ୍ତର୍ଗତ ନନ୍ଦାହାଣ୍ଡି, ତେନ୍ତୁଳିଖୁଣ୍ଟି, ପାପଡ଼ାହାଣ୍ଡି, କୋଷାଗୁମୁଡ଼ା, ଡାବୁଗାଁ, ଉମରକୋଟ, ରାଇଘର, ଝରିଗାଁ, ଚନ୍ଦାହାଣ୍ଡି ଏବଂ ନବରଙ୍ଗପୁର ବ୍ଲକ୍‌ର ବିଡିଓମାନଙ୍କ ସହ ମଧ୍ୟ ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ନେଇ ଆଲୋଚନା କରିଛନ୍ତି।

# ଭକ୍ତ ଇଚ୍ଛା ପୂରଣ ଲାଗି ମହାପ୍ରଭୁ ହୁଅନ୍ତି ହାତୀବେଶ

ପୁରୀ ଅଫିସ, ୪।୬

ମହାପ୍ରଭୁ ହାତୀବେଶ ହେବା ପଛରେ ଏକ ଜନଶ୍ରୁତି ରହିଛି। ଦାକ୍ଷିଣାତ୍ୟର ଗଣପତି ଭଟ୍ଟ ନାମକ ଗଣେଶ ଭକ୍ତ ସ୍ନାନପୂର୍ଣ୍ଣିମା ଦିନ ଶ୍ରୀକ୍ଷେତ୍ରକୁ ଆସିଥିଲେ। ସେ ଗଣପତିଙ୍କ ବ୍ୟତୀତ ଅନ୍ୟ କୌଣସି ଦେବତାଙ୍କୁ ଉପାସନା କରୁ ନ ଥିଲେ। ସେ ଗଣେଶଙ୍କୁ ହିଁ ପରଂବ୍ରହ୍ମ ବୋଲି ବିଶ୍ୱାସ କରୁଥିଲେ। ଜ୍ୟେଷ୍ଠ ପୂର୍ଣ୍ଣିମାରେ ସ୍ନାନବେଦିରେ ସେ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କଲେ। କିନ୍ତୁ ଗଣପତିଙ୍କୁ ନ ପାଇ ଅଭିମାନରେ ଫେରି ଯାଉଥିଲେ। ଭକ୍ତର ମନକଥା ଜାଣି ମୁଦିରସ୍ତଙ୍କୁ ମହାପ୍ରଭୁ ସ୍ୱପ୍ନାଦେଶ କଲେ। ଅଧା ରାସ୍ତାରୁ ଭଟ୍ଟଙ୍କୁ ଫେରାଇ ଆଣିବା ସହିତ ପୁନଃଦର୍ଶନ ନିମନ୍ତେ ମୁଦିରସ୍ତଙ୍କୁ ସ୍ୱପ୍ନରେ କହିଲେ। ଗଣପତି ଫେରିଆସି ସ୍ନାନବେଦିରେ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କଲେ। ଦର୍ଶନ ବେଳେ ମହାପ୍ରଭୁ ଗଣେଶ ରୂପରେ ପ୍ରତୀୟମାନ ହୋଇଥିଲେ। ସେହି ସ୍ମାରକୀ ସ୍ୱରୂପ ପ୍ରତି ବର୍ଷ ସ୍ନାନଯାତ୍ରାରେ ସ୍ନାନବେଦିରେ ମହାପ୍ରଭୁ ହାତୀବେଶ ତଥା ଗଜାନନ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥାନ୍ତି ବୋଲି ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କହିଛନ୍ତି।

# କାନ୍ଦ ବୋବାଳିରେ ଫାଟି ପଡ଼ିଲା ରାଜୀବନଗର

**୪ ବର୍ଷର ଶିଶୁକୁ ତଣ୍ଟିଚିପି ହତ୍ୟା ଘଟଣା**

**ସୁସ୍ଥ ହେଲେ ଗିରଫ ହେବେ ଅଭିଯୁକ୍ତ ମହିଳା**

ଭୁବନେଶ୍ୱର,୪।୬ (ବ୍ୟୁରୋ)

ଖଣ୍ଡଗିରି ଥାନା ନିକଟ ରାଜୀବନଗରରେ ରହୁଥିବା ସମୀର ପାତ୍ରଙ୍କ ୪ବର୍ଷର ଶିଶୁପୁତ୍ର ସାଇଶ୍ରୀଙ୍କୁ ପଡୋଶୀ ମହିଳା ତଣ୍ଟିଚିପି ହତ୍ୟା କରିଥିଲେ। ଗୁରୁବାର ସାଇଶ୍ରୀଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ରାଜୀବନଗରରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ସ୍ଥାନୀୟ ଅଞ୍ଚଳର ଶତାଧିକ ଲୋକ ସାଇଶ୍ରୀଙ୍କ ଘର ସମ୍ମୁଖରେ ଗହଳି ଲାଗାଇଥିବାବେଳେ ସମସ୍ତଙ୍କ ଆଖିରୁ ଲୁହ ଝରିଥିଲା। ପରିବାର ଓ ଅନ୍ୟ ପଡୋଶୀ ଲୋକଙ୍କ କାନ୍ଦ ବୋବାଳିରେ ଫାଟି ପଡିଥିଲା ରାଜୀବନଗର। ଏହି ଘଟଣାକୁ ସାଇଶ୍ରୀଙ୍କ ପରିବାର ଲୋକେ ସହଜରେ ଗ୍ରହଣ କରିବାପାରୁ ନାହାନ୍ତି। ପୁଅ ସାଇଶ୍ରୀର ମୃତ୍ୟୁ ଘଟଣାରେ ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ପଡିଛନ୍ତି ମା ଦିପ୍ତିରାଣୀ ଓ ପରିବାର ଲୋକେ। ସାଇଶ୍ରୀ ସକାଳୁ ଉଠିଲେ ପରିବାର ଲୋକଙ୍କୁ ବିଛଣାରୁ ଉଠାଇବା ସହ ଖେଳକୁଦ ଆରମ୍ଭ କରିଦିଏ। ସେ କେବେବି କାହା ନିକଟରେ ଅଝଟ ହୁଏନି ଅଳି କରେ ନାହିଁ। ସାଙ୍ଗସାଥୀ ମେଳରେ ଖେଳିବା କ'ଣ ତା'ର ଅପରାଧ ଥିଲା। ଏପରି ନିଷ୍ପାପ ଶିଶୁ ପଡୋଶୀ ମହିଳାଙ୍କର କ'ଣ ଦୋଷ କରିଥିଲା। ଯଦି ଦଣ୍ଡ ଦେବାର ଥିଲା ମୋତେ ଦେଇପାରିଥାନ୍ତେ, ମୋ ନୀରୀହ ନିଷ୍ପାପ ପିଲା ତାଙ୍କର କି ଦୋଷ କରିଥିଲା। ପୁତ୍ରହୀନ ମହିଳା ମୋ ପୁଅର ଜୀବନ ନେଇଗଲେ ବୋଲି କହି ବାହୁନି କାନ୍ଦୁଥିଲେ ମା। ତାଙ୍କୁ ସେହିଭଳି ଦଣ୍ଡ ମିଳୁ ବୋଲି ସେ କାନ୍ଦିକାନ୍ଦି କହିଛନ୍ତି।

ଅନ୍ୟପଟେ ଏପରି କାଣ୍ଡ ଘଟାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ ଅଭିଯୁକ୍ତ ମହିଳା ତନୁଶ୍ରୀ ପରମାଣିକ। ଏବେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥାରେ ଉନ୍ନତି ଘଟିଥିଲେ ମଧ୍ୟ ପୋଲିସକୁ ବୟାନ ଦେବାରେ ପଛଘୁଞ୍ଚା ଦେଉଛନ୍ତି। ସୁସ୍ଥହେବା ପରେ ତାଙ୍କୁ ଗିରଫ କରାଯିବା ସହ ହତ୍ୟାକାଣ୍ଡର ପର୍ଦ୍ଦାଫାସ ହେବ ବୋଲି ଥାନା ଅଧିକାରୀ ରଶ୍ମି ରଞ୍ଜନ ମହାପାତ୍ର କହିଛନ୍ତି। ଏପଟେ ଘଟଣାସ୍ଥଳରେ ସାଇଣ୍ଟିଫିକ ଟିମ ଓ କମିଶନରେଟ ପୋଲିସର ତଦନ୍ତ ଚଳାଇଛି। ଆଗକୁ ଅଭିଯୁକ୍ତ ତନୁଶ୍ରୀଙ୍କୁ ଜେରା କରାଯିବ। ଏଥିସହ ସାଇଶ୍ରୀଙ୍କ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଏଭଳି ଜଘନ୍ୟ ହତ୍ୟାକାଣ୍ଡର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ସେ କହିଛନ୍ତି।

ଧରିତ୍ରୀ
DHARITRI
ଶୁକ୍ରବାର, ୫ ଜୁନ୍, ୨୦୨୦

## ଦେବସ୍ନାନ ପୂର୍ଣ୍ଣମୀ ପାଇଁ ହାତୀମୁଣ୍ଡ, ଟାହିଆ ପ୍ରସ୍ତୁତ

ଖଣ୍ଡପଡ଼ା,(ସ୍ୱ.ପ୍ର.): କଣ୍ଟିଲୋ ଶ୍ରୀ ନୀଳମାଧବ ଜୀଉଙ୍କ ପାର୍ଶ୍ୱଠାକୁର ଭାବେ ବିରାଜିତ ଶ୍ରୀ ଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରା ଶୁକ୍ରବାର ଦେବସ୍ନାନ ପୂର୍ଣ୍ଣମୀରେ ରତ୍ନ ସିଂହାସନରୁ ଓହ୍ଲାଇ ସ୍ନାନମଣ୍ଡପକୁ ବିଜେ କରିବେ। ତିନି ଠାକୁରଙ୍କ ସ୍ନାନ ଯାତ୍ରା ସୀମିତ ସଂଖ୍ୟକ ସେବାସୀଙ୍କୁ ନେଇ ଅନୁଷ୍ଠିତ ହେବ। ସର୍ବସାଧାରଣ ଦର୍ଶନ ହୋଇପାରିବ ନାହିଁ ବୋଲି ଦେବୋତ୍ତର ମ୍ୟାନେଜର ହରିହର ଦାଶ ସୂଚନା ଦେଇଛନ୍ତି। ଠାକୁରଙ୍କ ହାତୀ ବେଶ ପାଇଁ କଣ୍ଟିଲୋ ଖୁଦବେହେରା ପାଟଣା ଗ୍ରାମର ଯୁବ ଶିଳ୍ପୀ ପ୍ରଶାନ୍ତ କୁମାର ସାହୁ ଓ ତାଙ୍କ ସହଯୋଗୀ ମୁଖା ଓ ଟାହିଆ ନିର୍ମାଣ କାର୍ଯ୍ୟରେ ନିମଗ୍ନ ଅଛନ୍ତି।



## ସଂକ୍ଷେପରେ

### ଷ୍ଟାଫ୍‌ନର୍ସଙ୍କୁ ମିଶାଇ ୭ କରୋନା ଆକ୍ରାନ୍ତ

ନୟାଗଡ଼ ଅଫିସ/ରଣପୁର/ଦଶପଲ୍ଲା,୪।୬(ସ୍ୱ.ପ୍ର./ଡି.ଏନ୍.ଏ.): ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟର ଜଣେ ଷ୍ଟାଫ୍‌ନର୍ସଙ୍କୁ ମିଶାଇ ଗୁରୁବାର ଜିଲାରେ ୭ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ପୂର୍ବରୁ ୬୯ ଜଣଙ୍କୁ ମିଶାଇ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୭୬ରେ ପହଞ୍ଚିଛି। ଏମାନଙ୍କ ମଧ୍ୟରୁ ୪୫ ଜଣ ସୁସ୍ଥ ହୋଇଥିବାବେଳେ ୩୧ଜଣ ଭୁବନେଶ୍ୱରରେ ଚିକିତ୍ସିତ ହେଉଛନ୍ତି। ଓଡଗାଁ ବ୍ଲକ ବରସାହି ଅଞ୍ଚଳର ଚିହ୍ନଟ ଷ୍ଟାଫ୍‌ନର୍ସ ଜିଲା ମୁଖ୍ୟ ଚିକିତ୍ସାଳୟ ଆଉଟ୍ ସୋର୍ସିଂରେ କାମ କରୁଥିଲେ। ସିଡିଏମ୍‌ଓ ସୁଧାଂଶୁ ଶେଖର ଷଡ଼ଙ୍ଗୀଙ୍କ ସୂଚନା ଅନୁସାରେ ମୁଖ୍ୟ ଚିକିତ୍ସାଳୟର ଜଣେ ଷ୍ଟାଫ୍‌ନର୍ସ, ରଣପୁର ବ୍ଲକ କାସନ୍ଦା ପଞ୍ଚାୟତ କଣ୍ଡରାଗାଡିଆ କ୍ୱାରାଣ୍ଟାଇନ୍ ସେଣ୍ଟରରୁ ଜଣେ, ଓଡଗାଁ ବ୍ଲକ ବଡପୁଟ କ୍ୱାରାଣ୍ଟାଇନ୍‌ରୁ ଜଣେ, ଦଶପଲ୍ଲା ବ୍ଲକ ସାତବାଟିଆ, ଖମାରସାହି, ଦୁର୍ଗାବଜାର କଲୋନୀ ଓ ମଧଖଣ୍ଡ ବଡସାହି କ୍ୱାରାଣ୍ଟାଇନ୍‌ରୁ ୪ଜଣ ଚିହ୍ନଟ ହୋଇଛନ୍ତି। ଜଣେ ମୁମ୍ବାଇ ଓ ଅନ୍ୟ ୫ଜଣ ସୁରଟ ଫେରନ୍ତା।

### ଭଙ୍ଗା ପୋଲରୁ ନାଳକୁ ଖସି ଶିଶୁକନ୍ୟା ମୃତ

ରାଜନଗର,୪।୬ (ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ୍ କଣ୍ଡିରା ପଞ୍ଚାୟତରେ ଜଣେ ଶିଶୁକନ୍ୟା ପୋଲକୁ ଖସି ପ୍ରାଣ ହରାଇଛନ୍ତି। ସେ ହେଲେ ରାଜନଗର ଗ୍ରାମର ରାଜକିଶୋର ସେଠୀଙ୍କ ଝିଅ ଶଶିରେଖା ସେଠୀ (୮)। ଶଶି ମାମୁଁଘର କଣ୍ଡିରା ଗ୍ରାମର ବନମାଳି ସେଠୀଙ୍କ ଘରେ ରହି ପଢୁଥିଲେ। ଗୁରୁବାର ପୂର୍ବାହ୍ନରେ କଣ୍ଡିରା ଗାଁ ଦେଇ ଯାଇଥିବା ଜଳି ଜୋର(ନାଳ)ରେ ତାଙ୍କ ଆଈ ଗାଧୋଉଥିଲେ। ନିକଟରେ ଥିବା ଦୁର୍ବଳ ପୋଲ ଉପରେ ଶଶିରେଖା ଠିଆ ହୋଇ ଆଈ ସହ କଥା ହେଉଥିଲେ। ଉକ୍ତ ପୋଲର ବାଡ଼ା ଭାଙ୍ଗି ଯାଇଥିବାରୁ ଶଶିରେଖା ନାଳକୁ ଖସି ପଡିଥିଲେ। ଶଶିରେଖା ପାଣିରେ ବୁଡିଯିବା ପରେ ସୁଅରେ ଭାସିଯାଇ ନିଖୋଜ ହୋଇଯାଇଥିଲେ। ଆଈଙ୍କ ଚିତ୍କାର ଶୁଣି ଗ୍ରାମର ଲୋକେ ଜାଲ ପକାଇ ବହୁ ସମୟ ଧରି ଖୋଜାଖୋଜି ପରେ ପାଇଥିଲେ। ଖବରପାଇ ଅଗ୍ନିଶମ ବାହିନୀ ପହଞ୍ଚିଥିଲା। ପରେ ଶିଶୁରେଖାଙ୍କୁ ଆମ୍ବୁଲାନ୍ସରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଡାକ୍ତର ମୃତ ଘୋଷଣା କରିଥିଲେ। ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ଲାଲୁ ଚୌଧୁରୀ ପହଞ୍ଚି ତଦନ୍ତ କରିଛନ୍ତି।

### ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ

ଏରସମା,୪।୬(ସ୍ୱ.ପ୍ର.): ଏରସମା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ନାବାଳକ ବଳାତ୍କାର କରିଥିବା ଗୁରୁବାର ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ମାମଲା (ନଂ-୯୯/୨୦) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ବୁଧବାର ନାବାଳିକା ଜଣକ ଏକ ଚିଙ୍ଗୁଡି ଘେରି ନିକଟରେ ଏକା ଶୁଖୁଆ ଜଗିଥିଲେ। ଏହାର ସୁଯୋଗ ନେଇ ନାବାଳକ ତାଙ୍କୁ ବଳାତ୍କାର କରିଥିଲେ। ଏପରି କି ଏକଥା ଘରେ ନ କହିବା ପାଇଁ ନାବାଳକ ଧମକାଇ ଥିଲେ ବୋଲି ନାବାଳିକାଙ୍କ ବାପା ଥାନାରେ ଦେଇଥିବା ଅଭିଯୋଗରେ ଦର୍ଶାଇଛନ୍ତି। ଏ ସମ୍ପର୍କରେ ଥାନା ଅଧିକାରୀ ପ୍ରଶାନ୍ତ ମାଝି କହିଛନ୍ତି, ନାବାଳିକାଙ୍କ ଡାକ୍ତରୀ ମାଇନା କରାଯାଇ ତଦନ୍ତ ଆରମ୍ଭ ହୋଇଛି। ମାତ୍ର ନାବାଳକ ଫେରାର ଅଛନ୍ତି।

### ନବବଧୂଙ୍କ ମୃତ୍ୟୁ ଘଟଣାରେ ସ୍ୱାମୀ ଗିରଫ

ବିରିଡ଼ି,୪।୬(ଡି.ଏନ.ଏ.): ବିରିଡ଼ି ଥାନା ଅଧୀନ ଦଣ୍ଡିଲୋ ଗ୍ରାମରେ ସୋମବାର ରାତିରେ ଜଣେ ନବବଧୂଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଥିଲା। ଏହି ଘଟଣାରେ ଗୁରୁବାର ପୋଲିସ ନବବଧୂଙ୍କ ସ୍ୱାମୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଦିଲୀପ ସ୍ୱାଇଁ। ସୂଚନା ଅନୁସାରେ ଦିଲୀପଙ୍କ ଏକ ବର୍ଷ ତଳେ ଏହି ଥାନା ଅଧୀନ ହଳଦିଆପଡା ଗ୍ରାମର କେଦାର ରାଉତଙ୍କ ଝିଅ ଧରିତ୍ରୀଙ୍କ ସହ ବିବାହ ହୋଇଥିଲା। ବିବାହପରେ ଶାଶୁ ଘର ଲୋକେ ବାଇକ୍ ସହ ୧ଲକ୍ଷ ଟଙ୍କା ଯୌତୁକ ପାଇଁ ଧରିତ୍ରୀଙ୍କ ଉପରେ ଚାପ ପକାଉ ଥିଲେ। ସେ ଟଙ୍କା ଏବଂ ବାଇକ୍ ନ ଆଣିବାରୁ ତାଙ୍କୁ ଶାଶୁଘର ଲୋକେ ହତ୍ୟା କରିଥିବାଧରିତ୍ରୀଙ୍କ ଭାଇ ରାମଚନ୍ଦ୍ର ରାଉତ ଥାନାରେ ଅଭିଯୋଗ କରିଥିଲେ। ଏନେଇ ମାମଲା (ନଂ-୬୫/୨୦) ରୁଜୁ ହୋଇଥିଲା।

## ବିଶ୍ୱ ପରିବେଶ ଦିବସ ଉପଲକ୍ଷେ

# ଗଛ ପାଇଁ ସୁରକ୍ଷା ଲୋଡ଼ା

**ଅଜୟ କୁମାର ମହାରଣା**
**ଖଣ୍ଡପଡ଼ା,୪।୬**

ଆଜି ପରିବେଶ ସୁରକ୍ଷା ପାଇଁ ସମସ୍ତେ ବ୍ୟସ୍ତ ଓ ବିବ୍ରତ। ଜୀବଜଗତର ସୁରକ୍ଷା ପାଇଁ ପରିବେଶ ସନ୍ତୁଳିତ ରଖିବା ସମସ୍ତଙ୍କର କର୍ତ୍ତବ୍ୟ। ପରିବେଶକୁ ପ୍ରଦୂଷଣ ମୁକ୍ତ ରଖିବା ପାଇଁ ୧୯୭୨ ମସିହାରୁ ମିଳିତ ଜାତି ସଂଘ ପକ୍ଷରୁ ପ୍ରତିବର୍ଷ ଜୁନ ମାସ ୫ ତାରିଖକୁ ବିଶ୍ୱ ପରିବେଶ ଦିବସ ରୁପେ ପାଳନ କରାଯାଇ ଆସୁଛି। ସବୁଜ ବିଶ୍ୱ ଆଜି ମଣିଷର ଦୁର୍ବ୍ୟହାରରେ ପୀଡିତ। ଏବେ ପୃଥିବୀ ଏକ ଅଜଣା ଭବିଷ୍ୟତ ଆଡକୁ ଗତି କରୁଛି। ପୃଥିବୀ ପାଇଁ ଖୋଲି ଯାଇଛି ଦୁଇଟି ବିପଦପୂର୍ଣ୍ଣ ରାସ୍ତା। ଗୋଟିଏ କରୋନା ଓ ଅନ୍ୟଟି ପରିବେଶର ଅସନ୍ତୁଳନ। ଠିକ୍ ଅନୁପାତରେ ବର୍ଷା ନ ହେବା, ପାହାଡରୁ ବରଫ ତରଳିବା, ବିଭିନ୍ନ ପ୍ରଜାତିର ପଶୁପକ୍ଷୀଙ୍କ ବିଲୟ ଘଟିବା, ଉପକାରୀ ବୃକ୍ଷ ପୃଥିବୀ ପୃଷ୍ଠରୁ ଲୋପ ପାଇବା ଏହାର ଜ୍ୱଳନ୍ତ ଉଦାହରଣ। ବର୍ତ୍ତମାନ ବିଶ୍ୱରେ ଦେଖାଦେଇଥିବା ଏ ଦୁଇଟି ବିଭୀଷିକା ପାଇଁ ମଣିଷ ହିଁ ଦାୟୀ। ଅନେକ ପାହାଡ ଜଙ୍ଗଲ ଧ୍ୱଂସ ହେବାକୁ ବସିଲାଣି। ପ୍ରଶସ୍ତୀ କରଣ ଆଳରେ ରାସ୍ତା ପାର୍ଶ୍ୱରେ ଦୀର୍ଘ ବର୍ଷରୁ ଥିବା ହଜାର ହଜାର ଫଳ ଓ ଛାୟା ପ୍ରଦାନକାରୀ ବୃକ୍ଷକୁ କାଟି ଦିଆଯାଉଛି। ଯେଉଁ ଗଛ ମଣିଷଙ୍କୁ ପାଣି, ପବନ, ଛାଇ ଦେଇଆସିଛି ସେଇ ଗଛ ପାଇଁ ଲୋଡା ହେଉଛି ଅଭୟ ସୁରକ୍ଷା।



ସମ୍ପ୍ରତି ଜୈବ ବିବିଧତାକୁ ରକ୍ଷା କରିବା ଲାଗି ସବୁସ୍ତରରେ ଉଦ୍ୟମ ହେବା ଜରୁରୀ। ପ୍ରତ୍ୟେକ ବ୍ୟକ୍ତି ପରିବେଶ ସହ ଜଡିତ ହେବା ଦରକାର। ବର୍ତ୍ତମାନ ସାରା ବିଶ୍ୱରେ ଯେପରି କରୋନା ଭୂତାଣୁ ସଂକ୍ରମଣ ହେବାରେ ଲାଗିଛି ତାହା କେବଳ ପରିବେଶ ରୋଶରୁ ସୃଷ୍ଟି ହୋଇଛି। ଆମର ଯାହା ଖାଦ୍ୟ ତାହା ଆମେ ଭକ୍ଷଣ କରିବା, ଜଙ୍ଗଲ ଜନ୍ତୁଙ୍କର ଖାଦ୍ୟ ଯାହା ସେମାନେ ତାହା ଭକ୍ଷଣ କରିବେ। ମଣିଷ ଯଦି ସନ୍ତୁଳନ ହରାଇ ସୃଷ୍ଟିର ସମସ୍ତ ଜୀବଜନ୍ତୁଙ୍କୁ ଭକ୍ଷଣ କରିବା ତା'ହେଲେ ପରିବେଶ ଅସନ୍ତୁଳିତ ହୋଇ ଭାଇରସ୍ ସୃଷ୍ଟି ହେଉଛି। ଏବେଠାରୁ ଆମେ ସତର୍କ ନ ହେଲେ ଭବିଷ୍ୟତରେ ଆହୁରି ଭୟଙ୍କର ପରିସ୍ଥିତି ସୃଷ୍ଟି ହେବା ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ।

**- ଇଂ. ଆଦିତ୍ୟ କୁମାର ଦାଶ, ପରିବେଶପ୍ରେମୀ, ନୟାଗଡ଼**



ସାମ୍ପ୍ରତିକ ପରିସ୍ଥିତିରେ ମଣିଷ ନିଜକୁ ଶ୍ରେଷ୍ଠ ଜୀବ ମନେକରି ଜୀବଜଗତ ପ୍ରତି ଅବିଚାର କରିଚାଲିଛି। ସବୁ ପ୍ରକାରର ଭାଇରସ୍ ଜୀବଜନ୍ତୁଙ୍କଠାରୁ ସୃଷ୍ଟି ହେଉଛି। ଜଙ୍ଗଲ ନଷ୍ଟ ହେବା ସାଙ୍ଗକୁ ଜୀବଜନ୍ତୁଙ୍କ ସହ ମଣିଷର ସମ୍ପର୍କ ବଢ଼ିଚାଲିଥିବା ବେଳେ ସେମାନଙ୍କଠାରୁ ଭୂତାଣୁ ଆମମାନଙ୍କୁ ସଂକ୍ରମଣ କରୁଛି। ଜଙ୍ଗଲ ଅବକ୍ଷୟ ଯୋଗୁ ବନ୍ୟ ସମ୍ପଦ ନଷ୍ଟ ହେଲାଣି। ଯଦି ଜୀବଜନ୍ତୁ ତଥା ପକ୍ଷୀ ବହୁସଂଖ୍ୟାରେ ଥାଆନ୍ତେ ତେବେ ଏତେ ସଂଖ୍ୟକ ପଙ୍ଗପାଳ ସୃଷ୍ଟି ହୋଇ ନ ଥାନ୍ତେ। ଆଜିର ଦିନରେ ଆମକୁ ଜଙ୍ଗଲ ସଂରକ୍ଷଣ, ନଗର ଜଙ୍ଗଲ (ଅର୍‌ବାନ୍ ଫରେଷ୍ଟ) ସୃଷ୍ଟି, ଜଳ ସଂରକ୍ଷଣ ସହ ଏହାର ସଦୁପଯୋଗ କରିବା ଜରୁରୀ ହୋଇପଡିଛି।

**- ଧନରାଜ ଏଚ୍‌ଡ଼ି, ବନଖଣ୍ଡ ଅଧିକାରୀ, ନୟାଗଡ଼**



ବୈଦିକ କାଳରୁ ପରିବେଶ ସୁରକ୍ଷା ପାଇଁ ମୁନି ଋଷିମାନେ ଅନେକ ଯତ୍ନ କରି ଆସିଛନ୍ତି। ସୁସ୍ଥ ପରିବେଶ ହିଁ ସୁସ୍ଥ ସମାଜ ଗଠନ କରିବା ପାଇଁ ଏକାନ୍ତ ଆବଶ୍ୟକ। ଜଙ୍ଗଲ ସମ୍ପଦର ବିଲୋପ ଓ ସହରୀକରଣର ଅହେତୁକ ମୋହ ଯୋଗୁ ମଣିଷ ପ୍ରକୃତିଠାରୁ ଦୂରେଇ ଯାଉଛି। ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ବହୁଳ ବୃକ୍ଷରୋପଣ ତଥା ବନ୍ୟପ୍ରାଣୀଙ୍କ ସୁରକ୍ଷା ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ ଆହ୍ୱାନ।

**- ପ୍ରଫେସର ଭାରତ ଭୂଷଣ ରଥ, ତିରୁପତି ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ**

# କରୋନା ଭୟ ଦୂର ପାଇଁ ଗୀତାପାଠ

**ରସୁଲପୁର, ୪।୬ (ଡି.ଏନ୍.ଏ.)**

- ଆମେରିକାରୁ ଭିଡିଓ କଲ୍ ଯୋଗେ ଗୀତା ପାଠ କରୁଛନ୍ତି ପ୍ରବାସୀ ଓଡ଼ିଆ
- ଆଧୁନିକ ଚାକଚକ୍ୟ ଛାଡ଼ି ଆଧାତ୍ମିକ ମୁହାଁ ହେଲେଣି ଲୋକେ

ଅନେକ କିଛି ବଦଳାଇ ଦେଇଛି କରୋନା। ଆଧୁନିକ ଚାକଚକ୍ୟ ଓ ପାଶ୍ଚାତ୍ୟ ସଭ୍ୟତାକୁ ଆପଣାଉଥିବା ଭାରତୀୟ ଏବେ ମହାମାରୀର ଭୟ ଦୂରେଇବା ପାଇଁ ଆଧାତ୍ମିକତା ଆଡକୁ ମୁହାଁଉଛନ୍ତି। ସାରା ବିଶ୍ୱରେ ମୃତ୍ୟୁର ତାଣ୍ଡବ ରଚୁଥିବା କରୋନା ପାଇଁ ବିଭିନ୍ନ ଦେଶରେ ଲକ୍‌ଡାଉନ୍ ଜାରି ରହିଛି। ବିଶ୍ୱର ସବୁଠୁ ଶକ୍ତିଶାଳୀ ଦେଶ ଆମେରିକା କରୋନାରେ ସବୁଠୁ ଅଧିକ କ୍ଷତିଗ୍ରସ୍ତ ହୋଇଛି। ତେବେ ଏଭଳି ସଙ୍କଟମୟ ସ୍ଥିତିରେ ସେଠାରେ ରହୁଥିବା ଭାରତୀୟ ଏବେ ଭାରତର ଧର୍ମ, ସଂସ୍କୃତିକୁ ଆପଣେଇବା ଆରମ୍ଭ କଲେଣି। ଏପରି କି ସାରା ଜୀବନ ବିଦେଶରେ ରହିବାକୁ ମନ ବଳାଇଥିବା ଅନେକ ଭାରତୀୟ ଲକ୍‌ଡାଉନ୍ ଯୋଗୁ ଘରେ ରହିବା ସମୟରେ ଭିଡିଓ କଲ୍ ଯୋଗେ ଗୀତା ଅଧ୍ୟୟନ କରୁଛନ୍ତି। ରସୁଲପୁର ବ୍ଲକ ଅଞ୍ଚଳରେ ଏଭଳି ଏକ ନିଆରା ଚିତ୍ର ଦେଖିବାକୁ ମିଳିଛି।

ଆମେରିକାରେ ରହୁଥିବା ଯାଜପୁର ଜିଲାର ବିଭିନ୍ନ ବ୍ଲକର ୮ ପରିବାର ରସୁଲପୁର ବ୍ଲକ ଅଧୀନ ମୁଗୁପାଳ ପଞ୍ଚାୟତରେ ଥିବା ସ୍ୱପ୍ନେଶ୍ୱର ଗୀତା ଅଧ୍ୟୟନ କେନ୍ଦ୍ର ସହ ଯୋଗାଯୋଗ କରି ପ୍ରତିଦିନ ସକାଳୁ ଗୀତା ପାଠ କରୁଛନ୍ତି। ପ୍ରତ୍ୟହ ଦେଢ଼ଘଣ୍ଟା (ଭାରତୀୟ ସମୟ ସକାଳ ୭ଟା ୩୦ରୁ ୯ଟା ପର୍ଯ୍ୟନ୍ତ) ସେମାନେ ଭିଡିଓ କଲ୍ ଯୋଗେ ଗୀତା ଅଧ୍ୟୟନ କରୁଛନ୍ତି। ଏପରିକି ଆମେରିକୀୟ ପଡ଼ୋଶୀମାନେ ମଧ୍ୟ ଏଥିରେ ଯୋଗ ଦେଉଛନ୍ତି। ଗୀତା ଅଧ୍ୟୟନ କେନ୍ଦ୍ରର ମୁଖ୍ୟ ପ୍ରାକ୍ତନ ଶିକ୍ଷକ ପ୍ରମୋଦ ଦାଶ ଭିଡିଓ କଲିଂ କ୍ଲାସ ପରିଚାଳନା କରୁଛନ୍ତି। ଅଦ୍ୟାବଧି ୧୬ଟି ଅଧ୍ୟାୟ ଶେଷ ହୋଇଥିବା ଜଣାପଡ଼ିଛି। ସମାଜକୁ ସଙ୍କଟରୁ ମୁକୁଳାଇବା ପାଇଁ ଭାରତୀୟ ଧର୍ମ ଗ୍ରନ୍ଥରେ ଉଲ୍ଲେଖ ଥିବା ଉପାୟଗୁଡିକ ପ୍ରବାସୀ ଭାରତୀୟ ଓ ସେମାନଙ୍କ ଆଖପାଖର ଲୋକଙ୍କ ଦ୍ୱାରା ଗ୍ରହଣୀୟ ହେଉଥିବା ଶିକ୍ଷକ ଦାଶ କହିଛନ୍ତି। ଏହି କାର୍ଯ୍ୟକ୍ରମ ଜରିଆରେ ସେମାନଙ୍କୁ ମାନସିକ ଭାବେ ଶାନ୍ତି ମିଳିବା ସହ ମନରୁ କରୋନା ଭୟ ଦୂର ହୋଇପାରିଛି ବୋଲି ଦାଶ ପ୍ରକାଶ କରିଛନ୍ତି।

# ପ୍ରବାସୀଙ୍କୁ ଦିଆଯାଉଛି ନିମ୍ନମାନର ଖାଦ୍ୟ

**ନାଉଗାଁ,୪।୬(ସ୍ୱ.ପ୍ର.):** ଜଗତ୍‌ସିଂହପୁର ଜିଲା ନାଉଗାଁ ବ୍ଲକ ଅଧୀନ ନାଉଗାଁହାଟ ଉଚ୍ଚ ବିଦ୍ୟାଳୟ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ପ୍ରବାସୀଙ୍କୁ ନିମ୍ନମାନର ଖାଦ୍ୟ ଦିଆଯାଉଥିବା ଅଭିଯୋଗ ହୋଇଛି। ଏପରି କି ବୁଧବାର ରାତିରେ ଦିଆଯାଇଥିବା ଖାଦ୍ୟରେ ପୋକ ବାହାରିବା ସହ ତାହା ମଧ୍ୟାହ୍ନରେ ହୋଇଥିବା ରୋଷେଇର ବଳକା ବୋଲି ପ୍ରବାସୀମାନେ ଅଭିଯୋଗ କରି ଖାଦ୍ୟ ଗ୍ରହଣ କରି ନ ଥିଲେ। ଏହାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଗୁରୁବାର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପହଞ୍ଚି ପ୍ରବାସୀଙ୍କୁ ବୁଝାଶୁଝା କରିବା ସହ ଖାଦ୍ୟ ଦେଉଥିବା ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀକୁ ତାଗିଦ କରିଥିଲେ। ଏହାପରେ ଘଟଣାର ସମାଧାନ ହୋଇଥିଲା।



ଖାଦ୍ୟରେ ପୋକ ବାହାରିଛି।

ସୂଚନା ଅନୁସାରେ, ଏହି ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଭିନ୍ନ ରାଜ୍ୟରୁ ଫେରିଥିବା ୫୫ଜଣ ପ୍ରବାସୀ ରହୁଛନ୍ତି। ମାତ୍ର ସରକାରଙ୍କ ନିୟମ ଅନୁସାରେ ଏଠାରେ ପ୍ରବାସୀଙ୍କୁ ଖାଦ୍ୟ ଦିଆଯାଉନାହିଁ। ଯାହାବି ଦିଆଯାଉଛି ତାହା ପୁଣି ନିମ୍ନମାନର। ତେଣୁ କେତେଜଣ ପ୍ରବାସୀ ବାଧ୍ୟ ହୋଇ ନିଜ ଘରୁ ଖାଦ୍ୟ ମଗାଉଛନ୍ତି। ଅପରପକ୍ଷେ ସରପଞ୍ଚଙ୍କୁ ପ୍ରବାସୀ ବାରମ୍ବାର ଯୋଗାଯୋଗ କଲେ ମଧ୍ୟ ସରପଞ୍ଚ କିମ୍ବା ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ସେଠାକୁ ଯାଉ ନ ଥିବାରୁ ପ୍ରବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏ ସମ୍ପର୍କରେ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅମର ମଲ୍ଲିକ କହିଛନ୍ତି, ଯେଉଁ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଖାଦ୍ୟ ପ୍ରଦାନ କରୁଛନ୍ତି ସେମାନେ ପ୍ରତ୍ୟେହ ଏକ ପ୍ରକାର ଖାଦ୍ୟ ଦେଉଥିବା ଆମେ ଶୁଣିବାକୁ ପାଇଲୁ। ସେଥିପାଇଁ ପ୍ରବାସୀ ଖାଦ୍ୟ ଖାଇ ନ ଥିଲେ। ଆଲୋଚନା ପରେ ଖାଦ୍ୟର ମାନ ପରିବର୍ତ୍ତନ କରାଯାଇଛି। ଠିକ ସମୟରେ ଖାଦ୍ୟ ପ୍ରଦାନ ପାଇଁ ମହିଳା ଗୋଷ୍ଠୀକୁ ନିର୍ଦ୍ଦେଶ ଦିଆଯିବା ପରେ ପ୍ରବାସୀ ମଧ୍ୟାହ୍ନଭୋଜନ ଗ୍ରହଣ କରିଥିଲେ।

# ତାମିଲନାଡୁରୁ ତିର୍ତ୍ତୋଲ ସାଇକେଲରେ ଆସିଲେ ସୁକାନ୍ତ

**ତିର୍ତ୍ତୋଲ,୪।୬(ଡି.ଏନ.ଏ.):** ତିର୍ତ୍ତୋଲ ବ୍ଲକ ଅଧୀନ ଜଡ଼ତିରା ଗ୍ରାମର ବେଣୁଧର ନାଥଶର୍ମାଙ୍କ ପୁଅ ସୁକାନ୍ତ କୁମାର ନାଥଶର୍ମା(୫୫) ପରିବାର ପୋଷଣ ପାଇଁ ତାମିଲନାଡୁରେ କାମ କରୁଥିଲେ। ତେବେ କରୋନା ଭୂତାଣୁ ଯୋଗୁ ଦେଶ ଲକ୍‌ଡାଉନ ହୋଇଯିବାରୁ ସେ କାମ ହରାଇ ହାତଶ ହୋଇ ପଡ଼ିଥିଲେ। ତେଣୁ ଶୁକାନ୍ତ ଘରକୁ ଫେରିବାକୁ ଚିନ୍ତା କରିଥିଲେ। ତେବେ ତାଙ୍କ ପାଖରେ



ସାଇକେଲ ସହ ସୁକାନ୍ତ।

ଅର୍ଥର ଅଭାବ ସହ ଗାଡ଼ି ଚଳାଚଳ ନ କରିବାରୁ ସେ ନାନା ସମସ୍ୟାରେ ପଡ଼ିଥିଲେ। ଶେଷରେ ଟଙ୍କା ଧାର କରି ତାମିଲନାଡୁରୁ ଏକ ସାଇକେଲ କିଣି ଘରକୁ ଫେରିଛନ୍ତି। ସେ ତାମିଲନାଡୁର ତିରିପୁର ଜିଲା କୁଦବାଲିୟମରୁ ମେ' ୨୦ ତାରିଖର ବାହାରିଥିଲେ। ତିର୍ତ୍ତୋଲରେ ଗତ ୧ ତାରିଖ ଦିନ ପହଞ୍ଚିଛନ୍ତି। ୧୨ ଦିନ ଅବିଶ୍ରାନ୍ତ ସାଇକେଲ ଚଳାଇ ଫେରିବା ପରେ ଏବେ ପଞ୍ଚାୟତ କ୍ୱାରାଣ୍ଟାଇନ ସେଣ୍ଟରରେ ରହିଛନ୍ତି।

# ଡିଏଚ୍‌ଏଚ୍‌କୁ ପ୍ରବେଶ ପାଇଁ ପାସ୍ ବ୍ୟବସ୍ଥା

## ଷ୍ଟାଫ୍‌ନର୍ସ ଚିହ୍ନଟ ପରେ ବଢ଼ିଲା ଭୟ

**ନୟାଗଡ଼ ଅଫିସ,୪।୬:** ଜିଲା ମୁଖ୍ୟ ଚିକିତ୍ସାଳୟରୁ ଜଣେ ଷ୍ଟାଫ୍‌ନର୍ସ ଚିହ୍ନଟ ପରେ ଜିଲାରେ ଭୟ ବଢ଼ିଛି। ଏହି ପରିପ୍ରେକ୍ଷୀରେ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲାପାଳ ପୋମା ଟୁଡୁ କହିଥିଲେ, କରୋନାକୁ ନିୟନ୍ତ୍ରଣ ପାଇଁ ସମସ୍ତେ ମାସ୍କ ବ୍ୟବହାର ଓ ସାମାଜିକ ଦୂରତ୍ୱକୁ ଗୁରୁତ୍ୱ ଦିଅନ୍ତୁ। ରୋଗୀମାନେ ଭୟଭୀତ ହୁଅନ୍ତୁ ନାହିଁ। ମାତୃ ଓ ଶିଶୁ ଚିକିତ୍ସାଳୟର ଯେଉଁ ମାଆ ଓ ଶିଶୁମାନେ ଷ୍ଟାଫ୍‌ନର୍ସ ସଂସ୍ପର୍ଶରେ ଆସିଥିଲେ ସେମାନଙ୍କୁ ଖଣ୍ଡପଡା କୋଭିଡ୍ ହସ୍ପିଟାଲକୁ ପଠାଯାଇଛି। ସେହିଭଳି ୫ ଷ୍ଟାଫ୍‌ନର୍ସଙ୍କ ସମେତ କର୍ମଚାରୀଙ୍କୁ ପିଟିଏସ୍ କ୍ୱାରାଣ୍ଟାଇନ୍ ସେଣ୍ଟରରେ ରଖାଯାଇଛି। ଜିଲା ମୁଖ୍ୟ ଚିକିତ୍ସାଳୟ (ଡିଏଚ୍‌ଏଚ୍)ରେ ଗହଳି କମାଇବା ପାଇଁ ପାସ୍ ବ୍ୟବସ୍ଥା ଲାଗୁ କରାଯିବ ବୋଲି ସେ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ବିଧାନ ଚନ୍ଦ୍ର ରାୟ ଓ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମୋଦ ନାୟକ ଉପସ୍ଥିତ ଥିଲେ।

### ୨ ଗାଁ ଶଟ୍‌ଡାଉନ

ବରସାହି ପଞ୍ଚାୟତରୁ ଷ୍ଟାଫ୍‌ନର୍ସ ଚିହ୍ନଟ ପରେ ସରପଞ୍ଚ ବବିତା ଜେନା ବରସାହି, ସିଙ୍ଗାରପୁର ଗ୍ରାମକୁ ଶଟ୍‌ଡାଉନ ଘୋଷଣା କରିଛନ୍ତି। ଗୁରୁବାର ରାତି ୧୦ଟାରୁ ୬ ତାରିଖ ରାତି ୧୦ଟା ପର୍ଯ୍ୟନ୍ତ ଏହା ବଳବତ୍ତର ରହିବ। ଏ ନେଇ ସେ ଜିଲାପାଳ ଓ ଓଡଗାଁ ବିଡିଓଙ୍କୁ ଅବଗତ କରାଇଥିବା କହିଛନ୍ତି।

# ଜୁଆ ଆଡ୍ଡାରେ ଚଢ଼ାଉ, ୨ ଅଟକ

**ନାଉଗାଁ,୪।୬(ସ୍ୱ.ପ୍ର.):** ନାଉଗାଁ ଥାନା ପୋଲିସ ବୁଧବାର ରାତିରେ ବଚ୍ଛାଲୋ ପଞ୍ଚାୟତର ଅଲଣା ଗ୍ରାମ ନିକଟ ଏକ ଜୁଆ ଆଡ୍ଡାରେ ଚଢ଼ାଉ କରି ୨ ଯୁବକଙ୍କୁ କାବୁ କରିବା ସହ ୪ଟି ବାଇକ୍ ଓ ଏକ ସ୍କୁଟି ଜବତ କରିଛି। ପଚରାଉଚରା ପରେ ମାମଲା ରୁଜୁ କରାଯିବ ବୋଲି ଥାନାଧିକାରୀ ଗୋବର୍ଦ୍ଧନ ସାହୁ ପ୍ରକାଶ କରିଛନ୍ତି। ଉକ୍ତ ଥାନା ଅଞ୍ଚଳର ଗାଁ ଗହଳିରେ ପ୍ରତ୍ୟହ ଜୁଆଖେଳ ଚାଲିଥିଲେ ମଧ୍ୟ ପୋଲିସ ଜୁଆ ଖେଳାଳିଙ୍କୁ ଦୀର୍ଘ ଦିନ ହେବ ଧରି ପାରୁ ନ ଥିଲା। ତେବେ ବୁଧବାର ରାତିରେ ପୋଲିସ ହଠାତ୍ ଚଢ଼ାଉ କରିବାରୁ କେତେଜଣ ଜୁଆ ଖେଳାଳି ଫେରାର ହୋଇ ଯାଇଥିବାବେଳେ ୨ ଜଣ ଧରା ପଡ଼ି ଯାଇଥିଲେ। ଅନ୍ୟ କେତେଜଣ ଗାଡ଼ି ଛାଡ଼ି ପଳାଇଥିଲେ।

# ରତ୍ନଗିରି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଘେରିଲେ ଲୋକେ

## ଡାକ୍ତରଙ୍କ ବଦଳି ବାତିଲ ଦାବି

**ବରୀ, ୪।୬ (ସ୍ୱ.ପ୍ର.)**

ବରୀ ବ୍ଲକ ଅଧୀନ ରତ୍ନଗିରି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତରଙ୍କ ବଦଳି ବାତିଲ ଦାବିରେ ସ୍ଥାନୀୟ ସରପଞ୍ଚଙ୍କ ସମେତ ଗ୍ରାମବାସୀ ମେଡିକାଲ ଘେରାଉ କରିଥିଲେ। ଉକ୍ତ ଡାକ୍ତରଖାନା ଉପରେ ଆଖପାଖର ୪୦ ଗ୍ରାମବାସୀ ନିର୍ଭର କରୁଥିବା ବେଳେ ଦୈନିକ ୮୦ରୁ ୯୦ ରୋଗୀ ଚିକିତ୍ସା ପାଇଁ ଆସିଥାନ୍ତି। ତେବେ ଏବେ କରୋନା ମହାମାରୀ ସମୟରେ ଡାକ୍ତରଙ୍କ ବଦଳିକୁ ନେଇ ଅଞ୍ଚଳବାସୀ ଅସନ୍ତୋଷ ବ୍ୟକ୍ତ କରିବା ସହ ଡାକ୍ତରଖାନା ଖେରାଉ କରିଥିଲେ। ବିଧାୟିକାଙ୍କ ପ୍ରତିନିଧି ଦେବେନ୍ଦ୍ର ଦାସ ସେଠାରେ ପହଞ୍ଚି ଲୋକମାନଙ୍କୁ ବୁଝାଶୁଝା କରିବା ପରେ ଘେରାଉ ହଟିଥିବା ଜଣାପଡ଼ିଛି। ଘେରାଉରେ ସରପଞ୍ଚ ଅଶୋକ ଜେନା, ମନୋଜ ଦାସ, ଗିରିଶ ସାମଲ, ଅମୂଲ୍ୟ ଦାସ, ବିପିନ ବିହାରୀ ଦାସ, ଦୁଷ୍ମନ୍ତ ସେଠୀ ପ୍ରମୁଖ ସାମିଲ ଥିଲେ।



ସ୍ୱାସ୍ଥ୍ୟକେନ୍ଦ୍ର ଆଗରେ ଲୋକେ ପ୍ରତିବାଦ କରୁଛନ୍ତି।

# ୧୦ କରୋନା ଆକ୍ରାନ୍ତ ସୁସ୍ଥ

**କେନ୍ଦ୍ରାପଡ଼ା ଅଫିସ, ୪।୬**

କେନ୍ଦ୍ରାପଡ଼ା ଜିଲାରେ ୧୦ କରୋନା ଆକ୍ରାନ୍ତ ଗୁରୁବାର ସୁସ୍ଥ ହୋଇଛନ୍ତି। ଫଳରେ ସୁସ୍ଥ ସଂଖ୍ୟା ୯୫ରେ ପହଞ୍ଚିଛି। ଗତ ଏପ୍ରିଲ ୭ ତାରିଖରେ ଆଳିର ଜଣେ ବ୍ୟକ୍ତି ଜିଲାର ପ୍ରଥମ କରୋନା ଆକ୍ରାନ୍ତ ବୋଲି ଚିହ୍ନଟ ହୋଇଥିଲେ। ଅଦ୍ୟାବଧି ଆକ୍ରାନ୍ତଙ୍କ ସଂଖ୍ୟା ୧୬୧ରେ ପହଞ୍ଚିଛି।

# 'ଦୁର୍ନୀତିରେ ସହଯୋଗ କରୁଛନ୍ତି ପ୍ରଶାସନିକ ଅଧିକାରୀ'

**ରତ୍ନଗିରି/ବରୀ, ୪।୬ (ଡି.ଏନ୍.ଏ./ସ୍ୱ.ପ୍ର.)**

ବରୀ ବ୍ଲକ ଅଞ୍ଚଳରେ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମରେ ବ୍ୟାପକ ଦୁର୍ନୀତି ହେଉଥିବା ବେଳେ ଏଥିରେ ପ୍ରଶାସନିକ ଅଧିକାରୀମାନେ ସହଯୋଗ କରୁଛନ୍ତି ବୋଲି ଅଭିଯୋଗ ଆଣିଛି ଭାଜପା। କରୋନା ପାଇଁ ରାଶନକାର୍ଡ ହିତାଧିକାରଙ୍କୁ ୩ ମାସର ରାଶନ ସାମଗ୍ରୀ ପ୍ରଦାନ କରିବାକୁ ସରକାର ନିର୍ଦ୍ଦେଶ ଦେଇଥିଲେ ବି ହିତାଧିକାରୀଙ୍କୁ ଅଦ୍ୟାବଧି ଡାଲି ପ୍ରଦାନ କରାଯାଇନାହିଁ। ଏହାକୁ ଡିଲରମାନେ ହଡ଼ପ କରିଛନ୍ତି। ସେହିପରି ସାରନ୍ଦା ପାଟ ନାଳ ଓ ବାଲିବିଲ ପଞ୍ଚାୟତର ପଲ୍ଲିଶ୍ରୀ ନାଳ ଖନନ ପାଇଁ ଡ୍ରେନେଜ୍ ବିଭାଗ ପକ୍ଷରୁ ୧୦ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇଥିଲା। ହେଲେ ଏହାକୁ ଟେଣ୍ଡର କରା ନ ଯାଇ ଚିଠା ମାଧ୍ୟମରେ କାମ ଦିଆଯିବା ଓ ସମ୍ପୃକ୍ତ ଠିକାଦାର ଜଣକ ଖନନ କାର୍ଯ୍ୟ ଠିକ୍ ଭାବେ କରୁ ନ ଥିବାରୁ ଭାଜପା ନେତା ବିଶ୍ୱରଞ୍ଜନ ମଲ୍ଲିକ ଅଭିଯୋଗ କରିଛନ୍ତି। ଅନ୍ୟପଟେ ବ୍ରାହ୍ମଣୀ ନଦୀର ୫ଟି ସ୍ଥାନରେ ଖରାଦିନିଆ ରାସ୍ତା ନିର୍ମାଣ ଲାଗି (ପ୍ରତି ରାସ୍ତା ପାଇଁ ୪ ଲକ୍ଷ ୨୦ ହଜାର ଟଙ୍କା ଲେଖାଏଁ) ଟେଣ୍ଡର ହୋଇଥିବା ବେଳେ କେବଳ ଗୋଟିଏ ସ୍ଥାନରେ ରାସ୍ତା ନିର୍ମାଣ କରାଯାଇଛି ବୋଲି ଖବରଦାତା ସମ୍ମିଳନୀରେ ଭାଜପା ନେତା ମଲ୍ଲିକ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ବ୍ଲକ ଯୋଗାଣ ନିରୀକ୍ଷକ ପ୍ରଫୁଲ୍ଲ କୁମାର ବେହେରାଙ୍କୁ ପଚାରିବାରେ ବରୀ ବ୍ଲକର ଅଙ୍ଗାଲୋ, ମଧୁସୂଦନପୁର ଓ ରତଳାଙ୍ଗ ପଞ୍ଚାୟତର ଆଂଶିକ ଅଞ୍ଚଳକୁ ବିଞ୍ଝାରପୁର ବ୍ଲକ ପାର୍ଶ୍ୱରୁ ଆସିଥିବା ଡ଼ାଲି ବଣ୍ଟନ କରାଯାଇଛି। ଅବଶିଷ୍ଟ ୨୬ଟି ପଞ୍ଚାୟତ ପାଇଁ ଡ଼ାଲି ଆସିଲେ ବଣ୍ଟାଯିବ ବୋଲି କହିଛନ୍ତି। ଖବରଦାତା ସମ୍ମିଳନୀରେ ପଞ୍ଚାୟତ ସମିତି ଅଧକ୍ଷା ଶୁଭାସିନୀ ଶର୍ମା, ସରପଞ୍ଚ ବୀରେନ୍ଦ୍ର ମିଶ୍ର, ଦିଲୀପ ମହାନ୍ତି ଉପସ୍ଥିତ ଥିଲେ।

# ପୋଖରୀ ହିଡ଼ ଚାଞ୍ଛି ଅର୍ଥ ହରିଲୁଟ ମସୁଧା

**ଯାଜପୁର ଅଫିସ,୪।୬**

- ଜିଲାପାଳଙ୍କ ନିର୍ଦ୍ଦେଶକୁ ବେଖାତିର
- ବିନା ସୂଚନା ଫଳକରେ ଚାଲିଛି ଉନ୍ନୟନ କାର୍ଯ୍ୟ
- ଖେଳ ପଡ଼ିଆ କାମ କରୁଛି ମେଶିନ
- ବିଡିଓଙ୍କ ଦ୍ୱାରସ୍ଥ ହେଲେ ବନହରା ଗ୍ରାମବାସୀ



କରୋନା ପରିସ୍ଥିତିରେ ଜିଲାକୁ ୧୦ ହଜାରରୁ ଉର୍ଦ୍ଧ୍ୱ ପ୍ରବାସୀ ଫେରିଛନ୍ତି। କାମ ଧନ୍ଦା ନ ଥିବାରୁ ସମସ୍ତ ଶ୍ରମିକ ଶ୍ରେଣୀର ଲୋକଙ୍କ ଆର୍ଥିକସ୍ଥିତି ପ୍ରଭାବିତ ହୋଇଛି। ତେଣୁ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ଆଗ୍ରହୀ ଶ୍ରମିକଙ୍କୁ ସାମିଲ କରିବାକୁ ପରାମର୍ଶ ଦିଆଯାଇଛି। ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କେବଳ ଶ୍ରମିକ ନିୟୋଜିତ କରାଯିବ ଏବଂ ଅନ୍ୟାନ୍ୟ ଯୋଜନାରେ ହେଉଥିବା କାର୍ଯ୍ୟ ଆଇନ ମୁତାବକ ମେଶିନ ମାଧ୍ୟମରେ କାମ କରାଯାଇପାରିବ। ତେବେ ନିର୍ଦ୍ଧାରିତ ସ୍ଥାନରେ ସୂଚନା ଫଳକ ଲଗାଇବାକୁ ଜିଲାପାଳ ରଞ୍ଜନ କୁମାର ଦାସ ସରପଞ୍ଚମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ ବିଡମ୍ବନା ଯେ, ଜିଲାର କୋରେଇ ବ୍ଲକ ଅମୃତିଆ ପଞ୍ଚାୟତ ବନହରା ଗ୍ରାମରେ ଚାଲିଥିବା ଖେଳପଡିଆ ଓ ପୋଖରୀ ଉନ୍ନତୀକରଣ କାର୍ଯ୍ୟରେ କୌଣସି ସୂଚନା ଫଳକ ଲଗାଯାଇନାହିଁ।

ଏହି ମର୍ମରେ ଗ୍ରାମର ମଣୀନାଥ ସାହୁ, ପବିତ୍ର ସ୍ୱାଇଁ, ପ୍ରଶାନ୍ତ ସାହୁ, ପ୍ରଶାନ୍ତ ଧୀର, ରଘୁନାଥ ସାହୁ, ଦୀନବନ୍ଧୁ ଧୀର ପ୍ରମୁଖ କୋରେଇ ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ପ୍ରାୟ ଶତାଧିକ ଗ୍ରାମବାସୀଙ୍କ ସ୍ୱାକ୍ଷର ସମ୍ବଳିତ ସ୍ମାରକପତ୍ରରେ ଦର୍ଶାଯାଇଛି, ବନହରା ମୌଜାର ଖାତା ନମ୍ବର ୭୪, ପ୍ଲଟ ନମ୍ବର-୧୮୨ରେ ଥିବା ଏକ ଗୋଚର ଜମିରେ ଜେସିବି ମେଶିନରେ ଖେଳ ପଡ଼ିଆ କାର୍ଯ୍ୟ ଚାଲିଛି। କିନ୍ତୁ କେଉଁ ଯୋଜନାରେ ଓ କେତେ ଟଙ୍କାର ପ୍ରକଳ୍ପ ସେ ନେଇ କୌଣସି ସୂଚନା ଫଳକ ଲାଗିନାହିଁ। ରାତିରେ ଜେସିବି ମେଶିନ ଲଗାଯାଇ ଲୁଚାଛପାରେ କାର୍ଯ୍ୟ କରାଯାଉଛି। ସେହିପରି ବନହରା ଗ୍ରାମ ପୋଖରୀରେ ଏବେ ୫ ଫୁଟରୁ ଅଧିକ ପାଣି ରହିଛି। ପୋଖରୀର ଚାରିପଟେ ବହୁ ଗଛ ଲାଗିଛି। ସେଠାରେ ମଧ୍ୟ କୌଣସି ସୂଚନା ଫଳକ ନ ଲଗାଇ ପୋଖରୀ ହିଡ଼କୁ ଚାଞ୍ଛି ଅନୁଦାନକୁ ଚଳୁ କରିବାକୁ ମସୁଧା ଚାଲିଛି। ତେଣୁ ଏହାର ଉପଯୁକ୍ତ ତଦନ୍ତ କରି ବିହିତ ପଦକ୍ଷେପ ନେବାକୁ ଗ୍ରାମବାସୀ ବିଡିଓଙ୍କୁ ନିବେଦନ କରିଛନ୍ତି। ଏଭଳି ଭାବେ ଜିଲାପାଳଙ୍କ ପରାମର୍ଶକୁ ବେଖାତିର କରାଯାଇ ବ୍ୟାପକ ଦୁର୍ନୀତି କରାଯାଉଛି ବୋଲି ଜିଲାସାରା ଚର୍ଚ୍ଚା ହେଉଛି। ଅନ୍ୟପକ୍ଷେ ଯାଜପୁର ଜିଲାପାଳ ଗୁରୁବାର ଜିଲାର ୧୦ଟି ଯାକ ବ୍ଲକ ଅଧକ୍ଷ, ବିଡିଓ ଓ ୩୧୧ ସରପଞ୍ଚଙ୍କ ସହ ଭିଡିଓ କନଫରେନ୍ସ ମାଧ୍ୟମରେ ସମୀକ୍ଷା କରି କୋଭିଡ୍ ପରିଚାଳନାରେ ସେମାନେ ବହୁତ ଭଲ କାମ କରୁଥିବା ନେଇ ପ୍ରଶଂସା କରିଥିଲେ। ଏହାସହ ଉନ୍ନତିକରଣ କାର୍ଯ୍ୟକୁ ସଫଳ ଭାବେ ଆଗେଇ ନେବାକୁ ପରାମର୍ଶ କରିଥିଲେ। କାର୍ଯ୍ୟ ଆରମ୍ଭରୁ ସୂଚନା ଫଳକ ଲଗାଇବା ସହ ସାମାଜିକ ଦୂରତା, ମାସ୍କ ବ୍ୟବହାର, ପ୍ରାଥମିକ ଚିକିତ୍ସା ବ୍ୟବସ୍ଥା ଇତ୍ୟାଦିକୁ ମଧ୍ୟ ଉପଯୁକ୍ତ ଭାବେ କରିବାକୁ ସେ ପରାମର୍ଶ ଦେଇଥିଲେ। ରାଜ୍ୟରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଯାଜପୁର ଜିଲା ତୃତୀୟ ସ୍ଥାନରେ ରହିଛି। କିନ୍ତୁ ଏହି ସଫଳତା ପାଇଁ ସମସ୍ତଙ୍କର କେତେ ପରିଶ୍ରମ ଓ ନିଷ୍ଠା ରହିଛି ତାହା ସମସ୍ତେ ଜାଣିଛନ୍ତି। ଏ ନେଇ ଗଣମାଧ୍ୟମରେ ସନ୍ଦେହ ବ୍ୟକ୍ତ କରାଯାଇଛି। ତେଣୁ ଲୋକମାନଙ୍କୁ ଅଧିକରୁ ଅଧିକ ଆତ୍ମନିର୍ଭରଶୀଳ କରିପାରିଲେ, ତାହ ହିଁ ହେବ ସମ୍ପୃକ୍ତ ସନ୍ଦେହର ଉତ୍ତର ବୋଲି ଜିଲାପାଳ ରଞ୍ଜନ କୁମାର ଦାସ କହିଛନ୍ତି। ଏହି ସମୀକ୍ଷା ବୈଠକରେ ଜିଲାର ବହୁ ପଦାଧିକାରୀ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ପଲ୍ଲିସଭା ବେଳେ ହାତାହାତି

ଭଦ୍ରକ ଅଫିସ,୪।୬ - ଭଦ୍ରକ ବ୍ଲକ ଅନ୍ତର୍ଗତ କୋଡବରୁଆଁ ପଞ୍ଚାୟତର କୋଡ଼ଗମ୍ଭିର ଗ୍ରାମରେ ଗୁରୁବାର ପଲ୍ଲୀସଭା ଆୟୋଜିତ ହୋଇଥିଲା। ସଭା ଚାଲିଥିବାବେଳେ ତୁମୁଳ କାଣ୍ଡ ଘଟିଥିବା ଦେଖିବାକୁ ମିଳିଥିଲା। ଲକ୍ ଡାଉନ ସମୟରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ନିୟମିତ ପଲ୍ଲୀସଭା କିପରି କରୁଛନ୍ତି ତାହାକୁ ସରପଞ୍ଚ ଓ ତାଙ୍କ ସମର୍ଥକ ଦୃଢ଼ ବିରୋଧ କରିଥିଲେ। ସରକାରୀ ଗାଇଡ୍‌ଲାଇନ ଅନୁଯାୟୀ ଲକ୍‌ଡାଉନ୍ ସମୟରେ ଗ୍ରାମବାସୀ କୌଣସି ସଭା ସମିତି କିମ୍ବା ଧାର୍ମିକସ୍ଥଳରେ ଏକତ୍ରିତ ହୋଇପାରିବେ ନାହିଁ ବୋଲି କୁହାଯାଇଥିଲା। ଏହାକୁ ନେଇ ଉଭୟ ପକ୍ଷ ଲୋକେ ହାତାହାତି ହୋଇଛନ୍ତି। ତେବେ ଏହି ଘଟଣାରେ କେତେଜଣ ଆହତ ହୋଇଛନ୍ତି ତାହା ଜଣାପଡ଼ିନାହିଁ। ଘଟଣା ସ୍ଥଳରେ ଗ୍ରାମାଞ୍ଚଳ ପୋଲିସ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଥିଲା। ରିପୋର୍ଟ ଲେଖା ସୁଦ୍ଧା କୌଣସି ମାମଲା ରୁଜୁ ହୋଇ ନ ଥିବା ଥାନାଧିକାରୀ ପ୍ରଭାଂଶୁ ମିଶ୍ର କହିଛନ୍ତି।

### ୧୨୯ ଛୁଇଁଲା ଆକ୍ରାନ୍ତଙ୍କ ସଂଖ୍ୟା

ଭଦ୍ରକ ଅଫିସ, ୪।୬- ଭଦ୍ରକ ଜିଲାରେ ଗୁରୁବାର ୯ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୨୯ ଛୁଇଁଛି। ଚିହ୍ନଟ ସମସ୍ତ ନୂଆ ଆକ୍ରାନ୍ତ ସଙ୍ଗରୋଧ କେନ୍ଦ୍ରର ବୋଲି ଜିଲାପାଳ ଡ. ଜ୍ଞାନ ରଞ୍ଜନ ଦାସ ସୂଚନା ଦେଇଛନ୍ତି। ଜିଲା ପ୍ରଶାସନ ପକ୍ଷରୁ ଭଣ୍ଡାରିପୋଖରୀ ବ୍ଲକର କଳ୍ପତରୁ ହାଇସ୍କୁଲ ଶଙ୍ଖୁଳ, ଚିଙ୍ଗୁଡ଼ିପୁର ପ୍ରାଥମିକ ବିଦ୍ୟାଳୟ, ଭଦ୍ରକ ବ୍ଲକର ବାଣିତିଆ ହାଇସ୍କୁଲ, ଧାମନଗର ବ୍ଲକର ନଦୀଗାଁ ହାଇସ୍କୁଲ, ଧାମନଗର ଏନ୍‌ଏସିର କଲ୍ୟାଣୀ ମଣ୍ଡଳ ତାଳପଦା ସଙ୍ଗରୋଧ ଗୃହକୁ କଣ୍ଟେନ୍‌ମେଣ୍ଟ ଜୋନ୍ ଭାବେ ଘୋଷଣା କରାଯାଇଛି। ଚାନ୍ଦବାଲି ବ୍ଲକର ବିଜୟ ନଗର ପଞ୍ଚାୟତ, ଭଣ୍ଡାରିପୋଖରୀ ବ୍ଲକର ନାଆଁମୀ ଓ ବିଷ୍ଣୁପୁର ପଞ୍ଚାୟତ, ଭଦ୍ରକ ବ୍ଲକର ବାଣିତିଆ ପଞ୍ଚାୟତ, ଧାମନଗର ବ୍ଲକର ନଦୀଗାଁ ପଞ୍ଚାୟତ, ଧାମନଗର ଏନ୍‌ଏସିର ୱାର୍ଡ଼ ନଂ. ୭କୁ ବଫର୍ ଜୋନ୍ ଭାବେ ଘୋଷଣା କରାଯାଇ ୬ ଜଣ ନୋଡାଲ ଅଫିସର୍‌ଙ୍କୁ ଦାୟିତ୍ୱ ଦିଆଯାଇଛି।

### ଆଗରପଡ଼ା ବଜାର ଶଟ୍‌ଡାଉନ୍

ବନ୍ତ,୪।୬(ସ୍ୱ.ପ୍ର): ଭଦ୍ରକ ଜିଲା ବନ୍ତ ବ୍ଲକ ପୁରୁଷଣ୍ଡ ପଞ୍ଚାୟତ ସଙ୍ଗରୋଧ କେନ୍ଦ୍ରରେ ରହୁଥିବା ଜଣେ ପ୍ରବାସୀଙ୍କ ସ୍ୱାବ୍ ପରୀକ୍ଷାରୁ ପଜିଟିଭ୍ ବାହାରିବାପରେ ସରପଞ୍ଚ ଭାନୁମତୀ ଜେନା ଜିଲାପାଳ କ୍ଷମତା ପ୍ରୟୋଗକରି ଆଗରପଡ଼ା ବଜାରକୁ ଶଟ୍‌ଡାଉନ୍ ଘୋଷଣା କରିଛନ୍ତି। କୁଆଁସମଦିଆ ଛକଠାରୁ ରାମଗଡ଼ପଦା ଛକପର୍ଯ୍ୟନ୍ତ ବଜାର ଅଞ୍ଚଳକୁ ଗୁରୁବାର ଅପରାହ୍ନ ୫ଟାରୁ ଶୁକ୍ରବାର ଅପରାହ୍ନ ୨ଟା ପର୍ଯ୍ୟନ୍ତ ଶଟ୍‌ଡାଉନ୍ ଘୋଷଣା କରାଯାଇଛି। ରାମଗଡ଼ପଦା ପଡ଼ିଆରେ ପୂର୍ବପରି ପରିବା ମାର୍କେଟ ଚାଲୁ ରହିବ ବୋଲି ସରପଞ୍ଚ ସୂଚନା ଦେଇଛନ୍ତି।

### ସ୍ନାନ ପୂର୍ଣ୍ଣିମା ଲାଗି ନୀଳଗିରିରେ ୧୪୪ ଧାରା

ସଜନାଗଡ଼, ୪।୬(ଡି.ଏନ.ଏ.)- ଶ୍ରୀଜୀଉଙ୍କ ସ୍ନାନପୂର୍ଣ୍ଣିମା ଲାଗି ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରିଠାରେ ନୀଳଗିରି ଉପଜିଲାପାଳ ହରିଶ୍ଚନ୍ଦ୍ର ଜେନାଙ୍କ ନିର୍ଦ୍ଦେଶରେ ପୋଲିସ ପ୍ରଶାସନ ପକ୍ଷରୁ ୧୪୪ ଧାରା ଜାରି କରାଯାଇଛି। ଗୁରୁବାର ରାତି ୧୦ରୁ ଆସନ୍ତା ୬ ତାରିଖ ରାତି ୨ଟା ପର୍ଯ୍ୟନ୍ତ ଏହି ଧାରା ବଳବତ୍ତର ରହିବ। କରୋନା କଟକଣା ପାଇଁ ମାତ୍ର କେତେଜଣ ସେବାୟତଙ୍କୁ ନେଇ ନୀତିକାନ୍ତି ହେବ। ଚଳିତବର୍ଷ ବିନା ଭକ୍ତରେ ଶ୍ରୀଜୀଉଙ୍କ ସ୍ନାନଯାତ୍ରା ଅନୁଷ୍ଠିତ ହେବ।

### ବୁଦା ମୂଳରୁ ନବଜାତ ଶିଶୁ ଉଦ୍ଧାର

କେନ୍ଦୁଝର, ୪।୬(ସ୍ୱ.ପ୍ର.)-କେନ୍ଦୁଝର ସହର ସିଲୁଆ ଗାଁ ନିକଟସ୍ଥ ଏକ ବୁଦା ମୂଳରୁ ଗୁରୁବାର ସକାଳେ ଏକ ନବଜାତ ଶିଶୁ ପୁତ୍ର ଉଦ୍ଧାର କରାଯାଇଛି। ବୁଦାମୂଳେ ଶିଶୁଟିର କାନ୍ଦ ଶୁଣି ସ୍ଥାନୀୟ କେତେକ ଯୁବକ ସେଠାରେ ପହଞ୍ଚି ତାକୁ ଉଦ୍ଧାର କରିଥିଲେ। ଏ ସମ୍ପର୍କରେ ଶିଶୁ ସୁରକ୍ଷା ସମିତିକୁ ଜଣାଇ ଦିଆଯିବା ସହ ଶିଶୁକୁ ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟରେଭର୍ତ୍ତି କରାଯାଇଥିବା ସାମାଜିକ କର୍ମୀ ଭକ୍ତ ବତ୍ସଳ ମହାନ୍ତି କହିଛନ୍ତି। ତେବେ ଏହି ଶିଶୁର ଅବସ୍ଥା ଭଲ ଥିଲେ ହେଁ କିଏ ଓ କାହିଁକି ଛାଡି ଚାଲିଗଲା ତାହାକୁ ନେଇ ଚର୍ଚ୍ଚା ହେଉଛି। ପୋଲିସ ଏହାର ଯାଞ୍ଚ କରୁଛି।

# ବାଲେଶ୍ୱରରେ ଯୁବତୀ ଚାଲାଣ ର୍‍ୟାକେଟ୍ ସକ୍ରିୟ

**ବାଲେଶ୍ୱର ଅଫିସ, ୪।୬**

ବାଲେଶ୍ୱର ଜିଲାରେ ଯୁବତୀ ଚାଲାଣ ର୍‍ୟାକେଟ୍ ସକ୍ରିୟ ହୋଇପଡ଼ିଛି। ପୋଲିସର କୋହଳ ତଦନ୍ତ ଯୋଗୁ ବିଭିନ୍ନ ଆଳ ଦେଖାଇ ଅଭିଯୁକ୍ତମାନେ ଖସି ପଳାଇବାରେ ସଫଳ ହେଉଛନ୍ତି। ଗୁରୁବାର ଏନେଇ ଜିଲା ନାରୀସଂଘ ସଭାପତି ଗୋପାମୁଦ୍ରା ମହାପାତ୍ର ଅଭିଯୋଗ କରିଛନ୍ତି।

କିଛିଦିନ ପୂର୍ବରୁ ଖନ୍ତାପଡ଼ା ଥାନା ଅଞ୍ଚଳର ଜଣେ ବ୍ୟକ୍ତି ଏକ କମ୍ପାନୀ ମାଧ୍ୟମରେ ଦେଶବିଦେଶର ବିଭିନ୍ନ ଅଞ୍ଚଳର ଯୁବତୀମାନଙ୍କ ସହ ଯୋଗସୂତ୍ର ରଖୁଥିଲେ। ସେମାନଙ୍କୁ ବିବାହର ପ୍ରଲୋଭନ ଦେଖାଇ ବାଲେଶ୍ୱର ଜିଲାକୁ ଆଣି କିଛିଦିନ ରଖିବା ପରେ ସେମାନେ କୁଆଡ଼େ ଯାଆନ୍ତି କୌଣସି ଖୋଜଖବର ମିଳି ନ ଥାଏ। ଏହିଭଳି ଭାବେ ଉକ୍ତ ବ୍ୟକ୍ତି ଗତ ମାର୍ଚ୍ଚ ୧୧ ତାରିଖରେ ବାଙ୍ଗାଲୋରର ଜଣେ ୨୩ ଓ ଜଣେ ୨୦ ବର୍ଷୀୟ ଯୁବତୀଙ୍କୁ ଆଣି ମହାରାଜପୁର ଗ୍ରାମରେ ପହଞ୍ଚିଥିଲେ। ତାଙ୍କ ସ୍ତ୍ରୀ ଏହାକୁ ବିରୋଧ କରିବାରୁ ସେ ଉଭୟ ଯୁବତୀଙ୍କୁ ନେଇ ଉକ୍ତ ଗ୍ରାମରେ ଥିବା ମାମୁ ଘରେ ରଖିଥିଲେ। ସେଠାରେ ମଧ୍ୟ ଗଣ୍ଡଗୋଳ ହୋଇଥିଲା। ଏନେଇ ଉକ୍ତ ବ୍ୟକ୍ତିଙ୍କ ସ୍ତ୍ରୀ ଖନ୍ତାପଡ଼ା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ପହଞ୍ଚି ୨ ଯୁବତୀଙ୍କୁ ଉଦ୍ଧାର କରି ମାର୍ଚ୍ଚ ୧୨ରେ ଜିଲା ନାରୀ ସଂଘ ସୁଧାର ଗୃହରେ ରଖିଥିଲେ। ତେବେ ଲକ୍‌ଡାଉନ୍ ସମୟରେ ଉଭୟ ଯୁବତୀଙ୍କ ଜାଲ ଆଧାରକାର୍ଡ଼ ଦେଖାଇ ପୋଲିସ ସେ ଦୁହିଁଙ୍କୁ ନାରୀସଂଘରୁ ଆଣି ଅନ୍ୟତ୍ର ପଠାଇ ଦେବା ପାଇଁ ଉଦ୍ୟମ କରୁଥିବା ବେଳେ ନାରୀସଂଘର ସଭାପତି ମହାପାତ୍ର ଏହା ଏକ ଯୁବତୀ ଚାଲାଣ

**ଟେର୍ ପାଉନି ପୋଲିସ**

ସମ୍ବନ୍ଧୀୟ ଘଟଣା ବୋଲି ଗତ ମାର୍ଚ୍ଚ ୨୩ରେ କ୍ରାଇମ୍‌ବ୍ରାଞ୍ଚ ଆଡ଼ିଶନାଲ ଡିଜିଙ୍କୁ ଲିଖିତ ଅଭିଯୋଗ କରିଥିଲେ। ତତ୍କାଳୀନ ଜିଲା ଆରକ୍ଷୀ ଅଧୀକ୍ଷକ ବି. ଯୁଗଳ କିଶୋର କୁମାର ଓ କ୍ରାଇମ୍ ଡିଏସ୍‌ପି ଉମେଶ ପଣ୍ଡା ଉକ୍ତ ଅଭିଯୋଗକୁ ଗୁରୁତ୍ୱ ଦେଇ ଖନ୍ତାପଡ଼ା ଥାନା ଅଧିକାରୀ ସଞ୍ଜୟ ପରିଡ଼ାଙ୍କୁ ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ହେଲେ ସେଠାକାର ପୋଲିସ ପକ୍ଷରୁ ଏହାକୁ ଗୁରୁତ୍ୱ ଦିଆ ନ ଯିବାରୁ ନାରୀସଂଘର ସଭାପତି ମହାପାତ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ସେ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ଉକ୍ତ ବ୍ୟକ୍ତି ବାରମ୍ବାର ଦେଶର ବିଭିନ୍ନ ସହରରୁ ଯୁବତୀମାନଙ୍କୁ ଆଣିବାର କିଛିଦିନ ପରେ ସେମାନଙ୍କ କୌଣସି ଖୋଜଖବର ନ ମିଳିବା, ପୋଲିସ ସହାୟତାରେ ଜାଲ ଆଧାରକାର୍ଡ଼ ମାଧ୍ୟମରେ ସେମାନଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରିବା ଯୁବତୀ ଚାଲାଣ ର୍‍ୟାକେଟ୍ ବୋଲି ଅନୁମାନ କରାଯାଉଛି। ଅନ୍ୟପକ୍ଷରେ ଗୁରୁବାର ବାଙ୍ଗାଲୋରର ଉକ୍ତ ୨୦ବର୍ଷୀୟ ଯୁବତୀଙ୍କ ଭଉଣୀ ନାରୀସଂଘରେ ପହଞ୍ଚି ଉଭୟଙ୍କୁ ନିଜ ଦାୟିତ୍ୱରେ ବାଙ୍ଗାଲୋର ଫେରାଇ ନେଇଥିବା ଜାଣିବାକୁ ମିଳିଛି।

ଏ ସମ୍ପର୍କରେ କ୍ରାଇମ୍ ଡିଏସ୍‌ପି ଉମେଶ ପଣ୍ଡା କୁହନ୍ତି, ଅଭିଯୋଗ ପାଇବା ପରେ ଖନ୍ତାପଡ଼ା ଥାନାଧିକାରୀଙ୍କୁ ପୁଙ୍ଖାନୁପୁଙ୍ଖ ତଦନ୍ତ କରିବାର ନିର୍ଦ୍ଦେଶ ଦିଆଯାଇଛି। ସେହିପରି ପୂର୍ବାଞ୍ଚଳ ଆଇଜି ଦୀପ୍ତେଶ ପଟ୍ଟନାୟକଙ୍କୁ ପଚାରିବାରୁ ଘଟଣା ସମ୍ପର୍କରେ ସେ ଅବଗତ ନ ଥିବା ଓ ଏହା ଉପରେ ଗୁରୁତ୍ୱ ଦେଇ ତଦନ୍ତ କରାଯିବ ବୋଲି ପ୍ରକାଶ କରିଛନ୍ତି।

# ମାଛ ବିକୁଛନ୍ତି କଣ୍ଠଶିଳ୍ପୀ



ମାଛ ବିକ୍ରେତା ସାଜିଛନ୍ତି କୁମାର ଗୌତମ।

**ଭଦ୍ରକ ଅଫିସ, ୪।୬**

କୁମାର ଗୌତମ ଭଦ୍ରକ ସହର ତଥା ଜିଲାର ଜଣେ ସୁନାମଧନ୍ୟ କଣ୍ଠଶିଳ୍ପୀ, ଓଲିଉଡ ଜଗତରେ ତାଙ୍କର ସ୍ୱତନ୍ତ୍ର ପରିଚିତ ରହିଛି। ସେ ଭଦ୍ରକରେ ମେଲୋଡି ପାର୍ଟି କରି ପରିବାର ପ୍ରତିପୋଷଣ କରୁଥିଲେ। ହେଲେ କରୋନା ଲକ୍‌ଡାଉନ ତାଙ୍କ ଜୀବନର ମୋଡ଼ ବଦଳାଇ ଦେଲା। ପେଟର ଭୋକ କଣ୍ଠଶିଳ୍ପୀଙ୍କ କଣ୍ଠରୁଦ୍ଧ କରିଛି। ଫୁଟପାଥକୁ ଓହ୍ଲାଇ ଏବେ କରୁଛନ୍ତି ମାଛ ବେପାର। ଯେଉଁ ହାତରେ ମାଇକ୍ ଧରି ଲକ୍ଷାଧିକ ଶ୍ରୋତାଙ୍କ ମନ କିଣୁଥିଲେ ଗୌତମ ସେହି ହାତରେ ଏବେ ଧରିଛନ୍ତି ମାଛ ଓ ଦଣ୍ଡିପାଲ।

ସେ ଯାତ୍ରା ହେଉ କି ମେଲୋଡି, ସବୁଠି କୁମାର ଗୌତମଙ୍କ କଣ୍ଠରୁ ଗୀତ ଶୁଣିବାକୁ ଶ୍ରୋତାଙ୍କ ଭିଡ଼ ଜମିଯାଏ। ସେ ପ୍ରଥମେ ଯାତ୍ରା ଜଗତରେ ଚର୍ଚ୍ଚିତ ଗୀତିକାର ଥିଲେ। କିନ୍ତୁ ସ୍ୱାବଲମ୍ବୀ ହେବାକୁ ନିଜେ ଏକ ମେଲୋଡି ଗ୍ରୁପ ସଙ୍ଗୀତ ସମ୍ରାଟ କରି ଜୀବିକା ନିର୍ବାହ କରୁଥିଲେ। ଏକା ସିଏ ନୁହେଁ ତାଙ୍କ ପାଇଁ ଗ୍ରୁପରେ ସାମିଲ ଥିବା ୩୦ରୁ ଅଧିକ ପରିବାର ନିର୍ଭର କରୁଥିଲେ। ହେଲେ ମହାମାରୀ କରୋନା

**କରୋନା ବଦଳାଇ ଦେଲା ଜୀବନର ମୋଡ**

ତାଙ୍କ ମେରୁଦଣ୍ଡ ଦୋହଲାଇ ଦେଇଛି। ହେଲେ ସେ ଆତ୍ମବିଶ୍ୱାସ ହରାଇନାହାନ୍ତି। ଅଢେଇ ମାସ ଅପେକ୍ଷା କରିବା ପରେ ପରିବାର ଚଳାଇବା ପାଇଁ ମାଛ ବ୍ୟବସାୟ କରିବାକୁ ମନ ବଳାଇଲେ। କାହାକୁ ହାତ ପାତିବା ଅପେକ୍ଷା ଆତ୍ମନିର୍ଭରଶୀଳ ହେବା ଲକ୍ଷ୍ୟରେ ଏହି ମାଛ ବ୍ୟବସାୟ କରୁଛନ୍ତି। ସକାଳୁ ସକାଳୁ ଭଦ୍ରକ ସହରାଞ୍ଚଳ ବନ୍ତ ଛକରେ ଦୁଇଟି ଛତା ତଳେ ମାଛ ଦୋକାନ ଖୋଲନ୍ତି କୁମାର ଗୌତମ। ସମସ୍ତେ ମାଛ କିଣନ୍ତି ସତ, ହେଲେ ମାଛ ବିକୁଥିବା ଲୋକକୁ ଦେଖି ଗ୍ରାହକ ଚକିତ ହୋଇପଡ଼ନ୍ତି। ତାଙ୍କର ଏପରି ଆତ୍ମନିର୍ଭରଶୀଳ ପନ୍ଥାକୁ ଲୋକେ ପ୍ରଶଂସା କରିବା ସହ ସରକାରୀ ସହାୟତା ମିଳିବା ଦରକାର ବୋଲି କୁହନ୍ତି। ଲକ୍ ଡାଉନ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ବର୍ଗର ଲୋକଙ୍କ ପାଇଁ ବିଭିନ୍ନ ଯୋଜନା କରିଥିଲେ ମଧ୍ୟ ଏଭଳି କଳାକାରଙ୍କ ପାଇଁ କୌଣସି ଯୋଜନା ନ ଥିବାରୁ ବଞ୍ଚିବା ପାଇଁ ଏହା ଏକ ମାଧ୍ୟମ ବୋଲି କୁହନ୍ତି କୁମାର ଗୌତମ।

# ଭକ୍ତଙ୍କ ବିନା ହେବ ଦେବସ୍ନାନ ନୀତି

**ବାରିପଦା ଅଫିସ,୪।୬**


ବାରିପଦାସ୍ଥିତ ରଥଦାଣ୍ଡ।

ଦ୍ୱିତୀୟ ଶ୍ରୀକ୍ଷେତ୍ର ଭାବେ ପରିଚିତ ମୟୂରଭଞ୍ଜ ଜିଲା ବାରିପଦାର ଶ୍ରୀଶ୍ରୀ ହରି ବଳଦେବଜୀଉ ମହାପ୍ରଭୁଙ୍କ ମନ୍ଦିରରେ ଶୁକ୍ରବାର ସ୍ନାନପୂର୍ଣ୍ଣିମା ଅନୁଷ୍ଠିତ ହେବ। ଏଥିପାଇଁ ମନ୍ଦିର ପରିସରରେ ସ୍ନାନମଣ୍ଡପ ସଜେଇ ହୋଇଛି। ମହାପ୍ରଭୁଙ୍କ ସମେତ ଚତୁର୍ଦ୍ଧାମୂର୍ତ୍ତି ସ୍ନାନମଣ୍ଡପରେ ବିଜେ କରି ୧୦୮ ଗରା ସୁବାସିତ ଜଳରେ ମହାସ୍ନାନ କରିବେ। ହେଲେ ଏହି ମହାସ୍ନାନକୁ ଦେଖିବାରୁ ଭକ୍ତ ବଞ୍ଚିତ ହେବେ। କରୋନା ସଂକ୍ରମଣକୁ ରୋକିବା ଲାଗି ଜୁନ୍ ୩୦ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ମନ୍ଦିରକୁ ବନ୍ଦ କରାଯାଇଛି। ଏହି ପରିପ୍ରେକ୍ଷୀରେ ଜିଲା ପ୍ରଶାସନ ପକ୍ଷରୁ ଶୁକ୍ରବାର ମନ୍ଦିରକୁ ଭକ୍ତମାନଙ୍କୁ ନ ଆସିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ମନ୍ଦିରକୁ ଯାଇଥିବା ରାସ୍ତାରେ ୧୪୪ ଧାରା ଜାରି କରାଯାଇଛି। କୃଷ୍ଣଚନ୍ଦ୍ର ଗୋଲେଇଠାରୁ

**ସକାଳ ୫ରୁ ସନ୍ଧ୍ୟା ୭ ଯାଏ ୧୪୪ ଧାରା ଜାରି**

ଥାନା ଛକ, ଏମକେସି ହାଇସ୍କୁଲ ଛକଠାରୁ ଟ୍ରାଫିକ ଛକ ଯାଏ ରାସ୍ତାରେ କଟକଣା ଜାରି କରାଯାଇଛି। ସେବାୟତ ଓ ଜରୁରୀକାଳୀନ କର୍ମଚାରୀ ଓ ଅଧିକାରୀଙ୍କ ବ୍ୟତୀତ ଏହି ରାସ୍ତାରେ ଅନ୍ୟମାନେ ଯିବା ପାଇଁ ବାରଣ କରାଯାଇଛି। ସେହିଭଳି ରାସ୍ତାର ବିଭନ୍ନ ପାର୍ଶ୍ୱରେ ପୋଲିସ ଫୋର୍ସ ମୁତୟନ କରାଯାଇଥିବା ବେଳେ ପ୍ରଶାସନ ପକ୍ଷରୁ ମନ୍ଦିର ଚାରିପଟକୁ ଅବରୋଧ କରାଯାଇଛି। ଶୁକ୍ରବାର ଭୋର ୫ଟାରୁ ସନ୍ଧ୍ୟା ୭ଟା ଯାଏ ଉକ୍ତ ରାସ୍ତାରେ ୧୪୪ ଧାରା ଜାରି ରହିବ। ପ୍ରଶାସନିକ ନିଷ୍ପତ୍ତି ଅନୁସାରେ ଶୁକ୍ରବାର ଭୋର ୪ ଘଟିକାଠାରୁ ୫ ଘଟିକା ମଧ୍ୟରେ ଶ୍ରୀଜୀଉମାନେ ସ୍ନାନମଣ୍ଡପକୁ ପହଣ୍ଡି ବିଜେ କରିବେ। ୫ ଘଟିକାରୁ ୬ଟା ୩୦ ମଧ୍ୟରେ ଦେବସ୍ନାନ ନୀତି ହେବ। ସନ୍ଧ୍ୟା ୬ଟାରୁ ରାତି ୯ ଘଟିକା ମଧ୍ୟରେ ଶ୍ରୀଜୀଉମାନେ ଅଣସର ପିଣ୍ଡିକୁ ପହଣ୍ଡି କରିବେ ବୋଲି ଉପ ଜିଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

### ଶନିବାର,ରବିବାର ଶଟ୍‌ଡାଉନ୍ ନେଇ କଟକଣା

**ଭଦ୍ରକ ଅଫିସ,୪।୬**

ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ପ୍ରତି ଶନିବାର ଓ ରବିବାର ଶଟ୍‌ଡାଉନ ନେଇ ଭଦ୍ରକ ଜିଲାପାଳ ଡ. ଜ୍ଞାନ ରଞ୍ଜନ ଦାସ ଜିଲା ପାଇଁ ନିୟମ ଧାର୍ଯ୍ୟ କରିବା ସହିତ ଆଇନକୁ ପାଳନ କରିବା ପାଇଁ ଅନୁରୋଧ କରିଛନ୍ତି। ଆଇନ ଉଲ୍ଲଂଘନକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମଧ୍ୟ ଡ. ଦାସ ସୂଚନା ଦେଇଛନ୍ତି। ଦୋକାନ ବଜାର ଖୋଲା ରଖିବା ସମୟ ସନ୍ଧ୍ୟା ୬ ପର୍ଯ୍ୟନ୍ତ ରହିଛି। ଏହା ବ୍ୟତୀତ ସମସ୍ତ ଦୋକାନରେ ଦୋକାନୀ ଏବଂ ଗ୍ରାହକ ସାମାଜିକ ଦୂରତ୍ୱ ରକ୍ଷା କରିବା ସହିତ ମାସ୍କ ପିନ୍ଧିବାକୁ ବାଧ୍ୟତା ମୂଳକ କରାଯାଇଛି। ପ୍ରତି ଶନିବାର ଭୋର ୫ଟାରୁ ସୋମବାର ଭୋର ୫ଟା ପର୍ଯ୍ୟନ୍ତ ସାରା ଜିଲାରେ ଶଟ୍‌ଡାଉନ କଟକଣା ଜାରି ରହିବ ବୋଲି ଜିଲାପାଳ କହିଛନ୍ତି।

### ଦୁର୍ଘଟଣାରେ ୨ ଜଣଙ୍କ ଜୀବନଗଲା

**ଚିତ୍ରଡ଼ା,୪।୬(ଡି.ଏନ୍.ଏ.)**

ମୟୂରଭଞ୍ଜ ଜିଲାର ମୋରଡ଼ା ଥାନା ଅଧୀନ ପାଟପୁରସ୍ଥିତ ଏସଏସବି ଇଞ୍ଜିନିୟରିଂ କଲେଜ ସମ୍ମୁଖରେ ଗୁରୁବାର ଅପରାହ୍ନରେ ଦୁଇଟି ବାଇକ୍ ମଧ୍ୟରେ ଦୁର୍ଘଟଣା ଘଟି ୨ ଜଣଙ୍କ ପ୍ରାଣହାନୀ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ଦ୍ୱୟ ବୁଧିନାଥ ଦାସ ପ୍ରଧାନ ଓ ମକରା ସୋରେନ ବୋଲି ପୋଲିସ ସୂଚନା ଦେଇଛି। ଗୁରୁତର ଆହତ ଅନ୍ତର୍ଯ୍ୟାମୀ ଭଦ୍ରଙ୍କୁ ଚିକିତ୍ସା ପାଇଁ କଟକ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣା ପରେ ଚିତ୍ରଡା ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରି ବାରମାଇଲ ସ୍ଥିତ କିଶାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛି।

# ଏକାସଙ୍ଗେ ଚାଲିଗଲେ ମା, ପୁଅ

**ଯୋଡ଼ା, ୪।୬(ଡି.ଏନ.ଏ.)**

**ଟ୍ରକ୍ ଦୁର୍ଘଟଣା**

କେନ୍ଦୁଝର ଜିଲା ଯୋଡ଼ା ଥାନା ବିଲେଇପଦା ଫାଣ୍ଡି ଅନ୍ତର୍ଗତ ନିର୍ମାଣାଧୀନ ୫୨୦ନଂ. ଜାତୀୟ ରାଜପଥର କଣ୍ଡରାଠାରେ ଟ୍ରକ ଧକ୍କାରେ ଏକାସଙ୍ଗେ ମା' ଓ ପୁଅଙ୍କର ମୃତ୍ୟୁ ଘଟିଛି। ଗୁରୁବାର ପୂର୍ବାହ୍ନରେ ଦଢୁଆଁ ଗ୍ରାମର ସୁଲୋଖିଣୀ ଗିରି ଓ ତାଙ୍କ ପୁଅ ସୁଶୀଲ ଗିରି ଏକ ବାଇକ୍ ଯୋଗେ ବାସୁଦେବପୁର ଡାକ୍ତରଖାନାରୁ ନିଜ ଘର ଅଭିମୁଖେ ଆସୁଥିବା ବେଳେ କଣ୍ଡରା ଛକ ଠାରେ ଏକ ଦଶ ଚକିଆ ଟ୍ରକ ସେମାନଙ୍କୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ସୁଲୋଖିଣୀ ଗିରିଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ତାଙ୍କ ପୁଅ ସୁଶୀଲ ଗିରିଙ୍କୁ ଗୁରୁତର ଅବସ୍ଥାରେ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲେ ହେଁ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଦୁର୍ଘଟଣାସ୍ଥଳରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲେ ହେଁ, ପୋଲିସ ଘଟଣାସ୍ଥଳରେ ପହଞ୍ଚି ଏହାକୁ ନିୟନ୍ତ୍ରଣ କରିଛି। ବାରମ୍ବାର ସେଠାରେ ଦୁର୍ଘଟଣା ଘଟୁଥିଲେ ହେଁ ଜାତୀୟ ରାଜପଥ ନିର୍ମାଣ କରୁଥିବା ଠିକାସଂସ୍ଥା ରାଜପଥରେ ଡାଇଭର୍ଶନ ରାସ୍ତା ନିର୍ମାଣ କରୁ ନ ଥିବା ସ୍ଥାନୀୟ ଲୋକେ କହିଛନ୍ତି। ଦୁର୍ଘଟଣାର ଘଟାଇଥିବା ଟ୍ରକ୍‌କୁ ପୋଲିସ ଜବତ କରିଛି।

# ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟ ବନ୍ଦ କଲେ ତହସିଲଦାର

**ଜଳେଶ୍ୱର, ୪।୬(ସ୍ୱ.ପ୍ର.)**


ବିବାଦୀୟ ସ୍ଥାନରେ ପୋଖରୀ ଖୋଳାବେଳେ ତହସିଲଦାର କାର୍ଯ୍ୟବନ୍ଦ କରୁଛନ୍ତି।

ବହୁ ବର୍ଷ ପୂର୍ବରୁ ସୁବର୍ଣ୍ଣରେଖା ନଦୀ କେଶପୁରା ଗ୍ରାମ ଦେଇ ବହିଯାଇଥିଲା। ନଦୀ ଗତିପଥ ବଦଳାଇ ଥିବାରୁ ପୁରୁଣା ସ୍ଥାନରେ ପାଇକସିଦା ଓ କେଶପୁରା ଗ୍ରାମ୍ୟ କମିଟି ପକ୍ଷରୁ ଖନନ ହେଉଥିବା ୨ଟି ପୋଖରୀକୁ ନେଇ ବିବାଦ ଦେଖାଦେଇଛି। ନଦୀର ପରିତ୍ୟକ୍ତ ସ୍ଥାନରେ ପାଇକସିଦା ପଞ୍ଚାୟତ ପକ୍ଷରୁ ଏମ୍‌ଜିଏନ୍‌ଆର୍‌ଇଏସ୍‌ରେ ଏକ ବଡ଼ ପୋଖରୀ ଖୋଳା ଚାଲିଥିଲା। ଜବ୍‌କାର୍ଡ଼ରେ ଥିବା ବହୁ ବ୍ୟକ୍ତି ଗୁରୁବାର ସେଠାରେ ପୋଖରୀ ଖୋଳା କାର୍ଯ୍ୟରେ ବ୍ୟସ୍ତ ଥିବା ବେଳେ ଉକ୍ତ ସ୍ଥାନ ଚୋରମରା ଗାଁର କେତେଜଣ ବ୍ୟକ୍ତିଙ୍କର ବୋଲି ସେମାନେ ଜଳେଶ୍ୱର ତହସିଲରେ ଅଭିଯୋଗ କରିଥିବାରୁ ଘଟଣାସ୍ଥଳରେ ତହସିଲଦାର କ୍ଷୀରୋଦ କୁମାର ପଣ୍ଡା

**ଗ୍ରାମ ଜମିକୁ ନେଇ ବିବାଦ**

ପହଞ୍ଚିଥିଲେ। ଉପସ୍ଥିତ ଜିଆର୍‌ଏସ୍, ଗ୍ରାମ୍ୟସାଥି ଓ ପଞ୍ଚାୟତ ଅଧିକାରୀମାନଙ୍କୁ ବିବାଦୀୟ ସ୍ଥାନରେ ପୋଖରୀ ନ ଖୋଳିବାକୁ ପରାମର୍ଶ ଦେଇ ଆସନ୍ତା ଦିନେ ଦୁଇଦିନ ମଧ୍ୟରେ ବିଡିଓ ଓ ଆର୍‌ଆଇଙ୍କ ଉପସ୍ଥିତିରେ ମାପ କରାଯାଇ କାର୍ଯ୍ୟ ଆରମ୍ଭ ହେବ ବୋଲି କହିଥିଲେ। ସେହିପରି କେଶପୁରଠାରେ ସ୍ଥାନୀୟ ମତ୍ସ୍ୟଜୀବୀମାନଙ୍କ ପକ୍ଷରୁ ଏକ ସଂଘ ଗଠନ କରି ମତ୍ସ୍ୟବିଭାଗରୁ ପାଇଥିବା ୭୦ହଜାର ଟଙ୍କାରେ ପୋଖରୀ ଖନନ ହେଉଥିବା ବେଳେ ଜେସିବିକୁ ତହସିଲଦାର ଜବତ କରିଥିଲେ। ଆସନ୍ତା ଦିନରେ ଜମି ମପାଯିବା ପରେ ଖନନ କାର୍ଯ୍ୟ ହେବ ବୋଲି କହିଥିଲେ।

# ଦାୟିତ୍ୱ ନେଲେ ନୂତନ ଜିଲା ଆରକ୍ଷୀ ଅଧୀକ୍ଷକ

**ବାଲେଶ୍ୱର ଅଫିସ, ୪।୬**


ନୂତନ ଏସ୍‌ପି ସୁଧାଂଶୁ ଶେଖର ମିଶ୍ର

ବାଲେଶ୍ୱର ଜିଲାରେ ନୂତନ ଜିଲା ଆରକ୍ଷୀ ଅଧୀକ୍ଷକ ଭାବେ ଆଇପିଏସ୍ ସୁଧାଂଶୁ ଶେଖର ମିଶ୍ର ଗୁରୁବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ପୂର୍ବରୁ କଟକ କ୍ରାଇମ୍‌ବ୍ରାଞ୍ଚର ଜିଲା ଆରକ୍ଷୀ ଅଧୀକ୍ଷକ ଭାବେ ଦାୟିତ୍ୱ ନିର୍ବାହ କରୁଥିଲେ। ବାଲେଶ୍ୱର ଜିଲାର ପୋଲିସ ପ୍ରଶାସନିକ ଦାୟିତ୍ୱ ମିଳିଥିବାରୁ ସେ ଖୁସି ବୋଲି ପ୍ରକାଶ କରିଛନ୍ତି। ଏହାସହ ସେ ଜିଲାରେ ଆଇନଶୃଙ୍ଖଳା, ଗ୍ରାମାଞ୍ଚଳରେ ଅପରାଧ ଦୂରୀକରଣ, ଶିଳ୍ପାଞ୍ଚଳ ମଧ୍ୟରେ ଥିବା ସମସ୍ୟା ଉପରେ ଗୁରୁତ୍ୱ ଦେବେ ବୋଲି ପ୍ରକାଶ କରିଛନ୍ତି।

# ସଙ୍ଗରୋଧ କେନ୍ଦ୍ର ଅନ୍ତେବାସୀଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା

**ସୋର, ୪।୬(ଡି.ଏନ.ଏ.)**

ମୁମ୍ବାଇରୁ ଆସି ସପ୍ତାହେ ହେଲା ବାଲେଶ୍ୱର ଜିଲା ଖଇରା ଥାନା ଜଳଦା ଗ୍ରାମ ସଙ୍ଗରୋଧ କେନ୍ଦ୍ରରେ ରହୁଥିବା ବିପିନ ବିହାରୀ ମହାନ୍ତି (୩୫) ନାମକ ଯୁବକଙ୍କ ମୃତ୍ୟୁ ହୋଇଛି। ସୋର ଡାକ୍ତରଖାନାରେ ତାଙ୍କୁ ଭୁଲ୍ ଇଞ୍ଜେକଶନ ଦିଆଯାଇଥିବାରୁ ମୃତ୍ୟୁ ହୋଇଥିବା ଅଭିଯୋଗ କରି ଗୁରୁବାର ସକାଳେ ଉତ୍ତେଜନା ପ୍ରକାଶ ପାଇଛି। ବୁଧବାର ବିଳମ୍ବିତ ରାତିରେ ବିପିନ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ସୋର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଏହି ସମୟରେ ଦାୟିତ୍ୱରେ ଥିବା ଡାକ୍ତର ଚିକିତ୍ସା କରି ଏକ ଇଞ୍ଜେକଶନ୍ ଦେଇଥିଲେ। ତେବେ ଗୁରୁବାର ଭୋର୍ ସମୟରେ ଯୁବକଙ୍କ ମୃତ୍ୟୁ ହୋଇଯାଇଥିଲା। ଖବର ପାଇ ତାଙ୍କର ସମ୍ପର୍କୀୟମାନେ ସୋର ଡାକ୍ତରଖାନାରେ ପହଞ୍ଚିଥିଲେ। ଭୁଲ ଇଞ୍ଜେକଶନ୍ ପାଇଁ ମୃତ୍ୟୁ ଘଟିଥିବା ଅଭିଯୋଗ କରି ଡାକ୍ତରଖାନାରେ ପାଟିତୁଣ୍ଡ କରିଥିଲେ। ସୋର ପୋଲିସ ପହଞ୍ଚି ସେମାନଙ୍କ ସହିତ ଆଲୋଚନା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଛି।

### କାଳବୈଶାଖୀ:ଉପୁଡ଼ିଲା ଗଛ, ଭାଙ୍ଗିଲା ଘର

**ଯୋଡ଼ା,୪।୬(ଡି.ଏନ.ଏ.)**–କେନ୍ଦୁଝର ଜିଲା ଯୋଡା ସହରରେ ଗୁରୁବାର ଅପରାହ୍ନରେ କାଳବୈଶାଖୀ ପ୍ରଭାବରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ସହରରେ ଥିବା ବହୁ ପୁରାତନ ଗଛ ଉପୁଡିଯିବା ସହ ବହୁ ସ୍ଥାନରେ ଘର ଛପର ଉଡିଯାଇଥିଲା। ସହରର ଷ୍ଟେଟ୍ ବ୍ୟାଙ୍କ ନିକଟରେ ଅବସ୍ଥିତ ହନୁମାନ ମନ୍ଦିରର ବେଢାରେ ଥିବା ବିଶାଳକାୟ ଅଶ୍ୱତ୍ଥ ଗଛ ଉପୁଡି ପଡିଛି। କେତେକ ଖୁଣ୍ଟ ଭାଙ୍ଗି ବିଦ୍ୟୁତ୍ ସରବରାହ ସମ୍ପୂର୍ଣ୍ଣ ବ୍ୟାହତ ହୋଇପଡିଛି। ଗଛପଡ଼ି ରଣାଶାଳ–ବାମେବାରୀ ରାସ୍ତାରେ ଯାତାୟାତ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି।

# ଚମ୍ପୁଆରେ ହାତୀ ଉପଦ୍ରବ

**ଚମ୍ପୁଆ,୪।୬(ଡି.ଏନ.ଏ.)**

ଚମ୍ପୁଆ ରେଞ୍ଜରେ ହାତୀ ଉପଦ୍ରବ କମିବାର ନାଁ ଧରୁନାହିଁ। ବନ ବିଭାଗର ହାତୀ ଘଉଡାଇବା କୌଶଳ ସବୁ ଦିଗରେ ଫେଲ ମାରୁଛି। ଦୁଇଦିନ ତଳେ ହାତୀ ପଲ ଉପଦ୍ରବ କରିବା ସହିତ ଘର ଭାଙ୍ଗି ଚାଉଳ ଖାଇଦେଇଛନ୍ତି। ଏହି ହାତୀ ପଲଙ୍କ ପାଇଁ ଘର ଭାଙ୍ଗିବା ଓ ଫସଲ ନଷ୍ଟ କରିବା ନିତି ଦିନିଆ ଘଟଣା ଘଟିଥିବା ବେଳେ ଆତଙ୍କିତ ଅବସ୍ଥାରେ ରହିଥିବା ଗ୍ରାମବାସୀଙ୍କ ମଧ୍ୟରେ ଦିନକୁ ଦିନ ଅସନ୍ତୋଷ ବୃଦ୍ଧି ପାଉଥିବା ଦେଖାଗଲାଣି। ଫଳରେ ଅନେକ

**ଭାଙ୍ଗିଲେ ଘର, ଖାଇଲେ ଚାଉଳ**

ସମୟରେ ଧନ ଜୀବନ ହାନି ହେଉଛି। ଗତ ବୁଧବାର ଏହି ହାତୀ ପଲ ଚମ୍ପୁଆ ବ୍ଲକର ସାତୋହଳିଆ ଗ୍ରାମରେ ରାତି ଅଧରେ ପଶି ମନୋଜ ଚାତାରଙ୍କ ଘରକୁ ଭାଙ୍ଗିଥିବା ବେଳେ ଘର ଭିତରେ ଥିବା ଚାଉଳ ଖାଇ ନଷ୍ଟ କରିଦେଇଛନ୍ତି। ଘର ଭିତରେ ଶୋଇଥିବା ମନୋଜଙ୍କ ବଡଭାଇ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ବର୍ତ୍ତମାନ ଏହି ୧୪ ଗୋଠିଆ ହାତୀ ପଲ ମୁକୁନ୍ଦପୁର ଜଙ୍ଗଲରେ ରହିଥିବା ଜଣାଯାଇଛି।

# ଧାନକିଣାରେ ଅନିୟମିତତା

**ଖୁଣ୍ଟା, ୪।୬(ଡି.ଏନ.ଏ.):**

ମୟୂରଭଞ୍ଜ ଜିଲା ଖୁଣ୍ଟା ବ୍ଲକ ଅଧୀନ ବାହାନଡ଼ା ଲ୍ୟାମ୍ପରେ ଚାଷୀଙ୍କ ଠାରୁ ଧାନ କିଣାରେ ଅନିୟମିତତା କରାଯାଇଥିବା ନେଇ ଚାଷୀମାନେ ଜିଲାପାଳଙ୍କ ଠାରେ ଅଭିଯୋଗ କରିଛନ୍ତି। ଏହାର ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆନ୍ଦୋଳନ ହେବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

ଅଭିଯୋଗ ଅନୁଯାୟୀ, ବାହାନଡ଼ା ଲ୍ୟାମ୍ପରେ ଖରିଫ ରବ୍ବୁର ଧାନ କିଣା ପ୍ରକ୍ରିୟା ଜାରି ରହିଥିବା ବେଳେ ମାର୍ଚ୍ଚ ୧୧ ତାରିଖରେ ମଣ୍ଡିରେ ଧାନ ପକାଇବା ପାଇଁ ଚାଷୀଙ୍କ ମୋବାଇଲକୁ ସୂଚନା (ଟୋକନ) ମିଳିଥିଲା। ସେହି ଅନୁଯାଇ ଲ୍ୟାମ୍ପର ଏମ୍‌ଡି ମଧୁସ୍ମିତା ଦେ କେତେଜଣ ଚାଷୀଙ୍କୁ ସେହିଦିନ ଧାନ ପକାଇବା ପାଇଁ କହିଥିବା ବେଳେ ଅନ୍ୟ କେତେକ ଚାଷୀଙ୍କୁ ୧୭ ତାରିଖରେ ଧାନ ପକାଇବା କହିଥିଲେ। ୧୧ ଓ ୧୭ ତାରିଖରେ ୧୨ ଜଣ ଚାଷୀ ମୋଟ ୩୫୦ କୁଇଣ୍ଟାଲ ଧାନ ମଣ୍ଡିରେ ପକାଇଥିଲେ। ଏତଦ୍ ବ୍ୟତୀତ ୧୮ ତାରିଖରେ ମୋବାଇଲ ଯୋଗେ କେତେକ ଚାଷୀ ଟୋକନ ପାଇଥିବା ବେଳେ ଏମ୍‌ଡି ସେମାନଙ୍କୁ ଧାନ ପକାଇବା ପାଇଁ ମନା କରିବା ସହିତ ପୂର୍ବରୁ ଧାନ ପକାଇଥିବା ୧୨ ଜଣ ଚାଷୀଙ୍କଠାରୁ ଆଉ ଧାନ କିଣାଯିବ ନାହିଁ ବୋଲି କହିଥିଲେ। ଚାଷୀମାନେ ଏମ୍‌ଡିଙ୍କୁ ବାରମ୍ବାର ଅନୁରୋଧ କରିଥିବା ବେଳେ ସରକାର ଧାନ କିଣା ପ୍ରକ୍ରିୟା ବନ୍ଦ କରିଛନ୍ତି କହିବା ସହିତ ଯଦି ୧୪୩୦ ଟଙ୍କାରେ ଧାନ ବିକିବ ତେବେ ସେ ମିଲରଙ୍କୁ କହି ଧାନ ଗୁଡିକୁ ଉଠାଇ ନେବାର ବ୍ୟବସ୍ଥା

- ଚାଷୀଙ୍କ ଆନ୍ଦୋଳନ ଚେତାବନୀ
- ଜିଲାପାଳଙ୍କଠାରେ ଅଭିଯୋଗ

କରିବେ ବୋଲି ଏମ୍‌ଡି କହିଥିବା ନେଇ ଉକ୍ତ ଅଭିଯୋଗରେ ଦର୍ଶାଯାଇଛି। ଏହି ଘଟଣାକୁ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିବା ବେଳେ ଧାନ କିଣାରେ ୮ କେ.ଜିରୁ ୧୦ କେ.ଜି କଟିଂ କରିବା, ଧାନ ନ ପକାଇଥିବା ଚାଷୀମାନଙ୍କର ଆଖି ସ୍କାନ କରି ଧାନ ପକାଇଲେ ବୋଲି କାଗଜ ପତ୍ର କରିବା ଇତ୍ୟାଦି ଅନ୍ୟ କେତେକ ଅନିୟମିତତା ଦର୍ଶାଇ ଜିଲାପାଳଙ୍କ ଠାରେ ଅଭିଯୋଗ କରାଯାଇଛି। ଏ ସମ୍ପର୍କରେ ଏମ୍‌ଡି ମଧୁସ୍ମିତାଙ୍କୁ ପଚାରିବାରୁ ସରକାର ଖରିଫ ଧାନ କିଣା ବନ୍ଦ କରିଛନ୍ତି । ଯଦି ଧାନ କିଣା ପ୍ରକ୍ରିୟା ପୁନଃ କାର୍ଯ୍ୟକାରୀ ହୁଏ ତେବେ ଉକ୍ତ ଧାନ କିଣି ନେବାରେ କୌଣସି ଅସୁବିଧା ନାହିଁ ବୋଲି କହିଥିଲେ। ଅପରପକ୍ଷେ ଚଳିତ ଖରିଫ ଚାଷରେ ୩୨ ହଜାର କୁଇଣ୍ଟାଲ ଧାନ କିଣା ଯିବାର ଲକ୍ଷ୍ୟ ଧାର୍ଯ୍ୟ ଥିବାବେଳେ ସରକାରଙ୍କ ପକ୍ଷରୁ ୨୩ ହଜାର କୁଇଣ୍ଟାଲ ଧାନ କିଣିବା ପାଇଁ ଅର୍ଥ ଆସିଥିଲା। ସେହି ଅର୍ଥରେ ଧାନ କିଣା ଯାଇଥିବା ବେଳେ ଶେଷ ବେଳକୁ କରୋନା ପାଇଁ ଲକ୍‌ଡାଉନ ଯୋଗୁ ପରିବହନ ବନ୍ଦ ହୋଇଗଲା ଏବଂ ସେହି ଅର୍ଥରୁ ୫ ଶହ କୁଇଣ୍ଟାଲ ଧାନର ଟଙ୍କା ବଳକା ହୋଇଗଲା। ଏହା ପରେ ସରକାରଙ୍କ ପକ୍ଷରୁ ଧାନ କିଣା ପ୍ରକ୍ରିୟା ମଧ୍ୟ ବନ୍ଦ କରିଦିଆଗଲା ବୋଲି ଏମ୍‌ଡି କହିବା ସହ ଅନିୟମିତତା ଓ ଅନ୍ୟ କେତେକ ଅଭିଯୋଗକୁ ଖଣ୍ଡନ କରିଥିଲେ।

## ସଂକ୍ଷେପରେ

### ବଳାତ୍କାରୀ ଗଲେ ଜେଲ କୋର୍ଟରେ ପୀଡ଼ିତାଙ୍କ ବୟାନ ରେକର୍ଡ

**ବ୍ରହ୍ମପୁର ଅଫିସ,୪।୬:** ବ୍ରହ୍ମପୁର ବଡ଼ବଜାର ଥାନା ପୋଲିସ ମାମଲା ନମ୍ବର ୧୨୧/୨୦ରେ ବଳାତ୍କାରୀ ସୁବାସ ମହାନ୍ତି (୩୮)ଙ୍କୁ ଗୁରୁବାର ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟରେ ହାଜର କରିଛି। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି ବୋଲି ପୋଲିସ କହିଛି। ଅନ୍ୟପଟେ ପୀଡ଼ିତାଙ୍କ ବୟାନ ପୋକ୍‌ସୋ କୋର୍ଟରେ ରେକର୍ଡ କରାଯାଇଛି। କୋର୍ଟ ନିର୍ଦ୍ଦେଶ ପ୍ରକାରେ ପୀଡ଼ିତାଙ୍କୁ ତାଙ୍କ ମାଉସୀଙ୍କୁ ହସ୍ତାନ୍ତର କରାଯାଇଛି। ପ୍ରକାଶଯେ, ବଡ଼ବଜାର ଅଞ୍ଚଳର ଜଣେ ନବମ ଶ୍ରେଣୀ ଛାତ୍ରୀଙ୍କୁ ବୁଧବାର ରାଜଜେମା ସାହିର ସୁବାସ ମହାନ୍ତି ବଳପୂର୍ବକ ଉଠାଇ ନେଇ ଲାଠିରେ ସେ ପୂର୍ବରୁ ଭଡାରେ ରହୁଥିବା ଏକ ଘରେ ବଳାତ୍କାର କରିଥିଲେ।

### ସାନଖେମୁଣ୍ଡି ବ୍ଲକ ସମ୍ମୁଖରେ ସିପିଆଇର ଗଣବିକ୍ଷୋଭ

**ପାଟପୁର,୪।୬:** ସାନଖେମୁଣ୍ଡି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଗୁରୁବାର ସିପିଆଇ ରାଜ୍ୟ କମିଟିର ଡାକରାକ୍ରମେ ସାନଖେମୁଣ୍ଡି ଜୋନାଲ କମିଟି ପକ୍ଷରୁ ଗଣ ବିକ୍ଷୋଭ କରାଯାଇଛି। ସିପିଆଇ ଗଞ୍ଜାମ ଜିଲା କମିଟି ସମ୍ପାଦକ ପ୍ରକାଶ ପାତ୍ର, ଅଖିଳ ଭାରତ ଯୁବ ସଂଘ ରାଜ୍ୟ ସଭାପତି ପ୍ରଦୀପ ସେଠୀ, ସିପିଆଇ ଜାତୀୟ ସମ୍ପାଦକ ରାମକୃଷ୍ଣ ପଣ୍ଡା ପ୍ରମୁଖ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ଅମ୍ଫାନ ବାତ୍ୟା କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ, ଏମ୍‌ଜିଏନଆର୍‌ଇଜିଏସ୍ ଯୋଜନାରେ ଶ୍ରମିକମାନଙ୍କୁ ପର୍ଯ୍ୟାପ୍ତ ପରିମାଣରେ କାମ, ସମସ୍ତ ପ୍ରବାସୀ ଶ୍ରମିକ ପରିବାରଙ୍କୁ ୧୦ ହଜାର ଟଙ୍କା ସହାୟତା, କୃଷି ଋଣ ଛାଡ଼ ଆଦି ବିଭିନ୍ନ ଦାବିନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡ଼ିଓ ଗାୟତ୍ରୀଦତ୍ତ ନାୟକଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା।

### ତାଲା ଭାଙ୍ଗି ଦୋକାନରୁ ଚୋରି

**ଗୋପାଳପୁର,୪।୬:** ଗୋପାଳପୁର ଥାନା ଅନ୍ତର୍ଗତ କରାପଲ୍ଲୀରେ ଥିବା ଏକ ଦୋକାନ ତାଲା ଭାଙ୍ଗି ଲୁଟେରା ବିଭିନ୍ନ ସାମଗ୍ରୀ ଲୁଟି ନେଇଛନ୍ତି। ଗୁରୁବାର ଦୋକାନ ମାଲିକ ମାନିନୀ ସାହୁ ଏ ନେଇ ଗୋପାଳପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୭୭/୨୦ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ବୁଧବାର ସନ୍ଧ୍ୟାରେ ଦୋକାନର ଜଣେ କର୍ମଚାରୀ ଶଟର ପକାଇ ଘରକୁ ଯାଇଥିଲେ। ମଧରାତିରେ ଲୁଟେରା ଦୋକାନ ଶଟର ଓ ଚାବି ତାଡ଼ି ଏକ ଏଲଇଡି ଟିଭି, ୧୮ଟି ଫ୍ୟାନ ଓ ଅନ୍ୟ ସାମଗ୍ରୀ ଲୁଟ କରିଥିଲେ। ଏ ନେଇ ଗୁରୁବାର ଥାନାରେ ଅଭିଯୋଗ ପରେ ପୋଲିସ ଏବଂ ସାଇଣ୍ଟିଫିକ୍ ଟିମ ପହଞ୍ଚି ତଦନ୍ତ କରିଛନ୍ତି। ଦୋକାନ ପାର୍ଶ୍ୱରେ ଥିବା ସିସି ଫୁଟେଜ୍ ଯାଞ୍ଚ କରାଯାଇ ଲୁଟେରାଙ୍କୁ କାବୁ କରାଯିବ ବୋଲି ପୋଲିସ କହିଛି।

### ବେକ କାଟିଲେ ଯୁବକ

**ବ୍ରହ୍ମପୁର ଅଫିସ,୪।୬:** ନିଜ ବେକ ଛୁରିରେ କାଟିଲେ ଜଣେ ଯୁବକ। ଘଟଣାଟି ବୁଧବାର ରାତି ପ୍ରାୟ ୧୧ ଟା ବେଳେ ବୈଦ୍ୟନାଥପୁର ଥାନା ନିକଟରେ ଘଟିଛି। ଗୁରୁତର ଅବସ୍ଥାରେ ପୋଲିସ ତାଙ୍କୁ ଉଦ୍ଧାର କରି ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରିଛି। ସେ ଜଣେ ମାନସିକ ବିକୃତ ହୋଇଥିବା ଥାନାଧିକାରୀ ସାରଦା ପ୍ରସନ୍ନ ଦାସ ସୂଚନା ଦେଇଛନ୍ତି। ଯୁବକ ଜଣଙ୍କ ହିଞ୍ଜିଳିକାଟୁ ଅଞ୍ଚଳର ହୋଇଥିବା ବେଳେ ସେ କାହିଁକି ଆତ୍ମହତ୍ୟା ଉଦ୍ୟମ କଲେ ପୋଲିସ ସେନେଇ ତନାଘନା ଚଳାଇଥିବା ସେ କହିଛନ୍ତି। ଅନ୍ୟପଟେ ମେଡିକାଲ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଯୁବକ ଜଣଙ୍କ ଏକ ଦୁରାରୋଗରେ ପୀଡ଼ିତ ଅଟନ୍ତି।

### ମାସ୍କ ଯାଞ୍ଚ କଡ଼ାକଡ଼ି କଲା ପୋଲିସ

**ଫୁଲବାଣୀ ଅଫିସ, ୪।୬:** କରୋନାକୁ ପ୍ରତିହତ କରିବା ପାଇଁ ମାସ୍କ ପିନ୍ଧିବା ଓ ସାମାଜିକ ଦୂରତ୍ୱ ରକ୍ଷା କରିବାକୁ ଅଧିକ ଗୁରୁତ୍ୱ ଦିଆଯାଉଛି। ମାସ୍କ ପିନ୍ଧି ନ ଥିବା ଲୋକଙ୍କ ଉପରେ କଡା ଆଭିମୁଖ୍ୟ ଗ୍ରହଣ କରିବାକୁ ପୋଲିସ ଡିଜି ନିର୍ଦ୍ଦେଶ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ କନ୍ଧମାଳ ପୋଲିସ ପକ୍ଷରୁ ଯାଞ୍ଚ କଡାକଡି କରାଯାଉଛି। ମାସ୍କ ନ ପିନ୍ଧି ବାହାରେ ବୁଲୁଥିବା ଲୋକଙ୍କଠାରୁ ଜରିମାନା ଆଦାୟ ହେଉଛି। ଜିଲା ପୋଲିସ ମୁଖ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ ଗତ ୩ ଦିନ ମଧରେ ଜିଲାର ବିଭିନ୍ନ ସ୍ଥାନରେ ୩୭୫ ଜଣଙ୍କଠାରୁ ମାସ୍କ ପିନ୍ଧି ନ ଥିବାରୁ ପ୍ରାୟ ୮୦ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଜରିମାନା ଆଦାୟ କରାଯାଇଛି।

# ଲକ୍‌ଡାଉନ୍‌ରେ ଫି ମାଗୁଛନ୍ତି ଘରୋଇ ସ୍କୁଲ, କଲେଜ

**ବ୍ରହ୍ମପୁର ଅଫିସ,୪।୬**

■ଛାଡ କରିବାକୁ ଦାବିକଲା ଛାତ୍ର କଂଗ୍ରେସ
■ଆର୍‌ଡିସିଙ୍କୁ ଦାବିପତ୍ର

କୋଭିଡ୍–୧୯କୁ ନେଇ ସାରା ବିଶ୍ୱ ଆତଙ୍କିତ ଅବସ୍ଥାରେ ରହିଛି। ଏଭଳି ସ୍ଥିତିରେ କେତେକ ଘରେଇ ସ୍କୁଲ ଓ କଲେଜ ଫି ପାଇଁ ଅବିଭାବକଙ୍କ ଉପରେ ଚାପ ପ୍ରୟୋଗ କରୁଥିବା ଅଭିଯୋଗ ହୋଇଛି। ଫି ଛାଡ କରିବା ନେଇ ଘରୋଇ ସ୍କୁଲ ଓ କଲେଜକୁ ତାଗିଦ୍ କରିବାକୁ ଦାବି ହୋଇଛି। ଗୁରୁବାର ଏନେଇ ଗଞ୍ଜାମ ଜିଲା ଛାତ୍ର କଂଗ୍ରେସ ଦକ୍ଷିଣାଞ୍ଚଳ ଆରଡିସିଙ୍କୁ ଦାବିପତ୍ର ପ୍ରଦାନ କରିଛି। ପିଲାଙ୍କ ପରିବାରର ଆର୍ଥିକ ଅବସ୍ଥା ଦୁର୍ବଳ ହୋଇପଡିଛି। ଏଭଳି ସ୍ଥିତିରେ ଘରୋଇ ସ୍କୁଲ ଓ କଲେଜ କର୍ତ୍ତୃପକ୍ଷ କରୋନା ଯୋଗୁ ହୋଇଥିବା ଲକ୍‌ଡାଉନ୍ ସମୟ ଅର୍ଥାତ ମାର୍ଚ୍ଚରୁ ମେ ପର୍ଯ୍ୟନ୍ତ ୩ ମାସର ଫି ଦେବାକୁ ଅଭିଭାବକଙ୍କୁ ଚାପ ପ୍ରୟୋଗ କରୁଥିବା ଦଳ ପକ୍ଷରୁ କୁହାଯାଇଛି। ଏନେଇ ସ୍ୱତନ୍ତ୍ର ଟିମ୍ ଗଠନ କରାଯିବା ସହ ଘରୋଇ ସ୍କୁଲ ଓ କଲେଜ କର୍ତ୍ତୃପକ୍ଷ ଉକ୍ତ ମାସର ଫି ଛାଡ କରିବାକୁ ନିର୍ଦ୍ଦେଶ ଦେବାକୁ ଦଳ ଦାବି କରିଛି। ଦାବି ପୂରଣ ଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନ ଅଧିକ ତୀବ୍ର ହେବା ନେଇ ଚେତାବନୀ ଶୁଣାଇଥିଲେ। ଦାବିପତ୍ର ପ୍ରଦାନ ବେଳେ ଜିଲା ଛାତ୍ର କଂଗ୍ରେସ ସଭାପତି ବିଜୟ ରାଜ ପାଣିଗ୍ରାହୀ,ନଗର ସଭାପତି ପତିତପାବନ ଗନ୍ତାୟତ, ଜିଲା ସାଧାରଣ ସମ୍ପାଦକ ଜଗନ୍ନାଥ ପଲେଇ, ଜିଲା ଉପସଭାପତି ରାଜୀବ ରମଣ ଖୁଣ୍ଟିଆ, ରୁଦ୍ରପ୍ରସାଦ ଖଟୁଆ, ତତ୍‌ସତ୍ ସୁବୁଦ୍ଧି ଓ ତନ୍ମୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।


ଆର୍‌ଡିସିଙ୍କ କାର୍ଯ୍ୟାଳୟ ଆଗରେ ଛାତ୍ର କଂଗ୍ରେସ କର୍ମକର୍ତ୍ତା।

# ଗଞ୍ଜାମରେ ସୁସ୍ଥ ହେଲେଣି ୩୫୪

■କରୋନା ଲକ୍ଷଣ ଲୁଚାଅନି, ଡାକ୍ତରଙ୍କ ପରାମର୍ଶ ନିଅ: ଜିଲାପାଳ
■ଆମ ସ୍ୱାସ୍ଥ୍ୟ ଆମ ଦାୟିତ୍ୱ ତାଲିମ ଆରମ୍ଭ

**ଛତ୍ରପୁର,୪।୬(ଡି.ଏନ୍.ଏ.)**

କରୋନା ଲକ୍ଷଣ ଦେଖାଗଲେ ନ ଲୁଚାଇ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅ। ଏପରି କଲେ ପ୍ରାଣଘାତୀ ଭୂତାଣୁକୁ ହରାଇ ହେବ। ଗୁରୁବାର ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଟୁଇଟ କରି ଏହା କହିଛନ୍ତି। ଏଥିସହ ଜନଗହଳି ସ୍ଥାନକୁ ନ ଯିବା, ଅନ୍ୟ ସଂସ୍ପର୍ଶରେ ନ ଆସିବା ଓ ଅନ୍ୟଠାରୁ ଦୂରତା ରକ୍ଷା କରିବା ସର୍ବଦା ମାସ୍କ ପିନ୍ଧିବା ସହ କୋଭିଡ୍ ନେଇ ଜାରି ଗାଇଡଲାଇନ୍ ପାଳନ କରିବାକୁ ସେ ପରାମର୍ଶ ଦେଇଛନ୍ତି। ଘରେ ରୁହ ଏବଂ ସୁରକ୍ଷିତ ରୁହ ବୋଲି ଜିଲାପାଳ କହିଛନ୍ତି।

ଜିଲାରେ ଗୁରୁବାର ଆଉ ୨୨ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଫଳରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୫୨୧ରେ ପହଞ୍ଚିଛି। ଅନ୍ୟପକ୍ଷରେ ଜିଲାରେ ଗୁରୁବାର ୧୪ ଜଣ ସୁସ୍ଥ ହୋଇଛନ୍ତି। ବର୍ତ୍ତମାନ ସୁଦ୍ଧା ୩୫୪ ଜଣ ସୁସ୍ଥ ହୋଇଥିବା ବେଳେ ୧୬୪ ସକ୍ରିୟ ପଜିଟିଭ ଥିବା ସୂଚନା ମିଳିଛି। ସେପଟେ କରୋନା ମୁକାବିଲା ପାଇଁ ପଞ୍ଚାୟତସ୍ତରରେ ଆମ ସ୍ୱାସ୍ଥ୍ୟ, ଆମ ଦାୟିତ୍ୱ ତାଲିମ ଆରମ୍ଭ ହୋଇଛି। ପୂର୍ବରୁ ଜିଲା ଓ ବ୍ଲକସ୍ତରରେ ଏହି ତାଲିମ ଦିଆଯାଇଛି। ମାଷ୍ଟର ଟ୍ରେନରମାନେ ପଞ୍ଚାୟତ ସ୍ତରରେ କରୋନା କ'ଣ ଓ କିପରି ମୁକାବିଲା କରାଯିବ ସେ ସମ୍ପର୍କରେ ତାଲିମ ଦେଉଛନ୍ତି। ପ୍ରଥମ ପର୍ଯ୍ୟାୟରେ ୪୦ ହଜାର ମହିଳା ସଂଘ ସଦସ୍ୟା ଓ ସ୍ୱେଚ୍ଛାସେବୀଙ୍କୁ ଏହି ତାଲିମ ଦିଆଯିବ। ସେମାନେ ଜନସାଧାରଣଙ୍କୁ ଏ ସମ୍ପର୍କରେ ସଚେତନ କରିବେ ବୋଲି ଜିଲାପାଳ ଟୁଇଟ କରି ସୂଚନା ଦେଇଛନ୍ତି।

## କନ୍ଧମାଳରେ ସୁସ୍ଥଙ୍କ ସଂଖ୍ୟା ୬

**ଫୁଲବାଣୀ ଅଫିସ, ୪।୬–**କନ୍ଧମାଳ ଜିଲାରେ ବର୍ତ୍ତମାନ ସୁଦ୍ଧା ୨୨ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୬ଜଣ ସୁସ୍ଥ ହେଲେଣି। ୧୬ ସକ୍ରିୟ ପଜିଟିଭ ଚିକିତ୍ସିତ ହେଉଛନ୍ତି। ଜିଲାରେ ପ୍ରଥମ ମହିଳା କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ସୁରଟରୁ ଫେରି ମେ ୧୬ ତାରିଖରେ ସେ ଫିରିଙ୍ଗିଆର ବନ୍ଧଗଡ କ୍ୱାରାଣ୍ଟାଇନ ସେଣ୍ଟରରେ ଥିଲେ। ୨୪ ତାରିଖରେ ସ୍ୱାବ୍ ରିପୋର୍ଟ ପଜିଟିଭ୍ ଆସିବା ପରେ ତାଙ୍କୁ ଭୁବନେଶ୍ୱର କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ସୁସ୍ଥ ହେବା ପରେ ଗୁରୁବାର ଡିସଚାର୍ଜ କରାଯାଇଛି। ଜିଲା ପ୍ରଶାସନ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ଗ୍ରାମକୁ ପଠାଇବା ବ୍ୟବସ୍ଥା କରିଛି। ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ବର୍ତ୍ତମାନ ସୁଦ୍ଧା ବାହାର ରାଜ୍ୟରୁ ୫୧୪୯ ଜଣ ଜିଲାକୁ ଫେରି କ୍ୱାରାଣ୍ଟାଇନରେ ଅଛନ୍ତି। ସେମାନଙ୍କ ମଧ୍ୟରୁ ୧୨୦୧ ଜଣଙ୍କର କ୍ୱାରାଣ୍ଟାଇନ ଅବଧି ଶେଷ ହେବା ଓ ସ୍ୱାବ୍ ରିପୋର୍ଟ ନେଗେଟିଭ୍ ଆସିଥିବାରୁ ଘରକୁ ପଠାଇ ଦିଆଯାଇଛି । ଜିଲାରୁ ଗୁରୁବାର ସୁଦ୍ଧା ୨୫୬୨ଟି ସ୍ୱାବ୍ ନମୁନା ପଣୀକ୍ଷା ପାଇଁ ପଠାଯାଇଥିବା ବେଳେ ସେଥିମଧ୍ୟରୁ ୨୨ ପଜିଟିଭ୍, ୨୨୭୪ ନେଗେଟିଭ୍ ଓ ୫ଟି ଇନଭାଲିଡ୍ ଆସିଛି। ବାକି ୨୬୧ ଜଣଙ୍କର ରିପୋର୍ଟକୁ ଅପେକ୍ଷା କରାଯାଉଛି।

## କଣ୍ଟେନ୍‌ମେଣ୍ଟ ଜୋନ୍ ହେଲା ରୁମାଗଡ଼


ଗାଁ ପ୍ରବେଶପଥକୁ ଆବଦ୍ଧ କରାଯାଇଛି।

**ପୋଲସରା,୪।୬(ଡି.ଏନ୍.ଏ.)**

ଗଞ୍ଜାମ ଜିଲା ପୋଲସରା ବ୍ଲକ ରୁମାଗଡ ଗ୍ରାମକୁ ଗୁରୁବାର କଣ୍ଟେନ୍‌ମେଣ୍ଟ ଜୋନ ଭାବେ ଘୋଷଣା କରିଛି ଜିଲା ପ୍ରଶାସନ। ଉକ୍ତ ଗ୍ରାମରେ ଜଣେ ମହିଳାଙ୍କ କରୋନା ରିପୋର୍ଟ ପଜିଟିଭ ଆସିଥିଲା। ପରେ ସମ୍ପୃକ୍ତ ପରିବାରର ଅନ୍ୟ ୪ ଜଣଙ୍କର ରିପୋର୍ଟ ମଧ ପଜିଟିଭ ଆସିଥିଲା। ଯାହାକୁ ନେଇ ରୁମାଗଡ଼ ଗ୍ରାମକୁ କଣ୍ଟେନ୍‌ମେଣ୍ଟ ଜୋନ ଭାବେ ଘୋଷଣା କରାଯାଇଛି। ଗ୍ରାମର ପ୍ରତ୍ୟେକଟି ପ୍ରବେଶ ପଥକୁ ବୁଧବାର ରାତିରେ ପୋଲିସ ସିଲ୍ କରିଥିଲା। ଗୋଷ୍ଠୀ ସଂକ୍ରମଣକୁ ଦୃଷ୍ଟିରେ ରଖି ରୁମାଗଡ଼ ଗ୍ରାମକୁ କଣ୍ଟେନ୍‌ମେଣ୍ଟ ଜୋନ ଘୋଷଣା କରାଯିବା ପରେ ଜରୁରିକାଳୀନ ସାମଗ୍ରୀ ଯୋଗାଇ ଦେବା ଲାଗି ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିବା ପୋଲସରା ବିଡ଼ିଓ ଶମ୍ଭୁନାଥ ନନ୍ଦୀ ସୂଚନା ଦେଇଛନ୍ତି। ଏଥିସହ ରୁମାଗଡ଼ ପଞ୍ଚାୟତର ଖପରାଗଣ୍ଡା, କନ୍ଧପଲ୍ଲି ଓ ଭାଟଖାଲି ଗ୍ରାମଗୁଡିକୁ ବଫର ଜୋନ ଘୋଷଣା କରାଯିବା ସହ ସମସ୍ତ ଗ୍ରାମକୁ ସତର୍କତା ଅବଲମ୍ବନ ପାଇଁ ଜିଲା ପ୍ରଶାସନ ପକ୍ଷରୁ କଡ଼ା ନିର୍ଦ୍ଦେଶ ଜାରି ହୋଇଛି। ଠିକ୍ ସେହିପରି ମାଳତେନ୍ତୁଳିଆ ପଞ୍ଚାୟତରେ ୩ ପଜିଟିଭ ଚିହ୍ନଟ ହେବା ପରେ ସମ୍ପୃକ୍ତ ପଞ୍ଚାୟତକୁ ମଧ ଗୁରୁବାର ଠାରୁ ୪୮ ଘଣ୍ଟା ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଭାବେ ଶଟ୍‌ଡାଉନ ଘୋଷଣା କରାଯାଇଛି ବୋଲି ବ୍ଲକ ବିଜେଡ଼ି କୋଷାଧକ୍ଷ ପ୍ରତାପ ଚନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

## ମଦ ଦୋକାନ ଷ୍ଟକ୍ ଯାଞ୍ଚ

**ଛତ୍ରପୁର,୪।୬(ଡି.ଏନ୍.ଏ.)**

ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ନିର୍ଦ୍ଦେଶକ୍ରମେ ରାଜସ୍ୱ ଓ ଅବକାରୀ ବିଭାଗ ପକ୍ଷରୁ ଗୁରୁବାର ଛତ୍ରପୁରରେ ଥିବା ସରକାରୀ ଲାଇସେନ୍ସପ୍ରାପ୍ତ ମଦ ଦୋକାନଗୁଡିକର ଷ୍ଟକ ଯାଞ୍ଚ କରାଯାଇଛି। ଏଥିସହ କୋଭିଡ୍–୧୯ ଗାଇଡ୍‌ଲାଇନ ମାନୁଛନ୍ତି କି ନାହିଁ ତାର ଅନୁଧାନ କରାଯାଇଥିଲା। ଲକ୍‌ଡାଉନ ପୂର୍ବରୁ ଦୋକାନ ବନ୍ଦ ରହିଥିଲା ଏବଂ ଦୋକାନ ଖୋଲିବାପରେ କେତେ ପରିମାଣର ମଦ ରହିଛି ତାହା ହିସାବ ରେଜିଷ୍ଟରରେ ଲିପିବଦ୍ଧ କରାଯାଉଛି କି ନାହିଁ ତାହାର ଯାଞ୍ଚ କରାଯାଇଛି। ପ୍ରତ୍ୟେକ ମଦ ଦୋକାନୀ ଯେଉଁ ସବୁ ମଦ ବିକ୍ରି କରିବେ ତାର ୫୦ ପ୍ରତିଶତ ଅର୍ଥ କୋଭିଡ୍ ସେଲ୍‌କୁ ପ୍ରଦାନ କରିବେ। ଜିଲାରେ ସମସ୍ତ ମଦ ଦୋକାନର ଷ୍ଟକ ଯାଞ୍ଚ କରିବାକୁ ଜିଲାପାଳଙ୍କଲ ନିକଟକୁ ଚିଠି ଆସିଛି। ଷ୍ଟକ ଯାଞ୍ଚବେଳେ ଛତ୍ରପୁର ତହସିଲଦାର ନୀଳମାଧବ ଭୋଇ, ଛତ୍ରପୁର ସଦର ଅବକାରୀ ଇନ୍ସପେକ୍ଟର ଦୀପ୍ତିମୟୀ ସାହୁ, ଏସ୍‌ଆଇ ଉମାକାନ୍ତ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ଏସ୍‌ପିଙ୍କ ଅପରାଧ ସମୀକ୍ଷା ବୈଠକ

**ବ୍ରହ୍ମପୁର ଅଫିସ,୪।୬**

ବ୍ରହ୍ମପୁର ପୋଲିସ ଜିଲାସ୍ତରୀୟ ଏକ ସମୀକ୍ଷା ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏସ୍‌ପି ପିନାକ ମିଶ୍ର ଅଧକ୍ଷତା କରିଥିଲେ। ଜିଲାରେ ଅପରାଧ କମାଇବା ଦିଗରେ ସମସ୍ତ ପୋଲିସ ଅଧିକାରୀ ଧ୍ୟାନ ଦେବାକୁ ସେ ପରାମର୍ଶ ଦେଇଥିଲେ। ଏଥିସହ ଲୋକଙ୍କ ବିଶ୍ୱାସଭାଜନ ହେବା ଓ ଥାନାକୁ ଅଭିଯୋଗ କରିବାକୁ ଆସୁଥିବା ମହିଳା ଓ ଶିଶୁମାନଙ୍କୁ ପ୍ରାଧାନ୍ୟ ଦେବାକୁ କହିଥିଲେ। ଜିଲାରେ କରୋନା ସଂକ୍ରମଣ ସଂଖ୍ୟା ବଢ଼ି ଚାଲିଛି। ରାଜ୍ୟ ସରକାର ଜୁନ ମାସର ପ୍ରତ୍ୟେକ ଶନିବାର ଓ ରବିବାର ଶଟ୍ ଡାଉନ ଘୋଷଣା କରିଛନ୍ତି। ତେଣୁ ଲୋକେ ଯେଭଳି ଶଟ୍‌ଡାଉନ୍‌ରେ ଘରୁ ନ ବାହାରିବେ ସେ ନେଇ ଉତ୍ତମ ବୁଝାମଣା କରିବାକୁ ଏସ୍‌ପି ପରାମର୍ଶ ଦେଇଥିଲେ। ବୈଠକରେ ଅତିରିକ୍ତ ଏସପି ପ୍ରଭାତ ରାଉତରାୟ, ପ୍ରଶାନ୍ତ କୁମାର ମିଶ୍ର, ବ୍ରହ୍ମପୁର ଏସଡିପିଓ ବିଷ୍ଣୁପ୍ରସାଦ ପତି, ସଦର ଏସଡିପିଓ ଜୟନ୍ତ ମହାପାତ୍ର, ଡିଏସପି (ଏଚଆରପିସି) ନିରଞ୍ଜନ ଧୀର, ଡିଏସପି କ୍ରାଇମ ରାମକୃଷ୍ଣ ପତି, ଡିଏସପି ଟ୍ରାଫିକ ସାର୍ଥକ ରାୟ ସମେତ ସମସ୍ତ ଥାନାଧିକାରୀ ଉପସ୍ଥିତ ଥିଲେ।

## ୨୪ ଘଣ୍ଟାରେ ୪୧ ହଜାର ଜରିମାନା ଆଦାୟ

**ଛତ୍ରପୁର,୪।୬(ଡି.ଏନ.ଏ.)**

**ମାସ୍କ ପିନ୍ଧି ନ ଥିଲେ ଧରୁଛି ପୋଲିସ**

କରୋନା ପାଇଁ ଜାରି ଲକ୍‌ଡାଉନର ନୂଆ ନିୟମକୁ କଡ଼ାକଡ଼ି ପାଳନ ନେଇ ଗଞ୍ଜାମ ପୋଲିସର ଏନ୍‌ଫୋର୍ସମେଣ୍ଟ ଜାରି ରହିଛି। କୋଭିଡ୍ ଗାଇଡ ଲାଇନ୍ ଉଲ୍ଲଂଘନ, ମାସ୍କ ନ ପିନ୍ଧିବା, ସାମାଜିକ ଦୂରତା ରକ୍ଷା କରାଯାଇ ନ ଥିଲେ ଜରିମାନା ଆଦାୟ ସହ ଥାନାରେ ମାମଲା ରୁଜୁ କରାଯାଉଛି। ନିୟମ ଉଲ୍ଲଂଘନକାରୀଙ୍କ ଗାଡି ଜବତ କରାଯିବା ସହ ସେମାନଙ୍କୁ ଗିରଫ କରିବାକୁ ସମସ୍ତ ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ମାସ୍କ ନ ପିନ୍ଧି ଥିବା ଲୋକଙ୍କୁ ବିଭିନ୍ନ ଥାନା ପକ୍ଷରୁ ଧରାଯାଇ ୨୪ ଘଣ୍ଟା ମଧ୍ୟରେ ୪୧,୬୦୦ ଟଙ୍କା ଜରିମାନା ଆଦାୟ ହୋଇଥିବା ଗୁରୁବାର ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରଏ ଟୁଇଟ କରି ସୂଚନା ଦେଇଛନ୍ତି । କୌଣସି ସୂଚନା ଦେବା କିମ୍ବା ସୂଚନା ପାଇବା ପାଇଁ ୦୬୮୧୧–୨୬୩୩୬୦ କିମ୍ବା ୧୦୦ ନମ୍ବରରେ ଫୋନ କରିବାକୁ କୁହାଯାଇଛି । ଏଥିସହ ଟୁଇଟର ଏସ୍‌ପି ଗଞ୍ଜାମ ଏବଂ ଫେସବୁକ ଏସ୍‌ପି ଗଞ୍ଜାମ ଛତ୍ରପୁରରେ ମଧ ଜଣାଇବାକୁ ପରାମର୍ଶ ଦିଆଯାଇଛି । ସାମାଜିକ ଦୂରତ୍ୱକୁ ସର୍ବଦା ଗୁରୁତ୍ୱ ଦେବା, ଜନଗହଳି ଠାରୁ ଦୁରେଇ ରହିବାକୁ ଏସ୍‌ପି ପରାମର୍ଶ ଦେଇଛନ୍ତି।

## ସଙ୍ଗରୋଧ କେନ୍ଦ୍ରରୁ ଫେରିଲେ ୧୭୮ ପ୍ରବାସୀ


ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରୀ ଦଳ ପହଞ୍ଚି ପ୍ରବାସୀଙ୍କ ସ୍ୱାସ୍ଥ୍ୟପରୀକ୍ଷା କରୁଛନ୍ତି।

**ଦାରିଙ୍ଗବାଡ଼ି,୪।୬(ଡି.ଏନ୍.ଏ.)**

■ନିୟମିତ କରାଯାଉଛି ସ୍ୱାସ୍ଥ୍ୟପରୀକ୍ଷା
■ପ୍ରବାସୀଙ୍କ ପାଇଁ ମିଳୁନାହାନ୍ତି ରୋଷେୟା

ଦାରିଙ୍ଗବାଡ଼ି ବ୍ଲକ ଅଞ୍ଚଳରେ ରହିଥିବା ସଙ୍ଗରୋଧ କେନ୍ଦ୍ରରୁ ଅଦ୍ୟାବଧି ୧୭୮ ପ୍ରବାସୀ ଘରକୁ ଫେରିଛନ୍ତି। ଏବେ ଆହୁରୀ ୫୬୫ ଜଣ ୯ଟି ସଙ୍ଗରୋଧ କେନ୍ଦ୍ରରେ ରହିଛନ୍ତି। ସରକାରୀ ତାଲିକା ପ୍ରକାରେ ସେମାନଙ୍କୁ ଖାଦ୍ୟ ଦିଆଯାଉଛି। ନିୟମିତ ସ୍ୱାସ୍ଥ୍ୟପରୀକ୍ଷା କରାଯାଉଥିବା ଭ୍ରାମ୍ୟମାଣ ଡାକ୍ତରୀ ଦଳର ଡାକ୍ତର ଅମ୍ବିକାପ୍ରସାଦ ଶତପଥୀ କହିଛନ୍ତି। ନିୟମିତ ପ୍ରବାସୀ ଫେରୁଥିବାବେଳେ ସେମାନଙ୍କୁ ରୋଷେଇ କରି ଖାଇବାକୁ ଦେବାକୁ ରୋଷେୟା ମିଳୁନାହାନ୍ତି। କେତେକ କେନ୍ଦ୍ରକୁ ଜାଗୃତି ପକ୍ଷରୁ ଓ ଆଉ କେତେକ କେନ୍ଦ୍ରକୁ ହୋଟେଲରୁ ଖାଦ୍ୟ ଦିଆଯାଉଥିବା ପ୍ରଶାସନ ସୂଚନା ଦେଇଛି। କେନ୍ଦ୍ରରେ ରୋଷେଇ କରିବାକୁ ଲୋକେ ରାଜି ହେଉ ନ ଥିବା ବିଡିଓ ଜଗଦୀଶ ଷଡଙ୍ଗୀ କହିଛନ୍ତି।

## ଅମାନିଆ ଗଣିଲେ ୨୫ହଜାର ଜରିମାନା

**ବୁଗୁଡା,୪।୬(ଡି.ଏନ.ଏ.)**

ଗଞ୍ଜାମରେ ସନ୍ଧ୍ୟା ୮ଟାରୁ ପରଦିନ ସକାଳ ୭ଟା ପର୍ଯ୍ୟନ୍ତ କର୍ଫ୍ୟୁ ବଳବତ୍ତର ଥିବାବେଳେ ଗୁରୁବାର ସକାଳୁ ସକାଳୁ କେତେକ ଅମାନିଆ ଦୋକାନୀ ଦୋକାନ ଖୋଲି ବ୍ୟବସାୟ ଚଳାଇଥିଲେ। ବୁଗୁଡ଼ା ତହସିଲଦାର ସଂଗ୍ରାମ କେଶରୀ ଜେନା, ଏନ୍‌ଏସି ନିର୍ବାହୀ ଅଧିକାରୀ ରଶ୍ମିରଞ୍ଜନ ଦାଶ ଏବଂ ପୋଲିସ ଫୋର୍ସ ଗୁରୁବାର ସକାଳ ୬ଟାରୁ ସହରର ମଦନମୋହନ ଛକ, ଷୋହଳ ମାଇଲି, ବଡ଼ଶଙ୍ଖ ଆଦି ସ୍ଥାନରେ ଚଢ଼ାଉ କରି ଅମାନିଆ ଦୋକାନୀ, ସାମାଜିକ ଦୂରତା ଭଙ୍ଗକାରୀ, ମାସ୍କ ପିନ୍ଧି ନଥିବା, ବେନିୟମ ବାଇକ ଚାଳକଙ୍କ ଠାରୁ ୨୫ ହଜାର ଟଙ୍କା ଜରିମାନା ଆଦାୟ କରିଥିବା ଜଣାପଡ଼ିଛି। ଏଥିସହ ପ୍ରଶାସନ ପକ୍ଷରୁ ଲକ୍‌ଡାଉନର ସମସ୍ତ ନିୟମ ମାନି ଚଳିବାକୁ ସଚେତନ କରାଯାଇଥିଲା।

## ତାମିଲନାଡୁ, କେରଳରୁ ଫେରିଲେ ୧୩୬


ସଙ୍ଗରୋଧ କେନ୍ଦ୍ରରେ ପ୍ରବାସୀ ଓଡ଼ିଆ।

**ଶଙ୍କରାଖୋଲ,୪।୬(ଡି.ଏନ୍.ଏ.)**

ତାମିଲନାଡୁ, କେରଳରୁ ୧୩୬ ପ୍ରବାସୀ ଓଡ଼ିଆ ଗୁରୁବାର କନ୍ଧମାଳ ଫେରିଛନ୍ତି। ବ୍ରହ୍ମପୁରରେ ଟ୍ରେନରୁ ଓହ୍ଲାଇ ବସ୍ ଯୋଗେ ଜିଲାକୁ ଆସିଛନ୍ତି। ଏମାନେ ଦାରିଙ୍ଗବାଡି, ଟିକାବାଲି, ଜି.ଉଦୟଗିରି, ରାଇକିଆ, ଚକାପାଦ ଆଦି ଅଞ୍ଚଳର ବୋଲି ଜଣାପଡିଛି। ଚକାପାଦ ବ୍ଲକ ଶଙ୍କରାଖୋଲ ହାଇସ୍କୁଲ ହାଇସ୍କୁଲ ସଙ୍ଗରୋଧ କେନ୍ଦ୍ରରେ ୫୧ଜଣ, ଶଙ୍କରାଖୋଲ କଲେଜ ସଙ୍ଗରୋଧରେ ୭୬ ଜଣ ଓ ୯ଜଣ ମହିଳାଙ୍କୁ ଆରାବାକା ପଞ୍ଚାୟତ କାବାଲାଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସଙ୍ଗରୋଧ କେନ୍ଦ୍ରରେ ରଖାଯାଇଛି। ବ୍ରାହ୍ମଣପାଦ ଡାକ୍ତରୀ ଟିମ୍ ପହଞ୍ଚି ସମସ୍ତ ପ୍ରବାସୀଙ୍କ ଥର୍ମାଲ ସ୍କ୍ରିନିଂ କରିଥିଲେ। ନୋଡାଲ ଅଫିସର ବୈରାଗୀ ଚରଣ ପ୍ରଧାନ ଓ କାମାକ୍ଷୀ ମହାପାତ୍ର କେନ୍ଦ୍ର ପରିଚାଳନା କରୁଥିବାବେଳେ ସରପଞ୍ଚ ଚିତ୍ର କହଁର, ସହକାରୀ ଯନ୍ତ୍ରୀ ପଞ୍ଚୁ ବେହେରା, ବିଡିଓ ଅନିଲ କୁମାର ପଟ୍ଟନାୟକ ତଦାରଖ କରୁଛନ୍ତି।

## ଲକ୍‌ଡାଉନ୍ ନିୟମ ଉଲ୍ଲଂଘନ ଦୋକାନ୍ ସିଲ୍

**ଛତ୍ରପୁର,୪।୬(ଡି.ଏନ୍.ଏ.)**

ଛତ୍ରପୁର ଏନ୍‌ଏସି ପକ୍ଷରୁ ସହରରେ ଲକ୍‌ଡାଉନ୍ ନିୟମ ଗୁରୁବାର କଡାକଡି ଯାଞ୍ଚ କରାଯାଇଥିଲା। ଅପର ବସ୍‌ଷ୍ଟାଣ୍ଡରେ ଥିବା ଏକ ଲୁହା ଦୋକାନକୁ କୋଭିଡ୍ ନିୟମ ଉଲ୍ଲଂଘନ ଅଭିଯୋଗରେ ସିଲ୍ କରାଯିବା ସହ ଏକ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ସେହିପରି ଏକ ଦୋକାନୀ ବିନା ମାସ୍କରେ ଗ୍ରାହକଙ୍କୁ ସାମଗ୍ରୀ ଦେଉଥିବାରୁ ତାଙ୍କ ଠାରୁ ୫ଶହ ଟଙ୍କା ଏବଂ ବିନା ମାସ୍କରେ ବୁଲୁଥିବା ୧୭ଜଣଙ୍କ ଠାରୁ ୨ଶହ ଟଙ୍କା ଲେଖାଏଁ ମୋଟ ୩୪ଶହ ଟଙ୍କା ଆଦାୟ କରାଯାଇଛି। ଏନ୍‌ଏସି ନିର୍ବାହୀ ଅଧିକାରୀ ଏନ୍. ଗଣେଶ ବାବୁ, ଅତିରିକ୍ତ ତହସିଲଦାର ଯସ୍ମିନ ପ୍ରଧାନ, ଗୌରହରି ପଣ୍ଡା, ଏସ୍. ଦାଲେୟାଙ୍କ ସମେତ ଏନ୍‌ଏସି କର୍ମଚାରୀ ଚଢ଼ାଉବେଳେ ଉପସ୍ଥିତ ଥିଲେ। ନିୟମ ନ ମାନିଲେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ କହିଛନ୍ତି।

## ସଙ୍ଗରୋଧ କେନ୍ଦ୍ରରେ ପାଣି ସମସ୍ୟା

**ବୁଗୁଡ଼ା,୪।୬(ଡି.ଏନ.ଏ.)**

ବୁଗୁଡ଼ା ବ୍ଲକ ପୋଚାଲୁଣ୍ଡି ମା' କାଳୀ କୃଷକ ବିଦ୍ୟାପୀଠ ସଙ୍ଗରୋଧ କେନ୍ଦ୍ରରେ ବୁଧବାର ଅପରାହ୍ନରୁ ଗୁରୁବାର ସକାଳ ୮ଟା ପର୍ଯ୍ୟନ୍ତ ପାଣି ସମସ୍ୟା ଲାଗି ରହିଥିଲା। ଅନ୍ତେବାସୀମାନେ ଭିଡିଓ ମାଧ୍ୟମରେ ଏ ନେଇ ଅଭିଯୋଗ କରିଥିଲେ। ଉକ୍ତ କେନ୍ଦ୍ରରେ ୬୩ ଜଣ ରହୁଛନ୍ତି। ଗୋଟିଏ ନଳକୂଅ ସହ ପାଇପ ପାଣି ବ୍ୟବସ୍ଥା ଅଛି। ପାଇପରେ ପାଣି ନ ଆସିବାରୁ ଅନ୍ତେବାସୀ ହଇରାଣ ହୋଇଥିଲେ। ଏନେଇ ପ୍ରଶାସନ ଓ ସ୍ଥାନୀୟ ସରପଞ୍ଚଙ୍କ ନିକଟରେ ଅଭିଯୋଗ କରିଥିଲେ। ତହସିଲଦାର ସଂଗ୍ରାମ କେଶରୀ ଜେନା ପହଞ୍ଚି ବୁଝାସୁଝା କରିବା ସହ ୩୧ ମହିଳାଙ୍କୁ ପୋଚାଲୁଣ୍ଡି ପ୍ରାଥମିକ ବିଦ୍ୟାଳୟ ସଙ୍ଗରୋଧ କେନ୍ଦ୍ରକୁ ପଠାଇବାରୁ ସମସ୍ୟା ସମାଧାନ ହୋଇଛି।

# ବସ୍ ବ୍ୟବସ୍ଥା ଦାବିରେ ରାଜପଥ ଅବରୋଧ

**ଗୋପାଳପୁର,୪।୬**

ଲକ୍‌ଡାଉନ ଯୋଗୁ ଫସି ରହିଥିବା ଜିଲା ଓ ଜିଲା ବାହାରର ଶ୍ରମିକମାନେ ନିଜ ଖର୍ଚ୍ଚରେ ବସ୍ ଯୋଗେ ଘରକୁ ଫେରିପାରିବେ ବୋଲି ପ୍ରଶାସନ ପକ୍ଷରୁ ଘୋଷଣା ହୋଇଥିଲା। ତେଣୁ ଗୁରୁବାର ସକାଳୁ ରଙ୍ଗେଇଲୁଣ୍ଡା ବ୍ଲକ ହଳଦିଆପଦର ବସଷ୍ଟାଣ୍ଡଠାରେ ୩୦୦ରୁ ଉର୍ଦ୍ଧ୍ୱ ଲୋକଙ୍କ ଭିଡ଼ ହୋଇଥିଲା। ପାଖରେ ବସ୍ ଭଡ଼ା ଦେବା ପାଇଁ ଟଙ୍କା ନ ଥିବାରୁ ଶ୍ରମିକମାନେ ୧୬ନଂ ଜାତୀୟ ରାଜପଥ କରି ପ୍ରଶାସନ ମାଗଣାରେ ବସ୍ ବ୍ୟବସ୍ଥା କରୁ ବୋଲି ଦାବି କରିଥିଲେ। ରାଜପଇ ଅବରୋଧ ଖବରପାଇ କନିଷ୍ଠ ତହସିଲଦାର ରାଜ କିଶୋର ଜେନା, ଅତିରିକ୍ତ ତହସିଲଦାର ମନୋଜ ପ୍ରଭାକର କୁଞ୍ଜୁର ଓ ଗୋଳନ୍ଥରା ଥାନା ପୋଲିସ ସେଠାରେ ପହଞ୍ଚି ବୁଝାଶୁଝା କରିବା ପରେ ରାସ୍ତା ଅବରୋଧ ହଟିଥିଲା। ପରେ ପ୍ରଶାସନ ପକ୍ଷରୁ ଜିଲାର ବିଭିନ୍ନ ଅଞ୍ଚଳର ୨୨୦ ଜଣ ଓ ଗଜପତି, ବଲାଙ୍ଗୀର, ରାୟଗଡ଼ା, କୋରାପୁଟ, ନବରଙ୍ଗପୁର ଆଦି ଜିଲାର ୧୦୦ରୁ ଉର୍ଦ୍ଧ୍ୱ ଶ୍ରମିକଙ୍କୁ ବସ ଯୋଗେ ପଠାଯାଇଥିବା ଜଣାପଡିଛି।


୧୬ନଂ ଜାତୀୟ ରାଜପଥ ଅବରୋଧ କରାଯାଇଛି।

**ପ୍ରଶାସନର ହସ୍ତକ୍ଷେପ ପରେ ହଟିଲା**

## ସଂକ୍ଷେପରେ

### ଠେଙ୍ଗାରେ ପିଟି ଯୁବକଙ୍କୁ ହତ୍ୟା

କୁଆଁରମୁଣ୍ଡା, ୪।୬(ଡି.ଏନ.ଏ.): ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ଥାନା ଅନ୍ତର୍ଗତ ତଳସେରା ଗ୍ରାମର ଜଣେ ଯୁବକଙ୍କୁ ବୁଧବାର ରାତିରେ ଠେଙ୍ଗାରେ ପିଟି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମୃତକ ହେଲେ ସେହି ଗାଁର ପ୍ରହ୍ଲାଦ ଲାଖୁଆ (୪୩)। ପୋଲିସ ହତ୍ୟାକାଣ୍ଡରେ ବ୍ୟବହୃତ ଠେଙ୍ଗା ଓ ମୃତଦେହକୁ ଜବତ କରିଛି। ଅଭିଯୁକ୍ତ ସରଞ୍ଜିତ ପ୍ରଧାନ(୪୦)ଙ୍କୁ ଗିରଫ କରାଯାଇଛି। ମୃତକଙ୍କ ପୁଅ ସନ୍ତୋଷ ଲାଖୁଆ ଗୁରୁବାର ଏ ନେଇ ବୀରମିତ୍ରପୁର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ଦଫା ୩୦୨ରେ ଏକ ମାମଲା (ନଂ.୬୭/୨୦) ରୁଜୁ କରାଯାଇଥିବା ଥାନା ଆଇଆଇସି ଆନନ୍ଦ ଚନ୍ଦ୍ର ମାଝି କହିଛନ୍ତି। ହତ୍ୟାକାଣ୍ଡର କାରଣ ଜଣାପଡିନାହିଁ।

### ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବାଳକର ମୃତ୍ୟୁ

କର୍ଲାମୁଣ୍ଡା, ୪।୬(ଡି.ଏନ.ଏ.): କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଅନ୍ତର୍ଗତ ରେଗଡା ଆଦର୍ଶ ବିଦ୍ୟାଳୟସ୍ଥିତ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର(ଟିଏମ୍‌ସି)ରେ ରହୁଥିବା ଜଣେ ୮ ବର୍ଷୀୟ ବାଳକର ମୃତ୍ୟୁ ଘଟିଛି। ୧୦ ଦିନ ତଳେ ତେଲଙ୍ଗାନାରୁ ଉକ୍ତ ବାଳକ ଜଣକ ତାଙ୍କ ମାତାପିତଙ୍କ ସହ ଆସି ସେଠାରେ ରହୁଥିଲେ। ବୁଧବାର ସନ୍ଧ୍ୟା ୫ଟାରେ ବାଳକ ସମେତ ଅନ୍ୟ ୪ ଅନ୍ତେବାସୀ ଜ୍ୱର ଓ ଝାଡାରେ ଆକ୍ରାନ୍ତ ହୋଇଥିଲେ। ଖବର ପାଇ ବିଡିଓ ପ୍ରିୟଦର୍ଶିନୀ ମିର୍ଦ୍ଧା, ତହସିଲଦାର ବାସନ୍ତୀ ସେଠୀ ଓ କର୍ଲାମୁଣ୍ଡା ସିଏଚ୍‌ସିର ମେଡିକାଲ ଟିମ୍ ସିଏମ୍‌ସିରେ ପହଞ୍ଚିଥିଲେ। ସେମାନଙ୍କୁ ସେଠାରେ ପ୍ରାଥମିକ ଚିକିତ୍ସା ପରେ ଭବାନୀପାଟଣା ଜିଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଉକ୍ତ ବାଳକର ମୃତ୍ୟୁ ଘଟିଥିଲା। ବିଳମ୍ବିତ ରାତିରେ ମୃତଦେହ ଅଣାଯାଇ ରେଗଡାଠାରେ ଦାହ କରାଯାଇଥିଲା।

### ସୁନ୍ଦରଗଡ଼ରେ ପୁଣି ୫ କରୋନା ରୋଗୀ ଚିହ୍ନଟ

ସୁନ୍ଦରଗଡ଼,୪।୬(ଡି.ଏନ୍.ଏ.): ସୁନ୍ଦରଗଡ଼ ଜିଲାରେ ପୁଣି ୫ କରୋନା ରୋଗୀ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୭୨ରେ ପହଞ୍ଚିଛି । ଚିହ୍ନଟ ୫ ଆକ୍ରାନ୍ତ ହୋମ୍ କ୍ୱାରେଣ୍ଟାଇନ୍ ଥିଲେ । ସେମାନଙ୍କ ମଧ୍ୟରୁ ଜଣେ ମହାରାଷ୍ଟ୍ର ଫେରନ୍ତା । ତାଙ୍କ ଘର ବିଶ୍ରା ଚେକ୍‌ଗେଟ୍ ଅଞ୍ଚଳରେ । ଅନ୍ୟ ୪ଜଣ ରାଉରକେଲା ହାସନପୁର ଅଞ୍ଚଳର । ଏହି ୫ ଜଣଙ୍କ ମଧ୍ୟରୁ ଜଣେ ମହିଳା ଓ ୪ଜଣ ପୁରୁଷ ଅଛନ୍ତି। ସମସ୍ତଙ୍କୁ ରାଉରକେଲା କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି ।

### ବ୍ରାଉନ ସୁଗାର ଜବତ, ୨ଗିରଫ

ବରଗଡ଼ ଅଫିସ୍/ସୋହେଲା,୪।୬: ବରଗଡ଼ ଜିଲା ସୋହେଲା ଥାନା ପୋଲିସ ବୁଧବାର ସନ୍ଧ୍ୟାରେ ୨୩ଗ୍ରାମ ୩୭୦ ମିଲିଗ୍ରାମ ବ୍ରାଉନ ସୁଗର ଜବତ୍ କରିଛି । ଏହା ସହିତ ଏଥିରେ ସମ୍ପୃକ୍ତ ୨ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବରଗଡ଼ ଟାଉନ ଥାନା ଅନ୍ତର୍ଗତ ଖଜୁରଟିକ୍ରାର ଅର୍ସଦ ଓରଫ ରାଜା ଖାନ୍ ଏବଂ ସୋହେଲା ଥାନା ଅନ୍ତର୍ଗତ ବିନ୍ଧାନପାଲିର ବିକ୍ରମ ସାହୁ(୨୮)। ଗୁରୁବାର ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି । ଅଭିଯୁକ୍ତମାନେ ରାୟପୁର ପଟୁ ବରଗଡ଼କୁ ଏକ ବାଇକ୍(ନଂ- ସିଜି୧୩ୟୁଜି୨୧୦୨) ଯୋଗେ ତାହା ଧରି ଆସୁଥିବାବେଳେ ଲୁହୁରାଟଟି ନିକଟରେ ପୋଲିସ ସେମାନଙ୍କୁ ଗିରଫ କରିଥିଲା ।

# ରେଢ଼ାଖୋଲ ବିଦ୍ୟୁତ୍ କର୍ମଚାରୀଙ୍କ ଧାରଣା

ନାକଟୀଦେଉଳ, ୪।୬ (ଡି.ଏନ.ଏ.)

ସମ୍ବଲପୁର ଜିଲା ନାକଟୀଦେଉଳ ୱେସ୍କୋ ବିଦ୍ୟୁତ୍ ଗ୍ରୀଡ୍ ସବଷ୍ଟେଶନ ପରେ ରେଢ଼ାଖୋଲ ଉପଖଣ୍ଡ ବିଦ୍ୟୁତ୍ ବିଭାଗ କର୍ମଚାରୀମାନେ ବିଭିନ୍ନ ଦାବି ନେଇ ଗୁରୁବାର ସକାଳ ୮ଟାରୁ ସନ୍ଧ୍ୟା ପର୍ଯ୍ୟନ୍ତ ଧାରଣା ବସିଛନ୍ତି । ହୀରାଖଣ୍ଡ ବିଦ୍ୟୁତ କର୍ମଚାରୀ ସଂଘ ରେଢ଼ାଖୋଲ ଉପଖଣ୍ଡ ଶାଖା ପକ୍ଷରୁ ଉପଜିଲାପାଳଙ୍କ ଜରିଆରେ ବିଭାଗୀୟ ଅଧିକାରୀମାନଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ତଥାପି କର୍ମଚାରୀଙ୍କ ଦାବି ପୂରଣ ନ ହେବାରୁ ଏହାର ପ୍ରତିବାଦରେ ସଂଘ ପକ୍ଷରୁ ଧାରଣା ଆରମ୍ଭ ହୋଇଛି।

ରେଢ଼ାଖୋଲ ଉପଖଣ୍ଡ ୱେସ୍କୋ ୟୁଟିଲିଟିର ବିଦ୍ୟୁତ୍ କର୍ମଚାରୀମାନେ ଗତ ୨ ବର୍ଷ ହେଲା ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇ ଆସୁଛନ୍ତି । ଉକ୍ତ ବିଦ୍ୟୁତ୍ ଉପଖଣ୍ଡ ଅଧୀନରେ ନାକଟୀଦେଉଳ, ରେଢ଼ାଖୋଲ ଏବଂ ଯୁଯୁମୁରା ବ୍ଲକର ହାତୀବାରିଠାରେ ସବ୍‌ଷ୍ଟେଶନ ରହିଛି । ଉପରୋକ୍ତ ସବଷ୍ଟେଶନରେ ପ୍ରାୟ ୫୦ ହଜାରରୁ ଅଧିକ ଉପଭୋକ୍ତା ଅଛନ୍ତି। ସେମାନଙ୍କୁ ମାତ୍ର ୧୪ ଜଣ ସ୍ଥାୟୀ କର୍ମଚାରୀ ସେବା ଯୋଗାଇ ଦେଇ ଆସୁଛନ୍ତି । ଏପରିକି ରେଢ଼ାଖୋଲ ଏନଏସି ଅଞ୍ଚଳରେ ମାତ୍ର ୨ଜଣ ସ୍ଥାୟୀ କର୍ମଚାରୀ ଅଛନ୍ତି । ଓଇଆରସି ନିୟମ ଅନୁସାରେ ପ୍ରତି ୭ ଶହ ଉପଭୋକ୍ତାରେ ଜଣେ ଲାଇନ ମ୍ୟାନ ଏବଂ ୨ ଜଣ ହେଲପର ରହିବା କଥା । କିନ୍ତୁ ରେଢ଼ାଖୋଲ ଉପଖଣ୍ଡ ବିଦ୍ୟୁତ୍ କାର୍ଯ୍ୟାଳୟରେ ୮୧ ଜଣ କର୍ମଚାରୀ ରହିବା କଥା । ହେଲେ ୧୪ ଜଣ କର୍ମଚାରୀ କାମ କରୁଛନ୍ତି। ଅଳ୍ପ ସଂଖ୍ୟକ କର୍ମଚାରୀରେ ଉପଭୋକ୍ତାଙ୍କୁ ସେବା ଯୋଗାଇବା ସମ୍ଭବ ନୁହେଁ ବୋଲି ସଂଘ ନିଜ ଦାବିପତ୍ରରେ ଦର୍ଶାଇଛନ୍ତି । କରୋନା କଟକଣା ସମୟରେ ଏହି କର୍ମଚାରୀମାନେ ଦିନରାତି କାମ କରିବା ସମ୍ଭବ ହୋଇପାରୁ ନାହିଁ । ଏ ସଂକ୍ରାନ୍ତରେ ବିଭାଗୀୟ ଅଧିକାରୀମାନେ ଆବଶ୍ୟକ କର୍ମଚାରୀ ନିଯୁକ୍ତି ଉପରେ ଗୁରୁତ୍ୱ ଦିଅନ୍ତୁ ବୋଲି ସଂଘ ଦାବି କରିଛି । ଅଶ୍ୱିନୀ କୁମାର ଦେହୁରୀ, ଧନେଶ୍ୱର ମଲ୍ଲିକ, ଅଶୋକ କୁମାର ମଲ୍ଲିକ, ଜୟମଙ୍ଗଳ ଝା, ଶୁକଦେବ ପ୍ରଧାନ, ସଚ୍ଚିଦାନନ୍ଦ ସାହୁ, ବିଶ୍ୱମ୍ଭର ସିଂ, ମନୋରଞ୍ଜନ ବିଶ୍ୱାଳ, ଯୁଗଳ କିଶୋର ଥାପା, ମାନସରଞ୍ଜନ ପାଲ ଏବଂ ଅଜୟ ସାହୁ ପ୍ରମୁଖ ୱେସ୍କୋ ବିରୋଧି ବିଭିନ୍ନ ସ୍ଲୋଗାନ ମାନ ଦେଇ ଧାରଣାରେ ବସିଛନ୍ତି ।


ବିଦ୍ୟୁତ୍ କର୍ମଚାରୀମାନେ ଧାରଣା ଦେଇଛନ୍ତି ।

# କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧୨ରେ ପହଞ୍ଚିଲା

ବରଗଡ଼ ଅଫିସ୍,୪।୬

ବରଗଡ଼ ଜିଲାରେ ଗୁରୁବାର ଆଉ ଜଣେ ନୂଆ କରୋନା (କୋଭିଡ୍-୧୯) ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଫଳରେ ଜିଲାରେ କରୋନା ପଜିଟିଭ ସଂଖ୍ୟା ୧୨ରେ ପହଞ୍ଚିଛି। ଆକ୍ରାନ୍ତ ଜଣକ ବିଜେପୁର ଗଣ୍ଡିଆପାଲି ସଙ୍ଗରୋଧ କେନ୍ଦ୍ରରେ ରହୁଥିଲେ ଏବଂ ତାମିଲନାଡୁ ଫେରନ୍ତା ବୋଲି ବରଗଡ଼ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି। ପଜିଟିଭ ଚିହ୍ନଟ ପରେ ଗଣ୍ଡିଆପାଲି ଗ୍ରାମକୁ କଣ୍ଟେନମେଣ୍ଟ ଜୋନ୍ ଭାବେ ଘୋଷଣା କରାଯାଇଛି । ସେହିପରି ପାର୍ଶ୍ୱବର୍ତ୍ତୀ ବାଦିପାଲି, ବାରକାନୀ, କଟାପାଲି ଗ୍ରାମକୁ ବଫର ଜୋନ ଘୋଷଣା କରାଯାଇଛି । କଣ୍ଟେନମେଣ୍ଟ ଅଞ୍ଚଳରେ ଅତ୍ୟାବଶ୍ୟକୀୟ ସାମଗ୍ରୀ ଯୋଗାଇବା ପାଇଁ ଆବଶ୍ୟକ ପଦକ୍ଷେପ ନିଆଯାଇଛି ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ରାପିଡ୍ ରେସପନ୍ସ ଟିମ୍ ଦ୍ୱାରା ସର୍ଭେ କରାଯାଇ କଣ୍ଟାକ୍ଟ ଟ୍ରେସିଂ ଜାରି ରହିଥିବାବେଳେ ସଂକ୍ରମିତ ଜଣଙ୍କୁ ବରଗଡ଼ର କୋଭିଡ୍ କେୟାର ସେଣ୍ଟରକୁ ପଠାଇ ଦିଆଯାଇଛି। ଅନ୍ୟପଟେ ପୂର୍ବରୁ ଚିହ୍ନଟ ହୋଇଥିବା ବରଗଡ଼ ପୌର ପରିଷଦ ଅନ୍ତର୍ଗତ ୱାର୍ଡ଼ ନଂ-୧୪ ଏବଂ ବରପାଲି ବ୍ଲକ ବାରଗୁଡ଼ା ଅଞ୍ଚଳର ୨ସଂକ୍ରମିତ ସୁସ୍ଥ ହୋଇ ଫେରିଛନ୍ତି । ସେମାନଙ୍କ ମଧ୍ୟରୁ ୱାର୍ଡ଼ ନଂ-୧୪ର ବାସିନ୍ଦା ଜଣକ ସ୍ଥାନୀୟ କୋଭିଡ୍ କେୟାର ହସ୍‌ପିଟାଲ ଏବଂ ବାରଗୁଡ଼ାର ବାସିନ୍ଦା ଜଣକ ଡାକ୍ତରଙ୍କ ପରାମର୍ଶକ୍ରମେ କ୍ୱାରାଣ୍ଟାଇନରେ ରହିଥିବା ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶ ସୂଚନା ଦେଇଛନ୍ତି । ପ୍ରକାଶଥାଉକି, ବର୍ତ୍ତମାନ ସୁଦ୍ଧା ଚିହ୍ନଟ ହୋଇଥିବା ୧୨ ସଂକ୍ରମିତଙ୍କ ମଧ୍ୟରେ ଭେଡ଼େନ ଓ ବିଜେପୁର ବ୍ଲକରେ ୪ଜଣ ଲେଖାଏଁ ରହିଥିବାବେଳେ ଭଟଲି ବ୍ଲକର ୨ଜଣ ଏବଂ ବରଗଡ଼ ସହରର ବରପାଲି ବ୍ଲକର ଜଣେ ଲେଖାଏଁ ସଂକ୍ରମିତ ଅଛନ୍ତି ।

# ସୀମିତ ସେବାୟତରେ ହେବ ସ୍ନାନଯାତ୍ରା

ବୌଦ୍ଧ,୪।୬ (ସ୍ୱ.ପ୍ର.)

କରୋନା ମହାମାରୀର ପ୍ରଭାବ ଚଳିତବର୍ଷ ଶ୍ରୀଜଗନ୍ନାଥଙ୍କ ସ୍ନାନଯାତ୍ରା ଉପରେ ପଡିଛି। ଏଥର ବୌଦ୍ଧରେ ଗଡଜାତ ଅମଳରୁ ଚାଲି ଆସୁଥିବା ପରମ୍ପରା ଭଙ୍ଗ କରାଯାଇ ଶ୍ରୀଜଗନ୍ନାଥଙ୍କ ସ୍ନାନଯାତ୍ରାରେ କୌଣସି ଭକ୍ତଙ୍କୁ ସାମିଲ କରା ନ ଯିବାକୁ ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଜିଲାପାଳ ଲଲାଟେନ୍ଦୁ ମିଶ୍ର ଓ ଦେବତ୍ତୋର ଅଧିକାରୀ ତଥା ଉପଜିଲାପାଳ ଏନସି ଜ୍ୟୋତିରଞ୍ଜନ ନାଏକଙ୍କ ଉପସ୍ଥିତିରେ ବ୍ରାହ୍ମଣ ସମାଜର କର୍ମକର୍ତ୍ତାଙ୍କ ସହିତ ଏ ନେଇ ଗତ ଆଲୋଚନା କରାଯାଇଥିଲା। ଏହି ସମୟରେ ପ୍ରଶାସନ ପକ୍ଷରୁ ମାତ୍ର ୨୫ ଜଣ ସେବାୟତ ସାମିଲ ହୋଇ ସ୍ନାନଯାତ୍ରା ପାଳନ କରାଯିବାକୁ ସ୍ଥିର ହୋଇଛି। ଏଥିସହିତ ଏଥର ଠାକୁରଙ୍କ ସ୍ନାନଯାତ୍ରାରେ ସ୍ୱଳ୍ପ ସଂଖ୍ୟକ ସେବାୟତଙ୍କୁ ସାମିଲ କରାଯିବା ସହିତ ୧୦ ବର୍ଷରୁ କମ୍ ଓ ୬୫ବର୍ଷରୁ ଉର୍ଦ୍ଧ୍ୱ ସେବାୟତଙ୍କୁ ସାମିଲ ନ ହେବା ପାଇଁ ପ୍ରଶାସନ ପକ୍ଷରୁ ବାରଣ କରାଯାଇଛି। ଠାକୁରମାନଙ୍କ ସ୍ନାନଯାତ୍ରା କେବଳ ଔପଚାରିକ ପୂଜାପଦ୍ଧତି ମଧ୍ୟରେ କରାଯାଇ ଶେଷ କରିବାକୁ ପରାମର୍ଶ ଦିଆଯାଇଛି। ସ୍ନାନଯାତ୍ରା ଦିନ ତିନି ଠାକୁରଙ୍କୁ ଭକ୍ତମାନେ ସ୍ନାନବେଦୀରେ ଗଜବେଶରେ ଦର୍ଶନ ପାଇଥାନ୍ତି। ଚଳିତବର୍ଷ ମନ୍ଦିରକୁ ଭକ୍ତମାନେ ଆସିବା ନେଇ ପୂର୍ବରୁ କଟକଣା ଜାରି କରାଯାଇ ଥିବା ବେଳେ ସ୍ନାନଯାତ୍ରାରେ ଗଜବେଶରେ ମଧ୍ୟ ଦର୍ଶନ ମିଳିବାର ସମ୍ଭାବନା ନାହିଁ। ସେହିପରି ବୌଦ୍ଧରେ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ପାଳନ ହେବା ନେଇ ଆଶଙ୍କା ପ୍ରକାଶ ପାଇଛି। ସୂଚନାଯୋଗ୍ୟ ଯେ, ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରା ପରେ ବୌଦ୍ଧ ଗଡଜାତର ରଥଯାତ୍ରାର ପ୍ରସିଦ୍ଧି ରହିଛି।

# କ୍ଷତିପୂରଣ ନ ମିଳିଲେ ଗାଡ଼ି ଚଳାଇବୁନି

## ମୋଟର ଚାଳକ ସଂଘର ଚେତାବନୀ

ବରଗଡ଼ ଅଫିସ୍,୪।୬

ଘାତକ କରୋନା (କୋଭିଡ୍-୧୯) ସଂକ୍ରମଣ ଯୋଗୁ ଦେଶବ୍ୟାପୀ ଲକ୍ ଡାଉନ କଟକଣା ଲାଗୁ ହୋଇଛି। ଏହି କଟକଣା ଯୋଗୁ ଦୀର୍ଘଦିନ ଧରି ଯାନବାହନ ଚଳାଚଳ ବନ୍ଦ ରହିଥିଲା। ଏଥିରେ ମୋଟର ଚାଳକଙ୍କ ଜୀବନ ଜୀବିକା ଉଜୁଡ଼ି ଯାଇଛି। ଏଭଳି ପରିସ୍ଥିତିରେ ସେମାନଙ୍କୁ କ୍ଷତିପୂରଣ ଯୋଗାଇ ଦେବା ପାଇଁ ଓଡ଼ିଶା ମୋଟର ଚାଳକ ସଂଘ, ବରଗଡ଼ ଜିଲା ଶାଖା ପକ୍ଷରୁ ପୂର୍ବରୁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ମାତ୍ର ଏପର୍ଯ୍ୟନ୍ତ ସେ ଦିଗରେ କିଛି ପଦକ୍ଷେପ ନିଆଯାଇ ନ ଥିବା ସଂଘ ଅଭିଯୋଗ କରିଛି। ଏଭଳି ଅଭିଯୋଗ ନେଇ ଗୁରୁବାର ସଂଘର କର୍ମକର୍ତ୍ତାମାନେ ବରଗଡ଼ ଜିଲାପାଳଙ୍କୁ ଫେରାଦ ହୋଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ତିନିମାସର କ୍ଷତିପୂରଣ, ୫୦ଲକ୍ଷ ଟଙ୍କାର ବୀମା, ଚାଳକ କଲ୍ୟାଣ ପାଣ୍ଠିକୁ ଶ୍ରମ ବିଭାଗରେ ପଞ୍ଜୀକୃତ କରିବାକୁ ସ୍ମାରକପତ୍ରରେ ଦାବି କରାଯାଇଛି। ଆସନ୍ତା ସପ୍ତାହକ ମଧ୍ୟରେ ଏହି ଦାବି ପୂରଣ ନ ହେଲେ ମୋଟର ଚାଳକମାନେ ଟ୍ରକ, ବସ, ଟ୍ୟାକ୍ସି, ଅଟୋରିକ୍ସା ଆଦି ଚଳାଇବେ ନାହିଁ ଏବଂ ଧାରଣାରେ ବସିବେ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ସ୍ମାରକପତ୍ର ପ୍ରଦାନ ସମୟରେ ସଂଘର ସମସ୍ତ କର୍ମକର୍ତ୍ତା, ସଭ୍ୟବୃନ୍ଦ ଉପସ୍ଥିତ ଥିଲେ।


ଜିଲାପାଳଙ୍କୁ ଫେରାଦ ହୋଇଥିବା ମୋଟର ଚାଳକ ସଂଘର କାର୍ଯ୍ୟକର୍ତ୍ତା, ସଭ୍ୟବୃନ୍ଦ ।

# ପଙ୍ଗପାଳ ମୁକାବିଲା ପାଇଁ ଅଣ୍ଟା ଭିଡ଼ିଲା ପ୍ରଶାସନ

ବୌଦ୍ଧ,୪।୬ (ସ୍ୱ.ପ୍ର.)

ଦେଶରେ ବର୍ତ୍ତମାନ ପଙ୍ଗପାଳ ଆକ୍ରମଣ ଯୋଗୁ ବହୁ ଫସଲ ନଷ୍ଟ ହେଉଥିବାରୁ ଚାଷୀ ମହଲରେ ଭାଳେଣି ପଡିଯାଇଛି । ଏହି ପରିପ୍ରେକ୍ଷୀରେ ବୌଦ୍ଧ ପ୍ରଶାସନ ପକ୍ଷରୁ ସମ୍ଭାବ୍ୟ ପଙ୍ଗପାଳ ଆକ୍ରମଣ ନିୟନ୍ତ୍ରଣ କରିବା ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହଠାରେ ଏକ ପ୍ରସ୍ତୁତି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଲଲାଟେନ୍ଦୁ ମିଶ୍ରଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ବୈଠକରେ ପଙ୍ଗପାଳ ଆକ୍ରମଣରୁ କିପରି ଚାଷୀଙ୍କ ଫସଲ ରକ୍ଷା କରାଯାଇ ପାରିବ ସେ ସଂପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଯଦି ବୌଦ୍ଧ ଜିଲାକୁ ପଙ୍ଗପାଳ ଆସିବାର ସମ୍ଭାବନା ଦେଖାଦିଏ ସେ ସମ୍ପର୍କରେ ପ୍ରତିଦିନ ଖବର ସଂଗ୍ରହ କରିବା ସହିତ ଆଗୁଆ ସମସ୍ତ ପ୍ରସ୍ତୁତି କରିବାକୁ ବିଭାଗୀୟ କ୍ଷେତ୍ର ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ପଙ୍ଗପାଳ ବିପଦ ଦେଖାଗଲେ ଜିଲା କୃଷି ବିଭାଗ ଦ୍ୱାରା ଜାରି କରାଯାଇଥିବା ନିଃଶୁଳ୍କ ଫୋନ ନମ୍ବର ୧୮୦୦୧୦୨୫୧୬୬ ରେ ଚାଷୀମାନେ ସୂଚନା ଦେବାକୁ ଜିଲା ପ୍ରଶାସନ ତଥା ଜିଲା କୃଷି ବିଭାଗ ପକ୍ଷରୁ ଅନୁରୋଧ କରାଯାଇଛି। ଏହାବ୍ୟତୀତ ରାଜ୍ୟ ସରକାରଙ୍କ କୃଷି ତଥା କୃଷକ ସଶକ୍ତକରଣ ବିଭାଗର ଫୋନ ନମ୍ବର ୦୬୭୪୨୩୯୪୯୦୭କୁ ସିଧାସଳଖ ଯୋଗଯୋଗ କରାଯାଇପାରିବ। ଏଥିପାଇଁ ଆବଶ୍ୟକ ସିଞ୍ଚନ ଯନ୍ତ୍ର ଓ କୀଟନାଶକ ବ୍ୟବହାର ପାଇଁ ବୈଠକରେ ବିସ୍ତୃତ ଆଲୋଚନା କରାଯାଇଥିଲା। ପଙ୍ଗପାଳ ଆକ୍ରମଣ କଲେ ତିଣ କିମ୍ବା ଅଧିକ ଶବ୍ଦ ସୃଷ୍ଟିକାରୀ ଯନ୍ତ୍ର ବଜାଇବା , କଣ୍ଟାଯୁକ୍ତ ଡାଳରେ ପିଟି ଘଉଡାଇବା ବ୍ୟବସ୍ଥା ଉପରେ ବୈଠକରେ ଆଲୋଚନା କରାଯାଇଥିଲା। ଏ ନେଇ ଡାକବାଜି ଯନ୍ତ୍ର ସାହାଯ୍ୟରେ ଜିଲାରେ ପ୍ରଚାର କରାଯିବା ସହିତ ଚାଷୀମାନଙ୍କୁ ସତର୍କ ଓ ସଚେତନ ରହିବା ପାଇଁ ଅନୁରୋଧ କରାଯିବାକୁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏହି ବୈଠକରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଶଶାଙ୍କ ଶେଖର ମିଶ୍ରଙ୍କ ସମେତ ଜିଲାର ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହିଥିଲେ।

# ବରଗଡ଼ରେ ପଶି ନାହାନ୍ତି ପଙ୍ଗପାଳ

## କୃଷି ବିଭାଗ ସ୍ପଷ୍ଟ କଲା

ବରଗଡ଼ ଅଫିସ୍,୪।୬

କରୋନା ଭଳି ବିଧ୍ୱଂସକ ବିଦେଶାଗତ କୀଟ ପଙ୍ଗପାଳକୁ ନେଇ ଏବେ ବିଭିନ୍ନ ସ୍ଥାନରେ ଭୟ ସୃଷ୍ଟି ହୋଇଛି। ବରଗଡ଼ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ ଲହଣ୍ଡା ଗ୍ରାମର ରାସ୍ତାକଡରେ ରହିଥିବା ଅରଖ ଗଛରେ ଏକ ପ୍ରଜାତିର ଝିଣ୍ଟିକା ବସିଥିବାବେଳେ ତାହା ଦେଖି ପଙ୍ଗପାଳ ନେଇ ଗୁରୁବାର ସକାଳୁ ଗୁଜବ ସୃଷ୍ଟି ହୋଇଥିଲା। ଖବର ପାଇବା ପରେ ଜିଲା କୃଷି ବିଭାଗର ସର୍ଭିଲେନ୍ସ ଟିମ୍ ସେଠାକୁ ପହଞ୍ଚିଥିଲେ ଏବଂ ତାହା ପଙ୍ଗପାଳ ନୁହଁନ୍ତି ବୋଲି ସ୍ପଷ୍ଟ କରିଥିଲେ। ଏହା ସହିତ କୀଟନାଶକ ସ୍ପ୍ରେ କରାଯାଇ ସେହି ପ୍ରଜାତିର ଝିଣ୍ଟିକାକୁ ସେଠାରେ ମାରି ଦିଆଯାଇଥିଲା । ଜିଲା ମୁଖ୍ୟ କୃଷି ଅଧିକାରୀ ଦୀନବନ୍ଧୁ ଗାନ୍ଧୀ, କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ନୃସିଂହ ଚରଣ ବାରିକ, ସନତ କୁମାର ମେହେର, ସହକାରୀ କୃଷି ନିର୍ଦ୍ଦେଶକ ରବି ନାରାୟଣ ସେନାପତି, ଅତାବିରା ବ୍ଲକ କୃଷି ଅଧିକାର ବିଜୟ କୁମାର ପଟ୍ଟନାୟକ ପ୍ରମୁଖ ଉକ୍ତ ଟିମ୍‌ରେ ରହିଥିଲେ। ସେହିପରି ବରଗଡ଼-ଛତିଶଗଡ଼ ସୀମାନ୍ତ ଝାରବନ୍ଧ, ବରମକେଲା ଆଦି ଅଞ୍ଚଳକୁ ମଧ୍ୟ ସର୍ଭିଲେନ୍ସ ଟିମ୍ ଗସ୍ତ କରିଛି ଏବଂ ଏପର୍ଯ୍ୟନ୍ତ ଜିଲାକୁ ପଙ୍ଗପାଳ ପଶିଥିବା ନେଇ ସୂଚନା ନାହିଁ ବୋଲି ଜିଲା ମୁଖ୍ୟ କୃଷି ଅଧିକାରୀ ଗାନ୍ଧୀ କହିଛନ୍ତି । ତଥାପି ପଙ୍ଗପାଳ ମୁକାବିଲା ପାଇଁ ଜିଲାର ବିଭିନ୍ନ ଅଞ୍ଚଳକୁ କୃଷି ଅଧିକାରୀମାନେ ଗସ୍ତ କରି ସଚେତନତା ସୃଷ୍ଟି କରିବା ସହିତ ପଙ୍ଗପାଳକୁ କିଭଳି ଦମନ କରାଯାଇ ପାରିବ, ସେ ନେଇ ଡେମୋ ଦେଖାଉଥିବା ସେ ସୂଚନା ଦେଇଛନ୍ତି ।


ଲହଣ୍ଡା ଗ୍ରାମରେ କୃଷି ବିଭାଗର ସର୍ଭିଲେନ୍ସ ଟିମ୍ ।

# ଗିରଫଦାରିର ପ୍ରତିବାଦ କଲା ଛାତ୍ର କଂଗ୍ରେସ


ଜିଲାପାଳଙ୍କୁ ଫେରାଦ ହୋଇଥିବା ବରଗଡ଼ ଜିଲା ଛାତ୍ର କଂଗ୍ରେସ କର୍ମୀବୃନ୍ଦ ।

## ବାଲେଶ୍ୱର ତାତି ବରଗଡ଼ରେ

ବରଗଡ଼ ଅଫିସ୍,୪।୬

ବାଲେଶ୍ୱର ସହରର କାନ୍ଥବାଡ଼ରେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀଙ୍କ ନାମରେ ଗତ କିଛିଦିନ ତଳେ ମରାଯାଇଥିବା ପୋଷ୍ଟର ଚର୍ଚ୍ଚାର ବିଷୟ ହୋଇଥିଲା। ଏହି ଘଟଣାରେ ପୋଲିସ ବାଲେଶ୍ୱରର ୨ଜଣ ଛାତ୍ର କଂଗ୍ରେସ ନେତାଙ୍କୁ ଗିରଫ କରିଛି। ପୋଲିସର ଏଭଳି କାର୍ଯ୍ୟାନୁଷ୍ଠାନକୁ ବରଗଡ଼ ବରଗଡ଼ ଜିଲା ଛାତ୍ର କଂଗ୍ରେସ ନିନ୍ଦା କରିଛି। ଏହାର ପ୍ରତିବାଦରେ ଗୁରୁବାର ଛାତ୍ର କଂଗ୍ରେସ ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବରଗଡ଼ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ମହାମାରୀ କରୋନା ସଂକ୍ରମଣ ସମୟରେ ସେବା କାର୍ଯ୍ୟରେ ଲିପ୍ତ ଥିବାବେଳେ ଛାତ୍ର କଂଗ୍ରେସ ନେତାଙ୍କୁ ଆକ୍ରୋଶମୂଳକ ଭାବେ ଗିରଫ କରାଯିବା ଆଦୌ ଶୋଭନୀୟ ନୁହେଁ ବୋଲି ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି। ଏଥିରେ ହସ୍ତକ୍ଷେପ କରି ଗିରଫ ଛାତ୍ର କଂଗ୍ରେସ ନେତାଙ୍କୁ ଖଲାସ କରିବା ସହିତ ସେମାନଙ୍କ ବିରୋଧରେ ହୋଇଥିବା ମାମଲା ପ୍ରତ୍ୟାହାର ପାଇଁ ନିବେଦନ କରାଯାଇଛି । ଗୌରବ ପତି, ଭୋଲା ସାହୁ, ମୁକେଶ ରାୟ, ରୁଦ୍ରପ୍ରତାପ ବଡ଼େଇ, ରିକୁନ ନାଏକ ସ୍ମାରକପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ ।

# ସରପଗଡ ଡ୍ୟାମ୍‌ରୁ କଢାଗଲା ମୃତ ବ୍ରୟଲର

ଲେଫ୍ରିପଡା,୪।୬(ଡି.ଏନ.ଏ)

ସୁନ୍ଦରଗଡ ଜିଲା ଲେଫ୍ରିପଡା ବ୍ଲକ ଅନ୍ତର୍ଗତ ସରପଗଡ ଡ୍ୟାମ୍‌ରୁ ପ୍ରାୟ ଆଠରୁ ଦଶ କୁଇଣ୍ଟାଲ ମୃତ ବ୍ରୟଲର କୁକୁଡା ଗୁରୁବାର ସ୍ଥାନୀୟ ପ୍ରଶାସନ ଦ୍ୱାରା ଉଦ୍ଧାର କରାଯାଇଛି। ସୂଚନା ଅନୁଯାୟୀ ଡ୍ୟାମ୍ ଭିତରେ ଗୁରୁବାର କୌଣସି କୁକୁଡା ଫାର୍ମ ମାଲିକ ମୃତ କୁକୁଡା ସବୁ ଫିଙ୍ଗି ଦେଇ ପଳାଇଥିବାରୁ ସେଗୁଡିକ ପଚି ଗନ୍ଧ ହେବା ସହ ପାଣିରେ ଭାସିଥିଲା । ସ୍ଥାନୀୟ ଜନସାଧାରଣ ଏହା ଦେଖି ପୋଲିସକୁ ଜଣାଇଥିଲେ। ସ୍ଥାନୀୟ ପୋଲିସ, ଦମକଳ ବାହିନୀ, ପ୍ରାଣୀ ଚିକିତ୍ସା, ବନ, ସ୍ୱାସ୍ଥ୍ୟ, ଜଳସମ୍ପଦ ବିଭାଗ ଏବଂ ଜନସାଧାରଣଙ୍କ ମିଳିତ ଉଦ୍ୟମରେ ମୃତ କୁକୁଡା ସବୁ ପାଣିରୁ ବୋଟ୍ ମାଧ୍ୟମରେ ଉଦ୍ଧାର କରାଯାଇଥିଲା। ପରେ ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ହରିହର ଧୂଆଁଙ୍କ ତତ୍ତ୍ୱାବଧାନରେ ମୃତ କୁକୁଡା ସବୁ ବ୍ୟବଚ୍ଛେଦ କରାଯାଇ ପୋତି ଦିଆଯାଇଥିଲା। ବର୍ତ୍ତମାନ କରୋନା ଯୋଗୁ ଜନସାଧାରଣ ଭୟଭୀତ ରହିଥିବା ବେଳେ ଡ୍ୟାମ୍ ପାଣି ଦୁର୍ଗନ୍ଧ ହେବାରୁ ଜନସାଧାରଣ ଭୟଭୀତ ହୋଇପଡିଛନ୍ତି ।


ମୃତ କୁକୁଡାଗୁଡିକୁ ପାଣିରୁ ବାହାର କରାଯାଉଛି ।

# ବିଦ୍ୟୁତ୍ ଅଫିସ ଘେରିଲା ଭାଜପା

## ଅଘୋଷିତ ବିଦ୍ୟୁତ୍‌କାଟ୍‌ର ପ୍ରତିବାଦ

ମନମୁଣ୍ଡା, ୪।୬ (ଡି.ଏନ.ଏ.)

ବୌଦ୍ଧ ଜିଲା ମନମୁଣ୍ଡା ବିଦ୍ୟୁତ୍ ସବ୍‌ଡିଭିଜନରେ ଅଘୋଷିତ ବିଦ୍ୟୁତ୍‌କାଟ୍ ଓ ଅନ୍ୟାନ୍ୟ ସମସ୍ୟା ନେଇ ଭାଜପା ତରଫରୁ ଗୁରୁବାର ମନମୁଣ୍ଡା ବିଦ୍ୟୁତ୍ ଅଫିସ ଘେରାଉ କରାଯାଇଥିଲା। ମନମୁଣ୍ଡା ବିଦ୍ୟୁତ୍ ସବ୍‌ଡିଭିଜନରେ ବାରମ୍ବାର ଅଘୋଷିତ ବିଦ୍ୟୁତ୍ କାଟ ଯୋଗୁ ଲୋକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସଙ୍ଗରୋଧରେ ରହୁଥିବା ଲୋକମାନେ କଷ୍ଟ ପାଉଛନ୍ତି। ସହିପରି ଖଟଖଟିଆ ଅଞ୍ଚଳରେ ବିଦ୍ୟୁତ୍ ବିଭ୍ରାଟ ହେଉଥିବାରୁ ସେଠାରେ ଏକ ନୂତନ ଷ୍ଟ୍ରକ୍‌ଚର ସ୍ଥାପନ ପାଇଁ ଦାବି କରାଯାଇଥିଲା। ୭୨ ଘଣ୍ଟା ମଧରେ ଏସବୁ ସମସ୍ୟାର ସମାଧନ ନ ହେଲେ ଅଫିସ ଘେରାଉ କରାଯିବ ବୋଲି ଭାଜପା ରାଜ୍ୟ ଯୁବମୋର୍ଚ୍ଚା ସମ୍ପାଦକ ଓମ୍‌ପ୍ରକାଶ ମିଶ୍ର ଗତ ୨୬ ତାରିଖରେ ମନମୁଣ୍ଡା ବିଦ୍ୟୁତ୍ ଏସଡିଓଙ୍କୁ ଏକ ଦାବିପତ୍ର ମାଧମରେ ଜଣାଇଥିଲେ । ତେବେ ତାହା ସମାଧାନ ନ ହେବାରୁ ଭାଜପା ନେତା ଓମ୍‌ପ୍ରକାଶ ମିଶ୍ରଙ୍କ ନେତୃତ୍ୱରେ ପ୍ରାୟ ୩୫ ଜଣ କର୍ମୀ ସାମାଜିକ ଦୂରତ୍ୱ ଅବଲମ୍ବନ ପୂର୍ବକ ଶାନ୍ତିଶୃଙ୍ଖଳା ସହ ମନମୁଣ୍ଡା ବିଦ୍ୟୁତ୍ ଅଫିସ ଘେରାଉ କରିଥିଲେ। ଦଳୀୟ ନେତା ନାରାୟଣ କର୍ମୀ ଓ ଦାମୋଦର ମିଶ୍ର, ଗୋପାଳ ପୁରୋହିତ, ଗୋଲକ ସାହୁ, ମଧୁସୂଦନ ସାଲମା ପ୍ରମୁଖ କନିଷ୍ଠ ଯନ୍ତ୍ରୀ, ଏସ୍‌ଡିଓ ଓ ନିର୍ବାହୀଯନ୍ତ୍ରୀ ଯାମିନୀକାନ୍ତ ଚୌଧୁରୀଙ୍କ ସହ ଆଲୋଚନା କରିଥିଲେ। ନିର୍ବାହୀ ଯନ୍ତ୍ରୀ ଚୌଧୁରୀ, କାଳବୈଶାଖୀ ପାଇଁ ବିଦ୍ୟୁତ୍ ବିଭ୍ରାଟ ଦେଖାଦେଉଥିଲା । ଆଗାମୀ ଦିନରେ ତହିଁର ପୁନରାବୃତ୍ତି ଯେପରି ନ ହେବ ଚେଷ୍ଟା କରାଯିବ ବୋଲି କହିଥିଲେ। ଖଟଖଟିଆଠାରେ ଏକ ନୂତନ ଷ୍ଟ୍ରକ୍‌ଚର ସ୍ଥାପନ ପାଇଁ ପ୍ରକ୍ରିୟା ଜାରି ରହିଛି ଓ ଖୁବ୍‌ଶୀଘ୍ର ତାହା କରାଯିବ ବୋଲି ବିଦ୍ୟୁତ୍ ବିଭାଗ ଅଧିକାରୀମାନେ କହିଛନ୍ତି ।

## ସଂକ୍ଷେପରେ

### ସଡ଼କ ଦୁର୍ଘଟଣାରେ ମହିଳା ମୃତ

**ଅମରପାଲି, ୪।୬ (ଡି.ଏନ.ଏ.)** ସୁବର୍ଣ୍ଣପୁର ଜିଲା ସୁବଳୟା ଥାନା ଅନ୍ତର୍ଗତ ପିତାମହୁଲ ନିକଟରେ ଏକ ସଡ଼କ ଦୁର୍ଘଟଣାରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି । ମୃତକ ଜଣକ ହେଲେ ବୌଦ୍ଧ ଜିଲା ଅନ୍ତର୍ଗତ କମ୍ପରା ଗ୍ରାମର ସାବିତ୍ରୀ ଅମାତ (୫୦)। ସେ ଭାଣିଜୀର ନିର୍ବନ୍ଧ ପାଇଁ ରେଢ଼ାଖୋଲ ବ୍ଲକର ରାହାଣ ଯାଇଥିଲେ। ସେଠାରୁ ନିଜ ସମ୍ପର୍କୀୟଙ୍କ ସହ ବାଇକରେ ତାଙ୍କ ବାପଘର ସୁବଳୟାକୁ ଆସୁଥିଲେ। ବାଟରେ ବାଇକଟି ଭାରସାମ୍ୟ ହରାଇବାରୁ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଗୁରୁତର ଅବସ୍ଥାରେ ସାବିତ୍ରୀଙ୍କୁ ସୋନପୁର ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

### ଧାନ ଉଠା ନ ଗଲେ ଆନ୍ଦୋଳନ

**ବରଗଡ଼ ଅଫିସ୍,୪।୬:** ବରଗଡ଼ ଜିଲାରେ ରବିଋତୁ ଧାନ ସଂଗ୍ରହ ପ୍ରକ୍ରିୟା ଚାଲିଛି । ତେବେ ମିଲର୍ସମାନେ ନାନା ଆଳ କରି ଧାନ ଉଠାଉ ନ ଥିବା ଯୋଗୁ ଚାଷୀଙ୍କୁ ହଇରାଣ ହରକତ ହେବାକୁ ପଡୁଛି । ଅନ୍ୟପଟେ ବର୍ଷା ଯୋଗୁ ଧାନ ନଷ୍ଟ ହେବାର ଆଶଙ୍କା ଦେଖାଯାଇଛି। ତୁରନ୍ତ ଧାନ ଉଠା ନ ଗଲେ ଚାଷୀଙ୍କୁ ନେଇ ତୀବ୍ର ଆନ୍ଦୋଳନ କରାଯିବ ବୋଲି ଅତାବିରାର ପୂର୍ବତନ ବିଧାୟକ ନିହାର ରଞ୍ଜନ ମହାନନ୍ଦ ଚେତାବନୀ ଦେଇଛନ୍ତି । ଗୁରୁବାର ସେ ପାହାଡ଼ଶ୍ରୀଗିଡ଼ା, ରେଶମ ଆଦି ମଣ୍ଡିକୁ ପରିଦର୍ଶନରେ ଯାଇଥିଲେ । ସେଠାରେ ଧାନ କିଣାବିକାରେ ବ୍ୟାପକ ଅବ୍ୟବସ୍ଥା ହୋଇଥିବା ମହାନନ୍ଦ କହିଛନ୍ତି। ମଣ୍ଡିରୁ ଧାନ ଉଠୁ ନ ଥିବାବେଳେ ଧାନକୁ ସୁରକ୍ଷିତ ରଖିବା ପାଇଁ ପଲିଥିନ ମଧ୍ୟ ପର୍ଯ୍ୟାପ୍ତ ପରିମାଣରେ ସେଠାରେ ଗଚ୍ଛିତ ଥିବା ସେ ପ୍ରକାଶ କରିଛନ୍ତି । ଏ ଦିଗରେ ତ୍ୱରିତ ପଦକ୍ଷେପ ନିଆ ନ ଗଲେ ଆଗକୁ ଚାଷୀମାନେ ଆନ୍ଦୋଳନକୁ ଓହ୍ଲାଇବେ ଏବଂ ଏଥିପାଇଁ ଯେଉଁ ପରିସ୍ଥିତି ଉପୁଜିବ ପ୍ରଶାସନ ଦାୟୀ ରହିବ ବୋଲି ସେ କହିଛନ୍ତି ।

### ଫସଲବୀମା ଦାବି କଲେ ଚାଷୀ

**ବରଗଡ଼ ଅଫିସ୍,୪।୬:** ବରଗଡ଼ ଜିଲା ଝାରବନ୍ଧ ବ୍ଲକ ଅନ୍ତର୍ଗତ ବିଲାସପୁର ପଞ୍ଚାୟତର ଚାଷୀମାନେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ବୀମା କ୍ଷତିପୂରଣ ଦାବି କରିଛନ୍ତି । ଏହି ଦାବି ନେଇ ବିଲାସପୁର ଗ୍ରାମର ଚାଷୀମାନେ ଗୁରୁବାର ବରଗଡ଼ ଜିଲାପାଳଙ୍କୁ ଫେରାଦ ହୋଇଥିଲେ। ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ମିର୍ଧା ଟପ୍ପୋଙ୍କୁ ସେମାନେ ସ୍ମାରକପତ୍ର ପ୍ରଦାନ କରିଥିଲେ। ଗତ ଖରିଫ ଫସଲରେ ସେମାନଙ୍କ ଧାନ ଫସଲ ବ୍ୟାପକ କ୍ଷତିଗ୍ରସ୍ତ ହୋଇଥିଲା ଏବଂ ବିଭାଗୀୟ ଅଧିକାରୀମାନେ କ୍ଷୟକ୍ଷତି ଆକଳନ କରିଥିଲେ। ତଥାପି ସେମାନଙ୍କୁ ଫସଲବୀମା କ୍ଷତିପୂରଣ ମିଳିପାରି ନ ଥିବା ଚାଷୀମାନେ କହିଛନ୍ତି ଏବଂ ବୀମା କ୍ଷତିପୂରଣ ଦାବି କରିଛନ୍ତି। ସ୍ମାରକପତ୍ର ପ୍ରଦାନ ସମୟରେ ତୁଳାରାମ ଭୋଇ, ଡୋଲାମଣି ବରିହା, ଜୟ କୁମାର ସାହୁ, ହାରାଧନ ବରିହା, କୃପାରାମ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

### କ୍ଷେତରାଜପୁରରେ ପାଣି ସମସ୍ୟା ଉତ୍କଟ

**ସମ୍ବଲପୁର, ୪।୬ (ବ୍ୟୁରୋ):** ସମ୍ବଲପୁର ମହାନଗର ନିଗମ ଅଞ୍ଚଳରେ ଦିନକୁ ଦିନ ପାନୀୟ ଜଳ ସମସ୍ୟା ଲାଗି ରହିଛି । କ୍ଷେତରାଜପୁର ବାଲାଜୀ କଲୋନୀ ଅଞ୍ଚଳବାସୀ ଜଳାଭାବରେ ଦିନ କାଟୁଛନ୍ତି । ଗୁରୁବାର ଏନେଇ କଲୋନୀବାସୀ ଜନସ୍ୱାସ୍ଥ୍ୟ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଭେଟି ଆଲୋଚନା କରିବା ସହ ଦାବିପତ୍ର ପ୍ରଦାନ କରିଛନ୍ତି। ଆଗାମୀ ଦିନରେ ଜଳ ସମସ୍ୟା ଦେଖାଦେଲେ କଲୋନୀବାସୀ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି । ପ୍ରତିନିଧି ଦଳରେ ବାଲାଜୀ କଲୋନୀ ୱେଲଫେୟାର କମିଟି ସଭାପତି ଫଣିନ୍ଦ୍ର ମହାନ୍ତି, ବି.କେ.ବେହେରା, ମନୋଜ ଜେନା, ରାକେଶ କୁମାର ସାହୁ, ଅଜୟ ସିଂ ପ୍ରମୁଖ ସାମିଲ ଥିଲେ। କୃପାରାମ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ଗୋଟିଏ ଦିନରେ କାମ କଲେ ୧ଲକ୍ଷରୁ ଊର୍ଦ୍ଧ୍ୱ ଶ୍ରମିକ

**ବଲାଙ୍ଗୀର ଅଫିସ, ୪।୬**



ମୁରିବାହାଲ ବ୍ଲକ ସରଗୁଲ ଗାଁରେ ଚାଲିଥିବା ଏମଜିଏନ୍ଆରଇଜିଏସ୍ କାମ ।

- ଏମ୍‌ଜିଏନ୍‌ଆରଇଜିଏସ୍ କାର୍ଯ୍ୟରେ ସର୍ବକାଳୀନ ରେକର୍ଡ
- ବଙ୍ଗୋମୁଣ୍ଡା ବ୍ଲକରେ ସର୍ବାଧିକ ୧୨, ୬୭୪ ଶ୍ରମିକ କାମ କଲେ
- ଖର୍ଚ୍ଚ ହେଲାଣି ୪୪ କୋଟି ୧୦ ଲକ୍ଷ
- ମଜୁରି ବାବଦରେ ଦିଆଯାଇଛି ୩୮ କୋଟି ୯୨ ଲକ୍ଷ
- ଠିକ୍ ସମୟରେ ମଜୁରି ପ୍ରଦାନ ହାର ୯୯.୨୩ ପ୍ରତିଶତ

କରୋନା ମହାମାରୀ ଓ ଲକ୍‌ଡାଉନ୍ ସମୟରେ ବଲାଙ୍ଗୀର ଭଳି ଦାଦନପ୍ରବଣ ଓ ଶିଳ୍ପବିହୀନ ଜିଲାରେ ଲୋକଙ୍କୁ ରୋଜଗାର ଯୋଗାଇବା ଏକ ବଡ଼ ଚ୍ୟାଲେଞ୍ଜ ହୋଇଛି । ରାଜ୍ୟ ବାହାରେ ଥିବା ଲକ୍ଷାଧିକ ପ୍ରବାସୀ ଏବେ ଘରମୁହାଁ ହୋଇଛନ୍ତି । ଏପର୍ଯ୍ୟନ୍ତ ପ୍ରାୟ ୬୦ ହଜାର ପ୍ରବାସୀ ଜିଲାକୁ ଫେରିଛନ୍ତି । ଅନ୍ୟମାନେ ଫେରିବା ଅପେକ୍ଷାରେ ରହିଛନ୍ତି । ଏଭଳି ଘଡିସନ୍ଧି ମୁହୂର୍ତ୍ତରେ ଜିଲାବାସୀଙ୍କ ଜୀବନ-ଜୀବିକା ସୁନିଶ୍ଚିତ କରିବା ସରକାର ଓ ପ୍ରଶାସନ ପାଇଁ ଏକ ଗୁରୁଦାୟିତ୍ୱ। ବଲାଙ୍ଗୀର ଜିଲାରେ ଶିଳ୍ପ ନାହିଁ କି ପର୍ଯ୍ୟାପ୍ତ ଜଳସେଚନ ସୁବିଧା ନାହିଁ । ଏଭଳି ନାହିଁ ନାହିଁ ଭିତରେ ଆଶା ସଞ୍ଚାରର ପନ୍ଥା ସାଜିଛି ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍) । ୨୦୦୬ ମସିହାରୁ ଆରମ୍ଭ ହୋଇଥିବା ଏହି ଯୋଜନା କାର୍ଯ୍ୟକାରୀ ହେବା ଦିନଠାରୁ କରୋନା ମହାମାରୀ ଓ ଲକ୍‌ଡାଉନ ସମୟରେ ଜିଲାରେ ସର୍ବକାଳୀନ ରେକର୍ଡ କରିଛି। ଏହି ଯୋଜନାରେ ଗୋଟିଏ ଦିନରେ ଜିଲାର ୧ ଲକ୍ଷରୁ ଉର୍ଦ୍ଧ୍ୱ ଲୋକ କାମ କରି ରେକର୍ଡ ପ୍ରତିଷ୍ଠା କରିଛନ୍ତି। ଜୁନ୍ ୩ ତାରିଖରେ ଜିଲାର ୧୪ଟି ବ୍ଲକ୍‌ର ସମୁଦାୟ ୧ ଲକ୍ଷ ୧୫୭ ଜଣ ଶ୍ରମିକ କାମ କରି ରେକର୍ଡ କରିଥିଲେ । ଏହା ପୂର୍ବରୁ ଲକ୍ଷାଧିକ ଶ୍ରମିକ ଗୋଟିଏ ଦିନରେ କେବେ ବି କାମ କରି ନ ଥିଲେ। ଜୁନ୍ ୪ତାରିଖରେ ଜିଲାର ୧ ଲକ୍ଷ ୨ ହଜାର ୬୯୭ ଜଣ ଶ୍ରମିକ କାମ କରିବା ଏମଜିଏନ୍ଆରଇଜିଏସ୍‌ରେ ସର୍ବକାଳୀନ ରେକର୍ଡ ବୋଲି କୁହାଯାଇଛି । ରାଜ୍ୟରେ ଚତୁର୍ଥ ଜିଲା ଭାବେ ବଲାଙ୍ଗୀରରେ ଲକ୍ଷାଧିକ ଲୋକ ଗୋଟିଏ ଦିନରେ କାର୍ଯ୍ୟ କରିଛନ୍ତି । ବଲାଙ୍ଗୀର ପୂର୍ବରୁ ମୟୂରଭଞ୍ଜ, ଗଞ୍ଜାମ ଓ କେନ୍ଦୁଝର ଜିଲାରେ ଲକ୍ଷାଧିକ ଲୋକ ଗୋଟିଏ ଦିନରେ କାମ କରିସାରିଥିବା ସୂଚନା ଦିଆଯାଇଛି।

ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପକ୍ଷରୁ ମିଳିଥିବା ସୂଚନା ମୁତାବକ ଚଳିତ ଆର୍ଥିକ ବର୍ଷର ଏପ୍ରିଲ ଓ ମେ ଦୁଇମାସ ମଧ୍ୟରେ ଜିଲାରେ ଏମଜିଏନ୍ଆରଇଜିଏସ୍‌ରେ ୪୪ କୋଟି ୧୦ ଲକ୍ଷ ଟଙ୍କା ବ୍ୟୟ କରାଯାଇଛି। ଏଥିରୁ ୩୮ କୋଟି ୯୨ ଲକ୍ଷ ଟଙ୍କା ଶ୍ରମିକଙ୍କ ମଜୁରି ବାବଦରେ ଦିଆଯାଇଛି । ୯୯.୨୮ ପ୍ରତିଶତ ମଜୁରି ଠିକଣା ସମୟରେ ଦିଆଯାଇଛି । ଜିଲାରେ ଏବେ ୩୭ ହଜାର ୬୧୨ଟି କାର୍ଯ୍ୟକ୍ରମ ଚାଲୁ ରହିଛି । ଏହି ଯୋଜନାରେ ନେଚୁରାଲ ରିସୋର୍ସ ମ୍ୟାନେଜମେଣ୍ଟ (ଏନ୍‌ଆରଏମ୍) ବାବଦରେ ୬୨.୨୧ ପ୍ରତିଶତ ଖର୍ଚ୍ଚ ହୋଇଛି। ଜିଲାର ୧୪ଟି ବ୍ଲକରୁ ବଙ୍ଗୋମୁଣ୍ଡାରେ ସର୍ବାଧିକ ୧୨ ହଜାର ୬୭୪ଜଣ କାର୍ଯ୍ୟ କରିଛନ୍ତି। ମୁରିବାହାଲ ବ୍ଲକରେ ୧୧ ହଜାର ୧୬୩, ଖପ୍ରାଖୋଲ ୧୦୯୪୨, ସଇଁତଳା ୯୬୬୧, ଟିଟିଲାଗଡ଼ ୮୩୬୯, ପାଟଣାଗଡ଼ ୭୧୩୪, ବେଲପଡ଼ା ୬୨୬୧, ବଲାଙ୍ଗୀର ୫୯୯୧, ତୁରେକେଲା ୫୬୨୧, ଆଗଲପୁର ୫୪୧୦, ଦେଓଗାଁ ୫୩୧୨, ଲୋଇସିଂହା ୫୧୪୪, ପୁଇଁତଳା ୪୬୨୨ ଓ ଗୁଡଭେଲାରେ ୪୨୮୩ ଜଣ ଶ୍ରମିକ ଗୋଟିଏ ଦିନରେ କାମ କରିଥିବା ଜଣାପଡିଛି । ଗୁରୁବାର ସୁଦ୍ଧା ଜିଲାରେ ୯୦ ହଜାର ୯୯୨ଟି ମଷ୍ଟରରୋଲ ଇସ୍ୟୁ କରାଯାଇଛି। ଏ ପର୍ଯ୍ୟନ୍ତ ୧୩ ଲକ୍ଷ ୪୫ ହଜାର ୬୦୬ କାର୍ଯ୍ୟ ଦିବସ ସୃଷ୍ଟି ହୋଇଥିବା ରିପୋର୍ଟ ଦିଆଯାଇଛି। କରୋନା ଲକ୍‌ଡାଉନ୍ ସମୟରେ ଜିଲାରେ ଶ୍ରମିକଙ୍କୁ କାମ ଯୋଗାଇବା ଏବଂ ଠିକଣା ସମୟରେ ମଜୁରି ପ୍ରଦାନ କରିବା ସହ ପ୍ରାକୃତିକ ସଂସାଧନ ପରିଚାଳନା ଉପରେ ଅଧିକ ଗୁରୁତ୍ୱ ଦିଆଯାଉଥିବା ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ଡ. ମହେଶ୍ୱର ସ୍ୱାଇଁ ସୂଚନା ଦେଇଛନ୍ତି । କରୋନା ମହାମାରୀ ଲୋକଙ୍କ ଜୀବନ-ଜୀବିକାକୁ ପ୍ରଭାବିତ କରିଥିବାରୁ ରୋଜଗାର ସୃଷ୍ଟି ଓ ଆର୍ଥିକ ସ୍ୱାବଲମ୍ବନ ଉପରେ ଗୁରୁତ୍ୱ ଦିଆଯାଉଛି। ଜିଲାର ଦାଦନପ୍ରବଣ ୬ ବ୍ଲକର ଶ୍ରମିକଙ୍କୁ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଦୁଇଶହ ଦିନର କାମ ଯୋଗାଇ ଦିଆଯିବା ଏବଂ ଅନ୍ୟ ୮ଟି ବ୍ଲକର ଶ୍ରମିକଙ୍କୁ ୧୦୦ ଦିନ କାମ ଯୋଗାଇ ଦେବାର ନିୟମ ରହିଛି। ଦାଦନ ପ୍ରବଣ ୬ ବ୍ଲକର ଶ୍ରମିକଙ୍କୁ ଦୈନିକ ମଜୁରି ୨୯୮ ଟଙ୍କା ଓ ଅନ୍ୟ ୮ଟି ବ୍ଲକ୍‌ର ଶ୍ରମିକଙ୍କୁ ଦୈନିକ ୨୦୭ ଟଙ୍କା ଧାର୍ଯ୍ୟ ହୋଇଛି । କରୋନା ମହାମାରୀ ସମୟରେ ଏମଜିଏନ୍ଆରଇଜିଏସ୍‌ରେ ଲକ୍ଷାଧିକ ଶ୍ରମିକ କାମ କରିବା ଏକ ଶୁଭ ସୂଚନା ବୋଲି କୁହାଯାଇଛି ।

## କୋଟସମଲାଇ ଅଞ୍ଚଳରେ ପଙ୍ଗପାଳ ଆଶଙ୍କା



କୋଟସମଲାଇ ଅଞ୍ଚଳରେ ପଙ୍ଗପାଳ ଭଳି ଦେଖାଯାଉଥିବା କୀଟ।

**ଅମରପାଲି, ୪।୬ (ଡି.ଏନ.ଏ)** କରୋନାକୁ ନେଇ ସମଗ୍ର ବିଶ୍ୱ ଆତଙ୍କିତ ଥିବାବେଳେ ଏବେ ପଙ୍ଗପାଳ ଯୋଗୁ ଚାଷୀ ଚିନ୍ତାରେ ପଡିଛନ୍ତି। ପଡୋଶୀ ଛତିଶଗଡ ପର୍ଯ୍ୟନ୍ତ ପଙ୍ଗପାଳ ଆସିଥିବା ସୂଚନା ମିଳିବା ପରେ ସାଧାରଣତଃ ପଶ୍ଚିମ ଓଡିଶାର ଚାଷୀ ଆତଙ୍କିତ ହୋଇ ପଡିଛନ୍ତି। ଗୁରୁବାର ସକାଳୁ ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଅନ୍ତର୍ଗତ କୋଟସମଲାଇ ଅଞ୍ଚଳରେ ପଙ୍ଗପାଳ ଭଳି କୀଟ ପଲ ଦେଖିବାକୁ ମିଳିଛି। ଏକ ସାହାଜ ଗଛରେ ଉକ୍ତ କୀଟମାନେ ଏକାଠି ଥିବାର ଦେଖିବାକୁ ମିଳିଥିଲା। ଅଞ୍ଚଳର କେତେକ ଲୋକ ଏହାକୁ ପଙ୍ଗପାଳ ବୋଲି କହୁଥିବା ବେଳେ ଆଉ କେହି ଏହା ପଙ୍ଗପାଳ ଭଳି ଦେଖାଯାଉଥିବା ଏକ ପ୍ରକାର କୀଟ ବୋଲି କହୁଛନ୍ତି। ସାଧାରଣତଃ ଆଉ କିଛି ଦିନ ପରେ ଚାଷକାମ ଆରମ୍ଭ ହେବାକୁ ଥିବାବେଳେ ପଙ୍ଗପାଳ ଯୋଗୁ ଚାଷୀମାନେ କ୍ଷତିରେ ପଡିବା ଆଶଙ୍କା ରହିଛି । କୃଷି ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି ।

# ତହସିଲ କିରାଣି ସମେତ ୨ ଗିରଫ

**ବଲାଙ୍ଗୀର ଅଫିସ/ଲୋଇସିଂହା, ୪।୬(ଡି.ଏନ୍.ଏ.)**



ବିକାଶ ଭୋଇ



ଚନ୍ଦ୍ରଶେଖର ପାତ୍ର

- ୬ ହଜାର ଟଙ୍କା ଲାଞ୍ଚ ନେଉଥିଲେ
- ଆରଓଆର ଦେବାକୁ ନେଇଥିଲେ ଲାଞ୍ଚ

ଆରଓଆର(ରାଇଟ୍ ଅଫ୍ ରେକର୍ଡସ) କରିଦେବା ବାବଦରେ ଜଣେ ବ୍ୟକ୍ତିଙ୍କଠାରୁ ୬ ହଜାର ଟଙ୍କା ଲାଞ୍ଚ ନେବାବେଳେ ଆଗଲପୁର ତହସିଲ ଅଫିସର ଭାରପ୍ରାପ୍ତ ହେଡକ୍ଲର୍କ ବିକାଶ ଭୋଇ ଓ ରାଜସ୍ୱ ସହକାରୀ ଚନ୍ଦ୍ରଶେଖର ପାତ୍ରଙ୍କୁ ବଲାଙ୍ଗୀର ଭିଜିଲାନ୍ସ ଟିମ୍ ଗୁରୁବାର ଗିରଫ କରିଛି । ବୁଦୁଲା ଗ୍ରାମର ମାଧବ ନାଗ ତାଙ୍କ ଜମି ସଂକ୍ରାନ୍ତୀୟ କାମ ପାଇଁ ଆଗଲପୁର ତହସିଲ ଅଫିସକୁ ଯାଇ ଆରଓଆର କରିଦେବାକୁ ଅନୁରୋଧ କରିଥିଲେ । ତେବେ ଏହି ଅଫିସର ଇନଚାର୍ଜ ହେଡକ୍ଲର୍କ ବିକାଶ ଭୋଇ ତାଙ୍କୁ ୬ ହଜାର ଟଙ୍କା ଦେଲେ ଯାଇ ଆରଓଆର ହୋଇପାରିବ ବୋଲି କହିଥିଲେ । ବାରମ୍ବାର ଅନୁରୋଧ କରିବା ପରେ ମଧ୍ୟ ହେଡକ୍ଲର୍କ ଭୋଇ ତାଙ୍କୁ ୬ହଜାର ଟଙ୍କା ଦେବାକୁ ଦାବି କରିଥିଲେ। ଏନେଇ ମାଧବ ବଲାଙ୍ଗୀର ଭିଜିଲାନ୍ସ ଅଫିସକୁ ଆସି ଅଭିଯୋଗ କରିଥିଲେ । ସମସ୍ତ ଯୋଜନା ମୁତାବକ ଗୁରୁବାର ମାଧବ ୬ ହଜାର ଟଙ୍କା ଧରି ଆଗଲପୁର ତହସିଲ ଅଫିସକୁ ଯାଇ ଇନ୍‌ଚାର୍ଜ ହେଡକ୍ଲର୍କ ଭୋଇଙ୍କୁ ୬ ହଜାର ଟଙ୍କା ଦେଇଥିଲେ। ଭୋଇ ଉକ୍ତ ଟଙ୍କାକୁ ସେହି ଅଫିସର ରାଜସ୍ୱ ସହକାରୀ ଚନ୍ଦ୍ରଶେଖର ପାତ୍ରଙ୍କୁ ଦେଇ ଦେବାକୁ କହିଥିଲେ । ଭୋଇଙ୍କ କହିବା ମୁତାବକ ୬ ହଜାର ଟଙ୍କାକୁ ମାଧବ ରାଜସ୍ୱ ସହକାରୀ ପାତ୍ରଙ୍କୁ ପ୍ରଦାନ କରିଥିଲେ । ଏତିକିବେଳେ ସେଠାରେ ଥିବା ଭିଜିଲାନ୍ସ ଟିମ୍ ଚଢ଼ାଉ କରି ପାତ୍ରଙ୍କଠାରୁ ଉକ୍ତ ଟଙ୍କା ଜବତ୍ କରିବା ସହ ଉଭୟ ଭାରପ୍ରାପ୍ତ ହେଡକ୍ଲର୍କ ଓ ରାଜସ୍ୱ ସହକାରୀଙ୍କୁ ଗିରଫ କରିଥିଲେ। ଏହି ଚଢ଼ାଉ ପୂର୍ବରୁ ହେଡକ୍ଲର୍କ ବିକାଶ ଭୋଇଙ୍କ ବିରୋଧରେ ସମ୍ବଲପୁର ଭିଜିଲାନ୍ସ ବିଭାଗରେ ଏକ ମାମଲା (ନଂ.୧୦/୨୦୨୦) ରୁଜୁ କରାଯାଇଛି । ଗୁରୁବାର ଅଭିଯୁକ୍ତ ଇନଚାର୍ଜ ହେଡକ୍ଲର୍କ ଭୋଇ ଓ ରାଜସ୍ୱ ସହକାରୀ ପାତ୍ରଙ୍କୁ କୋର୍ଟଚାଲାଣ କରାଯାଇଥିବା ସୂଚନା ଦିଆଯାଇଛି ।

## ସୁବର୍ଣ୍ଣପୁର : ପୁଣି ଜଣେ କରୋନା ପଜିଟିଭ୍ ଚିହ୍ନଟ

**ସୋନପୁର,୪।୬(ନି.ପ୍ର.)**

ସୁବର୍ଣ୍ଣପୁର ଜିଲାରେ ଗୁରୁବାର ଜଣେ ନୂଆ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାର କରୋନା ସଂକ୍ରମିତଙ୍କ ସଂଖ୍ୟା ୨୬କୁ ବୃଦ୍ଧି ପାଇଛି। ତେବେ ପୂର୍ବରୁ ଜିଲାର ୩ ଜଣ ସଂକ୍ରମିତ ସୁସ୍ଥ ହୋଇଥିବାରୁ ଏବେ ଜିଲାରେ ୨୩ ଜଣ କରୋନା ସଂକ୍ରମିତଙ୍କ ଦେହରେ ଭୂତାଣୁ ସକ୍ରିୟ ରହିଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ଗୁରୁବାର ଡୁଙ୍ଗୁରିପାଲି ବ୍ଲକ ସରଗୁଲ ପଞ୍ଚାୟତର ଜଣେ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ୨୫ ବର୍ଷୀୟ ପ୍ରବାସୀ ତାମିଲନାଡୁରୁ ଫେରି ଗତ ୨୨ ତାରିଖରୁ ସ୍ଥାନୀୟ ଛଞ୍ଚାଣି ସ୍ଥିତ ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିର(ଟିଏମ୍‌ସି)ରେ ସଙ୍ଗରୋଧରେ ରହୁଥିଲେ। ତାଙ୍କଠାରେ ଲକ୍ଷଣ ଦେଖାଯିବା ପରେ ଗତ ୨ ତାରିଖରେ ସ୍ୱାବ୍ ନମୂନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଥିଲା। ସଂକ୍ରମିତଙ୍କୁ ଜିଲା କୋଭିଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ପୂର୍ବରୁ ତରଭା ସ୍ୱାସ୍ଥ୍ୟକେନ୍ଦ୍ରର ଜଣେ ମହିଳା ଆୟୁଷ ଡାକ୍ତର, ନାଇକେନପାଲି ସ୍ୱାସ୍ଥ୍ୟକେନ୍ଦ୍ରର ଜଣେ ସ୍ୱାସ୍ଥ୍ୟ କର୍ମଚାରୀ, କୋଟସମଲାଇର ଅଙ୍ଗନୱାଡି କର୍ମୀ ଓ ଜଣେ ଦେଢ ବର୍ଷର ଶିଶୁ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି।

## ଭିମ୍‌ସାରରେ ନିର୍ଦ୍ଦେଶକ ନିଯୁକ୍ତ
## ଛାତ୍ର ଥିଲେ, ନିର୍ଦ୍ଦେଶକ ହେଲେ

**ସମ୍ବଲପୁର,୪।୬ (ବ୍ୟୁରୋ)**

ସମ୍ବଲପୁର ଜିଲା ବୁର୍ଲା ବୀର ସୁରେନ୍ଦ୍ର ସାଏ ଆୟୁର୍ବିଜ୍ଞାନ ଗବେଷଣା ପ୍ରତିଷ୍ଠାନ (ଭିମ୍‌ସାର)ରେ ପ୍ରାୟ ଦେଢବର୍ଷ ହେବ ଖାଲି ପଡିଥିବା ନିର୍ଦ୍ଦେଶକ ପଦବୀ ପୂରଣ ହେବ। ରାଜ୍ୟ ସରକାରଙ୍କ ଅନୁମୋଦନ କ୍ରମେ କୁଳାଧିପତି ଏଥିପାଇଁ ସ୍ୱୀକୃତି ପ୍ରଦାନ କରିଛନ୍ତି। ଡାକ୍ତର ଲଳିତ ମେହେରଙ୍କୁ ଏହି ପଦବୀରେ ନିଯୁକ୍ତି ଦିଆଯାଇଛି। ଡା. ଲଳିତ ବର୍ତ୍ତମାନ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜର ଡିନ୍ ଭାବେ କାର୍ଯ୍ୟରତ ଅଛନ୍ତି। ଗତ ମେ ୮ତାରିଖରେ ଭିମ୍‌ସାର ନିର୍ଦ୍ଦେଶକ ପଦବୀ ପାଇଁ ଡା. ମେହେରଙ୍କ ସମେତ ଭିମ୍‌ସାର ମେଡିସିନ ବିଭାଗ ପ୍ରଫେସର ମନୋଜ ମହାପାତ୍ର, କୋରାପୁଟ ମେଡିକାଲ କଲେଜ କମ୍ୟୁନିଟି ମେଡିସିନ ବିଭାଗର ପ୍ରଫେସର କିଶୋର ବେହେରା, ହାଇଟେକ୍ ମେଡିକାଲ କଲେଜ ହୃଦ୍‌ରୋଗ ବିଭାଗ ମୁଖ୍ୟ ଡା. ଅକ୍ଷୟ କୁମାର, ମହାରାଷ୍ଟ୍ର ସ୍ଥିତ ଏମ୍‌ଜିଏନ୍‌ଏସ୍ ସେବାଗ୍ରାମର ଡା. କ୍ଷୀରୋଦ ଚନ୍ଦ୍ର ମିଶ୍ରଙ୍କ ସାକ୍ଷାତ୍କାର ନିଆଯାଇଥିଲା। ଏହା ପରେ ସମୁଦାୟ ୩ ଜଣଙ୍କୁ ଶର୍ଟଲିଷ୍ଟ କରାଯାଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ପଠାଯାଇଥିଲା। ସୂଚନାଯୋଗ୍ୟ, ବଲାଙ୍ଗୀର ନିବାସୀ ଡାକ୍ତର ମେହେର ୧୯୭୬ରେ ଭିମ୍‌ସାରର ଛାତ୍ର ଥିଲେ। ପରେ ସେ ମେଡିକାଲ କଲେଜରେ ଅଧ୍ୟାପକ ଭାବେ ମଧ୍ୟ ନିଯୁକ୍ତି ପାଇଥିଲେ। ୧୯୯୨ରେ ବ୍ରହ୍ମପୁର ମେଡିକାଲ କଲେଜରେ ମେଡିସିନ ବିଶେଷଜ୍ଞ ଭାବେ କାର୍ଯ୍ୟ କରିଥିଲେ । ପ୍ରାୟ ୩ ବର୍ଷ ହେଲା ସେ ବଲାଙ୍ଗୀର କଲେଜରେ ଡିନ୍ ଓ ଅଧ୍ୟକ୍ଷ ଭାବେ କାର୍ଯ୍ୟ କରୁଛନ୍ତି। ଡା. ମେହେର କହିଛନ୍ତି ଯେ, ଭିମ୍‌ସାରରେ ଅନେକ ସମସ୍ୟା ରହିଛି । ଡାକ୍ତର, ପାରାମେଡିକାଲ ଷ୍ଟାଫ, ଅନ୍ୟ କର୍ମଚାରୀ ପଦ ଖାଲି ରହିଛି । ସେଗୁଡିକ ପୂରଣ କରାଯିବ । ଭିତ୍ତିଭୂମି ଓ ଆନୁଷଙ୍ଗିକ ସାମଗ୍ରୀ ସୁବିଧା କରାଯିବ, ଛାତ୍ରୀଛାତ୍ରଙ୍କ ସହ ସମନ୍ୱୟ ରଖି ସମସ୍ୟାର ସମାଧାନ କରାଯିବ ବୋଲି ସେ ସୂଚନା ଦେଇଛନ୍ତି ।

## ସଙ୍ଗରୋଧ ଅବଧି ଶେଷ ପରେ ୨ ରୋଗୀ ଚିହ୍ନଟ

**ବାମରା, ୪।୬ (ଡି.ଏନ.ଏ.)**

ସମ୍ବଲପୁର ଜିଲା ବାମରା ବ୍ଲକରେ ମହାରାଷ୍ଟ୍ର ଫେରନ୍ତା ଶ୍ରମିକଙ୍କ ମଧ୍ୟରୁ ୨ ଜଣ କରୋନାରେ ଆକ୍ରାନ୍ତ ହୋଇଥିବା ଚିହ୍ନଟ ହୋଇଛନ୍ତି । ସେମାନେ ୧୪ ଦିନ ସଙ୍ଗରୋଧ କେନ୍ଦ୍ରରେ ଥିଲେ। ଅବଧି ଶେଷ ପରେ ସେମାନେ ଘରକୁ ଫେରି ବିଭିନ୍ନ ଲୋକଙ୍କ ସହ ମିଳାମିଶା କରିଥିଲେ। ଏହା ପରେ ସେମାନଙ୍କ ସ୍ୱାବ୍ ନମୁନା ରିପୋର୍ଟ ପଜିଟିଭ ଆସିବା ପରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି । ସୂଚନା ଅନୁଯାୟୀ, ମେ ୧୬ରେ କେତେଜଣ ଶ୍ରମିକ ମହାରାଷ୍ଟ୍ରର ବଦଲାପୁରରୁ ବାମରା ବ୍ଲକ୍‌କୁ ଫେରିଥିଲେ। ସମସ୍ତଙ୍କୁ ପିଣ୍ଡାପଥର ସଙ୍ଗରୋଧ କେନ୍ଦ୍ରରେ ରଖାଯାଇଥିଲା। ଗତ ୨୭ ତାରିଖରେ ସେମାନଙ୍କ ସ୍ୱାବ୍ ନମୁନା ସଂଗ୍ରହ କରାଯାଇଥିଲା । ୩୦ ତାରିଖରେ ସେମାନଙ୍କ ସଙ୍ଗରୋଧ ଅବଧି ଶେଷ ହେବା ପରେ ସମସ୍ତଙ୍କୁ ଘରକୁ ପଠାଇ ଦିଆଯାଇଥିଲା । ମାତ୍ର ଗତ ୨ ତାରିଖ ଦିନ ସେମାନଙ୍କ ମଧ୍ୟରୁ ୨ ଜଣଙ୍କ ରିପୋର୍ଟ ପଜିଟିଭ ଆସିଥିଲା। ମଙ୍ଗଳବାର ରାତିରେ ଉଭୟଙ୍କୁ ରାଉରକେଲା କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। କେଉଁ ଲୋକଙ୍କ ସଂସ୍ପର୍ଶରେ ସେମାନେ ଆସିଛନ୍ତି ସେମାନଙ୍କୁ ଚିହ୍ନଟ ପାଇଁ ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

## ସଙ୍ଗରୋଧ କେନ୍ଦ୍ରରୁ ଫେରିଥିବା ମହିଳାଙ୍କ ଆତ୍ମହତ୍ୟା

**କୁଚିଣ୍ଡା,୪।୬(ଡି.ଏନ.ଏ):** କୁଚିଣ୍ଡା ଥାନା ଅନ୍ତର୍ଗତ ବକ୍ସମା ଗ୍ରାମରୁ ପୋଲିସ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରିଛି। ଗୁରୁବାର ବ୍ୟବଚ୍ଛେଦ ପରେ ମୃତଦେହ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ମୃତକ ହେଲେ ବକ୍ସମା ଗ୍ରାମର ପପୁନ ପଶାୟତଙ୍କ ସ୍ତ୍ରୀ ପଲ୍ଲବୀ। ଚେନ୍ନାଇରୁ ଦାଦନ ଖଟି ପଲ୍ଲବୀ ଗାଁକୁ ଫେରି ଚନ୍ଦନୀମାଲ ଗ୍ରାମରେ ଥିବା ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରହିଥିଲେ । ସେଠାରେ ରହିବା ଅବଧି ସରିବା ପରେ ୭ ଦିନ ହୋମ କ୍ୱାରେଣ୍ଟାଇନରେ ଥିଲେ। ହେଲେ ଗତ ୩ ତାରିଖ ଦିନ ପଲ୍ଲବୀ ବେକରେ ଓଢ଼ଣୀ ବାନ୍ଧି ପଙ୍ଖାରେ ଝୁଲି ଆତ୍ମହତ୍ୟା କରିଥିଲେ।

## ପଙ୍ଗପାଳ ପରିଚାଳନା ସଚେତନତା କାର୍ଯ୍ୟକ୍ରମ




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅଧିକାରୀମାନେ ।

**ଦେବଗଡ଼,୪।୬(ଡି.ଏନ.ଏ.)**

ଦେବଗଡ଼ କୃଷିବିଜ୍ଞାନ କେନ୍ଦ୍ରର ସମ୍ମିଳନୀ କକ୍ଷରେ ପଙ୍ଗପାଳ ପରିଚାଳନା ସମ୍ପର୍କିତ ଏକ ଜିଲାସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ କୃଷିବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡ. ସୁଜିତ କୁମାର ନାଥ ଅଧ୍ୟକ୍ଷତା କରି ପଙ୍ଗପାଳ କୀଟଜନିତ ବିଭିନ୍ନ ଫସଲରେ ହେଉଥିବା କ୍ଷତି ଓ ତହିଁର ନିରାକରଣ ନିମନ୍ତେ ଜିଲାସ୍ତରରେ ଗ୍ରହଣ କରାଯାଉଥିବା ବିଭିନ୍ନ ପଦକ୍ଷେପ ଉପରେ ଆଲୋଚନା କରିଥିଲେ। ଏହି କୀଟ ପ୍ରତି ଭୟଭୀତ ନ ହୋଇ ସତର୍କତା ଅବଲମ୍ବନ କରିବାକୁ ସେମାନେ ପରାମର୍ଶ ଦେଇଥିଲେ । ଜିଲା ମୁଖ୍ୟ କୃଷି ଅଧିକାରୀ ଡ. ପ୍ରଦୀପ କୁମାର ସାହୁ ଉପସ୍ଥିତ ରହି ପଙ୍ଗପାଳ କୀଟ ନିୟନ୍ତ୍ରଣ ପାଇଁ ରାଜ୍ୟ ତଥା ଜିଲାସ୍ତରରେ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। କୃଷିବିଜ୍ଞାନ କେନ୍ଦ୍ରର ଶସ୍ୟ ସଂରକ୍ଷଣ ବୈଜ୍ଞାନିକ ଲବ ସୋରେନ ଏହି କୀଟର ଜନ୍ମ, ପ୍ରବୃତ୍ତି ଓ ବ୍ୟବହାର ସମ୍ପର୍କରେ ସୂଚନା ଦେଇଥିଲେ । ଜିଲା ଉଦ୍ୟାନ କୃଷି ଉପନିର୍ଦ୍ଦେଶକ କିଶୋର ମହାଲିଙ୍ଗ ପଙ୍ଗପାଳ ଦାଉରୁ ରକ୍ଷା ପାଇବା ନମନ୍ତେ ଫଳଚାଷୀ, ପନିପରିବା ଚାଷୀମାନେ ସତର୍କ ରହିବାକୁ ପରାମର୍ଶ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଦେବଗଡ଼ ଜଳଛାୟା ମିଶନର ପ୍ରକଳ୍ପ ନିର୍ଦ୍ଦେଶକ କୃଷ୍ଣଚନ୍ଦ୍ର ପ୍ରଧାନ, ଫରେଷ୍ଟ ରେଞ୍ଜ ଅଫିସର ଦେବଦତ୍ତ ନନ୍ଦ ଓ ଦେବଗଡ଼ ଅଗ୍ନିଶମ ଅଧିକାରୀ ପ୍ରଫୁଲ୍ଲ ସାମଲ ପ୍ରମୁଖ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ଜିଲାର ତିନୋଟିଯାକ ବ୍ଲକର ବ୍ଲକ କୃଷି ଅଧିକାରୀ, ସହକାରୀ କୃଷି ଅଧିକାରୀ, କୃଷି ପରିଦର୍ଶକ,ବ୍ଲକ ସହକାରୀ ଉଦ୍ୟାନ କୃଷି ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ ।

# ଧିମେଇ ଚାଲିଛି ଧାନକିଣା

**ସୋନପୁର,୪।୬(ନି.ପ୍ର.)**

### ସୁବର୍ଣ୍ଣପୁର ଜିଲା



ବିନିକା ବ୍ଲକ ଶଙ୍କରା ପ୍ୟାକ୍ସରେ ଚାଷୀଙ୍କ ଧାନ ପଡିରହିଛି।

- ଗୋଦାମ ଘର ନାହିଁ, ବର୍ଷାରେ ଭିଜୁଛି ଧାନ
- ଚାଷୀଙ୍କଠାରୁ କିଣା ହୋଇଛି ୧୨ ଲକ୍ଷ କୁଇଣ୍ଟାଲ

ସୁବର୍ଣ୍ଣପୁର ଜିଲାରେ ମେ ୧୫ ତାରିଖରୁ ଧାନକିଣା ଆରମ୍ଭ ହୋଇଛି। ଜୁନ୍ ୧୫ରେ ଏହି ଅବଧି ସରିବ। ହେଲେ ମୌସୁମୀ ପାଖେଇ ଆସିଥିବା ବେଳେ ସରକାରଙ୍କ ମନ୍ଥର ଗତିରେ ଧାନ ସଂଗ୍ରହ ଚାଷୀଙ୍କୁ ଚିନ୍ତାରେ ପକାଇଛି। ବର୍ତ୍ତମାନ ମଝିରେ ମଝିରେ ବର୍ଷା ହେଉଥିବାରୁ ବିଭିନ୍ନ ମଣ୍ଡିରେ ଧାନ ବସ୍ତା ଭିଜୁଛି। ଗୋଦାମ ଘର ଅଭାବ ଯୋଗୁ ଖୋଲା ଆକାଶ ତଳେ ହଜାର ହଜାର ଧାନ ବସ୍ତା ପଡି ରହିଛି।

ରବିଧାନ ବିକ୍ରି ପାଇଁ ୨୭ହଜାର ୭୩୩ ଚାଷୀ ପଞ୍ଜୀକୃତ ହୋଇଛନ୍ତି। ଅନ୍‌ଲାଇନ ଟୋକନ ବ୍ୟବସ୍ଥା ଅନୁଯାୟୀ ଗୁରୁବାର ଅପରାହ୍ନ ସୁଦ୍ଧା ୧୩ହଜାର ୯୯ଜଣ ଚାଷୀଙ୍କଠାରୁ ୧୨ଲକ୍ଷ ୨୯ହଜାର ୬୩୦କୁଇଣ୍ଟାଲ ୫୮କିଲୋ ଧାନକ୍ରୟ କରାଗଲାଣି। ଏହି ଜିଲାରୁ ୨୩ଲକ୍ଷ କୁଇଣ୍ଟାଲ ଧାନକ୍ରୟ ପାଇଁ ରାଜ୍ୟ ସରକାର ଟାର୍ଗେଟ୍ ଦେଇଛନ୍ତି। ତେବେ ପୂର୍ବବର୍ଷ ଭଳି ଜିଲାରେ ମିଲର୍ସଙ୍କ ଇଚ୍ଛା ଅନୁସାରେ ଚାଲିଛି ଧାନ କିଣା। ଏଫଏକ୍ୟୁ ଆଳ ଦେଖାଇ କୁଇଣ୍ଟାଲ ପ୍ରତି ୨ରୁ ୩ କେଜି ଧାନ କାଟି ନେଉଛନ୍ତି। ଯେଉଁଠି ଚାଷୀ କଟ୍‌ନିଛଟ୍‌କୁ ବିରୋଧ କରୁଛନ୍ତି ସେହି ମଣ୍ଡିରୁ ଧାନ ଉଠୁନି । ବାହାର ଜିଲାର ମିଲର୍ସ ମଧ୍ୟ ଧାନ ଉଠାଣରେ ଚରମ ଅବହେଳା ପ୍ରଦର୍ଶନ କରୁଛନ୍ତି। ଡୁଙ୍ଗୁରିପାଲି ବ୍ଲକର ରାମପୁର, ବେହେରାମାଲ, ମାୟାବାର୍ହା, ଗଜବନ୍ଧ, ଶୁଖା, ବିନିକା ବ୍ଲକର ବାଙ୍କିଘିଡି, ଚରଦା, ଶଙ୍କରା, ସିଲାଟି, ବାଉଁଶୁଣିରୁ ଧାନ ଉଠିପାରୁନି। ଟୋକନ ପାଇବା ପରେ ରାମପୁର, ମାୟାବାର୍ହା, ଚରଦା, ଶଙ୍କରା, ସିଲାଟି ଓ ବାଉଁଶୁଣି ପ୍ୟାକ୍ସ ଅଞ୍ଚଳର ଚାଷୀମାନେ ହଜାରହଜାର ଧାନ ବସ୍ତା ମାର୍କେଟ୍ ୟାର୍ଡକୁ ଆଣିଛନ୍ତି । କିନ୍ତୁ ଧାନ ମଣ୍ଡିରୁ ଉଠି ପାରୁନି । ଶଙ୍କରାର ଚାଷୀ ଶିବ ପ୍ରଧାନ, ବିକ୍ରମାଦିତ୍ୟ ଶତପଥୀ ଓ ରାଧାକାନ୍ତ ସାହୁ କୁହନ୍ତି, ସେମାନେ ଜଣ ପ୍ରତି ୫୦୦ ରୁ ୬୦୦ ବସ୍ତା ଧାନ ମଣ୍ଡିକୁ ଆଣିଛନ୍ତି। ସେମାନଙ୍କ ଧାନ କିଣାଯାଉନି। ଗୋଦାମ ଘର ନ ଥିବାରୁ ଖୋଲା ଆକାଶ ତଳେ ଅସୁରକ୍ଷିତ ଭାବେ ଧାନ ବସ୍ତା ପଡି ରହିଛି। ପ୍ୟାକ୍ସ ସମ୍ପାଦକ ବୃନ୍ଦାବନ ମିଶ୍ର କୁହନ୍ତି, ମେ ୧୫ରୁ ୩୧ ମଧ୍ୟରେ ଚାଷୀଙ୍କୁ ୩୮ହଜାର କୁଇଣ୍ଟାଲର ଟୋକନ ଦିଆଯାଇଥିଲା । ହେଲେ ତାଙ୍କ ପ୍ୟାକ୍ସକୁ ମାତ୍ର ୧୩ ହଜାର ୮୦୦ କୁଇଣ୍ଟାଲ ଟାର୍ଗେଟ୍ ଦିଆଯାଇଥିବାରୁ ଧାନକ୍ରୟରେ ବିଳମ୍ବ ହେଉଛି। ସେହିପରି ଚରଦା, ସିଲାଟି, ବାଉଁଶୁଣି ପ୍ୟାକ୍ସରେ ମଧ ୬ହଜାର ବସ୍ତା ଲେଖାଏଁ ଧାନଉଠୁନି। ରାମପୁର ପ୍ୟାକ୍ସରେ ଧାନ ବର୍ଷାରେ ଭିଜି ଯାଇଛି। ଚାଷୀଙ୍କ ଧାନ କିଣିବା ଦାବିରେ ଗୁରୁବାର ଶଙ୍କରା ଗ୍ରାମର ଚାଷୀ ଭାଜପା ନେତା ବଳଦେବ ପ୍ରସାଦ ବେଦ୍‌ବାକ୍‌ଙ୍କ ନେତୃତ୍ୱରେ ଜିଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ମୌସୁମୀ ଓଡିଶାକୁ ଛୁଇଁବା ପୂର୍ବରୁ ଧାନକ୍ରୟ ପାଇଁ ଚାଷୀ ସଂଗଠନଗୁଡିକ ଦାବି କରିଛନ୍ତି । ଜିଲା ଯୋଗାଣ ଅଧିକାରୀ ବିବେକାନନ୍ଦ କୋରକୋରା କୁହନ୍ତି, ଧାନ ଶୀଘ୍ର ଉଠାଇବା ପାଇଁ ଉଦ୍ୟମ କରୁଛୁ। ଗୋଦାମ ଖାଲି ନ ଥିବାରୁ ଜିଲାରେ ମିଲର୍ସମାନେ ଚାଉଳ ଡେଲିଭରି ଦେଇ ନ ଥିଲେ। ବର୍ତ୍ତମାନ ଚାଉଳ ଡେଲିଭରି ସାଙ୍ଗକୁ ଧାନ ଉଠାଣ ପାଇଁ ଟ୍ରକ୍ ଓ ଶ୍ରମିକଙ୍କ ଅଭାବ ରହୁଛି। ତେବେ ଧାନ ସଂଗ୍ରହକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ପଦକ୍ଷେପ ନିଆଯାଇଛି।

## ବଳାତ୍କାର ଅଭିଯୁକ୍ତ ଗିରଫ

ଢେଙ୍କାନାଳ ଅଫିସ, ୪।୬: ବିବାହ ପ୍ରଲୋଭନ ଦେଖାଇ ଜଣେ ସ୍ୱାମୀହରା ମହିଳାଙ୍କୁ ବଳାତ୍କାର କରିବା ଅଭିଯୋଗରେ ଗଁଦିଆ ଥାନା ଅଞ୍ଚଳର କୀର୍ତ୍ତନ ବିହାରୀଙ୍କୁ ପୋଲିସ ଗିରଫ କରିଛି। ପୀଡ଼ିତାଙ୍କ ଅଭିଯୋଗ ଅନୁଯାୟୀ, ବିବାହ ପ୍ରଲୋଭନ ଦେଖାଇ କୀର୍ତ୍ତନ ତାଙ୍କ ସହ ୬ବର୍ଷ ହେଲା ସମ୍ପର୍କ ରଖିଥିଲେ। ଏପରି କି ଗର୍ଭବତୀ ହେବା ପରେ କୌଶଳକ୍ରମେ ଗର୍ଭନଷ୍ଟ କରିଦେଇଥିଲେ। ଏହାପରେ ସେ ତାଙ୍କୁ ପ୍ରତାରଣା କରିଥିବା ଅଭିଯୋଗରେ ଦର୍ଶାଯାଇଛି। ଏ ନେଇ ନଂ. ୧୦୩/୨୦ରେ ଏକ ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ନିର୍ମଳା ଗୋଛାୟତ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ସଂଗ୍ରହ ହେବ କଳାକାରଙ୍କ ସମ୍ପୂର୍ଣ୍ଣ ବିବରଣୀ

**ଢେଙ୍କାନାଳ ଅଫିସ, ୪।୬:** ଢେଙ୍କାନାଳ ଜିଲାର କଳାକାରଙ୍କ ସମ୍ପୂର୍ଣ୍ଣ ବିବରଣୀ ସଂଗ୍ରହ ହେବ। ଏଥିଲାଗି ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଗୁରୁବାରଠାରୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏଥିପାଇଁ ବିଭାଗ ପକ୍ଷରୁ ଫର୍ମ ପ୍ରଦାନ କରାଯାଉଛି। କଳାକାରମାନେ ଫର୍ମ ପୂରଣ କରି ସିଧାସଳଖ ଜିଲା ସଂସ୍କୃତି ବିଭାଗ କାର୍ଯ୍ୟାଳୟରେ ଦାଖଲ କରିବେ। ତେବେ ଏହା କୌଣସି ପ୍ରକାର ଭତ୍ତା ପ୍ରଦାନ ଲାଗି ଉଦ୍ଦିଷ୍ଟ ନୁହେଁ ବୋଲି ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଏହି କାର୍ଯ୍ୟ ସମୟରେ ଲାଞ୍ଚ ନେବା କି ଦେବା ଭଳି ଅଭିଯୋଗ ଆସିଲେ ତଦନ୍ତ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ସୂଚନା ଦେଇଛନ୍ତି।

### ଜରିମାନା ଆଦାୟ

**ଅନୁଗୋଳ ଅଫିସ, ୪।୬:** କରୋନା କଟକଣା ନ ମାନି ବାହାରେ ବିନା ମାସ୍କରେ ବୁଲାବୁଲି କରୁଥିବା ଲୋକଙ୍କଠାରୁ ଅନୁଗୋଳ ତହସିଲଦାର ଓ ପୋଲିସ ଜରିମାନା ଆଦାୟ କରିଛନ୍ତି। ସହରର ବିଭିନ୍ନ ଛକ, ଜନଗହଳିପୂର୍ଣ୍ଣସ୍ଥାନ ଗୁଡ଼ିକରେ ଅନୁଗୋଳ ତହସିଲଦାର ତଥା ମାଜିଷ୍ଟ୍ରେଟ ନେହୁରୁ ମାଝିଙ୍କ ଉପସ୍ଥିତିରେ ପୋଲିସ ପକ୍ଷରୁ ଯାଞ୍ଚ କରାଯାଇଥିଲା। ଏହି ସମୟରେ ମାସ୍କ ନ ପିନ୍ଧି ବିନା କାରଣରେ ବାହାରେ ବୁଲୁଥିବା ଲୋକଙ୍କ ନିକଟରୁ ଜରିମାନା ଆଦାୟ କରାଯାଇଥିଲା।

### ପ୍ରଶାସନ ପକ୍ଷରୁ ମଦ ଦୋକାନ ଯାଞ୍ଚ

**ବଇଣ୍ଡା, ୪।୬(ଡି.ଏନ.ଏ.):** କିଶୋରନଗର ପ୍ରଶାସନ ପକ୍ଷରୁ ଗୁରୁବାର ବାମୁର ଓ ନାକିଚିଠାରେ ଥିବା ବିଦେଶୀ ମଦ ଦୋକାନ ଉପରେ ଚଢ଼ାଉ କରାଯାଇଛି। କିଶୋରନଗର ତହସିଲଦାର ଡ. ଲକ୍ଷ୍ମୀ ପ୍ରସାଦ ସାହୁ, ଆଠମଲ୍ଲିକ ଅବକାରୀ ନିରୀକ୍ଷକ ସୁମିତ୍ରା ଓରାମଙ୍କ ସମେତ ଏକ ଟିମ୍ ଦୋକାନରେ ମହଜୁଦ ମଦ ଯାଞ୍ଚ କରିଥିଲେ। କେତେ ପରିମାଣର ମଦ ଉଠାଣ ଓ ବିକ୍ରି ହୋଇଛି ଅନୁଧ୍ୟାନ କରିଥିଲେ। ଯେପରି ଚୋରା ମଦ କାରବାର ଓ ନକଲି ମଦ ବିକ୍ରି କରା ନ ଯାଏ ସେଥିପ୍ରତି ଗୁରୁତ୍ୱ ଦେବାକୁ ଦୋକାନୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା।

### ଆକ୍ରାନ୍ତଙ୍କ ସଂଖ୍ୟା ୩୧ରେ ପହଞ୍ଚିଲା

**ଅନୁଗୋଳ ଅଫିସ, ୪।୬:** ଅନୁଗୋଳ ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ବୁଧବାର ଛେଣ୍ଡିପଦା ଓ ଅନୁଗୋଳ ବ୍ଲକରୁ ୩ ଜଣଙ୍କୁ ଚିହ୍ନଟ କରାଯାଇଥିବା ବେଳେ ଗୁରୁବାର ଆଉ ଜଣଙ୍କଠାରେ କରୋନା ପଜିଟିଭି ବାହାରିଥିବା ସୂଚନା ମିଳିଛି। ଫଳରେ ମୋଟ୍ ସଂଖ୍ୟା ୩୧ରେ ପହଞ୍ଚିଛି। ବୁଧବାର ସଂକ୍ରମିତ ୩ଜଣଙ୍କ ମଧ୍ୟରୁ ଛେଣ୍ଡିପଦା ବ୍ଲକ ଅଞ୍ଚଳର ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଜଣେ ୩୨ ବର୍ଷର ଯୁବକ ଥିବା ଜଣାପଡ଼ିଛି। ସେ ଗତ ମାସ ୩୧ ତାରିଖରେ ମହାରାଷ୍ଟ୍ରରୁ ଫେରି ସଙ୍ଗରୋଧ କେନ୍ଦ୍ରରେ ଥିଲେ। ସେହିପରି ଅନୁଗୋଳ ବ୍ଲକ ଅଞ୍ଚଳର ଏକ ଅସ୍ଥାୟୀ କେନ୍ଦ୍ରରୁ ଜଣେ ୪୩ ବର୍ଷର ଯୁବକଙ୍କୁ ଚିହ୍ନଟ କରାଯାଇଛି। ସେ ଗତ ମାସ ୨୫ ତାରିଖରୁ ମୁମ୍ବାଇରୁ ଫେରି ସଙ୍ଗରୋଧରେ ଥିଲେ। ଅନ୍ୟ ଜଣେ ୨୦ ବର୍ଷର ବାଙ୍ଗାଲୋର ଫେରନ୍ତା ମହିଳା ଗତ ମାସ ୨୮ ତାରିଖରୁ ସଙ୍ଗରୋଧରେ ଥିଲେ। ଗୁରୁବାର ଚିହ୍ନଟ ହୋଇଥିବା ୨୩ ବର୍ଷିୟା ମହିଳା ଗତ ୨୫ ତାରିଖରେ ମୁମ୍ବାଇରୁ ଫେରିଥିଲେ। ନମୁନା ପଜିଟିଭ୍ ଆସିବା ପରେ ସମସ୍ତଙ୍କୁ ତାଳଚେର କୋଭିଡ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି ବୋଲି ଜିଲାପାଳ ମନୋଜ କୁମାର ମହାନ୍ତି ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ମୋଟ୍ ଆକ୍ରାନ୍ତଙ୍କ ମଧ୍ୟରୁ ୨୩ଜଣ ସୁସ୍ଥ ହୋଇ ସାରିଥିବାରୁ ମାତ୍ର ୮ଜଣ ଏବେ ଚିକିତ୍ସାଧୀନ ଅଛନ୍ତି।

### ଗାଡ଼ି ଧକ୍କାରେ ଯୁବକ ମୃତ

**କାମାକ୍ଷାନଗର, ୪।୬(ଡି.ଏନ.ଏ.):** ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ଥାନା ଗୋବରୀ ନିକଟରେ ବୁଧବାର ସନ୍ଧ୍ୟାରେ ଗାଡ଼ି ଧକ୍କାରେ ଭୁବନ ଥାନା ସୁରପ୍ରତାପପୁର ଗ୍ରାମର ବିଷ୍ଣୁ ବେହେରାଙ୍କ ମୃତ୍ୟୁ ଘଟିଛି। ଏଥିରେ ପ୍ରଦୀପ ନାୟକ ଗୁରୁତର ହୋଇଛନ୍ତି। ଦୁହେଁ ଏକ ବାଇକ୍‌ରେ ମହାବିରୋଡରୁ କଙ୍କଡ଼ାହାଡ଼ ଆସୁଥିବାବେଳେ ଉକ୍ତ ଗାଡ଼ି ତାଙ୍କୁ ଧକ୍କା ଦେଇ ପଳାଇଥିଲା। ସ୍ଥାନୀୟ ଲୋକେ ଉଭୟଙ୍କୁ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ବିଷ୍ଣୁଙ୍କୁ ମୃତ ଘୋଷଣା କରିଥିଲେ। ପ୍ରଦୀପଙ୍କୁ ଜିଲା ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

# ମୌସୁମୀ ପୂର୍ବରୁ ଜଳବନ୍ଦୀ

**ଅନୁଗୋଳ ଅଫିସ,୪।୬**


ନିୟୁ କାଳୀମନ୍ଦିର ଅଞ୍ଚଳ ଜଳବନ୍ଦୀ ହୋଇପଡ଼ିଛି।

- ବର୍ଷାପାଣି ଘେରରେ ବଣିଆବାହଲବାସୀ
- ପ୍ଲଟିଂ ପାଇଁ ପୋତାଯାଇଛି ଦଣ୍ଡାପାଟ ପାଟନାଳୀ
- ସ୍ଥାୟୀ ସମାଧାନ ଦାବି କଲେ ଗାଁ ଲୋକେ

ମୌସୁମୀ ଆସିବା ପୂର୍ବରୁ ଅନୁଗୋଳ ପୌରପରିଷଦର ୯ନଂ. ୱାର୍ଡ ବଣିଆବାହଳ ଅଞ୍ଚଳ ଜଳବନ୍ଦୀ ହୋଇପଡ଼ିଛି। ବୁଧବାର କାଳବୈଶାଖୀ ବର୍ଷା ପରେ ଏପରି ଅବସ୍ଥା ସୃଷ୍ଟି ହୋଇଥିବାରୁ ଆଗାମୀ ଦିନରେ ମୌସୁମୀ ବର୍ଷା ହେଲେ ପରିସ୍ଥିତି କିପରି ହେବ ତାହାକୁ ନେଇ ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେବେ ଚାଷ ଜମିକୁ ପ୍ଲଟିଂ କରି ବିକ୍ରି କରିଦିଆଯିବା ଓ ଦଣ୍ଡାପାଟ ପାଟନାଳୀ ପୋତି ଦିଆଯିବା ଯୋଗୁ ବର୍ଷା ଜଳ ନିଷ୍କାସନ ହୋଇପାରୁ ନ ଥିବା ଅଞ୍ଚଳବାସୀ ପ୍ରକାଶ କରିଛନ୍ତି। ଦୁଇବର୍ଷ ହେଲା ବର୍ଷା ଋତୁରେ ଲୋକେ ଏପରି ଦୁର୍ଦ୍ଦଶା ଭୋଗୁଥିଲେ ମଧ୍ୟ ପ୍ରଶାସନ ନୀରବଦ୍ରଷ୍ଟା ସାଜିଥିବା ଅଭିଯୋଗ ହେଉଛି। ତେବେ ୱାର୍ଡର ନିୟୁ କାଳୀମନ୍ଦିରବାସୀ ଅଧିକ ପ୍ରଭାବିତ ହୋଇଥିବା କହିଛନ୍ତି।

ବଣିଆବାହଳରେ ୫ଶହ ଘର ରହିଛି। ସେଥିମଧ୍ୟରୁ ନିୟୁ କାଳୀ ମନ୍ଦିର ଅଞ୍ଚଳରେ ଥିବା ଘରଗୁଡ଼ିକ ଚାରିପଟେ ପାଣି ଜମି ରହିଛି। ଏପରି କି ଯାତାୟାତ ପାଇଁ ଅନ୍ୟ ରାସ୍ତା ନ ଥିବାରୁ ଲୋକେ ପାଣି ଭିତରେ ପଶି ଚଳପ୍ରଚଳ ହେବାକୁ ବାଧ ହେଉଛନ୍ତି। କେତେଜଣଙ୍କ ଘରେ ମଧ୍ୟ ବର୍ଷା ପାଣି ପଶିଯାଇଛି। ଦୁଇବର୍ଷ ହେଲା ବର୍ଷାଦିନେ ୱାର୍ଡବାସୀ ଏପରି ଦୁର୍ଦ୍ଦଶାର ସମ୍ମୁଖୀନ ହେଉଥିଲେ। ଏ ନେଇ ସେମାନେ ପୂର୍ବରୁ ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ଅତୀତରେ ଜଣେ ତହସିଲଦାର ଏହାର ସମାଧାନ କରିବାକୁ ଉଦ୍ୟମ କରିଥିଲେ। ହେଲେ ତାଙ୍କର ବଦଳି ହୋଇଯାଇଥିଲା। ବଣିଆବାହାଳର ଯୁଧିଷ୍ଠିର ପଣ୍ଡା କହିଛନ୍ତି, କେତେଜଣ ଲୋକ ପ୍ଲଟିଂ କରି ଜବରଦଖଲ କରିଥିବା ଯୋଗୁ ଏପରି ସମସ୍ୟା ଦେଖାଦେଇଛି। ଏହି ଅଞ୍ଚଳ ଦେଇ ଯାଇଥିବା ଦଣ୍ଡାପାଟ ପାଟନାଳୀ ପୋତି ଦିଆଯାଇଥିବାରୁ ପାଣି ନିଷ୍କାସନ ହୋଇ ନ ପାରି ଘରେ ପଶୁଛି। ପ୍ରତାପ ବାରିକ କହିଛନ୍ତି, ସହରର ପାଣି ଦଣ୍ଡାପାଟ ଦେଇ ଲିଙ୍ଗରାଯୋଡିରେ ପଡିଥାଏ। କିନ୍ତୁ ପାଟନାଳୀ ପୋତି ଘର ନିର୍ମାଣ ପାଇଁ ପ୍ଲଟିଂ ଚାଲିଥିବାରୁ ସମସ୍ୟା ଉପୁଜୁଛି। ଘଟଣା ସମ୍ପର୍କରେ ଅନୁଗୋଳ ପୌର ନିର୍ବାହୀ ଅଧିକାରୀ ବିନୋଦ ଚନ୍ଦ୍ର ପଣ୍ଡା କହିଛନ୍ତି, ୱାର୍ଡବାସୀଙ୍କ ଏହି ସମସ୍ୟାର ସମାଧାନ ନିମନ୍ତେ ୮୮ ଲକ୍ଷ ଟଙ୍କା ଜିଲା ଖଣିଜ ପାଣ୍ଠି (ଡିଏମ୍ଏଫ୍)ରୁ ମଞ୍ଜୁର ହୋଇଛି। କିନ୍ତୁ ସ୍ଥାନୀୟ କିଛି ଅସୁବିଧା ପାଇଁ କାର୍ଯ୍ୟ ହୋଇପାରୁନାହିଁ। ତାହାର ସମାଧାନ ହେବା ପରେ କାର୍ଯ୍ୟ ହେବ ନଚେତ ପୁନର୍ବାର ଟେଣ୍ଡର କରାଯାଇ ଜଳ ନିଷ୍କାସନର ସ୍ଥାୟୀ ସମାଧାନ ବ୍ୟବସ୍ଥା କରାଯିବ ବୋଲି ନିର୍ବାହୀ ଅଧିକାରୀ ପଣ୍ଡା ପ୍ରକାଶ କରିଛନ୍ତି।

## ପଙ୍ଗପାଳ ଚିନ୍ତା: ଖୋଲିଲା କଣ୍ଟ୍ରୋଲ ରୁମ୍

**ଅନୁଗୋଳ ଅଫିସ, ୪।୬**

ପଙ୍ଗପାଳ ଓଡ଼ିଶାରେ ପ୍ରବେଶ କରି ନ ଥିଲେ ମଧ୍ୟ ମୁକାବିଲା ପାଇଁ ଅନୁଗୋଳ ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଅନୁଗୋଳ ଜିଲାପାଳ ମନୋଜ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା କୃଷି ବିଭାଗ ମୁଖ୍ୟ ଭୋଳାଶଙ୍କର ବେହେରା, ଉଦ୍ୟାନ ବିଭାଗ ଉପ ନିର୍ଦ୍ଦେଶକ, ଅନୁଗୋଳ ବନଖଣ୍ଡ ଅଧିକାରୀ, ଜିଲା ଅଗ୍ନିଶମ ଅଧିକାରୀ, ଜିଲା ଜରୁରିକାଳୀନ ଅଧିକାରୀ, କୃଷି ବିଭାଗ ଯନ୍ତ୍ରୀ ପ୍ରମୁଖ ଯୋଗଦେଇଥିଲେ। କୃଷି ବିଭାଗ ପକ୍ଷରୁ ଏକ ଜିଲାସ୍ତରୀୟ ମନିଟରିଂ ଟିମ୍ ଗଠନ କରାଯାଇଛି। ବ୍ଲକସ୍ତରରେ ଟିମ୍ ଗଠନ ସହ ପ୍ରତି ବ୍ଲକରେ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି। ତେବେ ପଞ୍ଚାୟତ ସ୍ତରରେ ଟିମ୍ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ପଙ୍ଗପାଳଙ୍କୁ ଘଉଡ଼ାଇବା ପାଇଁ ଆବଶ୍ୟକ କୀଟନାଶକ ମହଜୁଦ ରଖିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ପଙ୍ଗପାଳଙ୍କୁ ଚିହ୍ନଟ କରିବାକୁ ଲୋକଙ୍କୁ ସଚେତନ କରାଯିବ। ପଙ୍ଗପାଳ ପହଞ୍ଚିବା ସୂଚନା ମିଳିବା ପରେ ତୁରନ୍ତ ଅଗ୍ନିଶମ କର୍ମଚାରୀ ପହଞ୍ଚି କୀଟନାଶକ ସିଞ୍ଚନ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲାରେ ଯେପରି ଫସଲ ନଷ୍ଟ ନ ହେବ ସେଥିପ୍ରତି ଦୃଷ୍ଟି ଦେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

## ଘଣ୍ଟାଏ ବିଳମ୍ବରେ ଦୁର୍ଘଟଣାଗ୍ରସ୍ତ ପ୍ରବାସୀଙ୍କ ଚିକିତ୍ସା

**ଅନୁଗୋଳ ଅଫିସ, ୪।୬**

ରାଜସ୍ଥାନରୁ ଫେରିଥିବା ଦୁଇ ପ୍ରବାସୀ ଓଡ଼ିଆ ଅନୁଗୋଳରେ ଦୁର୍ଘଟଣାଗ୍ରସ୍ତ ହୋଇ ମଙ୍ଗଳବାର ରାତିରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସିଥିଲେ ହେଁ ସେମାନଙ୍କ ଚିକିତ୍ସାରେ ଘଣ୍ଟାଏ ବିଳମ୍ବ ହୋଇଥିବା ଅଭିଯୋଗ ହୋଇଛି। ପିପିଇ କିଟ୍ ନ ଥିବାରୁ ଦାୟିତ୍ୱରେ ଥିବା ଡାକ୍ତର ଓ କର୍ମଚାରୀ ଚିକିତ୍ସା କରି ନ ଥିବା କୁହାଯାଉଛି। ତେବେ ମେଡିକାଲ ପକ୍ଷରୁ ପିପିଇ କିଟ୍ ଯୋଗାଇ ଦିଆଯିବା ପରେ ଚିକିତ୍ସା କରାଯାଇଥିବା ସୂଚନା ମିଳିଛି। ଜିଲାପାଳ ମନୋଜ କୁମାର ମହାନ୍ତି କହିଛନ୍ତି, ମେଡିକାଲରେ ପର୍ଯ୍ୟାପ୍ତ ପରିମାଣର ପିପିଇ ଉପଲବ୍ଧ ରହିଛି। କିନ୍ତୁ କାହିଁକି ଡାକ୍ତରଙ୍କୁ ପ୍ରଦାନ କରାଯାଉନାହିଁ ତାହାର ତଦାରଖ କରାଯିବ ବୋଲି ଜିଲାପାଳ ମହାନ୍ତି କହିଛନ୍ତି।

## ଦିନକରେ ୧୦ ଆକ୍ରାନ୍ତ

- ୩୧କୁ ବଢ଼ିଲା ସଂଖ୍ୟା
- ସୁସ୍ଥ ହୋଇ ଫେରିଲେଣି ୩
- ଆକ୍ଟିଭ୍ କେସ୍ ୨୮



**ଢେଙ୍କାନାଳ ଅଫିସ, ୪।୬**

ଢେଙ୍କାନାଳ ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୩୧ରେ ପହଞ୍ଚିଛି। ଗୁରୁବାର ଗୋଟିଏ ଦିନରେ ୧୦ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ତନ୍ମଧ୍ୟରେ କଙ୍କଡ଼ାହାଡ଼ ବ୍ଲକ କନ୍ଧରା ସଙ୍ଗରୋଧ କେନ୍ଦ୍ରରୁ ୫, ବିରିବୋଲେଇ ଏବଂ ସୁନ୍ଦରମୁଣ୍ଡି କ୍ୱାରାଣ୍ଟାଇନ୍ ସେଣ୍ଟରରୁ ଜଣେ ଲେଖାଏ ଅଛନ୍ତି। ସେହିପରି ହିନ୍ଦୋଳ ବ୍ଲକ କନ୍ତିମିଲି ସଙ୍ଗରୋଧ କେନ୍ଦ୍ରରୁ ୨ଜଣ ଏବଂ ଦୁଦୁରକୋଟ କେନ୍ଦ୍ରରୁ ଜଣେ ପଜିଟିଭ୍ ଚିହ୍ନଟ ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ସମସ୍ତଙ୍କୁ ତାଳଚେର କୋଭିଡ୍ ହସ୍ପିଟାଲକୁ ପଠାଇ ଦିଆଯାଇଛି। ଚିହ୍ନଟମାନେ ରହୁଥିବା ସଙ୍ଗରୋଧ କେନ୍ଦ୍ରଗୁଡିକୁ ବିଶୋଧନ କରାଯାଇଛି। ଆକ୍ରାନ୍ତଙ୍କ ମଧ୍ୟରୁ ମହାରାଷ୍ଟ୍ରରୁ ୪, ଗୁଜରାଟରୁ ୩, ତାମିଲନାଡୁରୁ ୨ ଏବଂ ତେଲଙ୍ଗାନାରୁ ଜଣେ ଫେରି ସଙ୍ଗରୋଧ କେନ୍ଦ୍ରରେ ରହୁଥିଲେ। ତେଣୁ ଗୋଷ୍ଠୀ ସଂକ୍ରମଣର କୌଣସି ଆଶଙ୍କା ନାହିଁ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଅପରପକ୍ଷେ ଗୁରୁବାର କଙ୍କଡ଼ାହାଡ଼ ବ୍ଲକର ଘାଗରାମୁଣ୍ଡା ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ଜଣେ ଆକ୍ରାନ୍ତ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଏହାକୁ ମିଶାଇ ଏଯାଏ ଜିଲାର ୩ଜଣ ଆକ୍ରାନ୍ତ ସୁସ୍ଥ ହୋଇ ଫେରିଲେଣି। ୨୮ଟି ମାମଲା ଆକ୍ଟିଭ୍ ରହିଛି।

## ଶୋଚନୀୟ ଅବସ୍ଥାରେ ହୋଟେଲ ଶିଳ୍ପ

**ଢେଙ୍କାନାଳ ଅଫିସ, ୪।୬**

- ଜିଲାପାଳଙ୍କୁ ଭେଟିଲେ ବ୍ୟବସାୟୀ
- ଖୋଲିବାକୁ ଲୋଡ଼ିଲେ ଅନୁମତି


ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିବା ହୋଟେଲ ବ୍ୟବସାୟୀ।

କରୋନାକୁ ନେଇ ବିଶ୍ୱ ଅର୍ଥନୀତି ଛାରଖାର ହୋଇଯାଇଥିବାବେଳେ ଏଥିରୁ ବାଦ୍ ପଡ଼ିନି ହୋଟେଲ ଶିଳ୍ପ। ପାଖାପାଖି ୨ମାସ ଧରି ହୋଟେଲ ବନ୍ଦ ରହିବା ପରେ ବ୍ୟବସାୟୀଙ୍କ ଆର୍ଥିକ ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ନିକଟରେ ସରକାର କଟକଣା କୋହଳ କରିଥିବାବେଳେ ସକାଳ ୭ଟାରୁ ଅପରାହ୍ନ ୨ଟା ଯାଏ ହୋଟେଲ ଖୋଲିବାକୁ ଅନୁମତି ଦେଇଛନ୍ତି। ହେଲେ ନିର୍ଦ୍ଧାରିତ ସମୟ ସୀମାରେ ବ୍ୟବସାୟ କରିବା ସମ୍ଭବପର ହେଉନାହିଁ। ତେଣୁ ଏହି ସମସ୍ୟାର ସମାଧାନ ଲାଗି ଢେଙ୍କାନାଳର ହୋଟେଲ ବ୍ୟବସାୟୀ ସଂଘର କର୍ମକର୍ତ୍ତାମାନେ ଗୁରୁବାର ଜିଲାପାଳଙ୍କୁ ଭେଟି ଗୁହାରି କରିଛନ୍ତି। ହୋଟେଲ ବ୍ୟବସାୟୀଙ୍କୁ ସହାୟତା ପ୍ରଦାନ ଏବଂ ହୋଟେଲ ଖୋଲିବା ଲାଗି ରହିଥିବା ସମୟସୀମାକୁ ଆହୁରି କୋହଳ କରିବାକୁ ଜ୍ଞାନେନ୍ଦ୍ର ବେହେରା, ଅଂଶୁମାନ ନାୟକ, ବିରୂପାନନ୍ଦ ବେହେରା, ଗଙ୍ଗାଧର ଶୁକ୍ଳ, ରବିନାରାୟଣ ରାଉତ ପ୍ରମୁଖ ଦାବି କରିଛନ୍ତି। ଏ ନେଇ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା କୁହନ୍ତି, ସକାଳ ୭ଟାରୁ ଅପରାହ୍ନ ୨ଟା ଯାଏ ହୋଟେଲ ଖୋଲିବାକୁ ନିର୍ଦ୍ଦେଶନାମା ରହିଛି। ଗ୍ରାହକମାନେ ୭ଟାରୁ ୩ଟା ଯାଏ ପାର୍ସଲରେ ଖାଦ୍ୟ ନେଇପାରିବେ ବୋଲି ଅନୁମତି ରହିଛି। ନିର୍ଦ୍ଦେଶନାମା ନ ଆସିବା ଯାଏ ଏଥିରେ କୋହଳ କରିବା ଅସମ୍ଭବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି।

## ଡ୍ରେନେଜ୍ ସମସ୍ୟା ସମାଧାନ ଦାବି


କଂଗ୍ରେସ ପକ୍ଷରୁ ଦାବିପତ୍ର ପ୍ରଦାନ।

**ଢେଙ୍କାନାଳ ଅଫିସ, ୪।୬**

ମୌସୁମୀ ବର୍ଷା ପୂର୍ବରୁ ଡ୍ରେନେଜ୍ ଏବଂ ପାନୀୟ ଜଳ ସମସ୍ୟାର ସମାଧାନ କରିବାକୁ ଢେଙ୍କାନାଳ ଜିଲା କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ଏ ନେଇ ଜିଲା ସଭାପତି ସୁରେଶ ଚନ୍ଦ୍ର ପାଣିଗ୍ରାହୀଙ୍କ ନେତୃତ୍ୱରେ ବରିଷ୍ଠ ସଦସ୍ୟ ରୁଦ୍ରପ୍ରକାଶ ଶରଣ, ଡା. ତୁଷାରକାନ୍ତି ନାୟକ, ନିଶାକର ସାହୁ, ଗୋପାଳ ଚନ୍ଦ୍ର ସାହୁ, ମହମ୍ମଦ ସମୀର, ମହମ୍ମଦ ସୋନୁ, କରୁଣାକର ବେହେରା, ବିନୋଦ ମହାରଣା ପ୍ରମୁଖ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରାଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଢେଙ୍କାନାଳ ପୌରାଞ୍ଚଳ ସମେତ କାମାକ୍ଷାନଗର, ହିନ୍ଦୋଳ ଏବଂ ଭୁବନ ଏନ୍ଏସିରେ ଥିବା ଅଧିକାଂଶ ଡ୍ରେନ୍ ଆବର୍ଜନାରେ ଭର୍ତ୍ତି ହୋଇଛି। ବର୍ଷା ହେଲେ ସଂକ୍ରାମକ ରୋଗ ବ୍ୟାପିବା ଆଶଙ୍କା ରହିଛି। ଡ୍ରେନ୍ ପାଖରେ ଥିବା ଜଳ ଯୋଗାଣ ପାଇପ୍‌ର ଲିକେଜ୍‌କୁ ଯାଞ୍ଚ କରି ମରାମତି କରିବାକୁ ଦଳ ପକ୍ଷରୁ ଦାବି କରାଯାଇଛି।

## ଯୁବକଙ୍କୁ ଛୁରା ମାଡ଼

**କାମାକ୍ଷାନଗର, ୪।୬(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ଲୋଧଣୀ ଗ୍ରାମର ସୁଶାନ୍ତ ବେହେରା (୩୦)ଙ୍କୁ ଗୁରୁବାର ଛୁରାମାଡ଼ ହୋଇଛି। ତାଙ୍କୁ ପ୍ରଥମେ କାମାକ୍ଷାନଗର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ପରିବାର ଲୋକଙ୍କ କହିବା କଥା, ସୁଶାନ୍ତ ଅପରାହ୍ନ ୨ଟାରେ ଗ୍ରାମ ନିକଟ ଢାବାକୁ ଖାଇବାକୁ ଯାଇଥିବାବେଳେ ସେଠାରେ କେତେଜଣ ଯୁବକଙ୍କ ସହ କୌଣସି କାରଣକୁ ନେଇ ବଚସା ହୋଇଥିଲା। ୩ରୁ ୪ଜଣ ଯୁବକ ସଂଘବଦ୍ଧ ହୋଇ ସୁଶାନ୍ତଙ୍କୁ ଛୁରିରେ ଆକ୍ରମଣ କରିଥିଲେ। ଏଥିରେ ତାଙ୍କ ମୁହଁ, ବେକ ଏବଂ ପିଠିରେ ଗଭୀର ଆଘାତ ଲାଗିଛି। ଏ ନେଇ ଥାନାଧିକାରୀ ସୌଭାଗ୍ୟ କୁମାର ସ୍ୱାଇଁ କୁହନ୍ତି, ଘଟଣା ସମ୍ପର୍କରେ ଅଭିଯୋଗ ହୋଇନାହିଁ। ଅଭିଯୋଗ ମିଳିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ଆଜି ଦେବସ୍ନାନ ପୂର୍ଣ୍ଣିମା

## ସକାଳ ୯ଟାରେ ସୁନାବେଶ

**ଢେଙ୍କାନାଳ ଅଫିସ, ୪।୬**


ରଥଗଡ଼ାରେ ଚକ ପ୍ରସ୍ତୁତ ହୋଇ ରହିଛି।

ଢେଙ୍କାନାଳର ଆରାଧ୍ୟ ଦେବତା ମହାପ୍ରଭୁ ବଳରାମଙ୍କ ମନ୍ଦିରରେ ଶୁକ୍ରବାର ଦେବସ୍ନାନ ପୂର୍ଣ୍ଣିମା ପାଇଁ ରାଜପୁରୋଧାଙ୍କ ପରାମର୍ଶ ଅନୁଯାୟୀ ନୀତିନିର୍ଘଣ୍ଟ ସ୍ଥିର ହୋଇଛି। ତଦନୁଯାୟୀ ଭୋର ସାଢ଼େ ୪ଟାରେ ଜୟମଙ୍ଗଳ ଆଳତି, ୫ଟାରେ ପହଣ୍ଡି, ସାଢ଼େ ୬ଟାରେ ଦକ୍ଷିଣ ବନ୍ଦାବନା ପରେ ୬ଟା ୪୫ରେ ମହାପ୍ରଭୁ ସ୍ନାନମଣ୍ଡପରେ ବିଜେ କରିବେ। ପୂର୍ବାହ୍ନ ୮ଟାରେ ଶ୍ରୀଜୀଉଙ୍କ ସ୍ନାନନୀତି ଅନୁଷ୍ଠିତ ହେବ। ସାଢ଼େ ୮ଟାରେ ଚନ୍ଦନ ବେଶ ଏବଂ ୯ଟାରେ ସୁନାବେଶରେ ଠାକୁର ଦର୍ଶନ ଦେବେ। ସାଢ଼େ ୯ଟାରେ ବଲ୍ଲଭ ଭୋଗ ପରେ ପୂର୍ବାହ୍ନ ସାଢ଼େ ୧୦ଟାରେ ଆଜ୍ଞାମାଳ ରଥଗଡ଼ାକୁ ଯିବ। ଚକଡେରା ଲାଗି ପୂଜା ପରେ ଦୁଇ ରଥର ଅଖରେ ଚକ ଲଗାଯିବ। ଅପରାହ୍ନ ୫ଟାରେ ଶ୍ରୀଜୀଉଙ୍କ ଧୂପ ଯଥାବିଧି ଅନୁଷ୍ଠିତ ହେବା ପରେ ସାଢେ ୭ଟାରେ ଶ୍ରୀଜୀଉମାନେ ଅଣସର ପିଣ୍ଡିକୁ ବିଜେ କରିବେ ବୋଲି ଦେବୋତ୍ତର ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ଅନ୍ୟପଟେ ଚକଡେରା ନୀତି ଲାଗି ରଥଗଡ଼ାରେ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଦେବସ୍ନାନ ପୂର୍ଣ୍ଣିମାକୁ ଶୃଙ୍ଖଳିତ ଭାବେ ସାରିବାକୁ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ନିୟମାବଳୀ ଜାରି କରିଛନ୍ତି । ସର୍ବନିମ୍ନ ସେବକଙ୍କୁ ନେଇ ଠାକୁରଙ୍କ ବିଧି ପାଳନ କରାଯିବ। ପହଣ୍ଡି ସମୟରେ ସେବାୟତମାନେ ମାସ୍କ ପିନ୍ଧିବେ। ସାମାଜିକ ଦୂରତ୍ୱ ବଜାୟ ରଖିବେ। ସର୍ବସାଧାରଣଙ୍କ ଲାଗି ମନ୍ଦିର ପ୍ରବେଶ ଓ ଦର୍ଶନ ବାରଣ କରାଯାଇଥିବା ଦେବୋତ୍ତର ନିରୀକ୍ଷକ ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ ସୂଚନା ଦେଇଛନ୍ତି ।

## ଫଟୋରେ ଖବର


ଅନୁଗୋଳ ଷ୍ଟାଡିୟମ ସମ୍ମୁଖରେ ଥିବା ଏକ ବଡ଼ ଗଛ ବୁଧବାର ବିଳମ୍ବିତ ରାତିରେ ଉପୁଡ଼ି ପାଖ ଫଳ ଦୋକାନ ଉପରେ ପଡିଛି।


ଅନୁଗୋଳଠାରେ ଏକ ବନ୍ଧରୁ ମାଛ ମରାଯାଉଛି। (ଫଟୋ- ବୁବୁ)

## କରୋନା ନିୟମ ଉଲ୍ଲଂଘନ: ଦୋକାନ ସିଲ୍

ଟିକିରି,୪।୬:କରୋନା ଗାଇଡ୍‌ଲାଇନ ଉଲ୍ଲଂଘନ ଘଟଣାରେ ରାୟଗଡ଼ା ଜିଲା କାଶୀପୁର ମୁଖ୍ୟରାସ୍ତାସ୍ଥିତ ଏକ ଦୋକାନକୁ ସିଲ୍ କରାଯାଇଛି। ସ୍ନେହା ଜେନେରାଲ୍ ଷ୍ଟୋର ନାମକ ଦୋକାନରେ ସାମାଜିକ ଦୂରତା ନ ରଖି ବ୍ୟବସାୟ ଚାଲିଥିଲା। ସେହିପରି ଦୋକାନୀ ମାସ୍କ ମଧ ବ୍ୟବହାର କରି ନ ଥିବା ଦେଖିବାକୁ ମିଳିଥିଲା। ଏହା ଜାଣିବାପରେ ପ୍ରଶାସନ ପକ୍ଷରୁ ଏକ ଟିମ୍ ଚଢ଼ାଉ କରି ଦୋକାନକୁ ସିଲ୍ କରିଥିଲେ। କାଶୀପୁର ତହସିଲଦାର ଶରତ ଶବର, ଏସ୍‌ଡିପିଓ ବିଶ୍ୱନାଥ ସେନାପତିଙ୍କ ସହ ଅନ୍ୟମାନେ ଚଢ଼ାଉରେ ସାମିଲ ହୋଇଥିଲେ।

**ସଂକ୍ଷେପରେ**

### ସାବେରୀ ନଦୀରୁ ମୃତଦେହ ଉଦ୍ଧାର

ଏମ୍‌ଭି-୭୯,୪।୬(ଡି.ଏନ୍.ଏ.)- ଓଡ଼ିଶା-ଛତିଶଗଡ଼ ସୀମାନ୍ତ ମୋଟୁ ଅଞ୍ଚଳରେ ପ୍ରବାହିତ ସାବେରୀ ନଦୀରୁ ଗୁରୁବାର ଏକ ଗଳିତ ମୃତଦେହ ଉଦ୍ଧାର ହୋଇଛି। ତାଙ୍କ ପରିଚୟ ମିଳିପାରିନାହିଁ। ନଦୀରେ ମୃତଦେହ ଭାସୁଥିବା ଦେଖି ଗ୍ରାମବାସୀ ଥାନାକୁ ଖବର ଦେଇଥିଲେ। ଭାରପ୍ରାପ୍ତ ଅଧିକାରୀ ରଘୁନାଥ ମାଝିଙ୍କ ସହ କର୍ମଚାରୀ ପହଞ୍ଚି ମୃତଦେହ ଉଦ୍ଧାରକରି ବ୍ୟବଚ୍ଛେଦ ଲାଗି କାଲିମେଲା ଡାକ୍ତରଖାନାକୁ ପଠାଇଥିଲେ। ବ୍ୟବଚ୍ଛେଦ ପରେ ମୃତଦେହକୁ ପୋତାଯାଇଛି। ଏ ନେଇ ମୋଟୁ ପୋଲିସ କେସ୍ ନଂ. ୧୧/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଚଳାଇଛି।

### ଆଦିବାସୀ ଗ୍ରାମରେ ସଚେତନତା କାର୍ଯ୍ୟକ୍ରମ

ସୁନାବେଡ଼ା,୪।୬(ସ୍ୱ.ପ୍ର.)-ଭାରତୀୟ ରେଡ୍‌କ୍ରସ୍ ସୋସାଇଟିର ଆଜୀବନ ସଦସ୍ୟମାନେ କୋରାପୁଟ ଜିଲା ପଦମପୁର ପଞ୍ଚାୟତର ତଳଲିମକା ଆଦିବାସୀ ଗ୍ରାମରେ କରୋନା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଜିଲା ସାଧନକର୍ମୀ ଶାହେଦା ପରବିନ, ରେଡ୍‌କ୍ରସ୍‌ର ଆଜୀବନ ସଦସ୍ୟ ଡ. ଉମାଶଙ୍କର ପ୍ରସାଦ ପାତ୍ର ଏବଂ ଶେଖ ଇବ୍ରାହିମ ଏଥିରେ ସାମିଲ ହୋଇଥିଲେ। ସାମାଜିକ ଦୂରତା ରକ୍ଷାକରିବା, ମାସ୍କ ବ୍ୟବହାର କରିବା ଏବଂ ରାସ୍ତାଘାଟରେ ଛେପ ନ ପକାଇବା ପାଇଁ ପରାମର୍ଶ ଦେଇଥିଲେ। ପଦମପୁର ପୂର୍ବତନ ସରପଞ୍ଚ ଗୀତା ମୁଦୁଲି, ସାମାଜିକ କର୍ମୀ ଲଛମନ ମୁଦୁଲି, ସୂର୍ଯ୍ୟନାରାୟଣ ପାଢ଼ୀ ଉପସ୍ଥିତ ଥିଲେ।

### ବାଇକ୍ ତାଲା ଭାଙ୍ଗୁଥିବା ବେଳେ ଧରା ପଡ଼ିଲେ

ଜୟପୁର,୪।୬(ଡି.ଏନ.ଏ.)-କୋରାପୁଟ ଜିଲା ଜୟପୁର ସହରର ୱେଲ୍‌କମ ଛକଠାରେ ଗୁରୁବାର ଏକ ବାଇକ୍ ଚୋରି କରିବା ଉଦ୍ଦେଶ୍ୟରେ ୨ ଜଣ ପହଞ୍ଚି ଚୋରି ଉଦ୍ୟମ ବେଳେ ଜଣେ ଧରାପଡିଥିବା ବେଳେ ଅନ୍ୟ ଜଣେ ଫେରାର ହୋଇଯାଇଛନ୍ତି। ପୋଲିସ ଜଣକୁ ଧରି ଥାନାକୁ ନେଇ ପଚରାଉଚରା କରୁଛି। ଖବରରୁ ଜଣାପଡିଛି ବାଇକ୍ ଚୋରି କରିବା ଲାଗି ୱେଲ୍‌କମ୍ ଛକଠାରେ ଏକ ବାଇକ୍‌ର ତାଲା ଜଣେ ନାବାଳକ ଭାଙ୍ଗୁଥିବା ବେଳେ ବାଇକ୍ ମାଲିକ ପୃଥ୍ୱୀରାଜ ପଟ୍ଟନାୟକ ତାଙ୍କୁ ଧରି ପୋଲିସକୁ ଖବର ଦେଇଥିଲେ। ଟାଉନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଥାନାକୁ ନେଇ ପଚରାଉଚରା କରୁଛି। ନାବାଳକଙ୍କ ସୂଚନା ଅନୁଯାୟୀ ବାଇକ୍ ଲୁଟେରା ଗ୍ୟାଙ୍ଗ୍ ଏବଂ ଚୋରି ବାଇକ ଉଦ୍ଧାର ନେଇ ଚଢ଼ାଉ ଆରମ୍ଭ କରିଛି।

### ଭାଲୁ ଆକ୍ରମଣରେ ବୃଦ୍ଧଙ୍କ ମୃତ୍ୟୁ

ନବରଙ୍ଗପୁର/ପାପଡ଼ାହାଣ୍ଡି,୪।୬ (ବି.ପ୍ର/ଡି.ଏନ୍.ଏ.)-ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ଡେଙ୍ଗାଗୁଡ଼ାରେ ଗୁରୁବାର ଭାଲୁ ଆକ୍ରମଣରେ ଭଗବାନ ଗୌଡ଼ (୭୦)ଙ୍କ ମୃତ୍ୟୁ ହୋଇଛି। ସେ ସକାଳେ ମଶାଣିପଦା ଜଙ୍ଗଲକୁ ଜାଳେଣି କାଠ ଆଣିବାକୁ ଯାଇଥିଲେ। ଏହି ସମୟରେ ଏକ ଭାଲୁ ଆକ୍ରମଣ କରିଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା । ଭଗବାନଙ୍କ ଫେରିବା ବିଳମ୍ବ ହେବା ଦେଖି ତାଙ୍କ ପୁଅ ଓ ଗ୍ରାମବାସୀ ଚାରିଆଡ଼େ ଖୋଜାଖୋଜି କରି ମୃତଦେହ ପାଇଥିଲେ। ଖବର ପାଇ ରେଞ୍ଜର, ଫରେଷ୍ଟର ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାରକରି ପାପଡ଼ାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ। ଭାଲୁକୁ ଧରିବା ଲାଗି ପିଞ୍ଜରା ସହ ବନ ବିଭାଗର ଏକ ଟିମ୍ ପହଞ୍ଚିଛନ୍ତି।

### ବସ୍ କର୍ମଚାରୀ ସଂଘ ନାମରେ ଅପପ୍ରଚାର କରାଯାଉଛି'

ଜୟପୁର,୪।୬(ନି.ପ୍ର.)-ଜୟପୁର ଘରୋଇ ବସ୍ କର୍ମଚାରୀ ସଂଘ ପକ୍ଷରୁ ଏକ ଖବରଦାତା ସମ୍ମିଳନୀରେ ଘରୋଇ ବସ୍ କର୍ମଚାରୀ ସଂଘ ନାମରେ ଅପପ୍ରଚାର କରାଯାଉଥିବା ସଭାପତି ସୁଶାନ୍ତ ଅଧିକାରୀ ଅଭିଯୋଗ କରିଛନ୍ତି। ସେ କହିଛନ୍ତି ଯେ, କେତେକ ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀ ବସ୍ କର୍ମଚାରୀ ସଂଘକୁ ବଦନାମ କରିବାକୁ ଚେଷ୍ଟା କରୁଛନ୍ତି । ସେମାନେ କେବେ ସଂଘ ସଦସ୍ୟ ନ ଥିଲେ କି ଏବେ ମଧ ସଂଘ ସଦସ୍ୟ ନାହାନ୍ତି। ଜୟପୁର ଘରୋଇ ବସ୍ ମାଲିକ ସଂଘ ସହ କର୍ମଚାରୀ ସଂଘର କୌଣସି ମତଭେଦ ନାହିଁ । ମାଲିକମାନଙ୍କ ସହ ଉତ୍ତମ ସମନ୍ୱୟ ରହିଛି । ଆଗାମୀ ଦିନରେ ସଂଘ ନାମରେ ଅପପ୍ରଚାର କଲେ ଆଇନର ଆଶ୍ରୟ ନିଆଯିବ ଅଧିକାରୀ ଚେତାବନୀ ଦେଇଛନ୍ତି।

# କାଳବୈଶାଖୀ ଭାଙ୍ଗିଲା ସଙ୍ଗରୋଧ କେନ୍ଦ୍ର ଆଜବେଷ୍ଟସ

କୋରୁକୋଣ୍ଡା,୪।୬(ଡି.ଏନ୍.ଏ.)

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ସଦରରେ ବୁଧବାର ଅପରାହ୍ନରେ କାଳବୈଶାଖୀ ପ୍ରଭାବରେ ପବନ ସହ ବର୍ଷା ହୋଇଥିଲା। ସ୍ୱାମୀ ଶିବାନନ୍ଦ ଉଚ୍ଚ ବିଦ୍ୟାଳୟ ପରିସରରେ ଥିବା ୬ଟି ଗଛ ମଧ୍ୟରୁ ୩ଟି ଗଛ ଭାଙ୍ଗିଯାଇ ଆଜବେଷ୍ଟସ ଉପରେ ପଡିଥିଲା। ଫଳରେ ସଙ୍ଗରୋଧ କେନ୍ଦ୍ର ଏହି ବିଦ୍ୟାଳୟରେ ଥିବା ପ୍ରବାସୀମାନେ ଭୟଭୀତ ହୋଇପଡିଥିଲେ। ଆଉ ୩ଟି ଗଛ ଭାଙ୍ଗି ରାସ୍ତା ଉପରେ ପଡିଥିଲା। ଫଳରେ ମାଲକାନଗିରି-ବାଲିମେଳା ରାସ୍ତାରେ ଗାଡ଼ି ଚଳାଚଳରେ ବାଧା ଉପୁଜିଥିଲା। ସ୍ଥାନୀୟ ଲୋକେ ଗଛ କାଟିବା ଲାଗି ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ମାତ୍ର ଗଛକଟା ମେଶିନ ଖରାପ ଥିବା କହି ଅଗ୍ନିଶମ କର୍ମଚାରୀ ଆସି ନ ଥିଲେ। ଫଳରେ ସଙ୍ଗରୋଧ କେନ୍ଦ୍ରରେ ରହୁଥିବା ପ୍ରବାସୀମାନେ ଗଛ କାଟି ସଫା କରିଥିଲେ। ରାସ୍ତା ଉପରେ ପଡିଥିବା ଗଛକୁ ସ୍ଥାନୀୟ ଲୋକେ କାଟି ଗାଡ଼ିମୋଟର ଚଳାଚଳ ସ୍ୱାଭାବିକ କରିଥିଲେ। ସନ୍ଧ୍ୟା ହୋଇଯିବାରୁ ଏକ ଗଛକୁ ଅଧାକାଟି ଛାଡି ଚାଲିଆସିଥିଲେ। ତେବେ ରାତି ୮ଟାରେ ବାଇକ୍‌ରେ ଘରକୁ ଫେରୁଥିବା ଛିଟିଗୁଡା ଗ୍ରାମର ଅର୍ଜୁନ ହଲବା ରାସ୍ତାରେ ପଡିଥିବା ସେହି ଅଧାକଟା ଗଛରେ ପିଟିହୋଇ ଆହତ ହୋଇଥିଲେ। ଗ୍ରାମବାସୀ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ ମଧ ୨ଶହ ମିଟର ଦୂରରେ ଥିବା ଅଗ୍ନିଶମ କର୍ମଚାରୀ ଖବର ପାଇବାର ୩୦ମିନିଟ ବିଳମ୍ବରେ ପହଞ୍ଚି ଅର୍ଜୁନଙ୍କୁ କୋରୁକୋଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଏ ସମ୍ପର୍କରେ କୋରୁକୋଣ୍ଡା ଅଗ୍ନିଶମ ଅଧିକାରୀ କୃଷ୍ଣ ଶବରଙ୍କୁ ପଚାରିବାରୁ କଟର ମେଶିନ ଖରାପ ଥିବାରୁ ଗଛ କାଟିଯାଇପାରିଲାନି। ଏବିଷୟରେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଛି। ତେବେ ଦୁର୍ଘଟଣା ଖବର ପାଇ ବିଳମ୍ବ କରିବା କଥାକୁ ସେ ଅସ୍ୱୀକାର କରିଥିଲେ। ଦୁର୍ଘଟଣା ଖବର ପାଇବା ମାତ୍ରେ ସେ ଓ ତାଙ୍କ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ ବୋଲି କହିଛନ୍ତି ।

- କଟର ମେଶିନ ଖରାପ କହି ଆସିଲେନି ଅଗ୍ନିଶମ କର୍ମଚାରୀ
- ରାସ୍ତାରୁ ଗଛ କାଟି ସଫାକଲେ ଗ୍ରାମବାସୀ

## ୨ ପଞ୍ଚାୟତରେ ଶତାଧିକ ଘର କ୍ଷତିଗ୍ରସ୍ତ

ବୈପାରୀଗୁଡା,୪।୬(ଡି.ଏନ୍.ଏ)

କୋରାପୁଟ ଜିଲା ବୈପାରୀଗୁଡା ବ୍ଲକରେ ବୁଧବାର ଅନରାହ୍ନରେ କାଳବୈଶାଖୀ ଶତାଧିକ ଲୋକଙ୍କୁ କ୍ଷତିଗ୍ରସ୍ତ କରିଛି। ବ୍ଲକ ଅନ୍ତର୍ଗତ ମାଠପଡା ଓ ବାଲିଗାଁ ପଞ୍ଚାୟତରେ କାଳବୈଶାଖୀ ଯୋଗୁ ଶତାଧିକ ଲୋକଙ୍କ ଘର ଭାଙ୍ଗିଥିବା ବେଳେ ଅନେକ ସ୍ଥାନରେ ଗଛଡାଳ ଭାଙ୍ଗି ରାସ୍ତା ଅବରୋଧ ହୋଇଛି। କ୍ଷତିଗ୍ରସ୍ତ ଗ୍ରାମଗୁଡିକ ହେଲା ମାଠପଡା ପଞ୍ଚାୟତର ଡାଲଭଙ୍ଗା, ଶିରାଗୁଡା, କଡକିଗୁଡା, ବଣଆଗୁଡା ଏବଂ ବାଲିଗାଁ ପଞ୍ଚାୟତର କେ. ହଣ୍ଡାଯୋଡି ଏବଂ ଫୁଲଗୁଡା ଗ୍ରାମ। ବହୁ ଲୋକ ବେଘର ହୋଇ ରାତି ସାରା ଖୋଲା ଆକାଶ ତଳେ ରହିଥିବା ଦେଖିବାକୁ ମିଳିଛି। ଡାଲଭଙ୍ଗା ଗ୍ରାମର ଭଗ ଖିଲ ୨ ମାସ ତଳେ ଫାଇନାନ୍ସରେ କିଣିଥିବା ଅଟୋ ଏକ ଗଛ ପଡିଯିବାରୁ ଅଟୋଟି ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଯାଇଛି। ଖବରପାଇ ତହସିଲଦାର ବିଭିନ୍ନ ଗ୍ରାମରେ ପହଞ୍ଚି କ୍ଷୟକ୍ଷତି ଆକଳନ କରି ଫେରିଛନ୍ତି।



# ଦେବସ୍ନାନ ପାଇଁ ୧୪୪ ଧାରା ଜାରି

ପାରଳାଖେମୁଣ୍ଡି,୪।୬(ସ୍ୱ.ପ୍ର.)

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିରେ ଅନୁଷ୍ଠିତ ହେବାକୁ ଥିବା ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ଲାଗି ଗୁରୁବାର ସନ୍ଧ୍ୟା ୭ଟାରୁ ଶୁକ୍ରବାର ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ୧୪୪ ଧାରା ଜାରି କରାଯାଇଛି। ପୋଲିସ ସୂତ୍ରରୁ ପ୍ରକାଶ ଯେ କୋଭିଡ୍-୧୯ ଗାଇଡ୍‌ଲାଇନ ଅନୁଯାୟୀ ହେବାକୁ ଥିବା ଏହି ସ୍ନାନ ପୂର୍ଣ୍ଣିମାରେ ମନ୍ଦିରର ୧୦୦ମିଟର ପରିଧି ଅଞ୍ଚଳରେ ୧୪୪ ଧାରା ଲାଗୁ କରାଯିବ । ଏହି ସ୍ନାନପୂର୍ଣ୍ଣିମାରେ ପୂଜକ, ସେବାୟତଙ୍କ ବ୍ୟତୀତ ଅନ୍ୟ କୌଣସି ଲୋକ ରହିପାରିବେ ନାହିଁ । ଏନେଇ ଗୁରୁବାର ସନ୍ଧ୍ୟାରେ ପୋଲିସ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ମଧ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ପାରଳାଖେମୁଣ୍ଡି ଆଦର୍ଶ ଥାନାର ଏସ୍‌ଆଇ. ମୁକେଶ ଲାକ୍ରା, ବିନାୟକ ମନ୍ତ୍ରୀ, ଏଏସ୍‌ଆଇ ଦିବାକର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ପାରଳାଖେମୁଣ୍ଡି ପୌର ପରିଷଦର ପ୍ରଦୀପ ଲିମ୍ମା ମାଇକ୍ ଯୋଗେ ସହରାଞ୍ଚଳର ଭକ୍ତମାନଙ୍କୁ ସଚେତନତା କରିଥିଲେ ।

## ଅଖିଳ ଭାରତୀୟ କ୍ଷେତ ମଜଦୁର ୟୁନିୟନର ରାଲି

କାଶୀନଗର,୪।୬(ଡି.ଏନ୍.ଏ.)

ଗଜପତି ଜିଲା କାଶୀନଗର ବ୍ଲକ ସିଆଳି ପଞ୍ଚାୟତର ବିଭିନ୍ନ ଗ୍ରାମରେ ଅଖିଳ ଭାରତୀୟ କ୍ଷେତ ମଜଦୁର ୟୁନିୟନ ପକ୍ଷରୁ କେନ୍ଦ୍ରୀୟ ୟୁନିୟନ କମିଟି ଆହ୍ୱାନକ୍ରମେ ବିଭିନ୍ନ ଦାବି ଉପସ୍ଥାପନ ପାଇଁ ରାଲି ଅନୁଷ୍ଠିତ ହୋଇଯାଇଛି। କ୍ଷେତ ମଜଦୁରମାନଙ୍କୁ ଦୈନିକ ୩୦୦ ଟଙ୍କା ମଜୁରି ପ୍ରଦାନ, କୃଷିଋଣ ଛାଡ଼, ଧାନ କୁଇଣ୍ଟାଲ ପିଛା ୩୦୦୦ ଟଙ୍କା ପ୍ରଦାନ, ରାଶି, ମାଣ୍ଡିଆ, ସୂର୍ଯ୍ୟମୁଖୀ ମଞ୍ଜିର ସରକାରୀ କ୍ରୟମୂଲ୍ୟ ଘୋଷଣା, କୃଷିଋଣ ଛାଡ଼ କରିବାକୁ ଦାବି କରାଯାଇଥିଲା। ୟୁନିୟନର ରାଜ୍ୟ ସମ୍ପାଦକ ଯତୀନ ମହାନ୍ତି ଏହାର ନେତୃତ୍ୱ ନେଇଥିଲେ। କାର୍ତ୍ତିକ ଶବର, ଡିୱାଇଏଫଆଇ ଜିଲା ସମ୍ପାଦକ ସୁକୁ ଶବର, ନାଗେଶ୍ୱର ଶବର ପ୍ରମୁଖ ଏଥିରେ ଯୋଗ ଦେଇଥିଲେ। ଦାବି ପୂରଣ ନ ହେଲେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ଘୋଷଣା କରାଯାଇଥିଲା।



ସାମାଜିକ ଦୂରତା ରଖି ଶୋଭାଯାତ୍ରାରେ ସାମିଲ ହୋଇଥିବା ଲୋକମାନେ ।

# ୨ପୁଅ ହୋଇପଡ଼ିଲେ ବେସାହାରା

**ଦୁର୍ଘଟଣାରେ ମା'ଙ୍କ ମୃତ୍ୟୁ**

ଜୟପୁର,୪।୬(ଡି.ଏନ୍.ଏ.)

କୋରାପୁଟ ଜିଲା ବି.ସିଙ୍ଗପୁର ଥାନା ବୋଡିଗାଁ-ଗୁରୁମାଇଗୁଡ଼ା ଗ୍ରାମ ରାସ୍ତାରେ ବୁଧବାର ଏକ ବିବାହ କାର୍ଯ୍ୟରେ ଯୋଗଦେବାକୁ ଯାଉଥିବା ଭ୍ୟାନ୍ ଓଲଟିପଡିଥିଲା। ଏଥିରେ ୨ଜଣ ମହିଳାଙ୍କ ମୃତ୍ୟୁ ହୋଇଥିଲା। ସେମାନଙ୍କ ମଧ୍ୟରେ ବୋରିଗୁମ୍ମା ଥାନା ମୁଣ୍ଡିଗୁଡ଼ା ଗ୍ରାମର ତୁଳସା ଜାନି ଥିଲେ। ତୁଳସାଙ୍କ ସହ ଯାଇଥିବା ସାନପୁଅ ତ୍ରିନାଥ ଗୁରୁତର ଆହତ ହୋଇ ଏବେ ଜୟପୁର ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ତୁଳସାଙ୍କ ବଡପୁଅ (୧୬) ଗ୍ରାମରେ ଅଛନ୍ତି। ତେବେ ମାଆଙ୍କ ମୃତ୍ୟୁ ପରେ ଏହି ଦୁଇଭାଇ ଅନାଥ ହୋଇଯାଇଛନ୍ତି। ସେମାନଙ୍କ ବାପା ପତି ଜାନିଙ୍କ ଗତବର୍ଷ ମୃତ୍ୟୁ ହୋଇଥିଲା। ଏନେଇ ଖବର ପାଇବା ପରେ ଶିଶୁ ମଙ୍ଗଳ କମିଟି (ସିଡବ୍ଲ୍ୟୁସି) ଅଧକ୍ଷା ଡ. ଗାୟତ୍ରୀ ଦେବୀ ଚାଇଲ୍ଡଲାଇନକୁ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଚାଇଲ୍ଡଲାଇନର ହେମନ୍ତ ପାତ୍ର ଡାକ୍ତରଖାନାରେ ପହଞ୍ଚି ଅନୁଧାନ କରି ସିଡବ୍ଲ୍ୟୁସି ଅଧକ୍ଷାଙ୍କୁ ରିପୋର୍ଟ ଦେଇଛନ୍ତି। ତ୍ରିନାଥ ସୁସ୍ଥ ହେବା ପରେ ଗ୍ରାମରୁ ତାଙ୍କ ବଡ଼ଭାଇଙ୍କୁ ଅଣାଯାଇ ଉଭୟଙ୍କ ଥଇଥାନ ବ୍ୟବସ୍ଥା କରାଯିବ ବୋଲି ସିଡବ୍ଲ୍ୟୁସି ଅଧକ୍ଷା କହିଛନ୍ତି।



ଚିକିତ୍ସାଧୀନ ଥିବା ସାନପୁଅ ସୁବାସ ।

## ଦକ୍ଷିଣ ଭାରତରୁ ଫେରିଲେ ୧୮୦ ପ୍ରବାସୀ

ରାୟଗଡ଼ା ଅଫିସ,୪।୬:

ଦକ୍ଷିଣ ଭାରତର ବିଭିନ୍ନ ରାଜ୍ୟରୁ ୧୮୦ ପ୍ରବାସୀ ଓଡ଼ିଆଙ୍କୁ ନେଇ ୩ ସ୍ୱତନ୍ତ୍ର ଟ୍ରେନ୍ ଗୁରୁବାର ରାୟଗଡ଼ାରେ ପହଞ୍ଚିଛି। ତେଲଙ୍ଗାନାର ଲିଙ୍ଗମପାଲିରୁ ଆସିଥିବା ଟ୍ରେନ୍‌ରୁ କେବଳ ନବରଙ୍ଗପୁର ଜିଲାର୧୫୪ ଶ୍ରମିକ ଓହ୍ଲାଇଛନ୍ତି। ସେହିପରି ତାମିଲନାଡୁରୁ ଆସିଥିବା ପ୍ରବାସୀ ଶ୍ରମିକଙ୍କ ମଧ୍ୟରେ ନବରଙ୍ଗପୁର ଜିଲାର ୧୬ଜଣ ରହିଛନ୍ତି। ଅନ୍ୟ ଏକ ଟ୍ରେନ୍‌ରେ ତେଲଙ୍ଗାନାରୁ ଆସିଥିବା ୧୦ ଶ୍ରମିକ ରାୟଗଡ଼ାରେ ଓହ୍ଲାଇଛନ୍ତି। ସେମାନଙ୍କ ମଧ୍ୟରେ ନବରଙ୍ଗପୁର ଜିଲାର ୪ଜଣ, ରାୟଗଡ଼ାର୪ ଏବଂ କୋରାପୁଟର ୨ ଜଣ ରହିଛନ୍ତି। ଏ ନେଇ ଜିଲା ପ୍ରଶାସନ ପକ୍ଷରୁ ପୂର୍ବରୁ ସମସ୍ତ ବ୍ୟବସ୍ଥା କରାଯାଇଥିଲା। ପ୍ରବାସୀଙ୍କ ଫେରିବାକୁ ଦୃଷ୍ଟିରେ ରଖି ସ୍ଥାନୀୟ ଗଜପତି ଛକ-ସାଇ ଇଣ୍ଟରନ୍ୟାଶନାଲ ଏବଂ ଷ୍ଟେଶନ ଅଞ୍ଚଳରେ ୧୪୪ ଧାରା ଜାରି କରାଯାଇଛି। ଶ୍ରମିକମାନେ ପହଞ୍ଚିବା ସମୟରେ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଶ୍ରମିକମାନଙ୍କ ପଞ୍ଜୀକରଣପରେ ନିଜ ଜିଲାକୁ ପଠାଯାଇଥିବା ଜଣାପଡ଼ିଛି।

## ଶହେ ଟଙ୍କା ନ ଦେବାରୁ ଜଳ ଯୋଗାଣ ବନ୍ଦ

କୋରୁକୋଣ୍ଡା,୪।୬(ଡି.ଏନ୍.ଏ.)

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ଚିତପାରି-୩ ପଞ୍ଚାୟତର ଏମ୍‌ଭି ୧୦୪ ଗ୍ରାମର ତଳସାହି (ନାଡିଲାଇନ)ରେ ଜଳ ଯୋଗାଣ ଟଙ୍କା ନ ଦେବାକୁ ବନ୍ଦ ହୋଇଥିବା ଅଭିଯୋଗ ହୋଇଛି। ଏହି ସାହିରେ ନଳକୂପଟିଏ ନାହିଁ। ପ୍ରାୟ ୨୦ ପରିବାରର ଶତାଧିକ ଲୋକ ପାନୀୟ ଜଳ ପାଇଁ ସମସ୍ୟାରେ ପଡିଛନ୍ତି। ଖନନ ହୋଇଥିବା ନଳକୂପ ପାଣି ପାନୀୟ ଉପଯୋଗୀ ନ ହେବାରୁ ପଞ୍ଚାୟତ ପକ୍ଷରୁ ୭ବର୍ଷ ତଳେ ନାଲିରଙ୍ଗ ମରାଯାଇଥିଲା। ଏହା ପରେ ଆଉ ନୂତନ ନଳକୂପ ଖନନ ହୋଇ ନ ଥିଲା। ବାଧହୋଇ ଗ୍ରାମବାସୀ ପାନୀୟ ଜଳ ପାଇଁ ନିକଟସ୍ଥ ନଦୀ ଉପରେ ନିର୍ଭର କରୁଛନ୍ତି। ବାରମ୍ବାର ଅଭିଯୋଗ କରିବା ପରେ କିଛିଦିନ ତଳେ ପଞ୍ଚାୟତ ପକ୍ଷରୁ ପାଣି ଟ୍ୟାଙ୍କର ମାଧ୍ୟମରେ ଗ୍ରାମବାସୀଙ୍କୁ ଜଳ ଯୋଗାଣ ହୋଇଥିଲା। ମାତ୍ର ପରିବାର ପିଛା ୧୦୦ ଟଙ୍କା ମଗାଯାଇଥିଲା। ଗ୍ରାମବାସୀ ଟଙ୍କା ଦେଇ ନ ପାରିବାରୁ ୪ଦିନ ଜଳ ଯୋଗାଣ ପରେ ଏହାକୁ ବନ୍ଦ କରାଯାଇଥିବା ଗ୍ରାମବାସୀ କହିଛନ୍ତି। ଏଥିପ୍ରତି ବ୍ଲକ ପ୍ରଶାସନ ତୁରନ୍ତ ଦୃଷ୍ଟିଦେବାକୁ ଦାବି ହେଉଛି।

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେଲା ମଜଦୁର ସଂଘ

ରାୟଗଡ଼ା ଅଫିସ,୪।୬:

ବିଭିନ୍ନ ଦାବି ନେଇ ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ମଜଦୁର ସଂଘ ରାୟଗଡ଼ା ଶାଖା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଶ୍ରମ ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସଂଘର ପ୍ରମୁଖ ଦାବିଗୁଡ଼ିକ ମଧ୍ୟରେ ପଞ୍ଜୀକୃତ ହୋଇଥିବା ସମସ୍ତ ନିର୍ମାଣ ଶ୍ରମିକଙ୍କୁ ୧୫୦୦ ଟଙ୍କା ହିସାବରେ ୩ମାସର ଆଗୁଆ ଟଙ୍କା ପ୍ରଦାନ, ଶ୍ରମିକମାନଙ୍କ ପଞ୍ଜୀକରଣ ନବୀକରଣ, ନିର୍ମାଣ ଶ୍ରମିକମାନଙ୍କୁ ଆର୍ଥିକ ସହାୟତା ସହ ଅନ୍ୟାନ୍ୟ ରହିଛି। ଦାବିପତ୍ର ପ୍ରଦାନ ବେଳେ ସଂଘର ଜିଲା ସଭାପତି ଯୋଗେଶ୍ୱର ଦାଶ, ସମ୍ପାଦକ ଖଗେଶ୍ୱର ସିଂ, କୋଠାବାଡ଼ି ଓ ଅନ୍ୟାନ୍ୟ ମଜଦୁର ସଂଘର ରାଜ୍ୟ ସଭାପତି ଅରୁଣ କୁମାର ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ।

# କଣ୍ଟେନମେଣ୍ଟ ଜୋନ୍‌ରେ ସ୍ଥିତି ପରଖିଲେ ଉପଜିଲାପାଳ

ରାୟଗଡ଼ା ଅଫିସ,୪।୬:

ରାୟଗଡ଼ା ଜିଲାରେ ବୁଧବାର ପ୍ରଥମ କରୋନା ପଜିଟିଭ୍ ଚିହ୍ନଟ ହେବାପରେ ଜିଲା ପ୍ରଶାସନ ଅଧିକ ସତର୍କ ହୋଇଛି। ଜଣେ ସଂକ୍ରମିତ ଚିହ୍ନଟ ହେବାପରେ ସହରର ରାମକୃଷ୍ଣନଗର ଓ ଓଡଗୁଡ଼ାକୁ କଣ୍ଟେନମେଣ୍ଟ ଜୋନ୍‌ଭାବେ ଘୋଷଣା କରାଯିବା ସହ ଅଞ୍ଚଳକୁ ଶଟ୍‌ଡାଉନ କରାଯାଇଛି। ତେଣୁ ଏହି ସମସ୍ତ ଅଞ୍ଚଳରେ ଲୋକଙ୍କ ନିକଟରେ ଅତ୍ୟାବଶ୍ୟକ ସାମଗ୍ରୀ ପହଞ୍ଚାଇବା ବ୍ୟବସ୍ଥା କରିବା ପାଇଁ ଜିଲାପାଳ ପ୍ରମୋଦ କୁମାର ବେହେରା ଉପଜିଲାପାଳ ପ୍ରତାପ ଚନ୍ଦ୍ର ପ୍ରଧାନଙ୍କୁ ଦାୟିତ୍ୱ ଦେଇଛନ୍ତି। ଗୁରୁବାର ଉପଜିଲାପାଳ ଏବଂ ତହସିଲଦାର ଉମାଶଙ୍କର ବେହେରାଙ୍କ ସହ ରାମକୃଷ୍ଣନଗର ଏବଂ ଓଡଗୁଡ଼ାକୁ ଯାଇ ସ୍ଥିତି ପରିଖିବା ସହ ସୁବିଧା ଅସୁବିଧା ବୁଝିଥିଲେ।





ଉପଜିଲାପାଳ ସ୍ଥିତି ଅନୁଧ୍ୟାନ କରୁଛନ୍ତି ।

**ଚାଲିଛି ସାନିଟାଇଜ୍, କଣ୍ଟାକ୍ଟ ଟ୍ରେସିଂ ଓ ସ୍ୱାବ୍ ସଂଗ୍ରହ**

ଏଥିସହ ପୌର ପରିଷଦ ପକ୍ଷରୁ ଚାଲିଥିବା ସାନିଟାଇଜ୍ କାର୍ଯ୍ୟ ଏବଂ ସ୍ୱାସ୍ଥ୍ୟ ବିଭାଗର ବିଭିନ୍ନ ପଦକ୍ଷେପ ନେଇ ଅନୁଧ୍ୟାନ କରିଥିଲେ। ସେହିପରି ରାମକୃଷ୍ଣନଗର, ଓଡଗୁଡ଼ା ଓ ବସ୍‌ଷ୍ଟାଣ୍ଡ ଅଞ୍ଚଳରେ ଲୋକଙ୍କ ସର୍ଭେ କରାଯାଇ ସଂକ୍ରମିତଙ୍କ ସଂସ୍ପର୍ଶରେ ଆସିଥିବା ଲୋକଙ୍କ କଣ୍ଟାକ୍ଟ ଟ୍ରେସିଂ ଆରମ୍ଭ ହୋଇଛି। ସ୍ୱାସ୍ଥ୍ୟ ବିଭାଗ ତରଫରୁ ଆଶା, ଅଙ୍ଗନୱାଡି କର୍ମୀ ଓ ଏଏନ୍‌ଏମ୍‌ମାନେ ଏଥିରେ ନିଯୁକ୍ତ ହୋଇଥିବା ଜଣାପଡ଼ିଛି। ଏଥିସହ ସଂକ୍ରମିତଙ୍କ ସହ ସିଧାସଳଖ ସମ୍ପର୍କରେ ଆସିଥିବା ଲୋକଙ୍କ ସ୍ୱାବ୍ ସଂଗ୍ରହ କରାଯାଉଥିବାବେଳେ ପରୀକ୍ଷା ପାଇଁ ପଠାଯିବ ବୋଲି ସୂଚନା ମିଳିଛି।

## ସେବାୟତଙ୍କୁ ନେଇ ହେବ ଦେବସ୍ନାନ ପୂର୍ଣ୍ଣିମା

### ମନ୍ଦିର ଅଞ୍ଚଳକୁ ଲୋକଙ୍କୁ ମନା

ରାୟଗଡ଼ା ଅଫିସ,୪।୬:

ଦେବସ୍ନାନ ପୂର୍ଣ୍ଣିମା ପାଇଁ ରାୟଗଡ଼ାରେ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଗାଇଡ୍‌ଲାଇନ୍ ଜାରି ହୋଇଛି। କେବଳ ସେବାୟତମାନଙ୍କୁ ନେଇ ମହାପ୍ରଭୁଙ୍କ ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଜନସାଧାରଣଙ୍କୁ ମନ୍ଦିର ଅଞ୍ଚଳକୁ ଯିବା ପାଇଁ ବାରଣ କରାଯାଇଛି। ଏ ନେଇ ଉପଜିଲାପାଳ ପ୍ରତାପ ଚନ୍ଦ୍ର ପ୍ରଧାନ ଉକ୍ତ ଅଞ୍ଚଳରେ ୧୪୪ ଧାରା ଜାରି କରିଛନ୍ତି। ଏହି କଟକଣା ଗୁରୁବାର ସନ୍ଧ୍ୟା ୬ଟାରୁ ୬ ତାରିଖ ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି ସୂଚନା ମିଳିଛି।

## ଆଧାରକାର୍ଡ ଲାଗି ଆସି ନିରାଶ ହେଉଛନ୍ତି ଲୋକେ

ଚିତ୍ରକୋଣ୍ଡା,୪।୬(ଡି.ଏନ୍.ଏ.)

ଚିତ୍ରକୋଣ୍ଡା ବ୍ଲକ ଉପାନ୍ତ ସ୍ୱାଭିମାନ ଅଞ୍ଚଳର ଆଧାରକାର୍ଡ କରି ନ ଥିବା ଅନେକ ବ୍ୟକ୍ତି ପ୍ରତ୍ୟହ ବ୍ଲକ କାର୍ଯ୍ୟାଳୟକୁ ଦୌଡୁଛନ୍ତି। ଆଧାରକାର୍ଡ ନ ଥିବାରୁ ସେମାନେ ସରକାରଙ୍କ ବିଭିନ୍ନ ଯୋଜନାରୁ ସୁଫଳ ପାଉନାହାନ୍ତି। ଆଧାରକାର୍ଡ କରିବା ଲାଗି ବ୍ଲକ କାର୍ଯ୍ୟାଳୟରେ ଥିବା ଆଧାର କେନ୍ଦ୍ର କେଉଁଦିନ ଖୋଲୁଛି ତ କେଉଁଦିନ ନାହିଁ। ଫଳରେ ଦୂରଦୂରାନ୍ତରୁ ଆସିଥିବା ଲୋକେ ହଇରାଣ ହେଉଛନ୍ତି। ଯୋଡ଼ାମ୍ବ ପଞ୍ଚାୟତର ୧୦ ଜଣ ଗ୍ରାମବାସୀ ଆଧାରକାର୍ଡ କରିବାକୁ ଆସି ହଇରାଣ ହେଉଥିବା ସେମାନେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବିଡିଓ ଲଳିମନ ଖରସେଲ ଜାଣିବା ପରେ ଲୋକମାନଙ୍କୁ ବାରମ୍ବାର ଦୌଡ଼ାଇ ହଇରାଣ ନ କରିବାକୁ ସମ୍ପୃକ୍ତ କର୍ମଚାରୀଙ୍କୁ ତାଗିଦ କରିଛନ୍ତି।

## ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲା କିଷାନ କଂଗ୍ରେସର ଦାବିପତ୍ର

ଜୟପୁର,୪।୬(ଡି.ଏନ୍.ଏ.)

କୋରାପୁଟ ଜିଲା କିଷାନ କଂଗ୍ରେସର ଏକ ପ୍ରତିନିଧି ଦଳ ଜିଲାର ଚାଷୀଙ୍କ ବିଭିନ୍ନ ସମସ୍ୟା ନେଇ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଗୁରୁବାର କୋରାପୁଟ ଅତିରିକ୍ତ ଜିଲାପାଳ ଦେବେନ ପ୍ରଧାନଙ୍କୁ ପ୍ରଦାନ କରିଛନ୍ତି। ଗତ ୨ ମାସରୁ ଉର୍ଦ୍ଧ୍ୱ ହେଲା କରୋନାଜନିତ ଲକ୍‌ଡାଉନ ଯୋଗୁ ଦେଶ, ରାଜ୍ୟ ଏବଂ ଜିଲାର ଚାଷୀମାନେ ବେଶି ପ୍ରଭାବିତ ହୋଇଛନ୍ତି। ପ୍ରତ୍ୟେକ ଗରିବ ଚାଷୀଙ୍କ ବ୍ୟାଙ୍କ ଜମାଖାତାରେ ୧୦ ହଜାର ଟଙ୍କା ପ୍ରଦାନ, ବ୍ୟାଙ୍କ ଋଣ ଛାଡ଼ ଏବଂ ଆସନ୍ତା ଖରିଫଚାଷ ପାଇଁ ଚାଷୀଙ୍କୁ ମାଗଣା ବିହନ, ସାର ଏବଂ କୀଟନାଶକ ଦେବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ପୂର୍ବରୁ ଏନେଇ କେନ୍ଦ୍ର ଓ ରାଜ୍ୟ କିଷାନ କଂଗ୍ରେସ ପକ୍ଷରୁ ବାରମ୍ବାର ପ୍ରଧାନମନ୍ତ୍ରୀ ଏବଂ କୃଷିମନ୍ତ୍ରୀଙ୍କ ନିକଟରେ ଦାବି କରାଯାଇଥିଲେ ହେଁ କୌଣସି ସୁଫଳ ନ ମିଳିବାରୁ କିଷାନ କଂଗ୍ରେସ ଏ ଦିଗରେ ହସ୍ତକ୍ଷେପ କରିବାକୁ ରାଷ୍ଟ୍ରପତିଙ୍କୁ ନିବେଦନ କରିଛି। ପ୍ରତିନିଧି ଦଳରେ ଜିଲା କିଷାନ କଂଗ୍ରେସର ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ନେପାକ, ରାଜ୍ୟ ଉପାଧ୍ୟକ୍ଷ ଶଶିଭୂଷଣ ପାତ୍ର, ଜିଲା ଉପାଧ୍ୟକ୍ଷ ବାଲାଜୀ ଚରଣ ମାଦଳା, ନରସିଂହ ଦାସ ପ୍ରମୁଖ ସାମିଲ ହୋଇଥିଲେ।



କିଷାନ କଂଗ୍ରେସ ସଦସ୍ୟମାନେ ଦାବିପତ୍ର ଦେଉଛନ୍ତି ।

# ଟ୍ରେଞ୍ଚ ଖୋଳାକୁ ପୋତିଲେ ମହିଳା

ନବରଙ୍ଗପୁର,୪।୬(ବି.ପ୍ର.)

ଶ୍ରମିକ ପରିବର୍ତ୍ତେ ମେଶିନରେ ଟ୍ରେଞ୍ଚ ଖୋଳାକୁ ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ଅଧୀନ ନିଶ୍ଚାହାଣ୍ଡି ପଞ୍ଚାୟତର ବାଣିଆ ଓ ପୂଜାରୀଗୁଡା ଗ୍ରାମବାସୀ ବିରୋଧ କରିଛନ୍ତି। ଗାଁ ମୁଣ୍ଡରେ ଥିବା ଜଙ୍ଗଲ ନିକଟରେ ଶ୍ରମିକଙ୍କୁ କାମ ନଦେଇ ଜେସିବି ଦ୍ୱାରା କରାଯାଇଥିବା ସେମାନେ ଅଭିଯୋଗ କରିଛନ୍ତି। ଜଙ୍ଗଲ ଚାରିପଟେ ଖୋଳାଯାଇଥିବା ଟ୍ରେଞ୍ଚକୁ ଗୁରୁବାର ମହିଳାମାନେ ମାଟି ପକାଇ ପୋତି ଦେଇଛନ୍ତି।

ନନ୍ଦାହାଣ୍ଡି ବ୍ଲକ ନିଶ୍ଚାହାଣ୍ଡି ପଞ୍ଚାୟତ ଅନ୍ତର୍ଗତ ବଣେଇ ଓ ପୂଜାରୀଗୁଡା ଗ୍ରାମରେ ୫ ଲକ୍ଷ ଟଙ୍କା ବିନିମୟରେ ପୂଜାରୀଗୁଡ଼ା ଗ୍ରାମ ନିକଟରୁ ଏକ ଟ୍ରେଞ୍ଚ ନିର୍ମାଣ କରାଯିବାକୁ ଏକ ପ୍ରୋଜେକ୍ଟ ରଖାଯାଇଛି । କିନ୍ତୁ ଉକ୍ତ କାମଟି ପୂଜାରୀଗୁଡା ଗ୍ରାମ ନିକଟରେ ନିର୍ମାଣ କରାନଯାଇ ଜଙ୍ଗଲ ଚତୁଃପାର୍ଶ୍ୱରେ ରାତିଅଧିଆ ଟ୍ରେଞ୍ଚ ଖୋଳାଯାଉଥିଲା । ଯାହାକୁ ନେଇ ଦୁଇ ଗ୍ରାମର ମହିଳାମାନେ ସକାଳୁ ଜଙ୍ଗଲ ମୁହାଁ ହୋଇଥିଲେ। ସେଠାରେ ପହଞ୍ଚି କୋଦାଳ ଓ ହାତରେ ମାଟି କାଢି ଟ୍ରେଞ୍ଚକୁ ପୋତିଦେଇଥିଲେ।



ମହିଳାମାନେ ମାଟି ଆଣି ଟ୍ରେଞ୍ଚ ପୋତୁଛନ୍ତି।

**ମେଶିନରେ କାମକୁ ବିରୋଧ**

ଗ୍ରାମବାସୀଙ୍କ ଅଭିଯୋଗ ଯେ ସରକାର ଶ୍ରମିକ ନିୟୋଜିତ କରିବାକୁ କହୁଥିବା ବେଳେ ଏଠାରେ କିନ୍ତୁ ତାହାକୁ ଖୋଲା ଉଲ୍ଲଂଘନ କରାଯାଇଛି। ଏଥିସହ ଗ୍ରାମ ନିକଟରେ ହେବା କାର୍ଯ୍ୟକୁ ଜଙ୍ଗଲ ନିକଟରେ କରାଯାଇ ଜଙ୍ଗଲକୁ ସରକାର ହାତେଇବା ଚକ୍ରାନ୍ତ କରୁଛନ୍ତି ବୋଲି ତୁଳା ଭତରା, ବୃନ୍ଦାବନ ତ୍ରିପାଠୀ ଅଭିଯୋଗ କରିଛନ୍ତି। ତେବେ ଏହି ଅଭିଯୋଗକୁ ବିଡିଓ ରତ୍ନାକର ସାହୁ ଖଣ୍ଡନ କରିଥିବା ବେଳେ ଉକ୍ତ କାର୍ଯ୍ୟରେ ଶ୍ରମିକ ବଦଳରେ ମେଶିନ ଲାଗିଥିବା ଅଭିଯୋଗକୁ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଶୁକ୍ରବାର, ଜୁନ୍ ୫/୨୦୨୦ Friday, June 5/2020

# ଗାଁରେ ଉଦ୍ୟୋଗ ବସାଇବେ ବଡ଼ କମ୍ପାନୀ



**ନୂଆଦିଲ୍ଲୀ,୪।୬**

ବର୍ତ୍ତମାନ ସାଧାରଣରେ ବିଶ୍ୱାସ ରହିଛି ଯେ ବଡ଼ କମ୍ପାନୀରେ କାମ କରିବା ଲାଗି କେବଳ ବଡ଼ ବଡ଼ ସହରକୁ ଯିବାକୁ ପଡିବ। ଆଗକୁ ଗାଁରେ ମଧ୍ୟ ଲୋକଙ୍କୁ ଚାକିରି ମିଳିବ। ବଡ଼ ବଡ଼ କମ୍ପାନୀ ଗ୍ରାମାଞ୍ଚଳରେ ଉଦ୍ୟୋଗ ବସାଇବେ ବୋଲି ଜଣାପଡ଼ିଛି। ଲକ୍‌ଡାଉନ ଯୋଗୁ ସହରରେ ହଇରାଣ ହରକତ ହୋଇ ଲୋକମାନେ ଗାଁକୁ ଫେରିଛନ୍ତି। ଗାଁରେ ଉଦ୍ୟୋଗ ହେଲେ ପୁଣି ଥରେ ସହରକୁ ଯାଇ ଝୋପଡ ପଟିରେ ସଂଘର୍ଷ କରିବାକୁ ପଡ଼ିବ ନାହିଁ।

କନ୍‌ଫେଡେରେଶନ ଅଫ୍ ଇଣ୍ଡିଆନ ଇଣ୍ଡଷ୍ଟ୍ରିଜ(ସିଆଇଆଇ)ର ନୂଆ ଅଧ୍ୟକ୍ଷ ଉଦୟ କୋଟାକ କହିଛନ୍ତି, ଶିଳ୍ପଗୁଡ଼ିକ ଗ୍ରାମାଞ୍ଚଳ ମୁହାଁ ହେଲେ ଲୋକଙ୍କୁ କାମ ପାଇଁ ସହରକୁ ଆସିବାକୁ ପଡ଼ିବନି। ଲୋକମାନେ ଘର ପାଖରେ କାମ ପାଇବେ। ସହରର ବସ୍ତି ଅଞ୍ଚଳରେ ରହି ସଂଘର୍ଷ କରିବାକୁ ପଡ଼ିବ ନାହିଁ। କୋଟାକ କହିଛନ୍ତି ଯେ, ବଡ କମ୍ପାନୀଗୁଡିକ ଗ୍ରାମାଞ୍ଚଳରେ ଶିଳ୍ପ ଲଗାଇବା ଲାଗି ଗମ୍ଭୀର ଭାବେ ଚିନ୍ତା କରିବାକୁ ଲାଗିଛନ୍ତି। ଏକ ଉଦ୍ୟୋଗ ସଂଘ ଭାବେ ସିଆଇଆଇ ଏହାକୁ ଉତ୍ସାହିତ କରିବ। ସରକାର ବର୍ତ୍ତମାନ ସୁଧାର ଉପରେ କାମ କରୁଛନ୍ତି। ଗ୍ରାମାଞ୍ଚଳରେ ଢାଞ୍ଚାଗତ ପରିବର୍ତ୍ତନ ଦ୍ୱାରା ଲୋକଙ୍କୁ ଘର ପାଖରେ କାମ କରିବା ନେଇ କୌଣସି ଅସୁବିଧା ହେବ। ସେ କହିଛନ୍ତି, ଅନେକ ଲୋକ ଗାଁରୁ ସହରକୁ ଯାଇଥିବାରୁ ଶିଳ୍ପଗୁଡ଼ିକୁ ଶ୍ରମିକଙ୍କ ଅଭାବ ରହିବ ନାହିଁ। କୁଶଳୀ କାରିଗର ମଧ୍ୟ ମିଳିଯିବେ। ଆବଶ୍ୟକ ପଡ଼ିଲେ ଲୋକଙ୍କୁ ପୁଣି ଥରେ କୁଶଳୀ କରାଯାଇପାରିବ। ତାଲିମ ପ୍ରଦାନକରି ଲୋକଙ୍କୁ କାମ କରିବା ଯୋଗ୍ୟ କରାଯାଇପାରିବ। ଲକ୍‌ଡାଉନ ଅନେକ ନୂଆ କଥା ଶିଖାଇଛି। ନୂଆ କରି ଆସିଥିବା ୱାର୍କଫ୍ରମ୍ ପଦକ୍ଷେପ ଆଗକୁ ବହୁତ କାମରେ ଆସିବ। ଗାଁରେ ୱାର୍କ ଫ୍ରମ୍ ହୋମ୍‌ର କୌଣସି ଅସୁବିଧା ରହିବ ନାହିଁ। ଗାଁରେ ବ୍ରଡ୍‌ବ୍ୟାଣ୍ଡ ପହଞ୍ଚିବା କାମ ହେଉଥିବାରୁ ଘରୁ କାମ କରିବା ସହଜ ହେବ ବୋଲି ସେ ମତ ପ୍ରକାଶ କରିଛନ୍ତି।

# ଅର୍ଥ ମନ୍ତ୍ରଣାଳୟର ଉତ୍ତର ଲୋଡ଼ିଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୪।୬:** ଲକ୍‌ଡାଉନ ସମୟରେ ଋଣ କିସ୍ତି ଉପରେ ସୁଧ ଛାଡ଼ ନେଇ ହୋଇଥିବା ମାମଲା ଉପରେ ସୁପ୍ରିମକୋର୍ଟ ଶୁଣାଣି କରୁଛନ୍ତି। ଏହାର ଆଗାମୀ ଶୁଣାଣି ୧୨ ଜୁନ୍‌ରେ ହେବ। ଗୋଟିଏ ସପ୍ତାହ ମଧ୍ୟରେ ଉତ୍ତର ରଖିବାକୁ ଗୁରୁବାର ସର୍ବୋଚ୍ଚ ନ୍ୟାୟାଳୟ ଅର୍ଥ ମନ୍ତ୍ରଣାଳୟକୁ ନିର୍ଦ୍ଦେଶ ଦେଇଛନ୍ତି। ବ୍ୟାଙ୍କଗୁଡିକର ସ୍ଥିତିକୁ ବିଚାରକରି ବାଧ୍ୟବାଧକତା ଭାବେ ସୁଧ ଛାଡ଼ ନିଷ୍ପତ୍ତି ନେଇପାରିବ ନାହିଁ ବୋଲି ଆର୍‌ବିଆଇ କହିବା ପରେ ସୁପ୍ରିମକୋର୍ଟ କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟକୁ ଏଭଳି ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। ମୋରାଟୋରିୟମ ସମୟରେ ସୁଧ ଛାଡ ଏବଂ ସୁଧ ଉପରେ ସୁଧ ପ୍ରଦାନ ଭଳି ୨ ପ୍ରମୁଖ ପ୍ରସଙ୍ଗ ବର୍ତ୍ତମାନ ବିଚାରଯୋଗ୍ୟ ରହିଛି। ମାମଲା ଉପରେ ଜଷ୍ଟିସ ଅଶୋକ ଭୂଷଣ, ସଞ୍ଜୟ କିଷାନ କୌଲ ଏବଂ ଏମ୍.ଆର୍. ଶାହା ଶୁଣାଣି କରୁଛନ୍ତି। ଗୋଟିଏ ପକ୍ଷେ ମୋରାଟୋରିୟମ ଦେଇ ଅନ୍ୟ ପକ୍ଷେ ସୁଧ ଆଦାୟ କରିବା ଚିନ୍ତାର ବିଷୟ ବୋଲି ସର୍ବୋଚ୍ଚ ନ୍ୟାୟାଳୟ କହିଛନ୍ତି।

# ଏୟାରଟେଲରୁ ଅଂଶଧନ କିଣିବ ଆମାଜନ

**ନୂଆଦିଲ୍ଲୀ,୪।୬:** ଆମେରିକା ଭିତ୍ତିକ ଇ-କମର୍ସ କମ୍ପାନୀ ଆମାଜନ ଭାରତୀୟ ଡିଜିଟାଲ ବଜାରରେ ପ୍ରବେଶ କରିବାକୁ ଲକ୍ଷ୍ୟ ରଖିଛି। ଏଥିଲାଗି କମ୍ପାନୀ ଭାରତର ପ୍ରମୁଖ ମୋବାଇଲ ଅପରେଟର ଭାରତୀ ଏୟାରଟେଲ ସହ ପ୍ରାରମ୍ଭରେ ଆଲୋଚନା ଶେଷ କରିଥିବା ସୂଚନା ଦେଇଛି। କମ୍ପାନୀ ଏୟାରଟେଲରୁ ୫% ଅଂଶଧନ କିଣିବା ପାଇଁ ଇଚ୍ଛା ପ୍ରକାଶ କରିଛି। ଏୟାରଟେଲ ଡିଜିଟାଲ ପ୍ଲାଟ୍‌ଫର୍ମରେ ଆମାଜନ ୨ବିଲିୟନ ଡଲାର ନିବେଶ କରିବ ବୋଲି ସୂଚନା ମିଳିଛି। ଭାରତ ବଜାରରେ ଏୟାରଟେଲର ଚାହିଦା ରହିଛି ତା' ସାଙ୍ଗକୁ କମ୍ପାନୀର ଦ୍ରୁତ ଅଭିବୃଦ୍ଧିକୁ ଆଖି ଆଗରେ ରଖି ଆମାଜାନ ଏହି ନିବେଶ କରିବା ପାଇଁ ମନ ବଳାଇଛି। ଭାରତ ବଜାରରେ ଏୟାରଟେଲ ହେଉଛି ୩ୟ ସର୍ବବୃହତ୍ ଟେଲିକମ କମ୍ପାନୀ। ଏୟାରଟେଲର ଟେଲିକମ୍ ପ୍ରତିଦ୍ୱନ୍ଦ୍ୱୀ ଜିଓକୁ କଡା ଟକ୍କର ଦେବା ପାଇଁ ଆମାଜନ ଓ ଏୟାରଟେଲ ମଧ୍ୟରେ ଏହି ବାଣିଜ୍ୟିକ ଆଲୋଚନା ବୋଲି ଚର୍ଚ୍ଚା ହେଉଛି।

# ଆର୍‌ଆଇଏଲ୍ ରାଇଟ୍ସ ଇସ୍ୟୁକୁ ବିପୁଳ ରେସ୍‌ପନ୍ସ

**ମୁମ୍ବାଇ,୪।୬:** ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଲିମିଟେଡ୍(ଆର୍‌ଆଇଏଲ୍) ରାଇଟ୍ସ ଇସ୍ୟୁକୁ ବିପୁଳ ରେସ୍‌ପନ୍ସ ମିଳିଛି। ୫୩,୧୨୪.୨୦ କୋଟି ଟଙ୍କାର ରାଇଟ୍ସ ଇସ୍ୟୁକୁ ୧.୫୯ ଗୁଣା ଅଧିକ ସବ୍‌ସ୍କ୍ରାଇବ କରାଯାଇଛି। ଏହା ଦେଶର ସବୁଠାରୁ ବଡ଼ ରାଇଟ୍ସ ଇସ୍ୟୁ ହୋଇଥିବା ବେଳେ ବିଗତ ଦଶବର୍ଷ ମଧ୍ୟରେ କୌଣସି ଅଣ ଆର୍ଥିକ ସଂସ୍ଥା ପକ୍ଷରୁ ସର୍ବବୃହତ୍ ରାଇଟ୍ସ ଇସ୍ୟୁ ବୋଲି ଜଣାପଡ଼ିଛି। ଏହାକୁ ନେଇ ଅଂଶଧନକାରୀଙ୍କୁ କମ୍ପାନୀର ଅଧ୍ୟକ୍ଷ ମୁକେଶ ଅମ୍ବାନୀ ଧନ୍ୟବାଦ ଜଣାଇଛନ୍ତି।




# ଟିଭିଏସ୍ ଏକ୍ସଏଲ୍୧୦୦ରେ ଅଫର

**ଭୁବନେଶ୍ୱର,୪।୬:** ଭାରତର ପ୍ରମୁଖ ଦୁଇ ଓ ତିନି ଚକିଆ ଗାଡି ନିର୍ମାତା କମ୍ପାନୀ ଟିଭିଏସ୍ ମୋଟର ପକ୍ଷରୁ ଟିଭିଏସ୍ ଏକ୍ସଏଲ୍୧୦୦ ପାଇଁ ଏକ ଅଭିନବ ଯୋଜନା 'ବାଏ ନାଓ ପେ ଆଫଟର ସିକ୍ସ ମନ୍ଥସ୍' ଇଏମ୍‌ଆଇ ଅଫର ଘୋଷଣା କରାଯାଇଛି। ଟିଭିଏସ୍ ଏକ୍ସଏଲ୍୧୦୦ କିଣିବା ପରେ ଯୋଗ୍ୟ ଗ୍ରାହକ ହିଁ ଏହି ସ୍କିମ୍‌କୁ ହାସଲ କରିପାରିବେ। ଉକ୍ତ ଗ୍ରାହକଙ୍କ ଇଏମ୍‌ଆଇ ପେମେଣ୍ଟ ଆରମ୍ଭ ହେବା ପୂର୍ବରୁ ୬ମାସର ମୋରାଟୋରିଅମ୍ ମହଲତ ମିଳିବ। ଫଳରେ ଗ୍ରାହକଙ୍କୁ ପ୍ରଥମ ୬ମାସର ଇଏମ୍‌ଆଇରେ ଅବଧି ମିଳିବ। ଏହି ସ୍କିମ୍‌ରେ ମୂଲ୍ୟକୁ ଋଣ(ଏଲ୍‌ଟିଭି)୭୫% ରହିବ। ଏହି ସ୍କିମ୍ ୨୦୨୦ ଜୁଲାଇ ୩୧ ପର୍ଯ୍ୟନ୍ତ ବୈଧ ରହିବ।

# କୋଭିଡ୍ ଯୁଦ୍ଧରେ ଏୟାର ଏସିଆ

**ମୁମ୍ବାଇ,୪।୬:** କୋଭିଡ୍ ବିରୋଧୀ ଲଢ଼େଇରେ ଏୟାର ଏସିଆ ଯୋଗଦାନ ରଖିଛି। ମିଶନ ଆହାନ ବାହାନ ଅନ୍ତର୍ଗତ ଫସି ରହିଥିବା ଲୋକମାନଙ୍କୁ ସେମାନଙ୍କ ସହରକୁ ପହଞ୍ଚାଇବା ଦିଗରେ କମ୍ପାନୀ କାର୍ଯ୍ୟ କରୁଛି। ଅଂଶୀଦାରଙ୍କ ସହ ମିଳିତ ହୋଇ ଏହା ମୁମ୍ବାଇରୁ ଭୁବନେଶ୍ୱରକୁ କେତେଜଣ ଶ୍ରମିକଙ୍କୁ ବିମାନ ଯୋଗେ ଆଣିପାରିଛି। ସରକାରଙ୍କ ନିୟମ ପାଳନ କରି ମାସ୍କ, ସାନିଟାଇଜର, ଫେସ୍‌ସିଲ୍‌ଡ ଏବଂ ବ୍ୟକ୍ତିଗତ ସୁରକ୍ଷା ଉପକରଣ ବ୍ୟବହାରକୁ କଡ଼ାକଡ଼ି କରାଯାଇଛି। ବୋର୍ଡିଂ ପୂର୍ବରୁ ଯାତ୍ରୀଙ୍କୁ ସ୍କ୍ରିନିଂ କରାଯାଉଛି। ଲକ୍‌ଡାଉନ ସମୟରେ କାର୍ଗୋ ଫ୍ଲାଇଟଗୁଡ଼ିକ ଔଷଧୀୟ ସାମଗ୍ରୀ ଓ ପିପିଇ କିଟ୍ ପରିବହନ କରିଥିବା କମ୍ପାନୀ ସୂଚନା ଦେଇଛି। ପ୍ରବାସୀ ଶ୍ରମିକଙ୍କୁ ଘରକୁ ନେବା ଲାଗି କମ୍ପାନୀ ପକ୍ଷରୁ ଉମିଦ କି ଉଡାନ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି।

# ସୋନି ପକ୍ଷରୁ ସ୍ମାର୍ଟ ବ୍ରାଭିଆ ଟିଭି ସିରିଜ

**ଭୁବନେଶ୍ୱର,୪।୬:** ସୋନି ଇଣ୍ଡିଆ ପକ୍ଷରୁ ଏହାର ୪କେ-ଅଲଟ୍ରା ଏଚ୍‌ଡି ଡିସ୍‌ପ୍ଲେ ଯୁକ୍ତ ନୂତନ ବ୍ରାଭିଆ ଏକ୍ସ୮୦୦୦ଏଚ୍ ଏବଂ ଏକ୍ସ୭୫୦୦ଏଚ୍ ଟେଲିଭିଜନ ସିରିଜର ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। ନୂଆ ସିରିଜର ଏହି ଟିଭି ଗ୍ରାହକଙ୍କୁ ସ୍ୱତନ୍ତ୍ର ଅଭିଜ୍ଞତା ପ୍ରଦାନ କରିବ। ଗ୍ରାହକଙ୍କୁ ଏହି ଟିଭି ଏକ ଭିନ୍ନ ଅନୁଭୂତି ଦେବ ବୋଲି କମ୍ପାନୀ ମତ ଦେଇଛି। ଏହି ନୂତନ ସିରିଜରେ ଉନ୍ନତମାନର ଟେକ୍ନୋଲୋଜି ସହିତ ୪କେ ରିଜୋଲ୍ୟୁଶନର ବ୍ୟବସ୍ଥା ରହିଛି। ଭାରତରେ ଶୁଭାରମ୍ଭ କରାଯାଇଥିବା ଏହି ଏକ୍ସ୮୦୦୦ଏଚ୍ ଏବଂ ଏକ୍ସ୭୫୦୦ଏଚ୍ ମଡେଲ ସମସ୍ତ ସୋନି ସେଣ୍ଟର ଓ ସହରର ପ୍ରମୁଖ ଇଲେକ୍ଟ୍ରୋନିକ୍ସ ଷ୍ଟୋର ଏବଂ ଇ-କମର୍ସ ପ୍ଲାଟ୍‌ଫର୍ମଗୁଡ଼ିକରେ ଉପଲବ୍ଧ ହେଉଛି। କମ୍ପାନୀର ନିୟମ ଓ ସର୍ତ୍ତାବଳୀ ଅନୁସାରେ ଗ୍ରାହକମାନେ ବଛାବଛା କ୍ରେଡିଟ କାର୍ଡ ଉପରେ ୫% ଅତିରିକ୍ତ କ୍ୟାଶ୍‌ବ୍ୟାକ ଉପଲବ୍ଧ କରିପାରିବେ।

# ୬ ବର୍ଷ ତଳକୁ ଖସିଲା କମ୍ପାନୀଙ୍କ ଆୟ

**ନୂଆଦିଲ୍ଲୀ,୪।୬:** ବର୍ତ୍ତମାନ ଦେଶର ଅର୍ଥ ବ୍ୟବସ୍ଥା ସ୍ଥିତି ବିଗିଡ଼ିଯାଇଛି। ଗୋଟିଏ ପରେ ଗୋଟିଏ ରିପୋର୍ଟ ଆସୁଛି ଯାହା ଦେଶର ଭୟାବହ ସ୍ଥିତି ସମ୍ପର୍କରେ ଚେତାଇ ଦେଉଛି। ବ୍ଲୁମ୍‌ବର୍ଗ ପକ୍ଷରୁ ଆସିଥିବା ଏକ ରିପୋର୍ଟରେ କୁହାଯାଇଛିଯେ, ଲକ୍‌ଡାଉନ ଯୋଗୁ ଅର୍ଥ ବ୍ୟବସ୍ଥାକୁ ଗଭୀର କ୍ଷତି ପହଞ୍ଚିଛି। ଆର୍ଥିକ କାର୍ଯ୍ୟକଳାପ ବହୁ ପରିମାଣରେ ହ୍ରାସ ପାଇଛି। ଏହାର ପ୍ରଭାବ କମ୍ପାନୀଗୁଡିକ ଉପରେ ପଡ଼ିଛି। ନିଫ୍ଟି ୫୦ରେ ସାମିଲ ଥିବା କମ୍ପାନୀଙ୍କ ତ୍ରୈମାସ ଆୟ ଗତ ବର୍ଷ ସମାନ ସମୟ ତୁଳନାରେ ୧୫% ହ୍ରାସ ଘଟିଛି। ୬ ବର୍ଷ ମଧ୍ୟରେ ଏହା ସବୁଠାରୁ ବଡ ଧରଣର ହ୍ରାସ ବୋଲି ଜଣାପଡିଛି। ନିଫ୍ଟିର ୫୦ କମ୍ପାନୀ ଜାନୁୟାରୀ ମାର୍ଚ୍ଚ ତ୍ରୈମାସ ରିପୋର୍ଟ ଜାରି କରିଛନ୍ତି। ଗୋଲ୍ଡମ୍ୟାନ ସ୍ୟାଚ୍‌ର ଏକ ରିପୋର୍ଟ ମୁତାବକ ଲକ୍‌ଡାଉନ ଯୋଗୁ ଜିଡିପି ୫% ଖସିଯିବ। ଆଗାମୀ ୧୨ ମାସରେ ନିଫ୍ଟିର ୫୦ କମ୍ପାନୀଙ୍କ ଆୟ ପ୍ରାୟ ୧୩% ହ୍ରାସ ଘଟିବ ବୋଲି ବିଶେଷଜ୍ଞ କହିଛନ୍ତି।

# ଏନ୍‌ଟିପିସି କଣିହାଁର ସ୍ଥାପନା ଦିବସ

**ଭୁବନେଶ୍ୱର,୪।୬:** ଏନ୍‌ଟିପିସିରର ତାଳଚେରସ୍ଥିତ ସୁପର ଥର୍ମାଲ ପାୱାର ଷ୍ଟେଶନ ପକ୍ଷରୁ ୩୨ତମ ସ୍ଥାପନା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରଶାସନିକ ଭବନଠାରେ ସାମାଜିକ ଦୂରତ୍ୱ ନିୟମ ପାଳନକରି କମ୍ପାନୀର ଅଧିକାରୀ ଏବଂ କର୍ମଚାରୀମାନେ ଦିବସଟିକୁ ପାଳନ କରିଥିଲେ। ଚିଫ୍ ଜେନେରାଲ ମ୍ୟାନେଜର ସୁଦୀପ ନାଗ କର୍ମଚାରୀଙ୍କୁ ଶୁଭେଚ୍ଛା ପ୍ରଦାନ କରିବା ସହ ଷ୍ଟେଶନର ସଫଳତା ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। କରୋନା ଯୋଦ୍ଧାଙ୍କ ପ୍ରତି ସେ କୃତଜ୍ଞତା ଜ୍ଞାପନ କରିଥିଲେ। ସେବା ଯୋଗାଣ ଦିଗରେ ଏନ୍‌ଟିପିସିର ଏହି ଷ୍ଟେଶନ ନିଜର ଯୋଗଦାନ ରଖି ଆସିଛି। ଏହି ଧାରା ବଜାୟ ରଖିବା ସହ ଅନ୍ୟ ସାମାଜିକ ଉତ୍ତରଦାୟିତ୍ୱ କାର୍ଯ୍ୟକ୍ରମ ଧାରାକୁ ବଜାୟ ରଖିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। କାର୍ଯ୍ୟକ୍ରମରେ ୟୁନିୟନ ଏବଂ ଆସୋସିଏଶନ ପ୍ରତିନିଧି, ସିଆଇଏସ୍‌ଏଫ୍ ପ୍ରତିନିଧିମାନେ ଉପସ୍ଥିତ ଥିଲେ।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ